RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-20 ♦BHUBANESWAR ♦MONDAY ♦15 JULY 2024 ♦PAGE-16 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୦ ♦ଭୁବନେଶ୍ୱର ♦ସୋମବାର ♦୧୫ ଜୁଲାଇ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




# ଟ୍ରମ୍ପଙ୍କୁ ଗୁଳିମାଡ଼

## 'ଫାଇଟ୍-ଫାଇଟ୍' କହି କଡ଼ା ସୁରକ୍ଷାରେ ଛାଡ଼ିଲେ ସଭାମଞ୍ଚ

- କାନରେ ବାଜିଛି ଗୁଳି; ଅଳ୍ପକେ ବର୍ତ୍ତିଗଲେ
- ପୁଲିସ ଗୁଳିରେ ଆତତାୟୀ ନିପାତ; ନାଗରିକ ମୃତ
- ଆତତାୟୀ ରିପବ୍ଲିକାନ ଦଳର ସମର୍ଥକ
- ଆକ୍ରମଣକୁ ମୋଦୀଙ୍କ ସମେତ ବିଶ୍ୱନେତାଙ୍କ ନିନ୍ଦା
- ଆମେରିକାରେ ହିଂସାର ସ୍ଥାନନାହିଁ: ବାଇଡେନ

■ ୱାଶିଂଟନ, ୧୪।୭(ଏଜେନ୍ସି): ବିଶ୍ୱର ଶକ୍ତିଶାଳୀ ଗଣତାନ୍ତ୍ରିକ ରାଷ୍ଟ୍ର କୁହାଯାଉଥିବା ଆମେରିକାର ୫୨ ବର୍ଷ ଇତିହାସରେ ଶନିବାର ଘଟିଯାଇଛି ସବୁଠୁ ଜଘନ୍ୟ ଘଟଣା। ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ପ୍ରଥମଥର ପାଇଁ ଜଣେ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ଉପରେ ଆକ୍ରମଣ ହୋଇଛି। ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଜନସଭାକୁ ସମ୍ବୋଧିତ କରୁଥିବା ବେଳେ ଜଣେ ଆତତାୟୀ ତାଙ୍କୁ ଗୁଳିମାଡ଼ କରିଛି। ତେବେ ସୌଭାଗ୍ୟକୁ ଟ୍ରମ୍ପ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ବାଇଡେନ୍‌ଙ୍କ ରିପବ୍ଲିକାନ୍ ଦଳର ସମର୍ଥକ ବୋଲି କୁହାଯାଉଥିବା ଏହି ଆତତାୟୀ ଟ୍ରମ୍ପଙ୍କ ସୁରକ୍ଷାକର୍ମୀଙ୍କ ଗୁଳିରେ ପ୍ରାଣ ହରାଇଛି। ଏହି ଆକ୍ରମଣ ଘଟଣାକୁ ନେଇ ବିଶ୍ୱନେତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣରେ ଦୁଃଖ ପ୍ରକାଶ କରିବା ସହିତ ରାଜନୀତିରେ ହିଂସାର କୌଣସି ସ୍ଥାନ ରହିବା ଉଚିତ୍ ନୁହେଁ ବୋଲି ନିଜ ଏକ୍ସ ଆକାଉଣ୍ଟରେ ଲେଖିଛନ୍ତି। ଆମେରିକା ରାଷ୍ଟ୍ରପତି ▶ପୃଷ୍ଠା-୯

# ଖୋଲିଲା ରତ୍ନଭଣ୍ଡାର

## ଫିଟିଲାନି ତାଲା; କଟର୍‌ରେ କଟାଗଲା

- ୩୯ ବର୍ଷ ପରେ ଭିତର ଭଣ୍ଡାରକୁ ହୋଇଲା ପ୍ରବେଶ
- ବାହାର ଭଣ୍ଡାର ଖୋଲାଯାଇ ରତ୍ନଅଳଙ୍କାର ସ୍ଥାନାନ୍ତର
- ଭିତର ଭଣ୍ଡାରର ସିନ୍ଦୁକ, ଆଲମିରା ଦେଖି ଫେରିଲେ ଟିମ୍
- ନୀଳାଦ୍ରି ବିଜେ ପରେ ପୁଣିଥରେ ଖୋଲାଯିବ ଭିତର ରତ୍ନଭଣ୍ଡାର



■ପୁରୀ, ୧୪।୭ (ସମିସ): ଖୋଲିଲା ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ରତ୍ନଭଣ୍ଡାର। ଦୀର୍ଘ ୩୯ ବର୍ଷ (ଶେଷଥର ପାଇଁ ୧୯୮୫ ମସିହାରେ ଖୋଲିଥିଲା) ପରେ ଭିତର ରତ୍ନଭଣ୍ଡାରରେ ପଡ଼ିଛି ମଣିଷଙ୍କ ପାଦ ଚିହ୍ନ। ପୂର୍ବ ନିର୍ଦ୍ଧାରିତ ସୂଚୀ ଓ ଅନୁମୋଦିତ ଏସ୍‌ଓପି ଅନୁଯାୟୀ ଶନିବାର ୧୧ଜଣିଆ ଟିମ୍‌ଙ୍କ ଉପସ୍ଥିତିରେ ପ୍ରଥମେ ବାହାର ରତ୍ନଭଣ୍ଡାର ଖୋଲାଯିବା ପରେ ଏଥିରେ ଥିବା ଅଳଙ୍କାରକୁ ଅସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ତାଲା ନ ଫିଟିବାରୁ ମାଜିଷ୍ଟ୍ରେଟ୍ ଏବଂ କମିଟି ସଦସ୍ୟଙ୍କ ସହମତିରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ କଟରରେ ତାଲା କଟାଯାଇ ଭିତର ରତ୍ନଭଣ୍ଡାର କବାଟ ଖୋଲାଯାଇଛି। ଏଥିରେ ଥିବା ଏକାଧିକ ସିନ୍ଦୁକ ଏବଂ ଆଲମିରା ଦେଖି ଫେରିଛନ୍ତି ପ୍ରାଧିକୃତ ଟିମ୍। ନୀଳାଦ୍ରି ବିଜେ ପରେ ଆଉ ଗୋଟିଏ ଦିନ ଭିତର ଭଣ୍ଡାର ଖୋଲାଯାଇ ରତ୍ନଅଳଙ୍କାର ସ୍ଥାନାନ୍ତର ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ▶ପୃଷ୍ଠା-୯

### ଶ୍ରୀମନ୍ଦିର ସୁରକ୍ଷା ଆମର ପ୍ରାଥମିକତା:ମୁଖ୍ୟ ପ୍ରଶାସକ

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିରର ସୁରକ୍ଷା ହେଉଛି ଆମର ପ୍ରାଥମିକତା। ମରାମତି ଉପରେ ଆମେ ଗୁରୁତ୍ୱ ଦେଉଛୁ। ଯେ ପର୍ଯ୍ୟନ୍ତ ଭିତର ରତ୍ନଭଣ୍ଡାରର ରତ୍ନ ଅଳଙ୍କାର ସ୍ଥାନାନ୍ତର ନ ହୋଇଛି ସେ ପର୍ଯ୍ୟନ୍ତ ଏଏସ୍‌ଆଇ କୌଣସି ମରାମତି କରିପାରିବ ନାହିଁ। ଅନ୍ୟପକ୍ଷରେ ଖଟଶେଯ ଘରକୁ ଅସ୍ଥାୟୀ ଭିତର ▶ପୃଷ୍ଠା-୯

ଭିତର ରତ୍ନଭଣ୍ଡାର

## ଚଟାଣ ଓଦାନାହିଁ, ଚୁନ ପ୍ଲାଷ୍ଟର ଝଡ଼ିଛି

■ ପୁରୀ, ୧୪।୭ (ସମିସ): ଭିତର ରତ୍ନଭଣ୍ଡାରକୁ ନେଇ ସମସ୍ତଙ୍କ ମନରେ ବେଶ୍ ଉତ୍ସୁକତା ରହିଥିଲା। ଯଦିଓ ଆଜି ଭିତର ରତ୍ନଭଣ୍ଡାର ଖୋଲାଯାଇଛି; ଏଥିରେ ଥିବା ଅଳଙ୍କାର ସ୍ଥାନାନ୍ତର ହୋଇପାରିନାହିଁ କି ରତ୍ନ ଅଳଙ୍କାର ସମ୍ପର୍କରେ ସବିଶେଷ ଖୁଲାସା କରାଯାଇ ନାହିଁ।

- ପଡିଥିଲା ୩ ତାଲା, ସିଲ୍ ଥିଲା ଗୋଟିଏ
- ରହିଛି ୫ ଆଲ୍‌ମିରା, ୪ ସିନ୍ଦୁକ !
- ପ୍ରକୋଷ୍ଠ ସାଇଜ୍ ୧୫ ଫୁଟରେ ୧୦ ଫୁଟ

ଏନେଇ ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ଭଣ୍ଡାର ଘର ଖୋଲିଛି। ବାହାର ରତ୍ନଭଣ୍ଡାର ଖୋଲି ରତ୍ନ ଅଳଙ୍କାର ସ୍ଥାନାନ୍ତର କରିବା କାମ ପ୍ରାୟ ୩ ଘଣ୍ଟା ଲାଗିଲା। ବାହାର ଭଣ୍ଡାର ପରେ ଭିତର ଭଣ୍ଡାର ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଟ୍ରେଜେରିରୁ ଆଣି ଜିଲ୍ଲାପାଳ ଯେଉଁ ଚାବି ଦେଇଥିଲେ, ସେଥିରେ ତାଲା ଖୋଲିଲା ନାହିଁ। ଏସ୍‌ଓପି ନିର୍ଣ୍ଣୟ ଅନୁଯାୟୀ, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା ଭଙ୍ଗା ଯାଇଥିଲା। ସେଥିରେ ତିନିଟି ତାଲା ପଡ଼ିଥିଲା। ▶ପୃଷ୍ଠା-୯


DSPL-48





## ଶ୍ରୀମନ୍ଦିର ରତ୍ନଭଣ୍ଡାର

# ଭିତର ଭଣ୍ଡାରରେ ରହିଛି ୫୯୮ ପ୍ରକାର ଅଳଙ୍କାର

### ବାହାର ଭଣ୍ଡାର ଘରେ ଅଛି ୧୨୪ ପ୍ରକାର

ଦୀର୍ଘ ପ୍ରତୀକ୍ଷା ପରେ ରବିବାର ଖୋଲିଛି ରତ୍ନଭଣ୍ଡାର। ଯଦିଓ ଭିତର ଭଣ୍ଡାରର ରତ୍ନଅଳଙ୍କାର ବିଷୟରେ କୌଣସି ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିନାହିଁ, କିନ୍ତୁ ବାହାର ଭଣ୍ଡାର ଖୋଲାଯାଇ ଏହାର ସମସ୍ତ ଅଳଙ୍କାର ଅସ୍ଥାୟୀ ବାହାର ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଛି। ଏସବୁ ଭିତରେ ଏବେ ଚର୍ଚ୍ଚାରେ ଥିବା ରତ୍ନଭଣ୍ଡାର ବିଷୟରେ ଜାଣିବା ଲାଗି ଭକ୍ତଙ୍କ ମହଲରେ ବେଶ୍ ଉତ୍ସୁକତା ଦେଖିବାକୁ ମିଳିଛି। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଆଜକୁ ୪୬ ବର୍ଷ ପୂର୍ବ ଅର୍ଥାତ୍ ୧୯୭୮ ମସିହାରେ ରତ୍ନଭଣ୍ଡାର ଅଳଙ୍କାରଗୁଡିକର ଗଣତି କରାଯାଇଥିଲା। ୧୯୭୮ ମେ ୧୩ ତାରିଖରୁ ଜୁଲାଇ ୨୩ ପ୍ରାୟ ୭୦ ଦିନ ଧରି ଏହି ଗଣତି ହୋଇଥିଲା। ସେତେବେଳେ ଚଳନ୍ତି ବା ବାହାର ଭଣ୍ଡାର ଓ ଭିତର ଭଣ୍ଡାରର ଗଣତି କରାଯାଇ ୧୨୪ ପୃଷ୍ଠାର ଏକ ତାଲିକା ପ୍ରସ୍ତୁତ ହୋଇଥିଲା। ଚଳନ୍ତି ବା ବାହାର ଭଣ୍ଡାର ଘରେ ୧୨୪ ପ୍ରକାର ଅଳଙ୍କାର ରହିଥିବା ବେଳେ ଭିତର ଭଣ୍ଡାର ଘରେ ମୋଟ ୫୯୮ ପ୍ରକାର ଅଳଙ୍କାର ରହିଥିବା ତାଲିକାରେ ଦର୍ଶାଯାଇଛି। ଭିତର ଭଣ୍ଡାରରେ ଯେଉଁ ଅଳଙ୍କାର ରହିଛି ତାହା ବ୍ୟବହୃତ ହୋଇ ନ ଥାଏ। ଏଥିରେ ବହୁ ଦୁର୍ମୂଲ୍ୟ ଓ ଅମୂଲ୍ୟ ଅଳଙ୍କାର ରହିଥିବା ତାଲିକାରୁ ଜଣାପଡୁଛି। ତାଲିକାରେ ପୂର୍ବରୁ ଭିତର ଭଣ୍ଡାର କେବେ ଗଣତି ହୋଇ ନ ଥିବା ଉଲ୍ଲେଖ ରହିଛି। କିନ୍ତୁ ଜନଶ୍ରୁତି ରହିଛି ସୂର୍ଯ୍ୟବଂଶ ରାଜାଙ୍କ ଅମଳରେ ଥରେ ଗଣତି ହୋଇଥିଲା। ହେଲେ ଏହାର କୌଣସି ଇତିହାସ ଏବେ ମିଳୁନାହିଁ। ଭୋଇବଂଶ ରାଜାମାନେ ଯେତେବେଳେ ଶାସନ କଲେ ଏହାର ଗଣତି ହୋଇଥିବା ଶୁଣାଯାଏ। ଏହାର ମଧ୍ୟ କୌଣସି ବିବରଣୀ ନାହିଁ। କେଉଁ କେଉଁ ଗଜପତି, ଭାରତର ବିଭିନ୍ନ ରାଜା-ମହାରାଜା, ଜମିଦାର ଏବଂ କଳିଙ୍ଗର ସାଧବ ପୁଅମାନେ ବାହାର ଦେଶରୁ ଯେଉଁ ଅମୂଲ୍ୟ ଜିନିଷ ଆଣି ମହାପ୍ରଭୁଙ୍କୁ ଭେଟି ଦେଇଛନ୍ତି, ତାହାର ତାଲିକା କିଛି କିଛି ମାଦଳା ପାଞ୍ଜିରେ ଉଲ୍ଲେଖ ରହିଥିବା କହିଛନ୍ତି ଡ. ମିଶ୍ର।





ରତ୍ନଭଣ୍ଡାର ପ୍ରବେଶ ପୂର୍ବରୁ ଲୋକନାଥଙ୍କ ଆଜ୍ଞାମାଳ ନେଇ ଯାଉଛନ୍ତି ସେବାୟତ




ବାଇଶି ପାହାଚ ଗୁମୁଟରେ ଲାଗିଲା ନୂଆ ଗେଟ୍

## ସଜାଗ ଥିଲେ ଡାକ୍ତରୀ ଟିମ୍

ଯାଞ୍ଚ ସମୟରେ କୌଣସି ଜରୁରିକାଳୀନ ସ୍ଥିତିର ମୁକାବିଲା ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏସ୍ଓପି ମୁତାବକ ଦକ୍ଷିଣ ଦ୍ୱାରରେ ରହିଥିଲା ଆମ୍ବୁଲାନ୍ସ। ଏଥିରେ ଗୋଟିଏ ୟୁନିଟ୍ ଡାକ୍ତରୀ ଦଳ ରହିଥିବା ବେଳେ ଆଣ୍ଟି ଭେନମ୍ ଓ ଫାଷ୍ଟଏଡ୍ ବ୍ୟବସ୍ଥା ମଧ୍ୟ ରହିଥିଲା। ସେହିପରି ଓଡ୍ରାଫ ଟିମ୍ ମଧ୍ୟ ଆସିଥିଲେ। ସାଥୀରେ ସର୍ଚ୍ଚ ଲାଇଟ୍, ଷ୍ଟ୍ରେଚର ଆଦି ସରଞ୍ଜାମ ସହ ଆସିଥିଲେ।

## ସାମିଲ ଥିଲେ ୧୨ ଜଣିଆ ସାପ ଧରାଳି ଟିମ୍

ଭିତର ରତ୍ନଭଣ୍ଡାରରେ ସାପ ରହୁଥିବା ପୂର୍ବରୁ ଶୁଣାଯାଇ ଆସୁଛି। ତେଣୁ ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ସ୍ନେକ ହେଲ୍ପ ଲାଇନ ସଦସ୍ୟଙ୍କୁ ଡକା ଯାଇଥିଲା। ନିର୍ଦ୍ଧାରିତ ସମୟରେ ଶୁଭେନ୍ଦୁ ମଲ୍ଲିକଙ୍କ ନେତୃତ୍ୱରେ ୧୨ ଜଣିଆ ଟିମ୍ ସାପ ଧରିବାର ସମସ୍ତ ସରଞ୍ଜାମ ସହ ପହଞ୍ଚିଥିଲେ। ପୁଲିସ ସିଂହଦ୍ୱାର ପ୍ରବେଶ ପଥରେ ଯାଞ୍ଚ କରି ସେମାନଙ୍କର କିଛି ସଦସ୍ୟଙ୍କୁ ଭିତରକୁ ଛାଡିଥିଲା। ଭିତରୁ ଫେରିବା ପରେ ସେମାନେ କହିଥିଲେ, ସାପର କୌଣସି ଭୟ ନାହିଁ କିମ୍ବା ଅନ୍ୟ ଜୀବଜନ୍ତୁଙ୍କ ଭୟ ମଧ୍ୟ ନାହିଁ। ଭିତରେ ମୂଷାମାନେ ବଡ଼ ବଡ଼ ସୁଡ଼ଙ୍ଗ କରିଛନ୍ତି। ତେବେ ମନରେ ଭୟ ରହିଥିଲା। ହେଲେ ମହାପ୍ରଭୁଙ୍କ କାମର ସୁଯୋଗ ମିଳିଥିବାରୁ ମନରେ ବି ଭକ୍ତି ଭାବ ରହିଥିବା ସଦସ୍ୟମାନେ କହିଥିଲେ।



## ଉଡ଼ିଆସିଲେ ଶହ ଶହ ଚେମିଣି

ଭିତରେ ଖୋଲା ଯାଉଥିଲା ରତ୍ନଭଣ୍ଡାର। ଏହି ସମୟରେ ଶ୍ରୀମନ୍ଦିର ଭିତରୁ ଶହ ଶହ ସଂଖ୍ୟାରେ ଚେମେଣୀ ବାହାରକୁ ଉଡି ଆସିଥିଲେ। ହଠାତ୍ ଏତେ ଚେମିଣି ଆସିବା ଦେଖି ସମସ୍ତେ ରତ୍ନଭଣ୍ଡାର ଖୋଲାଯିବାରୁ ଏମାନେ ବାହାରକୁ ପଳାଇ ଆସିଲେ ବୋଲି ଚର୍ଚ୍ଚା ହୋଇଥିଲା। ପୂର୍ବରୁ ଶ୍ରୀମନ୍ଦିର ଉତ୍ତର ଦ୍ୱାର ଗୁମୁଟରେ ଶହ ଶହ ସଂଖ୍ୟାରେ ଚେମିଣି ରହିଥିଲେ। ହେଲେ କିଛିବର୍ଷ ହେବ ଏମାନେ ଆଉ ଆଗଭଳି ଦେଖାଯାଉ ନ ଥିଲେ। ରବିବାର ଏତେ ସଂଖ୍ୟକ ଚେମିଣିକୁ ଦେଖି ନାନା ପ୍ରକାର ଚର୍ଚ୍ଚା କରିଥିଲେ ସିଂହଦ୍ୱାରରେ ଅପେକ୍ଷାରତ ଶ୍ରଦ୍ଧାଳୁ ଏବଂ ଗଣମାଧ୍ୟମ ପ୍ରତିନିଧି।



## ପୁରାଣେ ପୁରୁଷୋତ୍ତମ-୧୨

### ଅଗ୍ନି ମହାପୁରାଣ

ଅଷ୍ଟାଦଶ ମହାପୁରାଣ ଶୃଙ୍ଖଳାରେ ଅଗ୍ନି ମହାପୁରାଣ ଅନ୍ୟତମ। ବିଷ୍ଣୁଙ୍କ ଅବତାରକଥା, ରାମାୟଣକଥା, ହରିବଂଶକଥା, ମହାଭାରତବର୍ଣ୍ଣନା, ସୃଷ୍ଟିତତ୍ତ୍ୱ, ମନ୍ୱନ୍ତରକଥା, କର୍ମକାଣ୍ଡ, ବାସ୍ତୁଶାସ୍ତ୍ର, ଜ୍ୟୋତଃଶାସ୍ତ୍ର, ଆୟୁର୍ବେଦ, ବ୍ୟାକରଣଶାସ୍ତ୍ରାଦିର ବିବରଣୀକୁ ନେଇ ସମୃଦ୍ଧ ଏହି ପୁରାଣରେ ରହିଛନ୍ତି ସମୁଦାୟ ୩୮୨ଟି ଅଧ୍ୟାୟ ଓ ୧୬ହଜାର ଶ୍ଳୋକ। ଏହି ପୁରାଣରେ (୧୧୬/୧୯)ରେ ଗୟାଯାତ୍ରାବିଧିବର୍ଣ୍ଣନରେ ସୁଭଦ୍ରା, ବଳଭଦ୍ର ଓ ପୁରୁଷୋତ୍ତମ(ଶ୍ରୀଜଗନ୍ନାଥ)ଙ୍କୁ ପୂଜା କଲେ ସମସ୍ତ କାମନା ପୂର୍ଣ୍ଣ ହେବା ସହିତ ବ୍ୟକ୍ତି କୁଳୋଦ୍ଧାରପୂର୍ବକ ସ୍ୱର୍ଗ ପ୍ରାପ୍ତ କରିଥାଏ ବୋଲି ଲେଖା ରହିଛି- "ସୁଭଦ୍ରାଂ ବଳଭଦ୍ରଂ ଚ ପ୍ରପୂଜ୍ୟ ପୁରୁଷୋତ୍ତମମ୍। ସର୍ବକାମସମାୟୁକ୍ତଃ କୁଳମୁଦ୍ଧୃତ୍ୟ ନାକଭାକ୍।।" ପୁରାଣ(୧୨୫/୧୨)ରେ ରସଚକ୍ରସ୍ଥ ଦେବୀଙ୍କ ବର୍ଣ୍ଣନାରେ 'ସୁଭଦ୍ରା' ନାମର ଉଲ୍ଲେଖ ରହିଛି- "ଭଦ୍ରକାଳୀ ସୁଭଦ୍ରା ଚ ଭଦ୍ରଭୀମା ସୁଭଦ୍ରିକା। ସ୍ଥିରା ଚ ନିଷ୍ଠୁରା ଦିବ୍ୟା ନିଷ୍କମ୍ପା ଗଦିନୀ ତଥା।।" ଏଠାରେ (୨୧୯/୬୬-୬୮)ରେ ଅଭିଷେକୋପଯୋଗ୍ୟ ତୀର୍ଥବର୍ଣ୍ଣନାରେ ପୁରୁଷୋତ୍ତମତୀର୍ଥ ଓ ନୀଳପର୍ବତ (ନୀଳାଚଳ) ନାମ ଉଲ୍ଲେଖ ରହିଛନ୍ତି- "ଗଙ୍ଗାଦ୍ୱାରକୁଶାବର୍ତ୍ତୌ ବିନ୍ଧ୍ୟକୋ ନୀଳପର୍ବତଃ। ବରାହପର୍ବତଶ୍ଚୈବ ତୀର୍ଥଂ କନଖଳଂ ତଥା।। ଦ୍ୱାରକା ଶ୍ରୀଗିରିସ୍ତୀର୍ଥଂ ତୀର୍ଥଂ ଚ ପୁରୁଷୋତ୍ତମଃ। ଶାଳଗ୍ରାମୋଽଥ ବାରାହଃ ସିନ୍ଧୁସାଗରସଙ୍ଗମଃ।।" ଏହାର ବିଷ୍ଣୁନାମକଥନ ଅଧ୍ୟାୟ(୩୦୫/୧୦,୧୩)ରେ ବିମଳାକ୍ଷେତ୍ରରେ ଜଗତ୍ପ୍ରଭୁ (ଜଗନ୍ନାଥ) ଓ ଓଡ୍ରଦେଶରେ ପୁରୁଷୋତ୍ତମଙ୍କ ପ୍ରଶସ୍ତି ରହିଛି- "ପୁରୁଷଂ ପୂରୁଷବଟେ ବିମଳେ ଚ ଜଗତ୍ପ୍ରଭୁମ୍। ଅନନ୍ତଂ ସୈନ୍ଧବାରଣ୍ୟେ ଦଣ୍ଡକେ ଶାର୍ଙ୍ଗଧାରିଣମ୍।। ସର୍ବପାପହରଂ ବିନ୍ଧ୍ୟେ ଔଡ୍ରେ ଚ ପୁରୁଷୋତ୍ତମମ୍। ଆତ୍ମାନଂ ହୃଦୟେ ବିଦ୍ଧି ଜପତାଂ ଭୁକ୍ତିମୁକ୍ତିଦମ୍।।" ସେହିପରି (୩୦୭ ଅଧ୍ୟାୟ)ରେ ତ୍ରୈଲୋକ୍ୟମୋହନମନ୍ତ୍ର-କଥନରେ 'ପୁରୁଷୋତ୍ତମ' ନାମ ସନ୍ନିହିତ। ଯଥା- ଓଁ ଶ୍ରୀଂ ହ୍ରୀଂ ହ୍ରୂଂ ଓଁ ନମଃ ପୁରୁଷୋତ୍ତମ...ଓଁ ପୁରୁଷୋତ୍ତମ ତ୍ରିଭୁବନମଦୋନ୍ମାଦକର ହୂଂ ଫଟ୍ ହୃଦ୍ୟାୟ ନମଃ...।"

ସେହି ପୁରାଣ-ପୁରୁଷୋତ୍ତମଙ୍କୁ ପ୍ରାଣରୁ ପ୍ରଣାମ।

ପ୍ରସ୍ତୁତି: ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ- ୯୪୩୭୫୬୬୩୨୪



## ଅଣାଯାଇଥିଲା ଅକ୍ସିଜେନ ସିଲିଣ୍ଡର

ଶେଷଥର ଲାଗି ୧୯୮୫ ଜୁଲାଇ ୧୪ରେ ଭିତର ରନିଭଣ୍ଡାର ଖୋଲାଯାଇଥିଲା। ଦୀର୍ଘ ୩୯ ବର୍ଷ ପରେ ଭିତର ରତ୍ନଭଣ୍ଡାର ଖୋଲିବାକୁ ଯୋଜନା ହୋଇଥିଲା। ଏତେ ବର୍ଷ ଧରି ବନ୍ଦ ରହିଥିବାରୁ ଅମ୍ଳଜାନର ଅଭାବ ଦେଖାଦେଇପାରେ। ତେଣୁ ପ୍ରଥମେ ତା' ମଧ୍ୟରେ ବାୟୁର ସ୍ଥିତି କିପରି ରହିଛି ପରଖା ଯିବ। ଦ୍ୱାର ଖୋଲା ହେବା କ୍ଷଣି ହଠାତ୍ କେହି ଭିତରକୁ ପ୍ରବେଶ କରିବେ ନାହିଁ। କିଛି ସମୟ ସ୍ଥିତି ପରଖା ଯିବ। ଭିତର ବାୟୁ ଯଦି ଉପଯୁକ୍ତ ନ ଲାଗେ ତେବେ ଏହି ବାୟୁକୁ ପଦାକୁ ବାହାର କରାଯିବାର ବ୍ୟବସ୍ଥା କରାଯିବ। ଆବଶ୍ୟକ ପଡ଼ିଲେ ରତ୍ନଭଣ୍ଡାର ଭିତରକୁ ମୁକ୍ତ ବାୟୁ ଛଡାଯିବା ପାଇଁ ଅକ୍ସିଜେନ ସିଲିଣ୍ଡର ଅଣାଯାଇଥିଲା।



ଜଉମୁଦ ଲଫାପାରେ ଚାବି ନେଉଛନ୍ତି ନୀତି ପ୍ରଶାସକ

## ରତ୍ନଅଳଙ୍କାର ପାଇଁ ୬ ସିନ୍ଦୁକ

# ୮ ଦିନ ଲାଗିଥିଲେ ୨୦ କାରିଗର

ଖୋଲାଯିବ ମହାପ୍ରଭୁଙ୍କ ବାହାର ଓ ଭିତର ରତ୍ନଭଣ୍ଡାର। ସବୁ ରତ୍ନ ଅଳଙ୍କାରକୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯିବ। ତେଣୁ ଏହିସବୁ ଅଳଙ୍କାରକୁ ରଖିବା ଲାଗି ନୂତନ ଭାବେ ସିନ୍ଦୁକ ତିଆରି କରିବା ପାଇଁ ନିଆଯାଇଥିଲା ନିଷ୍ପତ୍ତି। ଯୁଦ୍ଧକାଳୀନ ଭିତ୍ତିରେ ସିନ୍ଦୁକ ନିର୍ମାଣ କରିବାକୁ ଜଗମୋହନ ମରାମତି କାମ କରିଥିବା ଦିଲ୍ଲୀପ କନ୍‌ଷ୍ଟ୍ରକସନକୁ ଦିଆଯାଇଥିଲା ଦାୟିତ୍ୱ। ପ୍ରାୟ ୧୦ ଦିନ ପୂର୍ବରୁ ସିନ୍ଦୁକ ନିର୍ମାଣ କରିବାକୁ ଅର୍ଡର ଦିଆଯାଇଥିଲା। ଦିଲ୍ଲୀପ ଖଟେଇ ଆବଶ୍ୟକ ଶାଗୁଆନ କାଠ, ପିତ୍ତଳ ଚଦର ଆଦି ଯୋଗାଇ ଦେଇ ୩ ଦିନ ମଧ୍ୟରେ ୬ଟି ସିନ୍ଦୁକ ତିଆରି କରିବା ଲାଗି କାଠ କାରୀଗରଙ୍କୁ କହିଥିଲେ। ଏହି କାମରେ ପ୍ରାୟ ୨୦ ଜଣ କାରିଗର ଲାଗିଥିଲେ। ସେମାନଙ୍କୁ ୮ ଦିନ ସମୟ ଲାଗିଯାଇଥିଲା। ପ୍ରତ୍ୟେକ ସିନ୍ଦୁକର ଲମ୍ବ ୪ ଫୁଟ, ଓସାର ୩ ଫୁଟ ଥିବାବେଳେ ଏହାର ଗଭୀରତା ମଧ୍ୟ ୩ ଫୁଟ ରହିଛି। ଏଥିରେ ୨ଟି କବ୍‌ଜା ରହିଛି। ଫଳରେ ଦୁଇଟି ତାଲା ପଡ଼ିପାରିବ। ସେହିପରି ଏହାକୁ ସ୍ଥାନାନ୍ତର ଲାଗି ଦୁଇପାର୍ଶ୍ୱରେ ଗୋଟିଏ ଲେଖାଏ ଲୁହାର ବଳା ରହିଛି। ଶାଗୁଆନ କାଠରେ ତିଆରି ଏହି ସିନ୍ଦୁକ ଭିତରେ ଏବଂ ଉପରି ଭାଗରେ ପିତ୍ତଳ ଚାଦର ଆଚ୍ଛାଦିତ କରାଯାଇଛି। ଭୁବନେଶ୍ୱରରୁ ଏକ ଗାଡିରେ ୬ଟି ଯାକ ସିନ୍ଦୁକ ଅଣାଯାଇ ରବିବାର ମଧ୍ୟାହ୍ନରେ ସିଂହଦ୍ୱାର ନିକଟରେ ପହଞ୍ଚିଥିଲା। ପରେ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ଏହାକୁ ଶ୍ରମିକମାନେ ଭିତରକୁ ଭାର କରି ବୋହି ନେଇଥିଲେ। ବାହାର ରତ୍ନଭଣ୍ଡାରର ରତ୍ନ ଅଳଙ୍କାର ଏହା ମଧ୍ୟରେ ରଖାଯାଇଥିବା କୁହାଯାଉଛି।





ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

# ରାଜ୍ୟରେ ଜାରି ରହିବ ବର୍ଷା

■ **ଭୁବନେଶ୍ୱର, ୧୪।୭(ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ଶନିବାରଠାରୁ ବର୍ଷାର ପ୍ରକୋପ ଆରମ୍ଭ ହୋଇଥିବା ବେଳେ ଏହି ସ୍ଥିତି ଆଗକୁ ମଧ୍ୟ ଜାରି ରହିବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଆଶଙ୍କା ରହିଛି। ତେବେ ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି କେନ୍ଦ୍ର କହିଛି। ୧୬ରେ ବର୍ଷାର ପ୍ରକୋପ ସାମାନ୍ୟ ହ୍ରାସ ହେବାକୁ ଥିବା ବେଳେ ୧୭ରୁ ପୁଣି ବର୍ଷାର ପ୍ରକୋପ ବଢ଼ିବ ବୋଲି ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡଃ ମନୋରମା ମହାନ୍ତି କହିଛନ୍ତି। ସୂଚନା ଥାଉ କି ରବିବାର ନବରଙ୍ଗପୁରରେ ୬୫ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ହୀରାକୁଦରେ ୬୫, ଭୁବନେଶ୍ୱର ୫୭, କୋରାପୁଟରେ ୫୬, ବଲାଙ୍ଗିରରେ ୩୬, ବରଗଡ଼ରେ ୩୩, ମାଲକାନଗିରିରେ ୪୦ ମିମି ବର୍ଷା ରେକର୍ଡ କରାଯାଇଛି।

♦VOLUME- 42 ♦ISSUE-20 ♦BHUBANESWAR ♦MONDAY ♦15 JULY 2024 ♦PAGE-16 ♦₹ 6.00
♦ବର୍ଷ-୪୨ ♦ସଂଖ୍ୟା-୨୦ ♦ଭୁବନେଶ୍ୱର ♦ସୋମବାର ♦୧୫ ଜୁଲାଇ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

### ନାକଚଣା ଦ୍ୱାରରେ ପ୍ରସ୍ତୁତ ତିନିରଥ

# ଆଜି ବାହୁଡ଼ିବେ ଦାରୁବ୍ରହ୍ମ

■ **ପୁରୀ, ୧୪।୭(ସମିସ):** ଜନ୍ମବେଦୀରେ ଶେଷ ହୋଇଛି ଚତୁର୍ଦ୍ଧାବିଗ୍ରହଙ୍କ ଲୀଳା। ଏବେ ରତ୍ନବେଦୀକୁ ବାହୁଡ଼ିବାକୁ ପ୍ରସ୍ତୁତ ହେଉଛନ୍ତି ମହାପ୍ରଭୁ। ଶ୍ରୀଗୁଣ୍ଡିଚା ମନ୍ଦିରରେ ୭ ଦିନ ରହଣି ପରେ ଭାଇ ଭଉଣୀଙ୍କୁ ସାଥୀରେ ଧରି ବାହୁଡ଼ିବେ କାଳିଆ ଠାକୁର। ଏଥିପାଇଁ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ଦାରୁବ୍ରହ୍ମଙ୍କୁ ଅପେକ୍ଷା କରିରହିଛନ୍ତି ତିନିରଥ। ସୋମବାର ରଥାରୂଢ଼ ହୋଇ ଦାରୁବିଗ୍ରହ ଯିବେ ଶ୍ରୀମନ୍ଦିର ଅଭିମୁଖେ। ତେବେ ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାରରେ ଲାଗିଥିବା ତିନିରଥକୁ ମହାରଣା ସେବକ ଓ ରଥ ବିଶେଷଜ୍ଞ କମିଟି ଯାଞ୍ଚ କରିସାରିଛନ୍ତି। ଅନ୍ୟପକ୍ଷରେ ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି।

**ମଧ୍ୟାହ୍ନ ୧୨ଟାରେ ପହଣ୍ଡି**
**ଅପରାହ୍ନ ୪ଟାରେ ରଥଟଣା**

ରବିବାର ଥିଲା ସନ୍ଧ୍ୟା ଦର୍ଶନ। ସକାଳୁ ଆରମ୍ଭ ହୋଇଯାଇଥିଲା ଭକ୍ତଙ୍କ ଗହଳି। ଲମ୍ବା ଧାଡ଼ିରେ ବ୍ୟାରିକେଡ୍ ମଧ୍ୟ ଦେଇ ଶ୍ରଦ୍ଧାଳୁମାନେ ଜନ୍ମବେଦୀରେ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ। ଅନ୍ୟପକ୍ଷରେ ନୀତି ବି ସଅଳ ଚାଲିଥିଲା। ଏଥିସହ ଆଡ଼ପ ଅବଢ଼ା ବି ସଅଳ ବାହାରିଥିଲା। ଶେଷ ଆଡ଼ପ ଅବଢ଼ା ପାଇଁ ଭକ୍ତମାନେ ବେଶ୍ ଭିଡ଼ ଜମାଇଥିଲେ।



ବାହୁଡ଼ା ଯାତ୍ରା ପ୍ରସ୍ତୁତି ପାଇଁ ସନ୍ଧ୍ୟା ଦର୍ଶନ ଅପରାହ୍ନ ସାଢ଼େ ୫ଟାରେ ବନ୍ଦ କରାଯାଇଥିଲା। ଆଡ଼ପମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ଼ ଆଳତି ସରିବା ପରେ ଶ୍ରୀମୁଖ ଖଣ୍ଡୁଆ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ବାହୁଟକଣ୍ଠ, ଚାରବନ୍ଧା ଓ କୁସୁମି ଲାଗି ନୀତି ପାଇଁ ଆରମ୍ଭ ହୋଇଥିଲା ପ୍ରସ୍ତୁତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ, ସୋମବାର ଭୋର ୪ଟାରେ ମଙ୍ଗଳ ଆଳତି ହେବ। ଠାକୁର ଖେଚୁଡ଼ି ଭୋଗ ଖାଇ ସାରି ଶ୍ରୀମନ୍ଦିର ଅଭିମୁଖେ ବାହାରିବେ। ପୂର୍ବାହ୍ନ ୧୧ଟା ୪୫ରେ ମଙ୍ଗଳାର୍ପଣ ହୋଇ ମଧ୍ୟାହ୍ନ ୧୨ଟାରେ ବାହୁଡ଼ା ପହଣ୍ଡି ଆରମ୍ଭ ହେବ। ଅପରାହ୍ନ ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ନୀତି ▶ପୃଷ୍ଠା-୯

### ବାହୁଡ଼ା ଯାତ୍ରା ନୀତି ନିର୍ଘଣ୍ଟ

| | |
|---|---|
| ମଙ୍ଗଳ ଆଳତି | ଭୋର ୪ଟା |
| ମଇଲମ | ୪ଟା ୧୫ |
| ତଡ଼ପଲାଗି | ୪ଟା ୩୦ |
| ଅବକାଶ | ୫ଟା |
| ସୂର୍ଯ୍ୟପୂଜା | ୫ଟା ୧୫ |
| ଦ୍ୱାରପାଳ ପୂଜା | ୫ଟା ୩୦ |
| ବେଶ ଶେଷ | ୫ଟା ୩୦ |
| ଗୋପାଳବଲ୍ଲଭ ଓ ସକାଳ ଧୂପ | ୫ଟା ୪୫ରୁ ୬ଟା ୪୫ |
| ସେନାପଟା ଲାଗି | ସକାଳ ୭ଟାରୁ ପୂର୍ବାହ୍ନ ୧୧. ୩୦ |
| ମଙ୍ଗଳାର୍ପଣ | ୧୧ଟା ୪୫ |
| ବାହୁଡ଼ା ପହଣ୍ଡି | ମଧ୍ୟାହ୍ନ ୧୨ଟାରୁ ୨ଟା ୩୦ |
| ବେଶ ଶେଷ | ୧ଟାରୁ ୨ଟା ୩୦ |
| ଛେରାପହଁରା | ୨ଟା ୩୦ରୁ ୩ଟା ୩୦ |
| ଚାରମାଳ ଫିଟା, ଘୋଡା ଓ ସାରଥି ଲାଗି | ୩ଟାରୁ ୪ଟା |
| ରଥଟଣା ଆରମ୍ଭ | ଅପରାହ୍ନ ୪ଟା |

### ଚାରିପଟୁ ଘେରି କୁକି ଉଗ୍ରବାଦୀଙ୍କ ଆକ୍ରମଣ

# ମଣିପୁରରେ ସିଆରପିଏଫ୍ ଯବାନ ସହିଦ, ଜଣେ ଆହତ

■ **ଇମ୍ଫାଲ, ୧୪।୭ (ଏଜେନ୍ସି):** ଜମ୍ମୁ-କାଶ୍ମୀର ପରେ ଏବେ ମଣିପୁରରେ ସୁରକ୍ଷାବାହିନୀ ଉପରେ ଆକ୍ରମଣ ହୋଇଛି। ଆସାମ ସୀମାକୁ ଲାଗିଥିବା ମଣିପୁରର ଜିରିବାମ ଅନ୍ତର୍ଗତ ମୋଙ୍ଗବୁଙ୍ଗରେ ଚାରିପଟୁ ଘେରେ ସିଆରପିଏଫ ଏବଂ ପୁଲିସର ପାଟ୍ରୋଲିଂ ଟିମ୍‌ର ଗାଡ଼ି ଉପରେ ଗୁଳିମାଡ଼ କରାଯାଇଛି। କୁକି ଉଗ୍ରବାଦୀଙ୍କ ଏହି ନାରକୀୟ କାଣ୍ଡରେ ସିଆରପିଏଫ୍‌ର ଯବାନ ଅଜୟ କୁମାର ଝା ସହିଦ ହୋଇଛନ୍ତି। ଜଣେ ପୁଲିସ ଅଧିକାରୀ ମଧ୍ୟ ଆହତ ହୋଇଛନ୍ତି। ଏହି ଆକ୍ରମଣକୁ ମଣିପୁର ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହ ନିନ୍ଦା କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ ଶନିବାର ବିଳମ୍ବିତ ରାତିରୁ ମୋଙ୍ଗବୁଙ୍ଗରେ ଗୁଳି ମାଡ଼ ଆରମ୍ଭ ହୋଇଥିଲା। ଏହି ଆକ୍ରମଣରେ ପୁଲିସ ଗାଡ଼ିର କାଚ ଭାଙ୍ଗି ଝା'ଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ତୁରନ୍ତ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।



ପରେ ରବିବାର ସକାଳେ ସିଆରପିଏଫ ଏବଂ ପୁଲିସ ଟିମ୍ ଉଗ୍ରବାଦୀଙ୍କ ଉପରେ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ତେବେ ଏଥିରେ ଉଗ୍ରବାଦୀଙ୍କ କେତେ କ୍ଷତି ହୋଇଛି ତାହା ଜଣାପଡ଼ି ନାହିଁ। ଏହା ପୂର୍ବରୁ ପୁଲିସ ଇମ୍ଫାଲ ପୂର୍ବ ଏବଂ ପଶ୍ଚିମ ଜିଲ୍ଲାରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କରିଥିଲା। ଅନ୍ୟପକ୍ଷରେ ମଣିପୁର ହିଂସାକୁ ନେଇ କଂଗ୍ରେସ ଦୁଃଖ ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଶାଣ କରିଛି। ମଣିପୁରରେ ବର୍ଷେରୁ ଅଧିକ ସମୟ ହେଲା ହିଂସା ଜାରି ରହିଥିବାବେଳେ ପ୍ରଧାନମନ୍ତ୍ରୀ ଦୁନିଆ ବୁଲିବାରେ ବ୍ୟସ୍ତ ରହିଛନ୍ତି ବୋଲି କୁହାଯାଇଛି।

# ଋଣ ବୋଝ ନେଲା ତିନି ଜୀବନ

### ବିଷ ପିଇଲେ ପୁଅ-ବୋହୂ; ଖବର ଶୁଣି ବାପାର ମୃତ୍ୟୁ

■ **ନୀଳଗିରି, ୧୪।୭ (ସମିସ):** ତିନି ତିନିଟି ନିରୀହ ଜୀବନ ନେଇଛି ଋଣବୋଝ। ମାତ୍ର ୨ଦିନ ଭିତରେ ଆଗପଛ ହୋଇ ପୁଅ-ବୋହୂ ପ୍ରାଣ ହରାଇବା ଘଟଣା ସହି ନପାରି ଶେଷରେ ବୁଢ଼ା ବାପା ବି ଆରପାରିକୁ ଚାଲି ଯାଇଛନ୍ତି। ଅପରପକ୍ଷେ, ପୂରା ପରିବାରକୁ ହରାଇ ଏବେ ଅସହାୟ ହୋଇପଡ଼ିଛନ୍ତି ନାବାଳକ ଭାଇ-ଭଉଣୀ। ନୀଳଗିରି ଥାନା କେ. ପି. ଲାଖରାଜ ପଞ୍ଚାୟତ ଚଣ୍ଡୀପୁର ଗ୍ରାମରେ ଘଟିଥିବା ଏହି ହୃଦୟବିଦାରକ ଘଟଣା ସମସ୍ତଙ୍କ ଆଖିରେ ଲୁହ ଭରିଦେଇଛି। ମୃତକମାନେ ହେଲେ, ଗ୍ରାମର ଜୟକୃଷ୍ଣ ନନ୍ଦ ଦେବଗୋସ୍ୱାମୀ, ତାଙ୍କ ପୁଅ ସ୍ୱରୂପାନନ୍ଦ ଦେବଗୋସ୍ୱାମୀ(୪୫) ଏବଂ ବୋହୂ ସୁଶ୍ରୀ ସଙ୍ଗୀତା ଦେବଗୋସ୍ୱାମୀ (୪୦)।



ସୂଚନାନୁଯାୟୀ, ସ୍ୱରୂପାନନ୍ଦ ଓ ସଙ୍ଗୀତା କିଛି ଋଣ ଆଣି ହଲର୍ ଓ ମୁଢ଼ିଭଜା ମେସିନ୍ ପକାଇ ଗୁଜୁରାଣ ମେଣ୍ଟାଉଥିଲେ। ମାତ୍ର ଉକ୍ତ ସଂସ୍ଥାରେ ତାଙ୍କର କ୍ଷତି ହେବା ଫଳରେ ଋଣ ଶୁଝି ପାରିନଥିଲେ। ଏପଟେ ଋଣ ପ୍ରଦାନକାରୀ ସଂସ୍ଥା ଋଣ ପରିଶୋଧ ପାଇଁ ବାରମ୍ବାର ତାଗିଦ କରିଚାଲିଥିଲା। ତେଣୁ ଲୋକଲଜ୍ଜାକୁ ଡରି ଗତ ବୁଧବାର ରାତିରେ ଏହି ଦମ୍ପତି ବିଷ ପିଇ ଆତ୍ମହତ୍ୟା କରିବା ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଉଭୟ ବିଷଜ୍ୱାଳାରେ ଛଟପଟ ହେବା ଦେଖି ବାପା ଜୟକୃଷ୍ଣ ଦୁହିଁଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ନୀଳଗିରି ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଦୁହିଁଙ୍କୁ ରେମୁଣାସ୍ଥିତ ବାଲେଶ୍ୱର ମେଡିକାଲ କଲେଜ, କଟକ ବଡ଼ ▶ପୃଷ୍ଠା-୯

# ଏସ୍‌ସିବିରେ ବଢ଼ିଲା ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ପିଜି ସିଟ୍

■ **ଭୁବନେଶ୍ୱର, ୧୪।୭(ସମିସ):** କଟକ ଏସ୍‌ସିବି ମେଡିକାଲ କଲେଜରେ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗରେ ପିଜି ପାଠ୍ୟକ୍ରମରେ (ଏମ୍‌ଡି) ଆସନ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ସମ୍ପ୍ରତି ଏହି ପାଠ୍ୟକ୍ରମରେ ଦୁଇଟି ଆସନରେ ଏମ୍‌ଡି ପାଠ ପଢ଼ା ହେଉଥିବା ବେଳେ ଏବେ ତାହା ୫କୁ ବୃଦ୍ଧି ପାଇଛି। ଆସନ ସଂଖ୍ୟା ବୃଦ୍ଧି ପାଇଁ ଏସ୍‌ସିବି ମେଡିକାଲ କଲେଜ ପକ୍ଷରୁ ହୋଇଥିବା ଆବେଦନକୁ ନ୍ୟାସନାଲ ମେଡିକାଲ କାଉନସିଲ (ଏନ୍‌ଏମ୍‌ସି) ଅନୁମୋଦନ ପ୍ରଦାନ କରିଛି। ୨୦୨୪-୨୫ ଶିକ୍ଷା ବର୍ଷରେ ନୂଆ ଆସନରେ ନାମ ଲେଖା ହେବ। ଏ ନେଇ ଏନ୍‌ଏମ୍‌ସି ପକ୍ଷରୁ ଏସ୍‌ସିବି ମେଡିକାଲ କଲେଜକୁ ଲେଟର୍ ଅଫ୍ ପରମିସନ୍ ଜାରି କରାଯାଇଛି।




# ସବୁଜ ହାଇଡ୍ରୋଜେନ୍ ବିପ୍ଳବ କ୍ଷେତ୍ରରେ ଅଗ୍ରଣୀ ହେବ ଓଡ଼ିଶା

■ **ଭୁବନେଶ୍ୱର, ୧୪।୭(ସମିସ):** ରାଜ୍ୟରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ବିପୁଳ ସମ୍ଭାବନା ଥିବାବେଳେ ଏ ନେଇ ରାଜ୍ୟ ସରକାର ବିଶେଷ ପଦକ୍ଷେପ ନେଉଛନ୍ତି। ବିଶେଷକରି ବିଦାୟୀ ବିଜେଡି ସରକାର ଅକ୍ଷୟ ଶକ୍ତି କ୍ଷେତ୍ରରେ ରାଜ୍ୟକୁ ସମୃଦ୍ଧ କରିବା ପାଇଁ ଅକ୍ଷୟ ଶକ୍ତି ନୀତି-୨୦୨୨ ପ୍ରଣୟନ କରିଥିଲେ। ଏହି ନୀତି ଅଧିନରେ ଅକ୍ଷୟ ଶକ୍ତି ନିବେଶ କ୍ଷେତ୍ରରେ ରାଜ୍ୟ ସରକାର ବହୁ ଆକର୍ଷଣୀୟ ପଦକ୍ଷେପ ନେଇଥିବା ବେଳେ ଅନେକ ରିଆତି ପ୍ରଦାନ କରୁଛନ୍ତି। ଯାହା ନିବେଶକଙ୍କୁ ଓଡ଼ିଶା ମୁହାଁ କରିବାରେ ସଫଳ ହୋଇପାରିଛି। ଚଳିତବର୍ଷ ଜୁନ୍ ସୁଦ୍ଧା ରାଜ୍ୟରେ ସଂସ୍ଥାପିତ ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକର କ୍ଷମତା ପ୍ରାୟ ୨.୮ ଗିଗାୱାଟ୍ ରହିଛି। ଭାରତୀୟ ଅକ୍ଷୟ ଶକ୍ତି ବିକାଶ ସଂସ୍ଥା(ଇରେଡା) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସବୁଜ ହାଇଡ୍ରୋଜେନ ବିପ୍ଳବ କ୍ଷେତ୍ରରେ ଓଡ଼ିଶା ଆଗାମୀ ଦିନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି।




**ରାଜ୍ୟରେ ୨.୮ ଗିଗାୱାଟ ଅକ୍ଷୟଶକ୍ତି ଉତ୍ପାଦନ କ୍ଷମତା**

**ଜଳ ଓ ସୌର ବିଦ୍ୟୁତ କ୍ଷେତ୍ରରେ ମିଳିଛି ବ୍ୟାପକ ପୁଞ୍ଜି ନିବେଶ ପ୍ରସ୍ତାବ**

**ସୌର, ପବନ ଓ ଜଳ ବିଦ୍ୟୁତ୍ କ୍ଷେତ୍ରରେ ଶ୍ରେଷ୍ଠ ୧୦ ରାଜ୍ୟ ମଧ୍ୟରେ ଓଡ଼ିଶା**

ସୂଚନାଯୋଗ୍ୟ ଯେ ବିଶ୍ୱବ୍ୟାପୀ ଗ୍ରୀନ୍ ହାଉସ୍ ଗ୍ୟାସ ନିର୍ଗମନକୁ ହ୍ରାସ ସହ ଶକ୍ତି କ୍ଷେତ୍ରରେ ସବୁଜ ହାଇଡ୍ରୋଜେନ କ୍ଷେତ୍ରକୁ ଅଧିକରୁ ଅଧିକ ବ୍ୟବହାର ପାଇଁ ଗୁରୁତ୍ୱାରୋପ କରାଯାଉଛି। ସବୁଜ ହାଇଡ୍ରୋଜେନ ବିପ୍ଳବ ଅଧିନରେ ସୌର, ପବନ, ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନକୁ ଅଧିକରୁ ଅଧିକ ଉତ୍ପାଦନ ଏବଂ ବ୍ୟବହାର ପାଇଁ ଉଭୟ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ବିଶେଷ ପଦକ୍ଷେପ ନେଉଛନ୍ତି। ପରିବହନ, ଉଦ୍ୟୋଗ, କୃଷି କ୍ଷେତ୍ରରେ ଏହି ଶକ୍ତି ଉତ୍ସ ବ୍ୟବହାର ଆଗାମୀ ଦିନରେ ବ୍ୟାପକ ହେବାକୁ ଯାଉଥିବା ବେଳେ ଏହିକ୍ରମରେ ଓଡ଼ିଶା ▶ପୃଷ୍ଠା-୯

### ମିଳୁନି ସଠିକ୍ ଡାକସେବା

# ରତ୍ନଗିରି ଶାଖା ଡାକଘରକୁ ଉପଡାକଘର ମାନ୍ୟତା ଦାବି

**ବରୀ, ୧୪।୭ (ସମିସ)**

ବରୀ ବ୍ଲକ ରତ୍ନଗିରିରେ ପୂର୍ବରୁ ଗୋଟିଏ ଇଡି (ଏକ୍ସଟ୍ରା ଡିପାର୍ଟମେଣ୍ଟ) ସବ୍‌ପୋଷ୍ଟ ଅଫିସ ବା ଅତିରିକ୍ତ ବିଭାଗୀୟ ଉପଡ଼ାକଘର ଥିଲା। ବ୍ୟବସାୟିକ ବିନିମୟ ଅଭାବ ହେତୁ ଏହାକୁ କେନ୍ଦ୍ରାପଡ଼ା ଜିଲ୍ଲା ଇନ୍ଦୁପୁର ଉପଡ଼ାକଘର ସହିତ ୮ ବର୍ଷ ପୂର୍ବେ ମିଶାଇ ଦିଆଯାଇଥିଲା। ବର୍ତ୍ତମାନ ରତ୍ନଗିରି ଅଞ୍ଚଳର ଲୋକେ ସଠିକ୍ ଡାକ ସେବା ପାଇପାରୁନାହାନ୍ତି। ତେଣୁ ବରୀ ଶାଖା ଡାକଘରକୁ ଉପଡ଼ାକଘର ମାନ୍ୟତା ପ୍ରଦାନ କରାଯିବାକୁ ଦାବି ହେଉଛି।



ଇତିମଧ୍ୟରେ ରତ୍ନଗିରି ବଜାରର ଉନ୍ନତିକରଣ ହେବା ସହ ଏଠାରେ ଷ୍ଟେଟ୍ ବ୍ୟାଙ୍କ ଖୋଲାଯାଇଛି। ଏହି ବ୍ୟାଙ୍କର ଦୁଇଟିଏଟିଏମ କାଉଣ୍ଟର ମଧ୍ୟ ବଜାରରେ ସ୍ଥାପିତ ହୋଇଛି। ସେହିପରି ଅନ୍ୟାନ୍ୟ କାର୍ଯ୍ୟାଳୟ ହିସାବରେ ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଅମଠପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ଆଦି ରତ୍ନଗିରି ଅଞ୍ଚଳରେ ସ୍ଥାପିତ ହୋଇଛି। ଡାକଘର ଭଳି ସରକାରୀ କାର୍ଯ୍ୟାଳୟକୁ ଛାଡ଼ିଦେଲେ ବଜାରରେ ବ୍ୟବସାୟିକ ପ୍ରତିଷ୍ଠାନ ଅନେକ ଖୋଲାଯାଇଛି। ଲୋକଙ୍କ ମଧ୍ୟରେ ବି ପୂର୍ବାପେକ୍ଷା ଡାକ କାରବାରରେ ସମ୍ପୃକ୍ତି ରହିଛି। ରତ୍ନଗିରି ସହିତ ପୂର୍ବରୁ ଯାଜପୁର ଜିଲ୍ଲା ବରୀ ବ୍ଲକର ଗମ୍ଭୁ, ମହାକାଳପଡ଼ା, ରାଉତସାହି, ଅମଠପୁର, କମ୍ପଗଡ ଓ ଅଲିଆବାଦରେ ଥିବା ଶାଖା ଡାକଘର କେନ୍ଦ୍ରାପଡ଼ା ଜିଲ୍ଲା ଇନ୍ଦୁପୁର ଉପଡ଼ାକଘର ଅଧୀନରେ ରହିଛି। ତେବେ ରତ୍ନଗିରି ସମେତ ଅନ୍ୟାନ୍ୟ ୬ଟି ଶାଖା ଡାକଘର ଯାଜପୁର ଜିଲ୍ଲାରେ ରହିଥିବାବେଳେ ଏଗୁଡିକୁ କେନ୍ଦ୍ରାପଡ଼ା ଜିଲ୍ଲା ଇନ୍ଦୁପୁରରେ ଥିବା ଉପଡ଼ାକଘର ଅଧୀନରେ ରହିଛି।

ଫଳରେ ବରୀର ଏହି ଅଞ୍ଚଳରେ ଥିବା ଗ୍ରାହକ ଉପଡ଼ାକଘର ସୁବିଧା ରେଜିଷ୍ଟ୍ରେଡ୍, ସ୍ପିଡ ପୋଷ୍ଟ, ମନିଅଡର ଆଦି ସିଧାସଳଖ କରିପାରନ୍ତିନାହିଁ। ଏ ଅଞ୍ଚଳ ନିକଟରେ ଜିଲ୍ଲାର ଅନ୍ୟ ଉପଡ଼ାକଘର ବ୍ରହ୍ମବରଦା, ବାଲିଚନ୍ଦ୍ରପୁର, ଧର୍ମଶାଳା ଓ ବରୀରେ ରହିଛି। ଯେଉଁଗୁଡ଼ିକ ଏହି ଅଞ୍ଚଳଠାରୁ କୌଣସି ଠିକଣାରେ ୧୫ରୁ ୨୦ କିମି ଦୂର। ଏଥିସହ ବ୍ଲକ ଲେଖାଗଲେ ତାହା ଇଣ୍ଟରନେଟ୍ ସର୍ଚ୍ଚରେ ବରୀ ଉପଡ଼ାକଘର ଦେଖାଇଛି। ଯାହାର ପିନ୍ କୋର୍ଡ ୭୫୫୦୦୩। ଆଜିକାଲି ଡାକସେବା ପାଇଁ ଇଣ୍ଟରନେଟ୍ ସାହାଯ୍ୟ ସ୍ଥଳ ବିଶେଷରେ ନିଆଯାଉଛି। ସେଥିପାଇଁ ଜିଲ୍ଲା ଭିତରେ ରହିଥିବା ଉପଡ଼ାକଘର ଅଧୀନରେ ଶାଖାଗୁଡିକ ରହିଲେ ବିଶେଷ ସୁବିଧା ଉପଲବ୍ଧ ହେବା ନେଇ ଗ୍ରାହକ ଆଶାବାଦୀ ଅଛନ୍ତି। ଏହି ନୀତି ଅନୁଯାୟୀ ଯାଜପୁର ଜିଲ୍ଲା ବରୀ ବ୍ଲକ ଅଧୀନରେ ଥିବା ୭ଟି ଶାଖା ଡାକଘରକୁ ଜିଲ୍ଲା ସୀମା ମଧ୍ୟରେ ଥିବା ଉପଡ଼ାକଘର ଅଧୀନରେ ରଖାଯିବା ସହିତ ରତ୍ନଗିରି ଶାଖା ଡାକଘରକୁ ଉପଡ଼ାକଘରରେ ପରିବର୍ତ୍ତନ କରିବାକୁ ବରିଷ୍ଠ ନାଗରିକ ଅର୍ଜୁନୀ ଚରଣ ରାଉତ, ପ୍ରାକ୍ତନ ସରପଞ୍ଚ ଶ୍ରୀ ଦାସ ଓ ମନୋଜ ଦାସ, ସରପଞ୍ଚ ଅଶୋକ ଜେନା, ବାଉରୀବନ୍ଧୁ ଜେନା, ଅଶୋକ ଦାସ, କବି ଅଜୟ ଧଳ, ସମିତିସଭ୍ୟ ଅମୀୟ ଦାସ, କୃଷକ ନେତା ବିପିନ ଦାସ, ହେମନ୍ତ ନାୟକ, ସମାଜସେବୀ ଅଜୟ ରଥ ପ୍ରମୁଖ ଦାବି କରିଛନ୍ତି।

## ନଦୀ ତୁଠରେ ଗାଧୁଆ ପାହାଚ ନିର୍ମାଣ ଦାବି

**କବାଟବନ୍ଧ, ୧୪।୭ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ କାଚେରା ସାହିଠାରେ ନଦୀ ତୁଠରେ ଗାଧୁଆ ପାହାଚ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଧର୍ମଶାଳା ବ୍ଲକର କବାଟବନ୍ଧ ବଡ଼ ଗ୍ରାମ ଅଟେ। ଏହା ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ। ଏହାର ଜନସଂଖ୍ୟା ୫ ହଜାରରୁ ଅଧିକ। ଉକ୍ତ ଗ୍ରାମର ଲୋକ ସ୍ନାନ କରିବା, ଶୌଚ ହେବା, ଶୁଦ୍ଧିକ୍ରିୟା ଆଦି ସମସ୍ତ କାମ ପାଇଁ ନଦୀ ଉପରେ ନିର୍ଭର କରନ୍ତି। ଏସବୁ କାମ କରିବାକୁ ଉତ୍ତମ ବ୍ୟବସ୍ଥା ତଥା ପାହାଚ ସୁବିଧା ନ ଥିବାରୁ ନଦୀରେ ସ୍ନାନ କରିବା ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଧୁଆ ପାହାଚ ନ ଥିବାରୁ ଲୋକେ ବିପଦପୂର୍ଣ୍ଣ ସ୍ଥାନରେ ଗାଧୋଇବାକୁ ବାଧ୍ୟ ହେଉଛନ୍ତି। ଅନେକ ସମୟରେ ଗାଧୋଇବା ବେଳେ ଗୋଡ଼ ଖସି ମୃତ୍ୟୁମୁଖରେ ପଡୁଛନ୍ତି। ଛୋଟ ପିଲା ଓ ବୟସାଧିକ ବ୍ୟକ୍ତିଙ୍କ ପାଇଁ ଅଧିକ ବିପଦ ରହିଛି।



ଗତ ୨୦୨୩ ଅଗଷ୍ଟ ମାସ ୩ ତାରିଖରେ ଏହି କାଚେରା ସାହି ଗାଧୁଆ ତୁଠରେ ରୁକ୍ମଣୀ ସାହୁ ନାମକ ଜଣେ ବୃଦ୍ଧା ଗାଧୋଇବା ସମୟରେ ଗୋଡ଼ ଖସି ଯାଇ ବୁଡ଼ି ମୃତ୍ୟୁବରଣ କରିଥିଲେ। ଏ ନେଇ ଗ୍ରାମବାସୀ ଏକ ଗାଧୁଆ ପାହାଚ ନିର୍ମାଣ ପାଇଁ ଜଳସେଚନ ବିଭାଗକୁ ଦାବିପତ୍ର ପ୍ରଦାନ କରିଥିଲେ। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ପାହାଚ ନିର୍ମାଣ ପାଇଁ କୌଣସି ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ଯାହାକୁ ନେଇ ଗ୍ରାମବାସୀ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ଷାଦିନ ହୋଇଥିବାରୁ ପୁଣି ନଦୀରେ ବନ୍ୟା ଆସି ଧନ ଜୀବନ ହାନି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଗାଧୁଆ ପାହାଚ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସୁକିନ୍ଦା ସାହିତ୍ୟ ସମାଜର 'କବି କଣ୍ଠେ ଶ୍ରୀଜଗନ୍ନାଥ'



**ସୁକିନ୍ଦା, ୧୪।୭ (ସମିସ)**

ପ୍ରତିବର୍ଷ ପରି ଚଳିତବର୍ଷ ସୁକିନ୍ଦା ସାହିତ୍ୟ ସମାଜ ପକ୍ଷରୁ ପବିତ୍ର ଘୋଷ ଯାତ୍ରା ଅବସରରେ କବି କଣ୍ଠେ ଶ୍ରୀଜଗନ୍ନାଥ ଶୀର୍ଷକ ଏକ ଭକ୍ତି ନୈବେଦ୍ୟ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସୁକିନ୍ଦାସ୍ଥ ଭାରତୀୟ ବିଦ୍ୟାନିକେତନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ରଜନୀ କାନ୍ତ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ପ୍ରାଣ ଓ ଶ୍ରୀଜଗନ୍ନାଥ ସଂସ୍କୃତି ହିଁ ପରିବାର ଏବଂ ଭାଇ ଭଉଣୀର ପବିତ୍ର ସମ୍ପର୍କ କଥା କୁହେ ବୋଲି ମତ ପ୍ରକାଶ କରିଥିଲେ। ସାହିତ୍ୟ ସମାଜର ସଭାପତି ଅକ୍ଷୟ କୁମାର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଡଃ ପ୍ରଫୁଲ୍ଲ କୁମାର ସାହୁ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ମହନୀୟତା କଥା କହିଥିଲେ। ସାହିତ୍ୟ ସମାଜର ସମ୍ପାଦକ ହିମାଂଶୁ ଶେଖର ଦ୍ୱିବେଦୀ ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ମନୋରଞ୍ଜନ ଦାସ ଅତିଥି ପରିଚୟ ଓ ଲବଙ୍ଗଲତା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

ଏ ଅବସରରେ ଅତିଥିମାନେ କବୟିତ୍ରୀ ପ୍ରଭାତୀ ରାଉତଙ୍କ କବିତା ସଂକଳନ 'ମୋ ପେଙ୍କାଳି ବଜେଇ ଦେ' ଓ ପ୍ରତୀମା ରଥଙ୍କ ଗଳ୍ପ ସଂକଳନ 'ବାଉଁଶ ରାଣୀ'କୁ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ଗୁରୁ ନିମାଇଁ ଚରଣ ମାଝୀଙ୍କ ସଂଯୋଜନାରେ ମନୋଜିତ, ସଂଘମିତ୍ରା, ଶାଶ୍ୱତୀ ଓ ଲିସା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଭାତୀ ରାଉତ ଓ ଡଃ ଦୟାନିଧି ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ସୁରେନ୍ଦ୍ର କୁମାର ଦାଶ, ସୁରେନ୍ଦ୍ର କୁମାର ପୃଷ୍ଟି, ନିର୍ମଳ ଚନ୍ଦ୍ର ରାଉତ, ଗୋକୁଳ ବିହାରୀ ପୃଷ୍ଟି, କୁଳମଣି ଦତ୍ତ, ତ୍ରୈଲୋଚନ ମଲ୍ଲିକ, ଭରତ ଚନ୍ଦ୍ର ବେହେରା, ଫକିର ଚରଣ ଓଝା, ପବିତ୍ର ମୋହନ ସାହୁ, ବିଜୟ କୁମାର ସାହୁ, ଅଲେଖ ପ୍ରସାଦ ପାଗଡ଼, ଡଃ କିଶୋର ଚନ୍ଦ୍ର ଦାସ, କାଞ୍ଚନବାଳା ସାହୁ, ସୁମିତ୍ରା ଓଝା, ସଂଘମିତ୍ରା ଭୂତିଆ, ସରୋଜିନୀ ପଣ୍ଡା, ଯୁଗପ୍ରଭା ସାବତଙ୍କ ସମେତ ବହୁ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

## ବଡ଼ଦାଣ୍ଡରେ ସମାଜସେବୀ ସମ୍ବର୍ଦ୍ଧିତ



**ବିଂଝାରପୁର, ୧୪।୭ (ସମିସ):** ବିଂଝାରପୁର ବ୍ଲକ ଗୁହାଳି ପଞ୍ଚାୟତର ଯୁବ ସମାଜସେବୀ ସ୍ମୃତିରଞ୍ଜନ ସାହୁ ରଥଯାତ୍ରା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପୁରୀ ଜିଲ୍ଲା ପ୍ରଶାସନ, ପୌରସଂସ୍ଥା ଓ ମାଳିଯାଗା କମିଟି, ଶ୍ରୀମନ୍ଦିର ପ୍ରଶାସନର ମିଳିତ ଆନୁକୂଲ୍ୟରେ ବଡଦାଣ୍ଡଠାରେ ସ୍ମୃତିର ଓଡ଼ିଶା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୧୫ତମ ରଥଯାତ୍ରା ଭଜନ ସମାରୋହ ଓ ରଥଯାତ୍ରା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସାଧାରଣ ସମ୍ପାଦକ ରଜନୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ କଳା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏ ଅବସରରେ ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ଗୋବିନ୍ଦପୁର ଗ୍ରାମର ସ୍ମୃତିରଞ୍ଜନ ସାହୁଙ୍କୁ ସମାଜସେବା କ୍ଷେତ୍ରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ମାଉସୀ ମା' ମନ୍ଦିରରେ ଭଜନ ସନ୍ଧ୍ୟା



**ଯାଜପୁର, ୧୪।୭ (ସମିସ):** ଯାଜପୁର ପୌରପାଳିକା ଅନ୍ତର୍ଗତ ସଦାବ୍ରତ ମଠ ନିକଟସ୍ଥ ମାଉସୀ ମା' ମନ୍ଦିର ପରିସରରେ ଅଷ୍ଟମ ସନ୍ଧ୍ୟାରେ ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ମା' ବିରଜା ଭକ୍ତି ସଙ୍ଗୀତ ଗ୍ରୁପ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କଣ୍ଠଶିଳ୍ପୀ ପୃଥ୍ୱୀରାଜ ପଣ୍ଡା ଓ ତାଙ୍କ ସାଥୀ ଭଜନ ପରିବେଷଣ କରିଥିଲେ। ପ୍ରାରମ୍ଭରେ ପରିଷଦର ସଭାପତି ପ୍ରତୀମା କର, ବରିଷ୍ଠ ଉପଦେଷ୍ଟା ବନବିହାରୀ ମହାପାତ୍ର, ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ, ପଣ୍ଡିତ ବିନୋବିହାରୀ ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାଧାରଣ ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ, ସମ୍ପାଦିକା କାଞ୍ଚନବାଳା ତ୍ରିପାଠୀ, ସହସମ୍ପାଦକ ବୃନ୍ଦାବନ ମିଶ୍ର, ଅକ୍ଷୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। କଣ୍ଠଶିଳ୍ପୀ ଭାସ୍କର ଚନ୍ଦ୍ର ପତି, ସୃଜନପ୍ରଜ୍ଞା ପତି, ମୋନାଲିସା ଦାସ ଓ ଶ୍ୟାମ ପାଣିଗ୍ରାହୀଙ୍କ ଦ୍ୱାରା ମନଛୁଆଁ ଭଜନ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଯନ୍ତ୍ର ସଙ୍ଗୀତରେ ଗୌରାଙ୍ଗ ପାଣିଗ୍ରାହୀ, ବଳରାମ ସ୍ୱାଇଁ, ବୁଟା, ଚୈତା ଥିଲେ। ବଡ଼ବଜାର ପୂଜା କମିଟି, ହରପାର୍ବତୀ ପୂଜା କମିଟି, ସଦାବ୍ରତ ମଠ କମିଟି ଓ ପ୍ରଶାସନ ସହଯୋଗ କରିଥିଲେ।

## ଠିକା ସଂସ୍ଥାର ବେପରୁଆ ମନୋଭାବ; ପାଣିରେ ପଡ଼ିଛି ଗଛ

**କବାଟବନ୍ଧ, ୧୪।୭ (ସମିସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥ ସଂଲଗ୍ନ କୁସୁନପୁର ନିକଟରେ ଥିବା ପେଟ୍ରୋଲ ପମ୍ପ ସନ୍ନିକଟ ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରେ ଲାଗିଥିବା ଗଛରୁ ବହୁ ପରିମାଣର ଗଛ ଉପୁଡ଼ି ପାଣିରେ ପଡ଼ିଥିବା ଦେଖିବାକୁ ମିଳିଛି। ପାଇପ୍ ବିଛାଇଉଥିବା ଠିକା ସଂସ୍ଥାର ବେପରୁଆ ମନୋଭାବ କାରଣରୁ ଏଭଳି ହୋଇଥିବା ଅଭିଯୋଗ ହେଉଛି।



ସୂଚନା ମୁତାବକ, ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ମେସିନ ମାଧ୍ୟମରେ ପ୍ରାୟ ୧୫ ଫୁଟ ଗଭୀର ଗାତ ଖୋଳାଯାଇ ସ୍ଲରି ପାଇପ ବିଛାଯାଉଛି। ପାଇପ ବିଛାଇବା ପାଇଁ ଖୋଳିବା ସମୟରେ ଠିକା ସଂସ୍ଥାର ଖାମଖିଆଲ ମନୋଭାବ ଯୋଗୁଁ ଗଛ ତଳୁ ମାଟି ତାଡ଼ି ନିଆଯାଇଛି। ଫଳରେ ବହୁ ପରିମାଣର ଗଛ ଉପୁଡ଼ି ଯାଇଥିବାବେଳେ ଆଉ କେତେକ ଝୁଲି ରହିଛି। ଉପୁଡ଼ି ପଡୁଥିବ ବହୁ ଗଛକୁ ସେଠାରେ ପାଇପ ପୋତିବା ସମୟରେ ମାଟି ତଳେ ପୋତି ଦିଆଯାଉଛି। ଏ ସମ୍ବନ୍ଧରେ ବନ ବିଭାଗକୁ ଅବଗତ କରାଯାଇଥିଲା। ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଚୁପ୍ ବସିଛି। ଯାହାକୁ ନେଇ ସ୍ଥାନୀୟ ଲୋକ ଓ ପରିବେଶବିତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗଛ ତଳୁ ମାଟି ତାଡ଼ି ନେଇଯିବା ଫଳରେ ଗଛଗୁଡ଼ିକ ମାଟି ଅତଡ଼ାରେ ଝୁଲି ରହିଥିଲା। ଯାହାକି ଆଉ ଅସରାଏ ବର୍ଷାରେ ଉପୁଡ଼ିବାର ଯଥେଷ୍ଟ ସମ୍ଭାବନା ରହିଥିଲା। ଗତକାଲି ସାମାନ୍ୟ ବର୍ଷାରେ ଏହା ଉପୁଡି ପାଣି ଭିତରେ ପଡ଼ି ରହିଛି। ନିୟମ ଅନୁଯାୟୀ ଠିକା ସଂସ୍ଥା ଏହି କାମ କରିବା ସମୟରେ ଗଛର ସୁରକ୍ଷା ପ୍ରତି ଯତ୍ନବାନ ହେବା କଥା। କିନ୍ତୁ ଠିକା ସଂସ୍ଥାର କୌଣସି ଉଚ୍ଚ କର୍ତ୍ତୃପକ୍ଷ ଏଠାରେ ଉପସ୍ଥିତ ରହୁ ନ ଥିବାବେଳେ କାମ କରୁଥିବା କର୍ମଚାରୀ ଗଛର ସୁରକ୍ଷା ପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଏ ସମ୍ପର୍କରେ କମ୍ପାନୀକୁ ସ୍ଥାନୀୟ ଲୋକେ ଅବଗତ କରିଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ କର୍ଣ୍ଣପାତ କରୁନାହାଁନ୍ତି। ବନ ବିଭାଗର କୋହଳ ମନୋଭାବକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

## ବଜ୍ରପାତରେ ମହିଳାଙ୍କ ମୃତ୍ୟୁ



**ରଗଡ଼ି, ୧୪।୭ (ସମିସ):** କୋରାଇ ଥାନା ତାହାରପୁର ଗ୍ରାମର ଈଶ୍ୱର ଚନ୍ଦ୍ର ସାହୁଙ୍କ ପତ୍ନୀ ଜୟନ୍ତୀ ସାହୁ( ୫୨)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ଏ ନେଇ ତାଙ୍କ ପୁଅ ତମଜିତ ସାହୁ କୋରେଇ ଥାନାରେ ଅଭିଯୋଗ କରିଛନ୍ତି। ରବିବାର ୨ଟା ସମୟରେ ଏହି ବଜ୍ରପାତ ଘଟିଥିଲା। ଜୟନ୍ତୀ ବାଡିରେ ଶୁଖୁଥିବା ଲୁଗା ଆଣିବାକୁ ଯାଉଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। ସେ ବେହୋସ୍ ହୋଇ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କୋରେଇ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ଡାକ୍ତରଖାନା ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି।

## ପୂର୍ବତନ ସରପଞ୍ଚଙ୍କ ଦେହାନ୍ତ



**ବ୍ୟାସନଗର, ୧୪।୭(ସମିସ):** ବ୍ୟାସନଗର ମ୍ୟୁନିସିପାଲିଟିର ୧ନଂ ୱାର୍ଡର ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଗତକାଲି ବିଳମ୍ବିତ ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ସେ ୧୯୭୫ରୁ ୧୯୮୩ ପର୍ଯ୍ୟନ୍ତ ଯୋଡ଼ାବର ଗ୍ରାମର ସରପଞ୍ଚ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅମର ଆତ୍ମାର ସଦଗତି କାମନା କରିଥିଲେ। ଶେଷରେ ଯୋଡ଼ାବର ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପରିବାର ପକ୍ଷରୁ ପୁତ୍ର କହ୍ନେଇ, ବଧୂ ରଞ୍ଜିତା, ନାତି ସୁନୀଲ ଉପସ୍ଥିତ ଥିବାବେଳେ ଅନୀଲ ମୁଖାଗ୍ନି ଦେଇଥିଲେ।

## ସମବାୟବିତ୍‌ଙ୍କ ପରଲୋକ

**ପାଣିକୋଇଲି, ୧୪।୭(ସମିସ):** ପାଣିକୋଇଲି ଅଞ୍ଚଳର ସମବାୟବିତ୍ ତଥା କଂଗ୍ରେସ ନେତା ରାଧେଶ୍ୟାମ ସାହୁଙ୍କ ଶନିବାର ରାତିରେ ପରଲୋକ ଘଟିଛି। ଶ୍ରୀ ସାହୁ ପାଣିକୋଇଲି ସମବାୟ ସମିତିର ପୂର୍ବତନ ସଭାପତି ଓ ବରିଷ୍ଠ କଂଗ୍ରେସ ନେତା ଭାବେ ପରିଚିତ ଥିଲେ। ଦୀର୍ଘ ବର୍ଷ ଧରି ଡାକ ବିଭାଗରେ କାର୍ଯ୍ୟ କରି ଅବସର ନେଇଥିଲେ। ପାଣିକୋଇଲିର ବିଭିନ୍ନ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ। ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟ ପରିଚାଳନା କମିଟି ପ୍ରତିଷ୍ଠାତା ସଦସ୍ୟ, ମେଳଣ ଓ ଗଣେଶ କମିଟି ସଦସ୍ୟ ରହିବା ସହ ବହୁ ଅନୁଷ୍ଠାନରେ ସୁଚାରୁରୂପେ କାର୍ଯ୍ୟ ତୁଲାଇଥିଲେ। କିଛି ଦିନ ହେବ ଅସୁସ୍ଥତା ହେତୁ ଘରେ ରହି ଚିକିତ୍ସିତ ହେଉଥିଲେ। ପାଣିକୋଇଲି ପୈତୃକ ବାସଭବନରେ ୭୬ ବର୍ଷରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା, ସାମ୍ବାଦିକ, ବୁଦ୍ଧିଜୀବୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦାନା ଜଣାଇଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ରମେଶ ମୁଖାଗ୍ନି ଦେଇଥିଲେ। ପୂର୍ବତନ ବିଧାୟକ ତଥା ରାଜ୍ୟସଭା ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ, କୋରେଇ ବିଧାୟକ ଆକାଶ ଦାସନାୟକ, ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ରଘୁନାଥ ମାଝୀ, ହରେକୃଷ୍ଣ ସାହୁ, ଘନଶ୍ୟାମ ପଣ୍ଡା, ମଧୁସୂଦନ ସାହୁ, ବିଜେଡି ନେତା କାର୍ତ୍ତିକ ଚନ୍ଦ୍ର ପଣ୍ଡା, ସୂର୍ଯ୍ୟମଣି ପଣ୍ଡା, ସନ୍ତୋଷ ବେହେରା, ନିମାଇଁ ମଲିକ, ଶଶୀକାନ୍ତ ମଲିକ, ଡା. ନିର୍ମଳ ରଥ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।



## ବିଦ୍ୟାଳୟ ପରିସରରେ ଚାରାରୋପଣ

**ଯାଜପୁର, ୧୪।୭(ସମିସ):** ଯାଜପୁର ବ୍ଲକ ଛତିଶଦେବିଲ ପଞ୍ଚାୟତର ନକ୍ଷତ୍ରମାଳିନୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବୃକ୍ଷପ୍ରେମୀ ବିଶ୍ୱଭୂଷଣ ଜେନାଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋହନ ଚରଣ ଜେନା, ଶିକ୍ଷକ ନଟବର ବେହେରା, ରାମଚନ୍ଦ୍ର ବିଶ୍ୱାଳ, ସାମାଜିକ କର୍ମୀ ମଧୁସୁଦନ ବିଶ୍ୱାଳ, ଦିଲ୍ଲୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

### ଡିହକୁଳା-ଛୋଟାଗଡ଼ି ରାସ୍ତା କେନ୍ଦୁଆ ନାଳ ପୋଲ

# ବିନା ସୂଚନାଫଳକରେ ଚାଲିଛି କାମ

**କୁଆଁଗୋଳା, ୧୪।୭(ସମିସ)**

ବିରିପଟା ପଞ୍ଚାୟତ ଡିହକୂଳା- ଛୋଟାଗଡ଼ି ରାସ୍ତାର କେନ୍ଦୁଆ ନାଳକୁ ସଂଯୋଗୀ ନାଳ ଉପରେ ନିର୍ମାଣ ଚାଲିଛି ପୋଲ। ଏହି ପ୍ରକଳ୍ପ ପାଇଁ କୌଣସି ସୂଚନା ଫଳକ ଲାଗିନାହିଁ। ଏଥିସହ ପୋଲରେ ନିମ୍ନମାନର ରଡ୍, ଚିପ୍‌ସ, ସିମେଣ୍ଟ ଓ ବାଲି ବ୍ୟବହାର କରାଯାଉଥିବା ଯୋଗୁଁ ପୋଲର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାର୍ଯ୍ୟ ସ୍ଥଳରେ ସୂଚନା ଫଳକ ନ ଥିବା ଯୋଗୁଁ ଜନସାଧାରଣ କାର୍ଯ୍ୟ ସମ୍ପର୍କରେ ଅଜ୍ଞ ଅଛନ୍ତି। ପୋଲର ସଂଯୋଗୀକରଣ ରାସ୍ତାରେ ବାଲି ଭର୍ତ୍ତି କରାଯିବା ପରିବର୍ତ୍ତେ ପଙ୍କିଳ ମାଟି ଦ୍ୱାରା ଫିଲିଂ ହେଉଥିବା ଦେଖିବାକୁ ମିଳିଛି। ପୋଲ ନିର୍ମାଣ ଯୋଗୁଁ ଜନସାଧାରଣଙ୍କ ଗମନାଗମନ ନିମନ୍ତେ ନିର୍ମାଣ କରାଯାଇଥିବା ଆପ୍ରୋଚ ରୋଡ୍‌ଟି ସାମାନ୍ୟ ବର୍ଷା ହେଲେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଆଉ କିଛିଦିନ ପରେ ଉକ୍ତ ନାଳ ଦେଇ ବର୍ଷା ଓ ବନ୍ୟା ଜଳ ପ୍ରବାହିତ ହେଲେ ଉକ୍ତ ପୋଲ ଦେଇ ଯାତାୟାତ କରିବା କଷ୍ଟକର ହୋଇପଡ଼ିବ। ତେଣୁ ବିଭାଗୀୟ ଅଧିକାରୀ ତୁରନ୍ତ ନିର୍ମାଣ ହେଉଥିବା ପୋଲ ପ୍ରତି ଦୃଷ୍ଟି ଦେଇ କାମ ଶେଷ କରିବା ପାଇଁ ସାଧାରଣରେ ଦାବି ଜୋର୍ ଧରିଛି।



# ଘରବାଡ଼ିକୁ କିସମ ପରିବର୍ତ୍ତନ ନେଇ ବଢ଼ୁଛି ଚିନ୍ତା

**ଧାମନଗର, ୧୪।୭(ସମିସ):** ଘରବାଡ଼ି କିସମକୁ ପରିବର୍ତ୍ତନ ହୋଇ ଧାମନଗର ତହସିଲ ଅଧୀନରେ ଦିନକୁ ଦିନ କମିବାରେ ଲାଗିଛି ଜଳସେଚିତ ଚାଷଜମି। ଏହାର ପ୍ରମୁଖ କାରଣ ହେଲା କିସମ ବଦଳରେ ଲାଗୁନି ରୋକ୍। ୧୨ ବର୍ଷ ତଳର ତଥ୍ୟ ଅନୁସାରେ ୨୪୩୪୦ ହେକ୍ଟର ଏରିଆକୁ ନେଇ ଧାମନଗର ତହସିଲ। ସେଥିରୁ ଚାଷଜମି ହେଲା ୧୮୫୫୦ ହେକ୍ଟର। ତନ୍ମଧ୍ୟରୁ ୧୩୯୧୬ ହେକ୍ଟର ଖରିଫ ଚାଷଜମି। ୧୫୪ଟି ରାଜସ୍ୱ ଗ୍ରାମ ଓ ୧୧ଟି ଆର୍‌ଆଇ ସର୍କଲକୁ ନେଇ ଗଠିତ ଧାମନଗର ତହସିଲ। ଜନସଂଖ୍ୟା ବୃଦ୍ଧି ହେତୁ ଘରବାଡ଼ି କିସମ ଜମି ବଢ଼ୁଛି ଏବଂ ଯାହାଦ୍ୱାରା ଚାଷଜମି କମୁଛି। ସମୟ ଆସିବ ଲୋକଙ୍କ ଖାଦ୍ୟ ଆବଶ୍ୟକତା ପୂରଣ ନିମନ୍ତେ ଚାଷଜମିର ଅଭାବ ପଡ଼ିବ। ଏଭଳି ଉଦ୍‌ବେଗ ପ୍ରକାଶ କରିଛନ୍ତି କୃଷି ବିଜ୍ଞାନୀ ଓ ପରିବେଶବିତ୍। ଏକ ଆକଳନ ଅନୁସାରେ ପ୍ରାୟ ପ୍ରତିବର୍ଷ ଧାମନଗର ତହସିଲରେ ଥିବା ଚାଷଜମିରୁ ୧୫ ଏକରରୁ ଊର୍ଦ୍ଧ୍ୱ ଘରବାଡ଼ି କିସମ ହେଉଛି। ଧାମନଗର, ଜୟନଗର, ରାଧାବଲ୍ଲଭପୁର, ଧୂଷୁରୀ, ଅସୁରାଳି, ଦୋବଲ ଆଦି ରାଜସ୍ୱ ସର୍କଲରେ ଅଧିକ ଚାଷଜମି କିସମ ବଦଳୁଥିବା ଜଣାଯାଇଛି। କିଛି ଲାଭଖୋର ଜମି ବିକ୍ରେତା ଓ ମାଫିଆ ଜଳସେଚିତ ଚାଷଜମିକୁ ଘରବାଡ଼ି କିସମକୁ ପରିବର୍ତ୍ତନ କରି ତାହାକୁ ଚଢ଼ାଦାମରେ ବିକ୍ରିକରି ମାଲେମାଲ ହେଉଛନ୍ତି। ବଜାର ଓ ରାସ୍ତାପାଖ ଚାଷଜମି ଅଧିକ କିସମ ପରିବର୍ତ୍ତନ ହେଉଛି। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ପ୍ରତି ଚାଷୀଙ୍କୁ ନିଜ ଚାଷଜମିକୁ ଯିବାପାଇଁ ଅବରୋଧ ନ ରହିବା ଆବଶ୍ୟକ। ମାତ୍ର ବହୁକ୍ଷେତ୍ରରେ ରାସ୍ତାକଡ ଜମି ଘରବାଡ଼ି ହେଇଥିବାରୁ ନୟନଯୋରି ଓ ପାଣିନାଳ ବନ୍ଦ ହୋଇ ଚାଷଜମିକୁ ଯିବାପାଇଁ ରାସ୍ତା ଅବରୋଧ ହେତୁ ଚାଷକ୍ଷେତ୍ରରେ ବାଧା ସୃଷ୍ଟି ହେଉଛି। ଏ କ୍ଷେତ୍ରରେ କିସମ ପରିବର୍ତ୍ତନ ସମୟରେ ଅଧିକାରୀମାନେ ବିଶେଷ ଧ୍ୟାନ ଦେବା ଆବଶ୍ୟକ ସେଠୁ ପୁଣି ସରକାରଙ୍କ ମତ୍ସ୍ୟ ବିଭାଗରୁ ପ୍ରୋତ୍ସାହନ ପାଇ ଅବା ମନରେଗା ମାଧ୍ୟମରେ ବହୁ ବ୍ୟକ୍ତି ଚାଷଜମିରେ ମାଛଚାଷ ପାଇଁ ପୋଖରୀ ଖୋଳିଛନ୍ତି। ଯେଉଁଥି ପାଇଁ ମଧ୍ୟ ଚାଷଜମି କମୁଛି ଏ ନେଇ ସାଧାରଣରେ ଘୋର ଅସନ୍ତୋଷ ଦେଖାଦେଉଛି। ଏଥିପ୍ରତି ଭଦ୍ରକ ଜିଲ୍ଲାପାଳ, ରାଜ ବିଭାଗ, ଧାମନଗର ତହସିଲଦାର ଏବଂ ସମ୍ପୃକ୍ତ ଆର୍‌ଆଇମାନେ ସ୍ୱତନ୍ତ୍ର ଦୃଷ୍ଟିଦେବା ଆବଶ୍ୟକ ରହିଛି। ସରକାର ଏଥିପାଇଁ କଡ଼ା ଆଇନଆଣିବା ଦରକାର ନ ହେଲେ ପରପିଢ଼ିଙ୍କ ଖାଦ୍ୟ ଆବଶ୍ୟକତା ଅନୁସାରେ ଚାଷଜମି ନଥିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ନର୍ସିଂହୋମ ନିଶା ଡାକ୍ତରଙ୍କ ଭୁଲ ଇଞ୍ଜେକସନରୁ ଯନ୍ତ୍ରଣା

# ୭ମାସ ହେଲା କୋମାରେ ଛଟପଟ ହେଉଛନ୍ତି ମହିଳା

**ଭଦ୍ରକ, ୧୪।୭(ସମିସ)**

ନିଶା ବା ଆନେସ୍ଥେସିଆ ଡାକ୍ତରଙ୍କ ଭୁଲ୍ ଇଞ୍ଜେକସନ ଯୋଗୁଁ ଜଣେ ମହିଳା ରୋଗୀ ଦୀର୍ଘ ୭ମାସ ହେବ କୋମାରେ ଛଟପଟ ହେଉଛନ୍ତି। ଅନ୍ୟପକ୍ଷରେ ଡାକ୍ତରଙ୍କ ଏଭଳି ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ତାଙ୍କ ପରିବାର ଲୋକେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ରାଜଧାନୀରେ ଏକ ଭଡ଼ା ଘର ନେଇ ତାଙ୍କ ଚିକିତ୍ସା ଚଳାଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଭଳି ଭୁଲ୍ ଚିକିତ୍ସା ନେଇ ତାଙ୍କ ପରିବାର ଲୋକେ ରେଜିଷ୍ଟ୍ରି ଡାକରେ ଜିଲ୍ଲାପାଳ, ଏସ୍‌ପି ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଠାରେ ଅଭିଯୋଗ ପତ୍ର ଦାଖଲ କରିଥିଲେ ବି କିଛି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲା ବାଂଶଡା ଥାନା ଅର୍ନ୍ତଗତ ଜଳେଶ୍ୱରପୁରର ରମାକାନ୍ତ ଭଳ ନିଜ ବଡ ଭଉଣୀକୁ ସୁସ୍ଥ କରିବାକୁ ଯାଇ ଏଭଳି ଦଶା ଭୋଗିଥିବା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଜଳେଶ୍ୱରପୁର ଗାଁର ରମାକାନ୍ତ ଭଳଙ୍କ ବଡ ଭଉଣୀ ସ୍ୱର୍ଣ୍ଣପ୍ରଭା ଭଳ (ଯିଏକି ଜଣେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ବା ଏଲ୍‌ଏଚଭି ପଦବୀରୁ ଅବସର ଗ୍ରହଣ କରିଛନ୍ତି)ଙ୍କ ବେକପାଖ ହାଡ (କଲର ବୋନ୍) ଭାଙ୍ଗି ଯାଇଥିବାରୁ ସେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅର୍ଥୋପେଡ଼ିକ୍ ବିଶେଷଜ୍ଞ ଡାକ୍ତର ବିଶ୍ୱଜିତ ରାୟଙ୍କ ସହ ଦେଖା କରିବା ପରେ ସେ ଅପରେସନ ପାଇଁ ଭଦ୍ରକ ସାଳନ୍ଦୀ ବାଇପାସ୍ ରୋଡ ଗ୍ରାମାଞ୍ଚଳ ଥାନା ନିକଟରେ ଥିବା ଲାଇଫ ହେଲଥ କେୟାର ନର୍ସିଂହୋମକୁ ନେବାକୁ କହିଥିଲେ। ପରେ ସମ୍ପୃକ୍ତ ଡାକ୍ତର ଜଣକ ଗତ ୨୦୨୩ ଡିସେମ୍ବର୧ ତାରିଖ ରାତି ୮ଟାରେ ଉକ୍ତ ରୋଗୀଙ୍କ ଅପରେସନ କରିବାକୁ ନିଜ ମଠସାହି ସ୍ଥିତ କ୍ଲିନିକ୍‌ରୁ ରୋଗୀଙ୍କୁ ନେଇ ଯାଇଥିଲେ। ତେବେ ଅପରେସନ କରିବାକୁ ଓଟିକୁ ନେବାର ଦୀର୍ଘ ୩ ଘଣ୍ଟା ପରେ ମଧ୍ୟ ରୋଗୀଙ୍କ ସମ୍ପର୍କରେ କୌଣସି ସୂଚନା ନପାଇ ରମାକାନ୍ତ ଓ ତାଙ୍କ ପରିବାର ଲୋକେ ବ୍ୟସ୍ତ ବିବ୍ରତ ହୋଇ ଡାକ୍ତରଙ୍କୁ ପଚାରିଥିଲେ। ପରେ ସମ୍ପୃକ୍ତ ରୋଗୀର ଚେତା ଫେରୁନାହିଁ ବୋଲି ଜାଣିବାକୁ ପାଇ ରମାକାନ୍ତ କାହିଁକି ତାଙ୍କ ଭଉଣୀର ଚେତା ଫେରୁ ନାହିଁ ବୋଲି ସମ୍ପୃକ୍ତ ଡାକ୍ତରଙ୍କୁ ପଚାରିଥିଲେ। ମାତ୍ର ଡାକ୍ତର ଜଣକ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରି ନଥିଲେ। ରୋଗୀର ଚେତା ନ ଫେରିବାରୁ ସେହିଦିନ ମଧ୍ୟ ରାତ୍ରିରେ ରମାକାନ୍ତ ଭଦ୍ରକ ଏସ୍‌ପିଙ୍କୁ ଫୋନ କରି ତାଙ୍କ ସହାୟତାରେ ଏକ ଆମ୍ବୁଲାନ୍ସ ଯୋଗେ ସେ ନିଜର ଭଉଣୀକୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ସ୍ୱର୍ଣ୍ଣପ୍ରଭା ଦୀର୍ଘ ଦୀର୍ଘ ୨ମାସରୁ ଅଧିକ ହେବ କଟକ ବଡ ମେଡିକାଲ ଆଇସିୟୁରେ ଦାଖଲ ହୋଇ ଚିକିତ୍ସିତ ହେଉଥିଲେ। ସେ ଏବେ ବି କୋମାରେ ଅଛନ୍ତି ଓ ନାଜାଲ୍ ଫିଡିଂ ଚାଲିଛି। ଚିକିତ୍ସକଙ୍କ କହିବାନୁଯାୟୀ ଭଦ୍ରକ ନର୍ସିଂହୋମର ନିଶା ଡାକ୍ତର ଜଣକ ଠିକ ପରିମାଣ ଠାରୁ ଅଧିକ ପରିମାଣରେରେ ନିଶା ଇଞ୍ଜେକସନ ସମ୍ପୃକ୍ତ ରୋଗୀଙ୍କୁ ଦେଇଥିବାରୁ ସେ ଏଭଳି ଦଶା ଭୋଗୁଛନ୍ତି। ଏଣୁ ସମ୍ପୃକ୍ତ ନିଶା ଡାକ୍ତର ଏବଂ ଅପରେସନ କରିବାକୁ ପ୍ରବର୍ତ୍ତାଇଥିବା ଡାକ୍ତରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରମାକାନ୍ତ ଭଳ ଭଦ୍ରକ ଜିଲ୍ଲାପାଳ, ଭଦ୍ରକ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଡାକ ଯୋଗେ ପତ୍ର ଦେଇଛନ୍ତି। ଅନ୍ୟପକ୍ଷରେ ଏବେ ରମାକାନ୍ତଙ୍କ ଭୁବନେଶ୍ୱର ପଟିଆରେ ଏକ ଭଡାଘରେ କୋମାରେ ରହି ଚିକିତ୍ସିତ ହେଉଛନ୍ତି। ସାମାନ୍ୟ କଲର ବୋନ୍ ଫ୍ୟାକଚରକୁ ଅପରେସନ ନକଲେ ସମ୍ପୂର୍ଣ୍ଣ ସୁସ୍ଥ ହେବନି ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ସରକାରୀ ଡାକ୍ତର ନର୍ସିଂହୋମକୁ ରୋଗୀକୁ ନେବା ଯେତିକି ରହସ୍ୟମୟ, ତାହା ଠାରୁ ଅଧିକ ରହସ୍ୟ ହେଉଛି, ସମ୍ପୃକ୍ତ ରୋଗୀଙ୍କ ଅପରେସନ୍ ପୂର୍ବରୁ ଆସିଥିବା ରକ୍ତ ନମୁନା ପରୀକ୍ଷା ରିପୋର୍ଟ। ସେହିଭଳି ନିଶା ଦେଇଥିବା ନିଶା ଡାକ୍ତରଙ୍କ ଭୂମିକା ସବୁଠାରୁ ଅଧିକ ସନ୍ଦେହଜନକ ବୋଲି ରୋଗୀଙ୍କ ପରିବାର ଅଭିଯୋଗ କରିଛନ୍ତି। ୨୨ହଜାର ଟଙ୍କା ଦର ଛିଡାଇ ଏହି ଅପରେସନ ପାଇଁ ରମାକାନ୍ତଙ୍କ ଠାରୁ ଅଧା ଅର୍ଥ ନିଆଯାଇଥିଲା। ତେବେ ଦୀର୍ଘ ୭ମାସ ହେବ ତାଙ୍କ ଭଉଣୀ କୋମାରେ ଛଟପଟ ହେଉଥିବାରୁ ଘରେ ଚୁଲି ଜଳୁନି କି ଆଖିରୁ ଲୁହ ଶୁଖୁନି ବୋଲି କୋହଭରା କଣ୍ଠରେ ରମାକାନ୍ତ କହିଛନ୍ତି। ଭଦ୍ରକରେ ଏଭଳି ନର୍ସିଂହୋମ ଗୁଡିକ ଉପରେ ନିୟମିତ ଚଢାଉ କରିବା ସହ ଏଭଳି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ରମାକାନ୍ତ ଦାବି କରିଛନ୍ତି।



## ■ ସମସ୍ୟାଘେରରେ ଅଡ଼ାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ବିନା ଫାର୍ମାସିଷ୍ଟ ଓ ଡାକ୍ତରରେ ରୋଗୀ ସେବା

**ବନ୍ତ/ଆଗରପଡ଼ା, ୧୪।୭(ସମିସ):** ବନ୍ତ ବ୍ଲକ ଅଡ଼ାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂତନ) ଠାରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ପ୍ରତିଷ୍ଠାକୁ ୧୩ ବର୍ଷ ପୂରିବା ପରେ ମଧ୍ୟ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ନାନାଦି ସମସ୍ୟା ମଧ୍ୟ ଦେଇ ଗତି କରୁଥିଲେ ସୁଦ୍ଧା ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଠାରୁ ଆରମ୍ଭ କରି ରାଜନେତା ମାନଙ୍କ କାହାର ମଧ୍ୟ ଆନ୍ତରୀକତା ଥିବାପରି ମନେ ହେଉନାହିଁ। ୧୯୯୩ ମସିହାରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ପ୍ରତିଷ୍ଠା ହୋଇପାରି ଥିଲା। ତାପର ଠାରୁ ଏହାର ଭିତ୍ତି ଭୂମିରେ କୌଣସି ଉନ୍ନତି ପରିଲକ୍ଷିତ ହୋଇପାରି ନଥିଲା। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ କେନ୍ଦ୍ରୀୟ ଟିମ ଗସ୍ତ ପୂର୍ବରୁ ଏହାର କଳେବର ରଙ୍ଗିନ ହୋଇପାରିଥିଲା। ମାତ୍ର ଡାକ୍ତର ନଥିବାରୁ ରୋଗୀମାନେ ନାନା ହିନସ୍ତା ହେଉଥିଲେ। ଭାରପ୍ରାପ୍ତ ଡାକ୍ତର ପଦବୀ ଦୀର୍ଘ ବର୍ଷ ଧରି ଏଠାରେ ଖାଲି ପଡ଼ିଥିବା ବେଳେ ଦୀର୍ଘବର୍ଷ ଧରି ଜଣେ ମାତ୍ର ଆୟୁଷ ଡାକ୍ତର ରୋଗୀ ସେବା କରି ଆସୁଥିଲେ। ଦୈନିକ 'ସକାଳ'ରେ ବାରମ୍ବାର ଖବର ପ୍ରକାଶିତ ହେବାପରେ ଗତ ୨ମାସ ତଳେ ଏଠାରେ ଜଣେ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରାୟ ୨ବର୍ଷ ହେବ ଫାର୍ମାସିଷ୍ଟ ପଦବୀ ମଧ୍ୟ ଖାଲି ପଡ଼ିଥିବା ବେଳେ ପରବର୍ତ୍ତୀ ସମୟରେ ଫାର୍ମାସିଷ୍ଟ ନିଯୁକ୍ତି ପାଇଥିଲେ ସୁଦ୍ଧା ଗତ ୮ ମାସ ହେବ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଡେ଼ପୁଟେସନରେ ପଠାଯାଇଥିବାର ଜଣାପଡ଼ିଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅନ୍ତର୍ଗତ ଆଡ଼ିଆ ଓ ରାମଚନ୍ଦ୍ରପୁର ପଞ୍ଚାୟତ ସମେତ କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ ସଢ଼ା ପଞ୍ଚାୟତ ଅନ୍ତର୍ଗତ ନାହା, ମୌଦା, ମିଠିଗାଁ, ବେରୁଣପଦୀ ଆଦି ବିଭିନ୍ନ ଗ୍ରାମର ଶତାଧିକ ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଏଥି ସହିତ ଆଗରପଡ଼ା-ବନ୍ତ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଥିବାରୁ ପ୍ରତିଦିନ ଯାଉଥିବା ଶତାଧିକ ଲୋକ ବିଭିନ୍ନ ଦୁର୍ଘଟଣା ଜନିତ ଚିକିତ୍ସା ମଧ୍ୟ ଏଠାରେ ହୋଇଥାନ୍ତି। ମାତ୍ର ସେପରି ସ୍ଥଳରେ ଏହି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଫାର୍ମାସିଷ୍ଟଙ୍କ ପରି ଅତ୍ୟାବଶ୍ୟକ କର୍ମଚାରୀ ପଦବୀ ଦୀର୍ଘ ବର୍ଷ ଧରି ଖାଲି ପଡ଼ିବାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଭାବ ସୃଷ୍ଟି ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ଏହି ସବୁ ସମସ୍ୟାକୁ ଶୀଘ୍ର ସମାଧାନ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।



## ୮ବର୍ଷ ପରେ ବି ଅନିଶ୍ଚିତତାରେ ପ୍ରକଳ୍ପ

# ଆବଶ୍ୟକ ୩୫ଲକ୍ଷ; ମଞ୍ଜୁର ହୋଇଛି ୨୦ଲକ୍ଷ

**ବନ୍ତ/ଆଗରପଡ଼ା, ୧୪।୭(ସମିସ):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ନିର୍ମାଣାଧୀନ କଲ୍ୟାଣମଣ୍ଡପ ଅଧାରେ ପଡ଼ିରହିଛି।

ସୂଚନା ଅନୁଯାୟୀ; ସରକାରଙ୍କ ଯୋଜନା ମୁତାବକ ପ୍ରତି କଲ୍ୟାଣମଣ୍ଡପ ନିର୍ମାଣରେ ପାଖାପାଖି ୩୫ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ସମପରିମାଣର ଅର୍ଥ ମଞ୍ଜୁର ହୋଇପାରୁନଥିବାରୁ ଉକ୍ତ ମଣ୍ଡପ ଗୁଡ଼ିକ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ପୁରୁଷଣ୍ଡ ପଞ୍ଚାୟତରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପରବର୍ତ୍ତି ସମୟରେ ବିଭିନ୍ନ ଯୋଜନାରେ ଆଉ ୧୦ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିଲା ଏହାର ନିର୍ମାଣରେ କିନ୍ତୁ ଇତି ମଧ୍ୟରେ ଉକ୍ତ ପ୍ରକଳ୍ପକୁ ୬ବର୍ଷ ପୂରିଯାଇଥିଲେ ସୁଦ୍ଧା ପ୍ରକଳ୍ପଟି ଅଧପନ୍ତରିଆ ଅବସ୍ଥାରେ ରହିଛି। ଏହା ସମ୍ପୂର୍ଣ୍ଣ ହେବାକୁ ଆହୁରି ୧୫ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ଉକ୍ତ ପଞ୍ଚାୟତର ତୋଟାସାହି ଠାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଇତି ମଧ୍ୟରେ ଉକ୍ତ ପ୍ରକଳ୍ପ ନିର୍ମାଣକୁ ୪ବର୍ଷର୍ ପୂରିସାରିଥିଲେ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ନିର୍ମାଣକୁ ୩ବର୍ଷ ପୂରିଯିବା ପରେ ମଧ୍ୟ ପ୍ରକଳ୍ପଟି ଗ୍ରେଡ଼ ବିମରେ ଅଟକିରହିଥିଲା। ତୋଟାସାହି ଉକ୍ତ ଅଞ୍ଚଳର ଏକ ପବିତ୍ର ସ୍ଥାନ ହୋଇଥିବା ବେଳେ ଜିଲ୍ଲାରେ ସାବିତ୍ରୀ ଆଡ଼ି ନାମରେ ପରିଚିତ ଥିବାରୁ ଏଠାରେ କଲ୍ୟାଣ ମଣ୍ଡପ ନିର୍ମାଣର ଗୁରୁତ୍ୱଥିବା ସ୍ଥଳେ ଏହା ଅଧପନ୍ତରିଆ ଅବସ୍ଥାରେ ରହିଥିବା ନେଇ ବାରମ୍ବାର ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟରେ ତତ୍ପରତା ପ୍ରକାଶ ପାଇଥିଲା। କିନ୍ତୁ ଅର୍ଥାଭାବରୁ ଏହା ମଧ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସେହିପରି ୨୦୧୬-୧୭ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ କାଦବରାଙ୍ଗ ପଞ୍ଚାୟତରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପରବର୍ତ୍ତି ସମୟରେ ବିଭିନ୍ନ ଯୋଜନାରେ ଅର୍ଥ ବିନିଯୋଗ କରି ଏହାର ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରାଯାଇଥିଲେ ସୁଦ୍ଧା ମଣ୍ଡପଟିର ଫିନିସିଂ କାର୍ଯ୍ୟ ବାକି ଅଛି। ଯାହା ପାଇଁ ପାଖାପାଖି ୫ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ତେଣୁ ଇତି ମଧ୍ୟରେ ଉକ୍ତ ପ୍ରକଳ୍ପକୁ ୮ବର୍ଷ ପୂରିଯିବା ସହ ୨ଜଣ ସରପଞ୍ଚଙ୍କ କାର୍ଯ୍ୟକାଳ ସରିସାରିଥିଲେ ସୁଦ୍ଧା ପ୍ରକଳ୍ପଟି ସମ୍ପୂର୍ଣ୍ଣ ହୋଇପାରିନାହିଁ କି ଜନକଲ୍ୟାଣରେ ଲାଗି ପାରିନାହିଁ। ତେଣୁ ଅର୍ଥାଭାବରୁ ଏବଂ ସରକାରଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହିପରି ସମସ୍ୟା ଉପୁଜିଥିବା ପରିଲକ୍ଷିତ ହୋଇଛି। ବିଭିନ୍ନ ପଞ୍ଚାୟତରେ ନିର୍ମିତ ଅଧପନ୍ତରିଆ କଲ୍ୟାଣ ମଣ୍ଡପ କେବେ ଜନକଲ୍ୟାଣରେ ଲାଗିବ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ସମସ୍ୟାକୁ ନେଇ ବିଭିନ୍ନ ପଞ୍ଚାୟତର କନିଷ୍ଠଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଆବଶ୍ୟକଥିବା ଅର୍ଥ ପାଇଁ ସୁପାରିସ କରାଯାଇଛି। ଅର୍ଥ ମଞ୍ଜୁର ହେଲେ ଏହାର ନିର୍ମାଣକାର୍ଯ୍ୟରେ ତ୍ୱରାନ୍ୱିତ ଆସିବ ବୋଲି ପ୍ରକାଶ କରିଥିଲେ। ତେଣୁ ଉକ୍ତ ପ୍ରକଳ୍ପର ନିର୍ମାଣ ଶୀଘ୍ର ସମ୍ପୂର୍ଣ୍ଣ କିପରି ହେବ ଏଥିପ୍ରତି ନୂତନ ସରକାର ଦୃଷ୍ଟି ଦେବାକୁ ପଞ୍ଚାୟତବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



# ବ୍ରାଉନସୁଗର କବଳରେ ଯୁବ ଗୋଷ୍ଠୀ: ଗାଁ ମୁଣ୍ଡ ଛକ ପାଲଟିଛି ପେଣ୍ଠସ୍ଥଳୀ

**ଅସୁରାଳି, ୧୪।୭(ସମିସ):** ଧାମନଗର ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଏବେ ଚୋରା ନିଶା କାରବାର ବେଧଡ଼କ ଓ ବେପରୱା ଭାବେ ଚାଲିଛି। ଚୋରା ମଦ ସହିତ ଗଞ୍ଜେଇ, ଚରସ୍, ବ୍ରାଉନସୁଗର ବ୍ୟାପକ ଭାବେ ଗ୍ରାମାଞ୍ଚଳମାନଙ୍କରେ ସହଜରେ ଉପଲବ୍ଧ ହେଉଛି। ଯାହାର ସହଜ ଶିକାର ହେଉଛନ୍ତି ବେକାର ଯୁବକ, ଛାତ୍ର ଗୋଷ୍ଠୀ। ଆନନ୍ଦ ବଜାର, ସରପୁର, ମଙ୍ଗଳପୁର, ସହିଦନଗର, ଉଚ୍ଚପଦା ଛକ, ବରୁଣାଇ ମନ୍ଦିର, ଅସୁରାଳି, କୋରୁଆ, ଗୋବିନ୍ଦ ପୁର, ବେତାଳି ଗାଁ, ଅଣ୍ଡରାଇ, ବୋଡ଼କ ନାଦବାଜର କୋଠାର କଲ୍ୟାଣୀ ନଦୀଗାଁ ଧୂଷୁରୀ ଇତ୍ୟାଦି ବହୁ ସ୍ଥାନରେ ଏହି କାରବାର ଚାଲିଛି। ଏମିତିକି ସମଗ୍ର ଧାମନଗର ବ୍ଲକ ଏହି ଚୋରା ନିଶା କାରବାର କବଳରେ ପଡ଼ିଥିବା ଜଣାପଡ଼ିଛି। ପୁଲିସ ପ୍ରଶାସନର ପାରିବା ପଣିଆ ଉପରେ ଏହି ପ୍ରସଙ୍ଗ ଏବେ ଏକ ବିରାଟ ପ୍ରଶ୍ନ ସୃଷ୍ଟି କରିଛି। ଏହି ଧଳା ଜହର ଓ ଚୋରା ମଦ, ଗଞ୍ଜେଇ ଏତେ ମାତ୍ରାରେ କେଉଁଠୁ କେମିତି ଏ ଅଞ୍ଚଳକୁ ଆସୁଛି ସେ ସମ୍ପର୍କରେ ଜାଣିବା ଓ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରିବାରେ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ମଝିରେ ମଝିରେ ଜଣେ ଦୁଇଜଣ ସାଧାରଣ ଚୋରା ମଦ ବେପାରୀଙ୍କୁ ଥାନାକୁ ଧରି ନେଇ ପୁଣି ଜାମିନରେ ଛାଡ଼ି ଦେଇ ପୁଲିସ ବା ଅବକାରୀ ବିଭାଗ ଚୁପ ବସୁଛି। ଏବେ ମୁଖ୍ୟ ରାସ୍ତା, ବଜାର ଅଞ୍ଚଳ ଛାଡ଼ି ଏହି କାରବାର ଗାଁ ମୁଖା ହୋଇଛି। ସଞ୍ଜ ନଇଁବା ମାତ୍ରେ ଏହି ମୁଷ୍ଟିମେୟ ଅସାମାଜିକ ନିଶା। ଗାଁ ମୁଣ୍ଡ ଛକ, କଲଭର୍ଟ ପାଲ ଓ ଅନ୍ଧାରୁଆ ସ୍ଥାନରେ ନିଜର ବେପାର ଆରମ୍ଭ କରି ଦେଉଛନ୍ତି। ସହଜରେ ସେମାନେ ବେକାର ଯୁବ ଛାତ୍ର ଗୋଷ୍ଠୀଙ୍କୁ କବଳିତ କରି ନିଜର ଫାଇଦା ହାସଲ କରୁଛନ୍ତି। ଧୀରେ ଧୀରେ ଏହି ଯୁବକମାନେ ଆର୍ଥିକ ସଙ୍କଟରେ ପଡ଼ି ବହୁ ଅସାମାଜିକ କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି। ଏହି ଗୋଷ୍ଠୀ ଚୋରି ଡକାୟତି କରିବା ସହିତ ବହୁ ଆପରି ଜନକ କାର୍ଯ୍ୟ କଳାପରେ ଲିପ୍ତ ହୋଇ ସାଧାରଣ ଲୋକଙ୍କୁ ଭୟଭୀତ କରୁଛନ୍ତି। ସଞ୍ଜ ନଇଁଲେ ରାସ୍ତାରେ ଯାଉଥିବା ମହିଳାମାନଙ୍କ ପ୍ରତି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଯାହାକି ଅତ୍ୟନ୍ତ ଭୟ ସୃଷ୍ଟି କରୁଛି। ଏଥିରେ ବହୁ ଏଜେଣ୍ଟ ମଧ୍ୟ ସାମିଲ ଅଛନ୍ତି। ଆଗକୁ ଧାମନଗରରେ ଉପ ନିର୍ବାଚନ ଥିବା ବେଳେ ଏହି ବ୍ୟାପକ ବେଧଡ଼କ ନିଶା କାରବାର ଅନେକ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଛି। ପୁଲିସ ପାଟ୍ରୋଲିଂରେ ଅବହେଳା ଓ ଅବକାରୀ ବିଭାଗର ନିଷ୍କ୍ରିୟତା ପାଇଁ ଏହା କାରବାର ବଢ଼ି ବଢ଼ି ଚାଲିଛି।

# ବାହୁଡ଼ାରେ ପୁରୀରେ ପ୍ରସାଦ ବଣ୍ଟନ ବ୍ୟବସ୍ଥା

**ଭଣ୍ଡାରିପୋଖରୀ, ୧୪।୪(ସମିସ):** ମଞ୍ଜୁରୀରୋଡ଼ସ୍ଥିତ 'ଜୟ ଜଗନ୍ନାଥ ସେବା ସମିତି' ଆନୁକୂଲ୍ୟରେ ଆଗାମୀ ବାହୁଡ଼ା ଯାତ୍ରା ସମୟରେ ପୁରୀସ୍ଥିତ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଶ୍ରଦ୍ଧାଳୁମାନଙ୍କ ପାଇଁ ମାଗଣାରେ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଆସନ୍ତା ୧୫ ଓ ୧୭ତାରିଖ ୨ଦିନ ଧରି ଏହି ବ୍ୟବସ୍ଥା କରାଯାଇଛି। ୧୭ ତାରିଖରେ ସୁନା ବେଶ ପଡୁଥିବାରୁ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯିବ।

# ସମୟର ତାଳେ ତାଳେ ଅଲୋଡ଼ା ଯୋଡ଼ି-ମହୁରୀ

**ବନ୍ତ/ଆଗରପଡ଼ା, ୧୪।୭(ସମିସ)**

ଆଧୁନିକ ଦୁନିଆର ଆଧୁନିକ ପରମ୍ପରାକୁ ଆପଣେଇବା ଇଚ୍ଛାରେ ମନୁଷ୍ୟ କ୍ରମଶଃ ଭୁଲିବାକୁ ବସିଲାଣି ପୁରାତନ ପରମ୍ପରାକୁ। ଏହି ଭିତରେ ବହୁ ସମ୍ପ୍ରଦାୟ ପାସୋରିବାକୁ ବସିଲେଣି ନିଜ କୌଳିକ ବୃତ୍ତିକୁ। ପୁରାତନ ଦୁନିଆରେ ପବିତ୍ର ତଥା ମଙ୍ଗଳ ବାଦ୍ୟ ଭାବେ ଓଡ଼ିଆ ଘରେ ପରିଚିତ ତଥା ବାହାଘର, ବ୍ରତ ଘର, ବିଭିନ୍ନ ଯାନିଯାତ୍ରା ଓ ପର୍ବପର୍ବାଣୀରେ 'ଯୋଡ଼ି-ମହୁରୀ' ଆଦିର ବହୁଳ ଭାବରେ ଆବଶ୍ୟକତା ରହୁଥିଲା। ବିନା ଯୋଡ଼ି-ମହୁରୀ, ନାଗରା, ଢୋଲ ଆଦିରେ ଉପରୋକ୍ତ କାର୍ଯ୍ୟ ସମ୍ପାଦନ କରିବା ସମ୍ଭବ ପର ହୋଉପାରୁନଥିଲା। କିନ୍ତୁ ଆଜିର ଦୁନିଆରେ ଆଧୁନିକ ପରମ୍ପରାରେ ଏହି ସବୁ ଅଲୋଡ଼ା ପ୍ରାୟ ହେବାକୁ ବସିଲାଣି। ଏହି ସବୁ କାର୍ଯ୍ୟକୁ ସମ୍ପାଦନା କରୁଥିବା ସମ୍ପ୍ରଦାୟ ଆଜି ଅବହେଳିତ। ସେମାନଙ୍କ କୌଳିକ ବୃତ୍ତିକୁ ପ୍ରୋତ୍ସାହନ ଦେବା ଓ ତାର ଆଦର ବଢ଼ାଇବା ପାଇଁ କେହିବି ଆଗ୍ରହ ପ୍ରକାଶ କରିବା କିମ୍ବା ସହଯୋଗର ହାତ ବଢ଼ାଉ ନ ଥିବାରୁ ସେମାନେ ସେମାନଙ୍କର କୁଳବେଉସାରୁ ନିଜକୁ ନିବୃତ୍ତ କରି ଅନ୍ୟ ପନ୍ଥା ଅବଲମ୍ବନ କରିବା ପାଇଁ ବାଧ୍ୟ ହେଉଛନ୍ତି।

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ତଥା ଆଗରପଡ଼ା ଓ ତାର ଆଖପାଖ ଅଞ୍ଚଳରେ ଯଥା-ମାଳତୀରା, ପୁରୁଷଣ୍ଡ, କୁଆପଦା, ଓଲଙ୍ଗ, କାଉପୁର, ଜଳଙ୍ଗା ଏପରି ଗ୍ରାମ ଯେଉଁ ଗ୍ରାମରେ ବହୁ ବର୍ଷରୁ ଏହି ବୃତ୍ତିକୁ ପଥେୟ କରି ପରିବାର ପ୍ରତି ପୋଷଣ କରୁଥିବା ସମ୍ପ୍ରଦାୟ ବସ ବାସ କରିଆସୁଛନ୍ତି। ବନ୍ତ ବ୍ଲକ ପଧାନପଡ଼ା ପଞ୍ଚାୟତ ମାଳତୀରା ଗ୍ରାମର କିଛି ପରିବାରକୁ ଯୋଗାଯୋଗ କଲେ ଜଣାଯାଏ ଯେ ଭାସ୍କର ସାମଲ ଏପରି ଜଣେ ବ୍ୟକ୍ତି ଯାହାଙ୍କର ଯୋଡ଼ି ମହୁରୀ ସ୍ୱର ଆକାଶବାଣୀ ଓ ଦୂରଦର୍ଶନ ରେ ପ୍ରସାରିତ ହୋଇ ବହୁ ଓଡ଼ିଆଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲା। ସେହିପରି ଯୋଡ଼ି ନାଗରା ବାଦକ ଲକ୍ଷ୍ମିଧର ଜେନା ଏହି ପରମ୍ପରା ପ୍ରୀତିରେ ପାଗଳ ହୋଇ ପରିବର୍ତ୍ତନ ଶୀଳ ପରିସ୍ଥିତିରେ ଏହାକୁ ଛାଡ଼ି ପାରିନଥିଲେ। ସେହିପରି ଗୋପିନାଥ ଜେନା ଏକ ଢୋଲିଆ ଦଳ ଗଠନ କରି ସେଥିଲେ ମୁଖିଆ ହେବା ସହ ଅନ୍ୟ ଆଗ୍ରହୀ ବ୍ୟକ୍ତି ବିଶେଷମାନଙ୍କୁ ତାଲିମ ଦେଇ ନିଜ ଦଳରେ ସାମିଲ କରିପାରିଛନ୍ତି। କୁଆପଦା ଗ୍ରାମର ଗୋପାଳ ମଣ୍ଡଳଙ୍କ କହିବା ଅନୁଯାୟୀ ସେମାନେ ପାଞ୍ଚ ଭାଇ, ତନ୍ମଧ୍ୟରୁ ତିନି ଜଣ ଭାଇ ମହୁରୀଆ। ପନ୍ଦର ବର୍ଷ ଦିନରୁ ସେ ନିଜକୁ ଏହି କାର୍ଯ୍ୟରେ ନିୟୋଜିତ କରିଆସୁଛନ୍ତି। ଯୋଡ଼ି ମହୁରୀ ମାଧ୍ୟମରେ ରାଜ୍ୟର ବହୁ ସ୍ଥାନକୁ ଯାଇ ପ୍ରଶଂସିତ ହେବା ସହ ମାନ ପତ୍ର ମଧ୍ୟ ପାଇଛନ୍ତି। ବିଭିନ୍ନ ଯାତ୍ରା ଦଳରେ ମଧ୍ୟ କାର୍ଯ୍ୟ କରିଛନ୍ତି। କିନ୍ତୁ ସମୟ ଚକ୍ରରେ ହଜିବାକୁ ବସିଲାଣି ଯୋଡ଼ି ମହୁରୀ। ପୂର୍ବେ କୌଣସି ଶୁଭ କର୍ମ ହେଉ ବା ପୂଜା ପର୍ବ ହେଉ ସମସ୍ତ କର୍ମର ଶୁଭାରମ୍ଭ ଏହି ବାଦ୍ୟ ମାଧ୍ୟମରେ କରାଯାଉଥିଲା। ବିବାହ, ବ୍ରତଘର ଆଦିରେ ମଧ୍ୟ ଢୋଲ, ନାଗରା, ଯୋଡ଼ି ମହୁରୀ ଆଦିର ବ୍ୟବହାର କରାଯାଉଥିଲା। ଯାହାର ଶବ୍ଦରେ କୌଣସି ପ୍ରଦୂଷଣ କିମ୍ବା ଅଶ୍ଳୀଳତା ନଥିଲା କିନ୍ତୁ ଆଧୁନିକ ଯୁଗରେ ଡ଼ିଜେ ମ୍ୟୁଜିକ୍ ସିସ୍‌ଟମ୍, ରେକର୍ଡ଼ ଡ୍ୟାନ୍ସ ଓ ମେଲୋଡ଼ି ଦ୍ୱାରା ପରିବେଷ୍ଟିତ ହେଉଥିବା ବିଭିନ୍ନ ପ୍ରକାର ସଙ୍ଗୀତର ତାଳେତାଳେ ନିଜକୁ ହଜାଇବାକୁ ବସିଲେଣି ଯୁବପୀଢି ଓ ଏହା ମଧ୍ୟରେ ଭୁଲିବାକୁ ବସିଲେଣି ପୁରାତନ ପରମ୍ପରାକୁ ଯଦ୍ୱାରା ଭିନ୍ନ ଏକ କୌଳିକ ବୃତ୍ତି ତାର ପ୍ରାଧାନ୍ୟକୁ ହରାଇବାକୁ ବସିଛି। ଆଧୁନିକ ଯୁଗରେ ଆଧୁନିକ ବାଦ୍ୟ ଯନ୍ତ୍ରର ବ୍ୟବହାର ଦ୍ୱାରା ଏହି କୌଳିକ ବୃତ୍ତିକୁ ଆପଣେଇଥିବା ସମ୍ପ୍ରଦାୟ ଆର୍ଥିକ ପରିସ୍ଥିତିର ସମ୍ମୁଖୀନ ହେବାସହ ଆଧୁନିକ ଯୁଗରେ ଏହି ବୃତ୍ତିକୁ ଆପଣେଇ ରୋଜଗାର କରୁଥିବା ଅର୍ଥ ମାଧ୍ୟମରେ ନିଜ ପରିବାର ପ୍ରତିପୋଷଣ କରିବାରେ ବହୁ କଷ୍ଟ ଅନୁଭବ କରୁଥିବାର ପରିପ୍ରକାଶ କରନ୍ତି। ସେମାନଙ୍କର ଏହି ବୃତ୍ତିକୁ କେହିବି ପ୍ରୋତ୍ସାହିତ କରୁନଥିବାରୁ ସେମାନେ ଏହାକୁ ଭୂଲିବା ସହ ପରିବାର ପ୍ରତିପୋଷଣ ଓ ଉନ୍ନତମାନର ଜୀବନ ଯାପନ କରିବା ପାଇଁ ଅନ୍ୟ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେଉଛନ୍ତି। ତେଣୁ ସରକାରୀ ସ୍ତରରେ ଏହି ବୃତ୍ତି ଧାରୀଙ୍କୁ ଥଇଥାନ ଦିଗରେ ସଠିକ୍ ପ୍ରୋତ୍ସାହନ ଦେବା ସହ ଅଲୋଡ଼ା ହୋଇଯାଉଥିବା ଏହି ପରମ୍ପରାକୁ ଉଜ୍ଜିବିତ ରଖିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରାଯିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



# ଘୋଷଯାତ୍ରା ନୃତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ




**ଧାମନଗର, ୧୪।୭(ସମିସ):** ଧାମନଗର ବ୍ଲକ ନଦୀଗାଁ ଠାରେ ପବିତ୍ର ଘୋଷଯାତ୍ରା ଉପଲକ୍ଷେ ଶ୍ରୀଗୁଣ୍ଡିଚା ଯୁବ ସେବା ସଂସଦ ଗୁଣ୍ଡିଚାସାହି ନଦୀଗାଁ ପକ୍ଷରୁ ଚାରି ଦିନ ଧରି ଅନୁଷ୍ଠିତ ନୃତ୍ୟ ପରିବେଷଣ କାର୍ଯକ୍ରମ ଉଦ୍‌ଯାପିତ ହୋଇଯାଇଛି। ନବଜୀବନ ଫାଉଣ୍ଡେସନ ମୁଖ୍ୟ ତଥା ସାମାଜିକ କର୍ମୀ ମାନସ ରଞ୍ଜନ ସାହୁଙ୍କ ସଂଯୋଜନାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରୁ ୨୦ଜଣ ନୃତ୍ୟ ଶିଳ୍ପୀ ଦେବସ୍ମିତା ସାହୁ, ଲିଜାରାଣୀ ମଲିକ, ମଧୁସ୍ମିତା ସାମଲ, ରାଜନନ୍ଦିନୀ ସାହୁ, ଅଞ୍ଜନା ସାହୁ, ସଞ୍ଜନା ଦାସ, ଲିଟୁ ଦାସ, ଭାଗ୍ୟଲକ୍ଷ୍ମୀ ସାହୁ, ତପସ୍ୱିନୀ ସାହୁ, ଲକ୍ଷ୍ମୀପ୍ରିୟା ସାହୁ ଆଦି ମନମୁଗ୍ଧକର ନୃତ୍ୟ ପରିବେଷଣ କରିଥିଲେ। ସଂସଦର ମାର୍ଗଦର୍ଶକ ରବିନାରାୟଣ ସାହୁ, ଚୈତନ୍ୟ ସାହୁ, ସଦାନନ୍ଦ ସାହୁ, ବିଜୟ ସାହୁ, ମନୋଜ ସାହୁ, ହରିହର ସାହୁ, ଶିକ୍ଷକ ଲକ୍ଷ୍ମଣ ସାହୁ, କଳା ଶିକ୍ଷକ ଜିତନ ପଣ୍ଡା, କଣ୍ଠଶିଳ୍ପୀ ଦୁର୍ଯ୍ୟୋଧନ ଦାସ, ସଂଗଠକ ସଞ୍ଜୀବ ରଣା, ଅଭିନନ୍ଦନ ସାହୁ, ପ୍ରକାଶ ସାହୁ, ଗୋପଳ ଯେନା, ଅଶୋକ ସାହୁ, ସାମାଜିକ କର୍ମୀ ଚିରଞ୍ଜିବ ନାୟକ, କୃଷ୍ଣଚନ୍ଦ୍ର ଯେନା, ସୁବାସ ସାହୁ, ପ୍ରଭାକର ସାହୁ ଆଦି ଅତିଥି ଭାବେ କୁନି ପ୍ରତିଭା ମାନଙ୍କୁ ପ୍ରମାଣପତ୍ର ସହ ଜଗନ୍ନାଥ ଫୋଟୋ ଚିତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ ସାହୁ, ସୁଜଳ ସାହୁ, ସୌମ୍ୟରଞ୍ଜନ ସାହୁ, ସତ୍ୟ ସାହୁ, ପିଙ୍କୁ ସାମଲ, ମଦନ ବେହେରା, ଓମପ୍ରକାଶ ସାହୁ, ଦେବାଶିଷ ନାୟକ, ହେମନ୍ତ ଗୋଛାୟତ, ସାଉଣ୍ଡ ମାଷ୍ଟର ପ୍ରଶାନ୍ତ ସୁତାର, ରମାକାନ୍ତ ସୁତାର, ନଣ୍ଡା ସାହୁ, ଗୌତମ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ପେଟ୍ରୋଲ ପମ୍ପରୁ ଲୁଟ ଘଟଣାର ପର୍ଦ୍ଦାଫାସ

# ୬ ଗିରଫ; ଟଙ୍କା, ୪ ଗାଡ଼ି ଓ ମୋବାଇଲ୍ ଜବତ



ଚମ୍ପୁଆ, ୧୪।୭(ସମିସ): ଚମ୍ପୁଆ ଥାନା ଅନ୍ତର୍ଗତ କଞ୍ଚନପୁର ସ୍ଥିତ ପେଟ୍ରୋଲ ପମ୍ପରୁ ଲକ୍ଷାଧିକ ଟଙ୍କା ଲୁଟ ଘଟଣାର ପର୍ଦ୍ଦାଫାସ କରିଛି ଚମ୍ପୁଆ ପୁଲିସ। ଲୁଟର ୧ ସପ୍ତାହ ଭିତରେ ୬ ଜଣ ଲୁଟେରାଙ୍କୁ ଗିରଫ କରି ବଡ ସଫଳତା ହାସଲ କରିଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ବିଷୟରେ ସୂଚନା ଦେଇଛନ୍ତି ଉପଖଣ୍ଡ ପୁଲିସ ଅଧିକାରୀ ବିଜୟ କୁମାର ମଲ୍ଲିକ ଏବଂ ଥାନାଧିକାରିଣୀ ଦେବକୀ ନାଏକ। ସୂଚନା ଅନୁସାରେ କଞ୍ଚନପୁର ସ୍ଥିତ ଲାଗୁରୀ ପେଟ୍ରୋଲ ପମ୍ପରୁ ଗତ ୩ ତାରିଖ ବିଳମ୍ବିତ ରାତିରେ ୮ ଜଣ ମୁଖାଧାରୀ ଡକାୟତ ବନ୍ଧୁକ ଦେଖାଇ କର୍ମଚାରୀମାନଙ୍କୁ ଭୟଭୀତ କରି କାଉଣ୍ଟରରୁ ନଗଦ ୨ ଲକ୍ଷ ୪୪ ହଜାର ୯ ଶହ ଟଙ୍କା, ୩ଟି ମୋବାଇଲ ଧରି ଫେରାର ହୋଇଯାଇଥିଲେ। ଅଭିଯୋଗ ପାଇବା ପରେ ଥାନା କେସ୍ ନମ୍ବର ୨୦୪/୨୪ ଅନୁଯାୟୀ ପୁଲିସ ପକ୍ଷରୁ ଦିନ ରାତି ଏକ କରି ବିଭିନ୍ନ ସ୍ଥାନରେ ଚଢଉ କରି ଲୁଟ ଘଟଣାରେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଡକାୟତ ଗ୍ୟାଙ୍ଗର ଆଉ ୨ ଜଣ ଫେରାର ଅଛନ୍ତି। ସେମାନଙ୍କ ନାମରେ ଦଫା ୩୧୦(୨) ବିଏନ୍‌ଏସ୍ ଓ ଅସ୍ତ୍ରଶସ୍ତ୍ର ଧାରା ୨୫ ରେ ଗିରଫ କରାଯାଇଛି। ଆଜି ଡକାୟତ ମାନଙ୍କୁ ଘଟଣାସ୍ଥଳକୁ ନେଇ ପୁଲିସ ପକ୍ଷରୁ ସିନ୍-ରିକ୍ରିଏସନ୍ କରାଯାଇଥିଲା। ଡକାୟତମାନଙ୍କ ଠାରୁ ୨ଟି ସ୍କୁଟି, ଗୋଟିଏ ପଲସର ବାଇକ, ଜ୍ୟୋତ୍ସ୍ନା ବସ (ଜେଏଚ୍ ୦୬ ଏଲ୍ ୭୪୪୦ କୁମାରଟୁଙ୍ଗିରୁ ଜଗନ୍ନାଥପୁର ଯାଉଥିବା ବସ୍ ଯାହା ଭିତରେ ଟଙ୍କା ଗଣାଯାଏ), ନଗଦ ୫୦ ହଜାର ଟଙ୍କା, ଚୋରି ହୋଇଥିବା ୩ଟି ମୋବାଇଲ ପୁଲିସ ଜବତ କରିଛି। ବିଭିନ୍ନ ଥାନାରେ ଏମାନଙ୍କ ନାମରେ ଅନେକ ଅପରାଧିକ ମାମଲା ରହିଥିବା ଶ୍ରୀ ମଲ୍ଲିକ ସ୍ପଷ୍ଟ କରିଥିଲେ। ନିକଟରେ ଭଦ୍ରାସାହି ସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଛିଡା ହୋଇଥିବା ଏକ ଟ୍ରକରୁ ୨ଟି ମୋବାଇଲ ସହ ଟଙ୍କା ମଧ୍ୟ ଲୁଟ କରିଥିଲେ। ଡକାୟତମାନଙ୍କର ୪ଟି ମୋବାଇଲ ମିଶି ମୋଟ ୯ଟି ମୋବାଇଲ ଜବତ କରାଯାଇଛି। ଧରାପଡ଼ିଥିବା ଡକାୟତ କୁମାରଡୁଙ୍ଗି ଝାଡ଼ଖଣ୍ଡର ସୁମିତ ଲୋହାର, ଯୋଡ଼ା କୁନ୍ଦୁରୁନାଳର ଅଜୟ କାରୁଆ, ରୁଗୁଡ଼ି କୋହ୍ଲରୋଇଡ଼ାର ନନ୍ଦଲାଲ ପାତ୍ର, ଝାଡଖଣ୍ଡ ଜଗନ୍ନାଥପୁର ଅଞ୍ଚଳର ରଞ୍ଜନ ଗୋପ, ଯୋଡା କୁନ୍ଦୁରୁନାଳର ବାପି ପାତ୍ର (କୁଲୁ) ଏବଂ କୁନ୍ଦୁରୁନାଳର ରାଜା ମହାକୁଡ। ଅନ୍ୟ ୨ ଜଣ ଡକାୟତ ଫେରାରଥିବା ବେଳେ ସେମାନଙ୍କୁ ଧରିବା ପାଇଁ ପୁଲିସ ସ୍ୱତନ୍ତ୍ର ଅଭିଯାନ ଚାଲୁ ରଖିଛନ୍ତି।

---

## ଶୁକ୍ରବାରରୁ ଅଫିସ ଛାଡୁଛନ୍ତି ସରକାରୀ ବାବୁ

# ବାଲିମାଫିଆଙ୍କ ସୁହାଉଛି ସେକେଣ୍ଡ ସଟର ଡେ'

ଆନନ୍ଦପୁର, ୧୪।୭(ସମିସ): ପ୍ରତିମାସର ସେକେଣ୍ଡ ସଟର ଡେ'କୁ ଅପେକ୍ଷା କରି ରହିଥାନ୍ତି ଚୋରା ଲଘୁଖଣିଜ ମାଫିଆମାନେ। ଏହି ସମୟରେ ସେମାନେ ପ୍ରାୟ ୩ ଦିନ ଦିନରାତି ଏକାକାର କରି ବିଭିନ୍ନ ଘାଟରୁ ଚୋରା ବାଲି ମୋରମ, ମାଙ୍କଡାପଥର ଓ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ମେଣ୍ଟାଲ ଉଠାଇ ନେଇ ବେଶ୍ ଫାଇଦା ଉଠାଉଥିବା ଆନନ୍ଦପୁର ଉପଖଣ୍ଡ ପ୍ରଶାସନର କାହାରିକୁ ଅଛପା ନାହିଁ। ପ୍ରତି ମାସର ସେକେଣ୍ଡ ସଟର ଡେ' ପୂର୍ବ ଦିନ ଶୁକ୍ରବାରରୁ ବିଭିନ୍ନ ବିଭାଗର ଅଧିକାରୀମାନେ ଆଖପାଖ ଅଞ୍ଚଳକୁ ଗସ୍ତ ଦେଖାଇ ଓ ବିଭିନ୍ନ ସରକାରୀ କାର୍ଯ୍ୟରେ ଯାଉଥିବା ଆଳ ଦେଖାଇ ଘରମୁହାଁ ହେଉଥିବା ଚୋରା ଲଘୁଖଣିଜ ମାଫିଆମାନଙ୍କ ପାଇଁ ବରଦାନ ସଦୃଶ ହୋଇଛି। ଆନନ୍ଦପୁର, ଘସିପୁରା ଓ ହାଟଡିହୀ ତହସିଲ ଇଲାକାର ବିଭିନ୍ନ ସୈରାତରୁ ମୋରମ ଏବଂ ବୈତରଣୀ ନଦୀର ବିଭିନ୍ନ ଘାଟରୁ ବାଲି ଚୋରାଚାଲାଣକୁ ରୋକାଯାଇ ପାରୁନାହିଁ। ଖଣିବିଭାଗ ଅଧିକାରୀମାନେ କେନ୍ଦୁଝରରୁ ଆସି ଆନନ୍ଦପୁରରେ ଧରପଗଡ଼ କରିବା ଓ ଚୋରା କାରବାରକୁ ପ୍ରତିହତ କରିବା ଅସମ୍ଭବ ହୋଇପଡୁଥିବାରୁ ଚୋରା କାରବାର ଆନନ୍ଦପୁର ଉପଖଣ୍ଡରେ ଅନାୟାଶରେ ବଢ଼ି ଚାଲିଥିବା ଜଣାଯାଇଛି। ବୈତରଣୀ ନଦୀରେ ନିର୍ମାଣାଧୀନ ଦ୍ୱିତୀୟ ସେତୁ ପାଇଁ ପୂର୍ବ ସେତୁର ପିଲର ନିକଟରୁ ବାଲି ଖନନ ହେଉଥିବାରୁ ବୈତରଣୀ ସେତୁ ବିପଦ ସଂକୁଳ ହୋଇପଡ଼ିଛି। ଆନନ୍ଦପୁର ବାଲିଘାଟରୁ ପ୍ରତିଦିନ ଚୋରାବାଲି ନିୟମିତ ଚାଲାଣ ହଉଥିବାରୁ ବୈତରଣୀ ରିଙ୍ଗ ରୋଡ ଏବଂ ବ୍ୟାରେଜ ପ୍ରତି ବିପଦ ଦେଖାଯାଇଛି। ସେହିପରି ବାତୋ, ଶାଳଦେଇ, ଅତା, ଅଞ୍ଜିରା, ମଧୁକେଶରୀ ଅଞ୍ଚଳରେ ବି ସମାନ ଅବସ୍ଥା ଦେଖାଦେଇଛି। ବାରମ୍ବାର ଗ୍ରାମବାସୀଙ୍କ ଅଭିଯୋଗରେ ପ୍ରଶାସନ ପକ୍ଷରୁ ଅନୁସନ୍ଧାନ କରାଯାଇ ଆନନ୍ଦପୁର, ବାତୋ ବାଲିଘାଟକୁ ବନ୍ଦ କରାଯାଇଛି। ତେବେ ହାବଳେଶ୍ୱର ବାଲି ଘାଟରୁ ବେଆଇନ ଭାବେ ବାଲି ନେଉଥିବା ୩ ଗୋଟି ହାଇଓା ଏବଂ ଓଭରଲୋଡିଂ କରି ଯାଉଥିବା ଦୁଇଟି ହାଇଓାକୁ ଘସିପୁରା ନିକଟସ୍ଥ ତାଳଗାଁ ଛକ ଠାରେ ପୁଲିସ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଚିପ୍ସ ବୋଝେଇ ହାଇୱା ବେଆଇନ ଭାବେ ପରିବହନ କରୁଥିବା ବେଳେ ୩ ଗୋଟି ହାଇୱା ବେଆଇନ ଭାବେ ବାଲି ପରିବହନ କରୁଥିବା ଜଣାପଡ଼ିଥିଲା। ପୁଲିସ ଅଧିକାରୀ ସୁନିଲ କର ଉକ୍ତ ୫ଟି ହାଇୱାକୁ ଜବତ କରିଥିବା ଜଣାଯାଇଛି।

---

# ନୂତନ ବିଗ୍ରହ ପ୍ରତିଷ୍ଠା

ଆନନ୍ଦପୁର, ୧୪।୭(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ପଟିଲୋ ଗ୍ରାମ ନିକଟସ୍ଥ ନଚ୍ଛିପୁରାସ୍ଥିତ ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଘ୍ନବିନାଶକ ଶ୍ରୀଗଣେଶ ଓ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ମୂର୍ତ୍ତି ଉନ୍ମୋଚନ ଉତ୍ସବ ପାଳିତ ହୋଇଯାଇଛି। ପୂଜକ ଅଲେଖ ଚନ୍ଦ୍ର ପାଢ଼ୀଙ୍କ ପୌରୋହିତ୍ୟରେ ଶ୍ରୀଗଣେଶ ଓ ମାତା ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯିବା ପରେ ବେଦପାଠ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବିଜୟା ଜେନା ଓ ମୋ ସ୍କୁଲ ସଭାପତି ରମଣୀ ରଞ୍ଜନ ରାଉତ ଉପସ୍ଥିତ ରହି ଏହି ନୂତନ ବିଗ୍ରହ ଉନ୍ମୋଚନ କରିଥିଲେ। ବିଦ୍ୟାଳୟ ପରିସରରେ ଏକ ଆଧ୍ୟାତ୍ମିକ ପରିବେଶରେ ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସୁରେନ୍ଦ୍ର ନାଥ ପିଙ୍ଗୁଆ, ସନ୍ତୋଷ ଦେହୁରୀ, ଶରତ ସାହୁ, ଉତ୍ତମ ନାଏକ, ରଞ୍ଜିତ ରାଉତ, ରୁଦ୍ର ପ୍ରସାଦ ଦାସ୍, ଜ୍ୟୋତିକୃଷ୍ଣ ସାହୁ, ମିତାରାଣୀ ନାଏକ, ସ୍ୱର୍ଣ୍ଣପ୍ରଭା ମହାନ୍ତ, ଶୁଭଶ୍ରୀ ନାୟକଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

---

## ଚୋରା ବିଦ୍ୟୁତ୍ ତାର ଚାଲାଣ ବେଳେ ବସ୍ ଅଟକ

# ସ୍କ୍ରାପ ବ୍ୟବସାୟୀ ଗିରଫ



କେନ୍ଦୁଝର, ୧୪।୭ (ସମିସ): କେନ୍ଦୁଝରରୁ କଲିକତା ଯାଉଥିବା ଶ୍ରୀବୃନ୍ଦାବନ ବିହାରୀ ବସରୁ ପୁଲିସ ଆଜି ୮ କ୍ୱିଣ୍ଟାଲ ୧୧ କେଭି ତାର ଜବତ କରିଛି। ନୂଆ ବସ୍‌ଷ୍ଟାଣ୍ଡରେ ଶ୍ରୀବୃନ୍ଦାବନ ବିହାରୀ ବସରେ ୧୫ ବଣ୍ଡଲ ଚୋରା ୧୧ କେଭି ତାର ଗାଡିରେ ଲୋଡ ହେଉଥିବା ବେଳେ ପୁଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବସ୍ ସହ ଚୋରା ତାର ଜବତ କରିଛି। ଟାଉନ ପୁଲିସ କେସ ନମ୍ବର ୩୮୦/୨୦୨୪ରେ ମାମଲା ରୁଜୁ କରିଛି। ଏହି ଘଟଣାରେ ପୁଲିସ ଧୃର୍ପଦା ଅଞ୍ଚଳର ସ୍କ୍ରାପ ବ୍ୟବସାୟୀ ପ୍ରମୋଦ ସାହୁଙ୍କୁ ଗିରଫ କରିଛି। ପଚରାଉଚୁରା ବେଳେ ସଠିକ୍ କାଗଜପତ୍ର ଦେଖାଇ ନ ପାରିବାରୁ ଟାଉନ ପୁଲିସ କେସ୍ ନମ୍ବର ୩୮୦/୨୦୨୪ରେ ମାମଲା ରୁଜୁ କରି ବସ୍‌କୁ ଜବତ୍ କରିଛି। ବସ୍‌ର ଡ୍ରାଇଭର ଏବଂ ଅନ୍ୟ କର୍ମଚାରୀ ଫେରାର ହୋଇଯାଇଥିବା ବେଳେ ପୁଲିସ ଘଟଣାର ଅଧିକ ତଦନ୍ତ କରୁଛି। ଏହି ଚୋରା ୧୧ କେଭି ତାର କେନ୍ଦୁଝରରୁ କଲିକତା ଯାଉଥିଲା। ତେବେ ଏହି ଚୋରା ତାର କେଉଁଠାରୁ ଆସିଲା ଏବଂ ଏହି ତାର କାରବାର ପଛରେ ଅନ୍ୟ କାହାର ହାତ ଅଛି ତାହା ତଦନ୍ତ ହେଉଛି ବୋଲି ଟାଉନ ଥାନା ଅଧିକାରୀ ରମାକାନ୍ତ ସାଇ ସୂଚନା ଦେଇଛନ୍ତି। ତେବେ ଦୀର୍ଘ ଦିନ ହେବ କେନ୍ଦୁଝର ସହର ଧୃର୍ପଦା ନିକଟରେ ସ୍କ୍ରାପ ଦୋକାନ ଖୋଲି ପ୍ରମୋଦ ସାହୁ ଚୋରା କାରବାର କରି ଆସୁଥିଲେ। ତାଙ୍କର ସ୍କ୍ରାପ ବ୍ୟବସାୟ ଥିବାରୁ ଅନ୍ୟ ଚୋରି ମାମଲାରେ ତାଙ୍କର ସମ୍ପୃକ୍ତି ରହିଛି କି ନାହିଁ ପୁଲିସ ତାହାର ତଦନ୍ତ କରୁଛି। ତେବେ ଏହା ପଛରେ ସୁଚିନ୍ତିତ ରାକେଟ କାମ କରୁଥିବା ପୁଲିସ ସନ୍ଦେହ କରୁଛି। ତଦନ୍ତ ହେଲେ ସତ୍ୟତା ଉନ୍ମୋଚନ ହେବ। ଗିରଫ ସ୍କ୍ରାପ ବ୍ୟବସାୟୀ ପ୍ରମୋଦ କୁମାର ସାହୁ କେନ୍ଦୁଝର ସହରର କାଶିପୁରରେ ରହୁଥିବାବେଳେ ତାଙ୍କ ଘର ଆନନ୍ଦପୁର ବ୍ଲକ ପଦ୍ମପୁର ଗ୍ରାମରେ ବୋଲି ପୁଲିସ ଜାଣିବାକୁ ପାଇଛି।

---

# ଜଳସୁଁଆରେ ନାରାୟଣଙ୍କ ମୂର୍ତ୍ତି ପ୍ରତିଷ୍ଠା

ବେଲବାହାଲି, ୧୪।୭(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ଗ୍ରାମର ନାରାୟଣ ମଠ ପ୍ରାଙ୍ଗଣରେ ଥିବା ନାରାୟଣ ମନ୍ଦିରରେ ପ୍ରଭୁ ନାରାୟଣଙ୍କ ବିଗ୍ରହ ମୂର୍ତ୍ତି ପ୍ରତିଷ୍ଠା ସ୍ଥାପନା କରାଯିବା ସହିତ ଜଗତ କଲ୍ୟାଣ ନିମନ୍ତେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂଜକ ବାବାଜୀ ପଣ୍ଡାଙ୍କ ଦ୍ୱାରା କୁସେଇ ନଦୀରୁ ପୂଜାର୍ଚ୍ଚନା କରାଯାଇ କଳସ ଶୋଭା ଯାତ୍ରା ସହ ପୂଜା ମଣ୍ଡପରେ ଘଟ ସ୍ଥାପନ କରାଯାଇ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଂକଳ୍ପ କାର୍ଯ୍ୟ ନିଖିଳ ଚରଣ ଜେନା ତାଙ୍କ ପତ୍ନୀ ସସ୍ମିତା ଜେନା ତୁଲାଇଥିବା ବେଳେ ସଞ୍ଜୟ ଜେନା, ରତ୍ନାକର ଜେନା, ରତିକାନ୍ତ ଜେନା, ପ୍ରହଲ୍ଲାଦ ଜେନା, ଦେବେନ୍ଦ୍ର ଜେନା ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରାମରେ ଭକ୍ତିମୟ, ଆନନ୍ଦମୟ, ଭାବମୟ, ଶାନ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଆଖପାଖରୁ ଆସିଥିବା ଭକ୍ତ ମାନଙ୍କ ପାଇଁ କମିଟି ପକ୍ଷରୁ ଅନ୍ନ ପ୍ରସାଦ ବ୍ୟବସ୍ଥା କରଯାଇଥିଲା। ଏହି ପୂଜା ଉତ୍ସବକୁ ଗ୍ରାମବାସୀଙ୍କ ସହଯୋଗରେ ହୋଇଥିବା ବେଳେ ଜାଗର କମିଟିର ସଦସ୍ୟ ସୁନନ୍ଦ ଜେନା, ସଞ୍ଜୟ ଜେନା, ଦିଲୀପ ଜେନା, ଆଲୋକ ଜେନା, ରତିକାନ୍ତ ଜେନା, ମଣ୍ଟୁ ଜେନା, ଜିତେନ୍ଦ୍ର ଜେନା, ପୁଥୁଲି ଜେନା, ବଳରାମ ଜେନା, ମଣିଭଦ୍ର ଜେନା, ଗୋପବନ୍ଧୁ ଜେନା, ଦିଗମ୍ବର ଜେନା, ଅଜିତ ଜେନା, ପ୍ରଶାନ୍ତ ଜେନା, ପାପୁନି ଜେନା, ମାନସ ଜେନା, ଲିଜା ଜେନା, ଲିଟୁ ଜେନା, ଆକାଶ ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

---

# ଅସନବାହାଲିରେ ବନ ମହୋତ୍ସବ

ତୁରୁମୁଙ୍ଗା, ୧୪।୭(ସମିସ): ପାଟଣା ବ୍ଲକ ମିରିଗିଖୋଜି ପଞ୍ଚାୟତ ଅସନବାହାଲି ଗ୍ରାମରେ ବନ ମହୋତ୍ସବ ପାଳିତ ହୋଇ ଯାଇଛି। ବନସୁରକ୍ଷା ସମିତିର ସଭାପତି ଜନେନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହାରପଡ଼ା ବନପାଳ ଭୂପତି ସେଠୀ ଯୋଗଦେଇ ବନ ମହୋତ୍ସବର ମହତ୍ତ୍ୱ ବିଷୟରେ କହିଥିଲେ। ବିଶ୍ୱ ଜଳବାୟୁ ପରିବର୍ତ୍ତନର କାରଣ ତାର ନିରାକରଣ କିପରି ସମ୍ଭବ ହେବ ସେ ବିଷୟରେ ବୁଝାଇ ଜୀବଜଗତ ବଞ୍ଚିରହିବା ପାଇଁ ବୃକ୍ଷନିହାତି ଆବଶ୍ୟକ ବୋଲି କହିଥିଲେ। ଏହାପରେ ଗ୍ରାମଦେବୀ ହିଙ୍ଗୁଳେଇପାଟ ଠାକୁରାଣୀଙ୍କ ପୀଠରେ ଥିବା ଖାଲିସ୍ଥାନରେ ଚାରାରୋପଣ କରାଯାଇଥିଲା। ମୋହନ ମହାରଣା, ସନ୍ତୋଷ ମହାନ୍ତ, ଭୀମସେନ ମହାନ୍ତ, ଲୁସା ମୁଣ୍ଡା, ରାଇଦାସ ମହାନ୍ତ ଗାଜୁ ମୁଣ୍ଡାଙ୍କ ସହିତ ଗ୍ରାମର ଅନ୍ୟ ଜନସାଧାରଣ ଉପସ୍ଥିତ ରହି କଦମ୍ବ, ଅଁଳା, ଶାଗୁଆନ, ପଣସ ଆଦି ଚାରାରୋପଣ କରାଯାଇଥିଲା। ବନ ମହୋତ୍ସବକୁ ଫରେଷ୍ଟ ଗାର୍ଡ ଦୀପକ ରଣା ଏବଂ ଡିଓ କୃପାସିନ୍ଧୁ ମହାନ୍ତ ପରିଚାଳନା କରିଥିଲେ।

---

# ପଞ୍ଚାୟତକୁ ଆଉ ଆସୁନି ଲକ୍ଷ୍ମୀ ବସ୍

ବେଲବାହାଲି, ୧୪।୭(ସମିସ): ଗତ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ଆନନ୍ଦପୁର ବ୍ଲକରେ ଥିବା ପ୍ରତି ପଞ୍ଚାୟତକୁ ଆସୁଥିଲା ଲକ୍ଷ୍ମୀ ବସ୍। କିଛି ଦିନ ହେବ ଆଉ ପଞ୍ଚାୟତକୁ ଆସୁନି ବର୍ତ୍ତମାନ ସରକାରରେ ଥିବା ମୁଖ୍ୟମନ୍ତ୍ରୀ



ବସ୍ ସେବା। ଏଭଳି ଘଟଣା ଦେଖିବାକୁ ମିଳିଛି ଆନନ୍ଦପୁର ବ୍ଲକ ଅନ୍ତର୍ଗତରେ ଥିବା ହରିଡାପାଳ, ବାଇଲୋ ଓ ଜଳସୁଆଁ ପଞ୍ଚାୟତରେ ଥିବା ବିଭିନ୍ନ ଗ୍ରାମରେ। ପୂର୍ବରୁ ଲକ୍ଷ୍ମୀ ବସ୍ ପ୍ରଥମେ ଆନନ୍ଦପୁର ବ୍ଲକରୁ ବାହାରି ହରିଡାପାଳ, ବେଲବାହାଲି ପଞ୍ଚାୟତ ଓ ପରେ ଭାୟା ପଞ୍ଚୁପଲ୍ଲି ପଞ୍ଚାୟତ ଦେଇ ଆନନ୍ଦପୁର ବ୍ଲକକୁ ଦିନରେ ୪ ଥର ଯିବା ଆସିବା କରୁଥିଲା। ତେବେ ଗତ କିଛି ଦିନ ହେବ ବସ୍ ପଞ୍ଚାୟତକୁ ନ ଆସି ବେଲବାହାଲିର ଏକ ନିର୍ଜନ ସ୍ଥାନରୁ ଯିବା ଆସିବା କରୁଥିବା ଦେଖିବାକୁ ମିଳିଛି। ଏନେଇ ବସ୍‌ର ଡ୍ରାଇଭରଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣିନଥିବା ବେଳେ ଆମକୁ ଉପରୁ ସୂଚନା ମିଳିଛି ବୋଲି କହିଥିଲେ।






















### ଡାକ୍ତରଖାନାରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଭେଳିକି

# ଆଉ କେତେ ନିଆଁ ଲାଗିଲେ ଚେତିବେ



- ପ୍ରମାଣପତ୍ର ଯାଞ୍ଚ ହେଉନି କି ଅଡିଟ୍ ହେଉନି
- ଦୁର୍ଘଟଣା ଘଟିଲେ ହୋ-ହଲ୍ଲା, ପରେ ଚୁପ୍
- ୨୦୧୬ରେ ୨୬ଜଣଙ୍କ ଜୀବନ ପରେ ବି ଚେତିଲେନି
- ଫାଇଲ୍ ଭିତରେ ସ୍ୱାସ୍ଥ୍ୟ ମନ୍ତ୍ରାଳୟ, ଏନ୍‌ଡିଏମ୍‌ଏ ଏସ୍‌ଓପି
- ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି: ଡିଜି

ଭୁବନେଶ୍ୱର, ୧୩।୭ (ସମିସ): ଡାକ୍ତରଖାନାରେ ଅଗ୍ନିକାଣ୍ଡ ଘଟଣା ରାଜ୍ୟରେ ନୂଆ ନୁହେଁ। ବର୍ଷକୁ ଏକାଧିକବାର ଏପରି ଅଘଟଣ ଘଟୁଛି, ଧନଜୀବନ ନଷ୍ଟ ହେଉଛି। କେବଳ ଘରୋଇ ନୁହେଁ, ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ମଧ୍ୟ ଅଗ୍ନିକାଣ୍ଡରୁ ବାଦ୍ ପଡ଼ିନାହିଁ। ସବୁଥର ରୋଗୀଙ୍କ ଜୀବନ ବାଜିରେ ଲାଗୁଛି। ପରେ ଚିରାଚରିତ ଭାବେ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଉଛି। ଟିମ୍ ଗଠନ ହୋଇ ତଦନ୍ତ ଚାଲୁଛି। କିନ୍ତୁ କିଛି ଦିନର ହୋ-ହଲ୍ଲା ପରେ ସବୁ ଥଣ୍ଡା ପଡ଼ିଯାଉଛି। ପରିଣାମସ୍ୱରୂପ ସ୍ଥିତି ଯଥା ପୂର୍ବଂ ତଥା ପରଂ। ସତେଯେମିତି, ପୁଣି ଗୋଟିଏ ବଡ଼ଧରଣର ଅଗ୍ନିକାଣ୍ଡକୁ ଅପେକ୍ଷା କରାଯାଉଛି। ଗତକାଲି କଟକସ୍ଥିତ ତ୍ରିଶା ନର୍ସିଂହୋମ୍‌ରେ ଘଟିଥିବା ଅଗ୍ନିକାଣ୍ଡକୁ ନେଇ ବହୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ହସ୍ପିଟାଲର ଗୋଟିଏ ମାତ୍ର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ଯାହାକି ଅଗ୍ନି ନିରାପତ୍ତା ଆଇନକୁ ସ୍ପଷ୍ଟ ଉଲ୍ଲଂଘନ କରୁଛି। କିନ୍ତୁ ଦୀର୍ଘ ଦିନ ଧରି ଏହି ହସ୍ପିଟାଲ ଚାଲୁଥିଲେ ହେଁ ଏଥିପ୍ରତି କିପରି କାହାର ନଜର ନଥିଲା, ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଡାକ୍ତରଖାନାରେ ଅଗ୍ନି ନିର୍ବାପନ ବ୍ୟବସ୍ଥା ବାଧ୍ୟତାମୂଳକ। ଓଡ଼ିଶା କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟରେ ଏଥିପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି। ନିୟମ ଅନୁସାରେ, ଡାକ୍ତରଖାନା କାର୍ଯ୍ୟକ୍ଷମ ହେବା ପୂର୍ବରୁ ଅଗ୍ନିନିର୍ବାପନ ବ୍ୟବସ୍ଥା ସୁନିଶ୍ଚିତ କରିବା ଜରୁରୀ। କେବଳ ଡାକ୍ତରଖାନା ଭିତରେ ଅଗ୍ନି ନିର୍ବାପନ ବ୍ୟବସ୍ଥା ନୁହେଁ, ଅଗ୍ନିକାଣ୍ଡ ସମୟରେ ଯେପରି ସୁରକ୍ଷିତ ଉଦ୍ଧାର ହୋଇପାରିବ, ନିଆଁ ଲିଭାଇବା କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ସ୍ଥାନ ଆଦି ସୁନିଶ୍ଚିତ କରିବା ବାଧ୍ୟତାମୂଳକ। ଏସବୁ କାର୍ଯ୍ୟ ଠିକ୍ ଭାବେ ହୋଇଛି ବୋଲି ଅଗ୍ନିଶମ ବିଭାଗ ରିପୋର୍ଟ ଦେବା ପରେ ଯାଇ ଡାକ୍ତରଖାନାରେ ରୋଗୀଙ୍କ ଆଡମିସନ୍ ହେବା ନିୟମ ରହିଛି। କିନ୍ତୁ ବାରମ୍ବାର ହସ୍ପିଟାଲରେ ଘଟୁଥିବା ଅଗ୍ନିକାଣ୍ଡ, ଏସବୁ ନିୟମ କେତେଦୂର ପାଳନ ହୋଇଛି, ତାହାର ଚିତ୍ରକୁ ପଦାରେ ପକାଉଛି। ସବୁବେଳେ ଡାକ୍ତରଖାନା କର୍ତ୍ତୃପକ୍ଷ ଏବଂ ଅଗ୍ନିଶମ ବିଭାଗର ଅବହେଳା ସାମ୍ନାକୁ ଆସିବାରେ ଲାଗିଛି।

୨୦୧୬ ମସିହାରେ ଭୁବନେଶ୍ୱରରେ ଥିବା ଏକ କର୍ପୋରେଟ୍ ହସ୍ପିଟାଲରେ ଏମିତି ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟି ୨୬ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ପରେ ସବୁ ଘରୋଇ ଡାକ୍ତରଖାନାରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଠିକ୍ ଅଛି କି ନାହିଁ, ତଦାରଖ ପାଇଁ ନିର୍ଦ୍ଦେଶ ଦିଆଗଲା। କୌଣସି ପରିସ୍ଥିତିରେ ବି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାଇ ଦିଆଗଲା। କିନ୍ତୁ ତାହା ଉପରେ କେବଳ ଲୋକଦେଖାଣିଆ ଭାବେ ପଦକ୍ଷେପ ନିଆଯାଇ ଛାଡ଼ି ଦିଆଗଲା। ପରିଣାମସ୍ୱରୂପ ତା' ପରଠାରୁ ରାଜ୍ୟରେ ଘରୋଇ ଡାକ୍ତରଖାନାରେ ପ୍ରାୟ ୧୦ରୁ ଅଧିକ ଅଗ୍ନିକାଣ୍ଡ ଘଟିଲାଣି। ୨୦୨୦ ମସିହାରେ ଅହମଦାବାଦର ଏକ କୋଭିଡ୍ ଡାକ୍ତରଖାନାରେ ଅଗ୍ନିକାଣ୍ଡ ଘଟଣାରେ ୮ ଜଣଙ୍କ ଜୀବନ ଯିବା ପରେ ଓଡ଼ିଶାରେ ଥିବା ସମସ୍ତ କୋଭିଡ୍ ହସ୍ପିଟାଲରେ ଅଗ୍ନି ସୁରକ୍ଷା ଅଡିଟ୍ କରାଯାଇଥିଲା। ଡାକ୍ତରଖାନାରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା କିପରି ରହିବ, ସେନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ମିଳିତ ଭାବେ ଏସ୍‌ଓପି ଜାରି କରିଛନ୍ତି। ରାଜ୍ୟ ସରକାରଙ୍କର ମଧ୍ୟ ଏସ୍‌ଓପି ରହିଛି। କିନ୍ତୁ ସେଗୁଡ଼ିକ କେତେ ଦୂର ପାଳନ ହେଉଛି, ତାହା ତଦାରଖରେ ବାରମ୍ବାର ଅବହେଳା ପାଇଁ ଏପରି ଦୁର୍ଘଟଣା ବାରମ୍ବାର ଘଟିବାରେ ଲାଗିଛି।

ରାଜ୍ୟରେ ଛତୁ ଫୁଟିବା ଭଳି ନର୍ସିଂହୋମ୍, କ୍ଲିନିକ୍ ଖୋଲି ରୋଗୀଙ୍କୁ ଆର୍ଥିକ ଶୋଷଣ କରିବାରେ ଅବହେଳା ନାହିଁ। ହେଲେ ଅର୍ଥ ରୋଜଗାର ଆଳରେ କେବଳ ରୋଗୀଙ୍କ ଜୀବନ ସହ ଖେଳ ଖେଳାଯାଉଛି ବୋଲି ଅଭିଯୋଗ ହେଉଛି। ଏକ ଘରୋଇ ଡାକ୍ତରଖାନାର ଅଧିକାରୀ କହିଛନ୍ତି, ପ୍ରାୟତଃ ସବୁ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଅଗ୍ନି ନିର୍ବାପନ ବ୍ୟବସ୍ଥା ରହିଛି। କିନ୍ତୁ ଅଧିକାଂଶ ସମୟରେ ସେସବୁ କିଛି କାମରେ ଆସୁନାହିଁ। ଅଗ୍ନିକାଣ୍ଡ ହେଉନଥିବାରୁ ସେଥିପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ପ୍ରତିବର୍ଷ ଅଗ୍ନି ସୁରକ୍ଷା ବ୍ୟବସ୍ଥାର ଅଡିଟ୍ କରାଯାଇ ନୋ-ଅବଜେକ୍ସନ୍ ପ୍ରମାଣପତ୍ର ଦେବାର ନିୟମ ରହିଛି। ବିଶେଷକରି ଆଇସିୟୁ, ଏସ୍‌ଏନ୍‌ସିୟୁ, ଅପରେସନ୍ ଥିଏଟର୍‌ରେ ଉଚ୍ଚ କ୍ଷମତା ସମ୍ପନ୍ନ ବୈଦ୍ୟୁତିକ ଉପକରଣ ବ୍ୟବହାର ହେଉଥିବାରୁ ସେଠାରେ ସୁରକ୍ଷା ସୁନିଶ୍ଚିତ କରିବା ଏକାନ୍ତ ଜରୁରୀ। ହେଲେ ଏହି ନିର୍ଦ୍ଦେଶ କେବଳ କାଗଜ କଲମରେ ରହିଛି। ଅଗ୍ନିଶମ ବିଭାଗର ଅଧିକାରୀ ନିଜ ଆଡ଼ୁ ଯାଞ୍ଚ ପାଇଁ ପଦକ୍ଷେପ ନେଉନାହାନ୍ତି କିମ୍ବା ଡାକ୍ତରଖାନା କର୍ତ୍ତୃପକ୍ଷ ମଧ୍ୟ ଏଥିପ୍ରତି ଯତ୍ନବାନ୍ ହେଉ ନାହାନ୍ତି। ଅନେକ ଡାକ୍ତରଖାନାରେ ଅଗ୍ନି ନିର୍ବାପନ ସରଞ୍ଜାମରେ କଳଙ୍କି ଲାଗି ଗଲାଣି। ଏହା ଏକ ବ୍ୟୟବହୁଳ ପ୍ରକ୍ରିୟା ହୋଇଥିବାରୁ ଏହାର କାର୍ଯ୍ୟକାରିତା ଉପରେ କମ୍ ଧ୍ୟାନ ଦିଆଯାଏ ବୋଲି ସେ କହିଛନ୍ତି।

ଡାକ୍ତରଖାନାରେ ନିଆଁଲିଭା ଯନ୍ତ୍ର ସହିତ ଫାୟାର ଆଲାର୍ମ, ଫାୟାର ହାଇଡ୍ରାଣ୍ଟ, ସ୍ମୋକ୍ ଡିଟେକ୍ଟର, ଫାୟାର ଲିଫ୍ଟ, ସୁରକ୍ଷିତ ନିଷ୍କାସନ ପଥ ଆଦି ରହିବା ଜରୁରୀ। ଅନେକ କ୍ଷେତ୍ରରେ କିଛି ଘରୋଇ ଡାକ୍ତରଖାନା ଯାଞ୍ଚ ସହିତ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ଜାରି ପାଇଁ ଆବେଦନ କରୁଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ ଅବହେଳା କରୁଥିବା ଅଭିଯୋଗ ହେଉଛି। ସେହିପରି ଅଚାନକ ଯାଞ୍ଚ କରିବା ପ୍ରାୟତଃ ଶୂନ କହିଲେ ଭୁଲ୍ ହେବ ନାହିଁ। କେବଳ ମଝିରେ ମଝିରେ ଅଗ୍ନିଶମ ବିଭାଗ ମକ୍-ଡ୍ରିଲ୍ କରି ନିଜ ଦାୟିତ୍ୱ ସାରିଦେଉଛି। ରାଜ୍ୟରେ ହଜାର ହଜାର ସଂଖ୍ୟାରେ ଘରୋଇ ଡାକ୍ତରଖାନା, କ୍ଲିନିକ୍, ନର୍ସିଂହୋମ୍ ଥିଲେ ସୁଦ୍ଧା ବିଭାଗ ନିଜ ଆଡ଼ୁ ଯାଞ୍ଚ କରିବାର ନଜିର ନାହିଁ। ଗୋଟିଏପଟେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଅନ୍ୟପଟେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ଯୋଗୁଁ ରୋଗୀଙ୍କ ଜୀବନ ବଳି ପଡୁଥିବା ଅଭିଯୋଗ ହେଉଛି।

ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଘରୋଇ ଡାକ୍ତରଖାନା, ନର୍ସିଂହୋମ୍ ଆଦିର ଅଗ୍ନି ସୁରକ୍ଷା ବ୍ୟବସ୍ଥା ଆମେ ଯାଞ୍ଚ କରୁଛୁ। ସେମାନଙ୍କୁ ସଚେତନ ମଧ୍ୟ କରୁଛୁ। ଯେବେ ବି ଅବହେଳା ହୋଇଥିବା ଦୃଷ୍ଟିକୁ ଆସୁଛି, ନୋଟିସ୍ ଜାରି କରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଉଛି।

## ବିଏସ୍‌କେୱାଇ ତାଲିକାରୁ ତ୍ରିଶା ନର୍ସିଂହୋମ୍ ବାଦ୍



### ଚିକିତ୍ସାଧୀନଙ୍କୁ ଭେଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବ

### ଘରୋଇ ହସ୍ପିଟାଲ ନିମନ୍ତେ ଗାଇଡଲାଇନ୍ କରିବ ସମନ୍ୱୟ କମିଟି

କଟକ, ୧୪।୭(ସମିସ): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ତାଲିକାରୁ ତ୍ରିଶା ନର୍ସିଂହୋମ୍‌କୁ ବାଦ୍ ଦିଆଯାଇଛି। ଶନିବାର ପୁରୀଘାଟସ୍ଥିତ ଏହି ଘରୋଇ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଥିଲା। ଉକ୍ତ ଘଟଣାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ମିଳିତ ଭାବେ ଯାଞ୍ଚ ଜାରି ରହିଥିବା ବେଳେ ଆଜି ଏଭଳି ଆଦେଶ ମିଳିଛି। ଅନ୍ୟପକ୍ଷରେ ଉକ୍ତ ନର୍ସିଂହୋମ୍‌ରୁ ସ୍ଥାନାନ୍ତର ହୋଇ କଟକ ବଡ଼ ମେଡିକାଲ ଏବଂ ଶିଶୁଭବନରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଉଭୟ ରବିବାର ଦିନ ଦୁଇଟି ଯାକ ହସ୍ପିଟାଲକୁ ଆସିଥିଲେ। ରୋଗୀଙ୍କୁ ଭେଟିବା ସହ ସମସ୍ତଙ୍କୁ କିପରି ଉନ୍ନତ ସ୍ୱାସ୍ଥ୍ୟସେବା ମିଳିବ ସେ ଦିଗରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ। ଅଗ୍ନିଶମ ଡିଜି ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ସମନ୍ୱୟ କମିଟି ଗଠନ ହେବା ସହ ଖୁବ୍‌ଶୀଘ୍ର ସମସ୍ତ ଘରୋଇ ହସ୍ପିଟାଲ ନିମନ୍ତେ ଗାଇଡଲାଇନ ଜାରି କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କହିଥିଲେ।

## ଶିଶୁଭବନରେ ପ୍ରାଣ ହରାଇଲା ୭ ଦିନର ଶିଶୁ

କଟକ, ୧୪।୭(ସମିସ): ଶନିବାର ଅପରାହ୍ଣରେ ତ୍ରିଶା ନର୍ସିଂହୋମ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏଠାରେ ଚିକିତ୍ସାଧୀନ ରୋଗୀଙ୍କୁ ଯୁଦ୍ଧକାଳୀନ ପରିସ୍ଥିତିରେ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ରଙ୍କ ସୂଚନା ମୁତାବକ, ମୋଟ୍ ୧୮ ଜଣଙ୍କୁ ସ୍ଥାନାନ୍ତର କରାଯାଇ ଏସ୍‌ସିବି ଅଣାଯାଇଥିଲା। ଏମାନଙ୍କ ଭିତରୁ ୪ଜଣ ଡିସ୍‌ଚାର୍ଜ ହୋଇସାରିଲେଣି। ଅବଶିଷ୍ଟ ୧୪ ରୋଗୀଙ୍କ ଭିତରୁ ୩ଜଣ ଶିଶୁ ରୋଗୀଙ୍କୁ ଏସ୍‌ଏନସିୟୁରେ ରଖାଯାଇଛି। ୪ଜଣ ଆଇସିୟୁରେ ଥିବା ବେଳେ ୭ ଜଣ ଜେନେରାଲ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ସେହିପରି ଶିଶୁଭବନରେ ୧୭ ଜଣଙ୍କୁ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ଭିତରୁ ଜଣେ ୭ ଦିନର ଶିଶୁର ଚିକିତ୍ସାଧୀନ ଅବସ୍ଥାରେ ଆଜି ମୃତ୍ୟୁ ହୋଇଛି ବୋଲି ଶିଶୁଭବନ ଅଧୀକ୍ଷକ ଡାକ୍ତର ପ୍ରଦୀପ କୁମାର ଜେନା କହିଛନ୍ତି। ଏହାଛଡ଼ା ଜଣେ ଶିଶୁ ରୋଗୀ ଡିସଚାର୍ଜ ହୋଇଛି। ଅନ୍ୟ ଜଣେ ଶିଶୁ ରୋଗୀର ପରିବାର ଲାମା ଜରିଆରେ ଅନ୍ୟ ହସ୍ପିଟାଲକୁ ଚାଲିଯାଇଛନ୍ତି। ତ୍ରିଶା ନର୍ସିଂହୋମରୁ ସ୍ଥାନାନ୍ତର ହୋଇ ଏଠାକୁ ଆସିଥିବା ୧୪ ଶିଶୁ ରୋଗୀଙ୍କ ଭିତରୁ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି ବୋଲି ଅଧୀକ୍ଷକ ଜଣାଇଛନ୍ତି।

ଅନ୍ୟପକ୍ଷରେ ରବିବାର ମୃତ୍ୟୁ ବରଣ କରିଥିବା ୭ ଦିନର ଶିଶୁଟି ଭଦ୍ରକ ଚାନ୍ଦବାଲି ଅଞ୍ଚଳର। ଏ ସଂକ୍ରାନ୍ତରେ ଶିଶୁଭବନ ଅଧୀକ୍ଷକ ଡାକ୍ତର ଜେନା କହିଛନ୍ତି ଯେ ଉକ୍ତ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଭଲ ନଥିଲା। ମୃତ୍ୟୁବରଣ କରିଥିବା ଶିଶୁର ଅଗ୍ନିକାଣ୍ଡଜନିତ କୌଣସି ସମ୍ପୃକ୍ତି ନାହିଁ ବୋଲି ସେ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଜିଲ୍ଲାପାଳ ଅରିନ୍ଦମ ଡାକୁଆ ଉପସ୍ଥିତ ଥିଲେ।

### ଚାର୍ଜ ହୋଇଗଲା ଗୀତିନାଟ୍ୟ ମଞ୍ଚ

## ବିଦ୍ୟୁତ୍ ଆଘାତରେ ୧୯ ଆହତ

ବ୍ରହ୍ମପୁର/ଦିଗପହଣ୍ଡି, ୧୪।୭(ସମିସ): ଦିଗପହଣ୍ଡି ବ୍ଲକ୍ ଫାଶୀଗୁଡ଼ା ଗ୍ରାମ ଦଳିତ ସାହିରେ ରବିବାର ଅପରାହ୍ଣରେ ଏକ ବଡ଼ଧରଣର ଅଘଟଣ ଘଟିଛି। ରାମାୟଣ ଗୀତିନାଟ୍ୟ ମଞ୍ଚରେ ବିଦ୍ୟୁତ୍ ଆଘାତରେ ୧୯ଜଣ ଗୁରୁତର ଆହତ ହୋଇଛନ୍ତି। ଉଦ୍‌ବେଗର କଥା ହେଲା, ଆହତମାନଙ୍କ ମଧ୍ୟରୁ ୧୫ଜଣ ନାବାଳକ। ଆହତମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୮ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ୨ଜଣଙ୍କ ଆଇସିୟୁରେ ଚିକିତ୍ସା ଚାଲିଛି।

ସୂଚନାନୁଯାୟୀ, ଗ୍ରାମର ଦଳିତ ସାହିରେ ଥିବା ମା' ଗ୍ରାମଦେବତୀ ମନ୍ଦିର ପୁନରୁଦ୍ଧାର ପରେ ସାହି ବାସିନ୍ଦାଙ୍କ ଉଦ୍ୟମରେ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୯ ତାରିଖଠାରୁ ଚାଲିଥିଲା। ଏହି ଅବସରରେ ଶନିବାର ରାତିରୁ ସାହିରେ ରାମାୟଣ ଗୀତିନାଟ୍ୟ ପରିବେଷଣ କରାଯାଉଥିଲା। ତେବେ ରବିବାର ମଧ୍ୟାହ୍ନରେ ବର୍ଷା ହେବା ଯୋଗୁଁ ଅଧାରୁ ନାଟକକୁ ବନ୍ଦ କରାଯାଇଥିଲା। ବର୍ଷା ପରେ ପୁଣିଥରେ ନାଟକ ପରିବେଷଣ ହେବାକୁ ଥିବାରୁ ବିଦ୍ୟୁତ୍ ସଂଯୋଗ ଛିନ୍ନ କରାଯାଇନଥିଲା। ଏହି ସମୟରେ ସାହିର କିଛି କିଶୋର/କିଶୋରୀ ମଞ୍ଚ ଉପରେ ଚଢ଼ି ଖେଳୁଥିବା ବେଳେ ଦୁର୍ଭାଗ୍ୟବଶତଃ ଲୁହା ଓ ଷ୍ଟିଲ୍‌ରେ ନିର୍ମିତ ମଞ୍ଚଟି କୌଣସି କାରଣରୁ ଚାର୍ଜ ହୋଇଯାଇଥିଲା। ଫଳରେ ସେଠାରେ ଥିବା ୧୫ କିଶୋର/କିଶୋରୀଙ୍କୁ ମିଶାଇ ମୋଟ ୧୯ ଜଣ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ସେମାନଙ୍କ ଚିତ୍କାର ଶୁଣି କିଛି ବ୍ୟକ୍ତି ଦୌଡ଼ି ଯାଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ।



ପରେ ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନିଆଯାଇଥିଲା। ଆହତମାନେ ହେଲେ, ଗଣେଶ ପ୍ରଧାନ, ଚନ୍ଦନ ବିଶ୍ୱାଳ, ରୁଦ୍ର ପ୍ରଧାନ, ଶମ୍ଭୁ ନାୟକ, ଆକାଶ ଦାସ, ଶିଳ୍ପା ଦାସ, କ୍ରିଷ୍ଣା ଦାସ, ବଳରାମ ଦାସ, ଶୁଭମ ବେହେରା, ଓମ୍ ଦାସ, ଭାସ୍କର ପ୍ରଧାନ, ଅନିଲ ଦାସ, ଶ୍ରୀନୁ ଦାସ, ତେଜସ୍ୱିନୀ ଦାସ, ସଚିନ ଦାସ, ପୂର୍ଣ୍ଣଦାସ, ଅମୃତ ଦାସ, ମିକି ଦାସ, ପ୍ରତାପ ବେହେରା ଏବଂ ଶିବରାମ ବିଷୋୟୀ।

ସରପଞ୍ଚ ଶିବରାମ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଗ୍ରାମବାସୀଙ୍କ ସହାୟତା କରିଥିଲେ। ସେହିପରି ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବ୍ରହ୍ମପୁର ଉପଜିଲ୍ଲାପାଳ ଧୀନା ଦସ୍ତାଗିର, ତହସିଲଦାର ଅନୀତା ସାହୁ, ବିଡିଓ ଚିତ୍ତରଞ୍ଜନ ଦାସ, ମେଡିକାଲ ଅଧୀକ୍ଷକ ପ୍ରଫେସର୍ ଡାକ୍ତର ସୁଚିତ୍ରା ଦାଶ, ଥାନା ଆଇଆଇସି ପ୍ରଶାନ୍ତ ପାତ୍ର, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଫାଶୀଗୁଡ଼ା ସରପଞ୍ଚ ଶିବରାମ ପ୍ରଧାନ ପ୍ରମୁଖ ବ୍ରହ୍ମପୁର ବଡ଼ ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

## ଶିକାରୀ ଜାଲରେ ପଡ଼ି ଭାଲୁ ମୃତ

କବିସୂର୍ଯ୍ୟନଗର, ୧୪।୭ (ସମିସ): ଶିକାରୀ ବିଛାଇଥିବା ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ଚାଲିଗଲା ନିରୀହ ଭାଲୁର ଜୀବନ। କବିସୂର୍ଯ୍ୟନଗର ବ୍ଲକ ତଥା ପୋଲସରା ବନାଞ୍ଚଳ ଅଧୀନ ନାଚୁଣିବାଡ଼ି ଗ୍ରାମ କନ୍ଧୁଣିଦେବୀ ନିକଟସ୍ଥ ଏକ ଚାଷ ଜମିରେ ଏହି ଅଘଟଣ ଘଟିଛି। ଏ ସଂପର୍କରେ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଆସିକା ଓ ପୋଲସରା ବନାଞ୍ଚଳ ଅଧିକାରୀମାନେ ସେଠାରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି। ତେବେ ପଶୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ଲାଗି ଭାଲୁର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲସରା ରେଞ୍ଜର୍ ଅନିଲ କୁମାର ପଣ୍ଡା କହିଛନ୍ତି।

## ମୟୂରଭଞ୍ଜ ରାଜା ଝିଅ 'ଟ୍ରାଭେଲ ଓ ଲିଜର'ର ସମ୍ପାଦକୀୟ ମୁଖ୍ୟ

ବାରିପଦା, ୧୪।୭ (ସମିସ): ବିଶ୍ୱର ଅନ୍ୟତମ ପ୍ରମୁଖ ମାଗାଜିନ୍ 'ଟ୍ରାଭେଲ ଆଣ୍ଡ ଲିଜର୍' ଭାରତ ତଥା ଦକ୍ଷିଣ-ଏସିଆ ମହାଦେଶର ସମ୍ପାଦକୀୟ ମୁଖ୍ୟ ଭାବେ ମୟୂରଭଞ୍ଜର ରାଜଜେମା ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ଦାୟିତ୍ୱ ଗ୍ରହଣ କରିଛନ୍ତି। ଚଳିତ ମାସ ୧୫ ତାରିଖରୁ ମାଗାଜିନର ବ୍ୟାଙ୍କକ ଅଫିସ୍‌ରେ ସୁଶ୍ରୀ ଭଞ୍ଜଦେଓ କାର୍ଯ୍ୟାରମ୍ଭ କରିବେ ବୋଲି ଜଣାଯାଇଛି। ସେ ଉକ୍ତ ମାଗାଜିନ୍‌ର ସର୍ବକନିଷ୍ଠ ଏଡିଟର-ଇନ-ଚିଫ୍। ଏହି ପଦବୀରେ ଅବସ୍ଥାପିତ ହେବାରେ ସେ ପ୍ରଥମ ଓଡ଼ିଆ।



ସୁଶ୍ରୀ ଭଞ୍ଜଦେଓ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏବଂ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ କନିଷ୍ଠ କନ୍ୟା। ସେ କୋଲକାତାର ଲା' ମାର୍ଟିନିଆ ସ୍କୁଲରୁ ପ୍ରାଥମିକ ଶିକ୍ଷା ଲାଭ ପରେ ସିଙ୍ଗାପୁରସ୍ଥିତ ୟୁନାଇଟେଡ ୱାର୍ଲ୍ଡ କଲେଜରେ ହାଇସ୍କୁଲସ୍ତରର ଶିକ୍ଷା ଲାଭ କରିଥିଲେ। ପରେ ଆମେରିକାର ବାର୍ଡ କଲେଜରେ ରାଜନୀତି ବିଜ୍ଞାନ ଓ ମାନବାଧିକାର ବିଷୟରେ ସ୍ନାତକୋତର ଶିକ୍ଷା ଲାଭ କରିଥିଲେ। ପାଠପଢ଼ା ସରିବା ପରେ ସେ ନ୍ୟୁୟର୍କ ଠାରେ ୬ବର୍ଷ ଧରି ଏକ ବିଶ୍ୱସ୍ତରୀୟ ଫ୍ୟାସନ୍ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର୍ ଭାବେ କାର୍ଯ୍ୟ କରିଥିଲେ। ମୟୂରଭଞ୍ଜ ବାବଦରେ ସେ ବିଭିନ୍ନ ବିଶ୍ୱସ୍ତରୀୟ ମଞ୍ଚ ତଥା ପତ୍ରପତ୍ରିକାରେ ଆଲୋକପାତ କରି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ତାଙ୍କରି ଉଦ୍ୟମରେ ହିଁ ବିଶ୍ୱର ପ୍ରମୁଖ ଟାଇମ ମାଗାଜିନରେ ପର୍ଯ୍ୟଟକମାନଙ୍କ ପାଇଁ ବିଶ୍ୱର ଶ୍ରେଷ୍ଠ ୫୦ଟି ସ୍ଥାନ ମଧ୍ୟରେ ମୟୂରଭଞ୍ଜ ସ୍ଥାନିତ ହୋଇପାରିଥିଲା।



ସକାଳ
THE SAKALA

# ବ୍ୟବସ୍ଥାର ଘୁଣଚକ୍ର

ଘୁଣ(କାଠପୋକ, ଚାଉଳପୋକ ଇତ୍ୟାଦି)ଜାତୀୟ କୀଟମାନଙ୍କର ବିଚିତ୍ର ଚରିତ୍ର ହେଲା, ସେମାନେ ଯେଉଁଠାରୁ ଜନ୍ମନିଅନ୍ତି, ଯାହାକୁ ଅବଲମ୍ବନ କରନ୍ତି, ତା'କୁ ହିଁ ଖାଇ ନଷ୍ଟ କରିଦିଅନ୍ତି। ଆମ ସାମାଜିକ-ଅର୍ଥନୈତିକ-ରାଜନୈତିକ ବ୍ୟବସ୍ଥାରେ ମଧ୍ୟ ଏଭଳି ଘୁଣମାନଙ୍କର ପ୍ରଜାତି ଓ ସଂଖ୍ୟା କମ୍ ନୁହେଁ, ଯେଉଁମାନଙ୍କ ପ୍ରଭାବରୁ ଗଣତନ୍ତ୍ରର ଉଦାରବାଦ କିମ୍ବା ରାଜତନ୍ତ୍ରର ଏକଛତ୍ରବାଦ ବର୍ତ୍ତି ପାରିନାହିଁ। ବିଧିବ୍ୟବସ୍ଥା ଭିତରୁ ଜନ୍ମ ନେଇ ସେହି ପାଣିପବନରେ ପରିପୁଷ୍ଟ ହୋଇଥିବା ଘୁଣମାନଙ୍କ ଦଂଶନରେ ରାଜନୀତି କଳୁଷିତ, ପ୍ରଶାସନ ଅବ୍ୟବସ୍ଥିତ, ଅର୍ଥନୀତି ଲକ୍ଷ୍ୟଭ୍ରଷ୍ଟ, ବିକାଶ ବାଧାପ୍ରାପ୍ତ, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୁଏ। ବ୍ୟବସ୍ଥା ଭିତରେ ରହି, ତାହାର ପରିବେଶ ସହିତ ଖାପ୍‌ଖୁଆଇ ଏମାନଙ୍କର ପ୍ରତିରୋଧଶକ୍ତି ଏତେ ବଢ଼ିଯାଏ ଯେ ଆଧୁନିକ ପ୍ରଯୁକ୍ତି ବିଜ୍ଞାନର ଅନୁସନ୍ଧାନ ଓ କଠୋର ଦଣ୍ଡବିଧାନର ଭୟ ମଧ୍ୟ ସେମାନଙ୍କୁ ସମ୍ପୂର୍ଣ୍ଣ ବିଲୋପ କରିପାରେ ନାହିଁ। ଲୋକତାନ୍ତ୍ରିକ ସରକାରରେ 'ସାଧାରଣ ବଣ୍ଟନ ବ୍ୟବସ୍ଥା'(ପିଡିଏସ୍) ଭଳି ଯେଉଁ ଜନକଲ୍ୟାଣକାରୀ ସରକାରୀ ଯୋଜନାର ପରିସର ଯେତେ ବ୍ୟାପକ ଓ ହିତାଧିକାରୀ ବର୍ଗ ଯେତେ ଅଧିକ, ସେହି ଅନୁପାତରେ ଘୁଣମାନଙ୍କର ପ୍ରାବଲ୍ୟ ସେତେ ଉଦ୍‌ବେଗଜନକ।

ଓଡ଼ିଶାରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଏବେ ସେଭଳି କିଛି ଘୁଣ ଥିବା ଚର୍ଚ୍ଚା ଉଠିଛି। ରାଜ୍ୟରେ ୨୫ ଲକ୍ଷ ଜାଲ୍ ବା ଅଯୋଗ୍ୟ ବ୍ୟକ୍ତି ରାସନ୍ କାର୍ଡ ହାତେଇ ନେଇ ବର୍ଷ ବର୍ଷ ଧରି ସରକାର ଯୋଗାଇ ଦେଉଥିବା ମାଗଣା ଚାଉଳ ଓ ଗହମ ଆତ୍ମସାତ କରୁଥିବା ଅଭିଯୋଗ ଆସିଛି। ଏହାପରେ ଗତାନୁଗତିକ ଢଙ୍ଗରେ ଏହି ପ୍ରସଙ୍ଗରେ ରାଜନୈତିକ ଆରୋପ-ପ୍ରତ୍ୟାରୋପ ଜାରି ରହିଛି। ସ୍ୱାଭାବିକ ଭାବରେ ଏହି ଅଭିଯୋଗର ଅନୁସନ୍ଧାନ ହେବା ପରେ ଜାଲ୍ ହିତାଧିକାରୀ ସଂଖ୍ୟା ୨୫ ଲକ୍ଷ କିମ୍ବା ତା'ଠାରୁ କମ୍ କିମ୍ବା ବେଶୀ ଜଣାପଡ଼ିବ।

ବାସ୍ତବତା ହେଉଛି, ଏକ ବ୍ୟବସ୍ଥା ଭିତରେ ଘୁଣମାନେ ନିଜେ ଜନ୍ମ ହୁଅନ୍ତି; କିନ୍ତୁ ଏମାନଙ୍କୁ ପରିପୁଷ୍ଟ କରନ୍ତି ବ୍ୟବସ୍ଥାର ପରିପାଳକମାନେ। ଏହି ପରିପାଳକ ଓ ହିତାଧିକାରୀଙ୍କ ମଧୁଚନ୍ଦ୍ରିକା ହିଁ ଘୁଣଚକ୍ର ସୃଷ୍ଟି କରେ, ଯାହା ବ୍ୟବସ୍ଥାକୁ ବିଧ୍ୱସ୍ତ କରି ପ୍ରଗତିର ଲକ୍ଷ୍ୟ ପରାହତ କରେ। ତେଣୁ ବ୍ୟବସ୍ଥାର ଏହି ଘୁଣଚକ୍ରକୁ ସମୂଳେ ବିନାଶ କରିବାର ଉପାୟ ଅବଲମ୍ବନ ସହ ଅସାଧୁ ପରିପାଳକମାନଙ୍କ ପ୍ରତି ଦଣ୍ଡବିଧାନ ଏକାନ୍ତ ଜରୁରୀ। ଅନ୍ୟଥା ଏହାକୁ କେବଳ ଏକ ରାଜନୈତିକ ପ୍ରସଙ୍ଗ କରି ଆରୋପ-ପ୍ରତ୍ୟାରୋପ କରାଯିବା ସମ୍ପୂର୍ଣ୍ଣ ନିରର୍ଥକ।

ଏହି ପରିପ୍ରେକ୍ଷୀରେ ସବୁଠାରୁ ଚିନ୍ତାଜନକ ଓ ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି, ବ୍ୟବସ୍ଥାର ଏଭଳି ଘୁଣଚକ୍ର ଯୋଗୁଁ ଅସଲ ହିତାଧିକାରୀମାନେ ସେମାନଙ୍କ ନ୍ୟାୟିକ ଅଧିକାରରୁ ବଞ୍ଚିତ ହୁଅନ୍ତି। ଏହା କେବଳ ସାମାଜିକ-ଅର୍ଥନୈତିକ ବୈଷମ୍ୟକୁ ଉତ୍କଟ କରୁନାହିଁ; ନାଗରିକର ସାମ୍ବିଧାନିକ ଅଧିକାରକୁ ମଧ୍ୟ କ୍ଷୁଣ୍ଣ କରୁଛି। କେବଳ ରାସନ୍ କାର୍ଡ ବିଷୟ ଆଲୋଚନା କରାଯାଉ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କେନ୍ଦ୍ର ସରକାର ପ୍ରତି ହିତାଧିକାରୀଙ୍କୁ ମାସିକ ପାଞ୍ଚ କିଲୋ ଲେଖାଏଁ ମାଗଣା ଚାଉଳ/ଗହମ ଯୋଗାଇ ଦେଉଛନ୍ତି। କିନ୍ତୁ ଏହି ଯୋଜନାର ହିତାଧିକାରୀ ସଂଖ୍ୟା ଅସୀମିତ ନୁହେଁ। ଅର୍ଥାତ୍ ଯେତେଜଣ ବିପିଏଲ୍ ମାନଦଣ୍ଡ ପୂରଣ କରୁଥିବାର ପ୍ରମାଣ ଦେବେ ସମସ୍ତଙ୍କୁ ରାସନ୍ କାର୍ଡ ଯୋଗାଇ ଦିଆଯାଇପାରିବ ନାହିଁ। ଗୋଟିଏ ରାଜ୍ୟରେ ଏହି ଯୋଜନାର ହିତାଧିକାରୀ ସଂଖ୍ୟା କେତେ ହେବ ତାହାର ସୀମା ନିର୍ଦ୍ଧାରଣ କରାଯାଇଛି। ଏହି ସୀମା ଅନୁଯାୟୀ ଓଡ଼ିଶାର ହିତାଧିକାରୀ ସଂଖ୍ୟା ପ୍ରାୟ ୩ କୋଟି ୨୬ ଲକ୍ଷ। ଏହାବାଦ୍ ରାଜ୍ୟ ସରକାର ତାଙ୍କ ନିଜସ୍ୱ ଯୋଜନାରେ ଆଉ ପ୍ରାୟ ୬ ଲକ୍ଷ ହିତାଧିକାରୀଙ୍କୁ ନିଜ ଖର୍ଚ୍ଚରେ ମାଗଣା ରାସନ୍ ଯୋଗାଇ ଆସୁଛନ୍ତି। କିନ୍ତୁ ଜାଲ୍ ରାସନ୍‌କାର୍ଡଧାରୀଙ୍କ ଯୋଗୁଁ ଅସଲ ହିତାଧିକାରୀମାନେ ମାଗଣା ରାସନ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ରାସନ୍ କାର୍ଡ ପାଇବା ପ୍ରକ୍ରିୟା ଏବେ ପ୍ରାୟତଃ ପ୍ରଭାବ(ଲବି)ରେ ପରିଣତ ହୋଇଯାଇଥିବା ଅଭିଯୋଗ ହେଉଛି। ତେଣୁ ଏହି ଦୌଡ଼ରୁ ବିଚରା ନିଃସହାୟ ଗରିବମାନେ ପଛରେ ପଡ଼ିଯାଉଛନ୍ତି ଏବଂ 'ନଥିଲା-ବାଲା'ଙ୍କ ହକ୍ 'ଥିଲା-ବାଲା' ଖାଇ ଯାଉଛନ୍ତି।

ଏଠାରେ ବୈଶ୍ୱିକ-ସାମାଜିକ ବିଡ଼ମ୍ବନା ଲକ୍ଷ୍ୟ କରାଯାଉ। ଗୋଟିଏ ପଟେ ଜୀବନ ଧାରଣ ପାଇଁ ଅତ୍ୟାବଶ୍ୟକ ଖାଦ୍ୟ ପାଉ ନଥିବା ଲୋକଙ୍କ ସଂଖ୍ୟା ବିଶ୍ୱରେ ପ୍ରାୟ ୭୦ କୋଟି ହୋଇଥିବା ବେଳେ ଭାରତରେ ସେମାନଙ୍କ ସଂଖ୍ୟା ପ୍ରାୟ ୧୮ କୋଟି। ଅଥଚ ଘର, ମୋଟର ଗାଡ଼ି, ଭଲ ରୋଜଗାର ଥାଇ ଦେଶରେ ସରକାରୀ ମାଗଣା ଚାଉଳ ହଡ଼ପ କରୁଥିବା ଲୋକଙ୍କ ସଂଖ୍ୟା ବହୁକୋଟି ହୋଇଥିବା ଅସମ୍ଭବ ନୁହେଁ। ଏହାଠାରୁ ବଳି ଅମାନବିକତା ଓ ଲଜ୍ଜା ବୋଧହୁଏ ଆଉ ନାହିଁ। ଅପରପକ୍ଷରେ ଠିକ୍ ବିପରୀତ ଗୁଣ, ଚରିତ୍ରଧାରୀ ବ୍ୟକ୍ତିଙ୍କ ସଂଖ୍ୟା ମଧ୍ୟ ଆମ ସମାଜରେ ବିରଳ ନୁହନ୍ତି, ଯେଉଁମାନେ ନିଜର ଭବିଷ୍ୟତ ପାଇଁ ଚିନ୍ତା ନ କରି ଅନ୍ୟ ପାଇଁ ଜୀବନ ଉତ୍ସର୍ଗ କରିଦେଇଛନ୍ତି; ଯେଉଁଦିନ ଯାହା ମିଳିଲା ତାହା ଭୋକିଲାମାନଙ୍କୁ ଦେଇ ଆତ୍ମସନ୍ତୋଷ ଲାଭ କରନ୍ତି। ଏଭଳି ଦିବ୍ୟ ଓ ଦେବୋପମ ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶରେ ଜାଲ୍ ରାସନ୍‌କାର୍ଡ ଧାରୀମାନେ ଆସୁଥିବେ ଏବଂ ସେମାନଙ୍କ କାର୍ଯ୍ୟକଳାପ ପଢ଼ି/ଦେଖି/ଶୁଣୁଥିବେ ନିଶ୍ଚୟ। କିନ୍ତୁ ଏଭଳି ହଜାର ହଜାର ଉଦାହରଣ ମଧ୍ୟ ସେମାନଙ୍କ ମନ ପରିବର୍ତ୍ତନ କରିପାରିବ ନାହିଁ। କାରଣ ବ୍ୟବସ୍ଥାର ଏହି ଘୁଣମାନେ ପ୍ରଥମେ ନିଜେ ହିଁ ନିଜ ବିବେକକୁ ଦଂଶି ହତ୍ୟା କରିଦିଅନ୍ତି। 'ଆମେ ଭଲରେ ଥିଲେ ଗଲା, ଆଉ ଯିଏ ଯେମିତି ମରୁ ପଛେ' - ଏହାକୁ ହିଁ ସେମାନେ ଜୀବନମନ୍ତ୍ର କରିସାରିଛନ୍ତି। ତେଣୁ ବିବେକହୀନ ଘୁଣଠାରୁ ପରୋପକାର, ପରକଲ୍ୟାଣ ଚିନ୍ତା ଆଶା କରିବା ବୃଥା।

କୀଟ ଫସଲ ଖାଉଥିବା ଜଣାପଡ଼ିଲେ ସେହି କୀଟଟିକୁ ଖୋଜି ବାହାର କରି ଦିଆଯାଇପାରେ କିମ୍ବା କୀଟନାଶକ ପ୍ରୟୋଗ କରି ମାରି ଦିଆଯାଇପାରେ। କିନ୍ତୁ ସେ ଫସଲର ଯେଉଁ କ୍ଷତି କରିସାରିଛି ତାହା ଭରଣା କରାଯାଇପାରିବ ନାହିଁ। ସେହିପରି ଆମ ବ୍ୟବସ୍ଥାର ସବୁକ୍ଷେତ୍ରରେ ରହୁଥିବା ଏହି ଘୁଣମାନେ ଦେଶର ସାମାଜିକ-ଅର୍ଥନୈତିକ ବ୍ୟବସ୍ଥାରେ ଯେଉଁ କ୍ଷତିସାଧାନ କରିସାରିଛନ୍ତି, ସର୍ବୋପରି ପ୍ରଗତିକୁ ଯେତିକି ପଛକୁ ନେଇଯାଇଛନ୍ତି ତାହାର ଭରଣା କରିବା ସମ୍ଭବ ନୁହେଁ। ବ୍ୟବସ୍ଥାର ଏଭଳି ଘୁଣଚକ୍ରକୁ ଭାଙ୍ଗିବା ପାଇଁ ଏକ ପ୍ରଭାବଶାଳୀ ସାମାଜିକ-ଅର୍ଥନୈତିକ ପ୍ରତିଷେଧକ ଉଦ୍‌ଭାବନ କରିବାର ସମୟ ଏବେ ଉପଗତ। ସମାବେଶୀ ଅର୍ଥନୀତିର ସଫଳତା ପାଇଁ ଏକ ଘୁଣ-ପ୍ରତିରୋଧୀ ବ୍ୟବସ୍ଥାର ଭିତ୍ତିଭୂମି ଗଠନର ଆବଶ୍ୟକତା ଏବେ ସବୁଠାରୁ ଅଧିକ। ଆଶା, ଏହି ଆବଶ୍ୟକତା ପୂରଣ ପାଇଁ, ରାଜନୈତିକ ଦଳମାନେ ମତ-ଆଦର୍ଶ ଊର୍ଦ୍ଧ୍ୱରେ ସାମୂହିକ ପ୍ରଚେଷ୍ଟାରେ ଏକ ନୈତିକ-ଦୂରଦର୍ଶୀ-ପ୍ରଭାବଶାଳୀ ବ୍ୟବସ୍ଥାଗତ ସଂସ୍କାର ଆଣିବାରେ ବ୍ରତୀ ହେବେ।

# ଖାଦ୍ୟ ନିରାପତ୍ତା ଓ ଜିନୀୟ ପରିବର୍ତ୍ତିତ ଫସଲ



ପ୍ରଫେସର ସୁନ୍ଦର ନାରାୟଣ ପାତ୍ର
ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ବିଶ୍ୱ ଜନସଂଖ୍ୟା ବୃଦ୍ଧି ସହିତ ଖାଦ୍ୟ ଚାହିଦା ବଢ଼ିବାରେ ଲାଗିଛି। ସେହି ଅନୁପାତରେ ଯୋଗାଣ ପର୍ଯ୍ୟାପ୍ତ ହୋଇ ନ ପାରିବାରୁ ବିଶ୍ୱରେ ଖାଦ୍ୟ ନିରାପତ୍ତା ବିପନ୍ନ ହେଉଛି। ଅପରପକ୍ଷରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ କୃଷି କ୍ଷେତ୍ରରେ ଉତ୍ପାଦକତା ହ୍ରାସ, ଯୁଦ୍ଧ ଜନିତ ସ୍ଥିତି, ସହରୀକରଣ ଆଦି ଖାଦ୍ୟସଙ୍କଟକୁ ଆହୁରି ଘନୀଭୂତ କରିଚାଲିଛି। ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସୂତ୍ରରୁ ଜଣାଯାଏ ଯେ ଅନ୍ତତଃ ବିଶ୍ୱର ୬୦ ଟି ଦେଶରେ ପ୍ରାୟ ୨୫ କୋଟି ଲୋକ ଖାଦ୍ୟ ନିରାପତ୍ତାରୁ ବଞ୍ଚିତ। ଏଭଳି ସ୍ଥିତିରେ 'ଜିନୀୟ ପରିବର୍ତ୍ତିତ କୃଷି' ସପକ୍ଷରେ ମତ ପ୍ରକାଶ ପାଇ ଆସୁଛି। ଏକଦା 'ସବୁଜ ବିପ୍ଳବ' ଭାରତ ସମେତ ବିଶ୍ୱର ଅନେକ ଦେଶକୁ ଖାଦ୍ୟ ସଙ୍କଟରୁ ଉଦ୍ଧାର କରିଥିବା ବେଳେ ଏବେ ଏହି ପରିବର୍ତ୍ତିତ କୃଷି ପଦ୍ଧତି 'ଦ୍ୱିତୀୟ ସବୁଜ ବିପ୍ଳବ' ରୂପେ ପ୍ରତିଭାତ ହୋଇଛି। ଅବଶ୍ୟ ପ୍ରଥମ ସବୁଜ ବିପ୍ଳବର କେତେକ ଦୀର୍ଘକାଳୀନ ହାନିକାରକ ପ୍ରଭାବ ବିଷୟରେ ଜୈବକୃଷି ବିଶେଷଜ୍ଞମାନେ ଆଲୋଚନା କରୁଥିବା ଭଳି 'ଜିନୀୟ ପରିବର୍ତ୍ତିତ କୃଷି' ମଧ୍ୟ ସମାଲୋଚନାରୁ ମୁକ୍ତ ହୋଇପାରୁନାହିଁ। ତେବେ ଆଜିର ଦିନରେ ବିଶ୍ୱ ଯେତେବେଳେ ଖାଦ୍ୟ ନିରାପତ୍ତା ସଙ୍କଟ ଏବଂ ଜଳବାୟୁ ପରିବର୍ତ୍ତନ ଜନିତ କୃଷି ଉତ୍ପାଦକତାକୁ ନେଇ ଚିନ୍ତିତ, ସେତେବେଳେ ଏହି ପରିବର୍ତ୍ତିତ କୃଷି ଜ୍ଞାନକୌଶଳ ଏକ ବିକଳ୍ପ ରୂପେ ଉଭା ହୋଇଛି।

ବୈଜ୍ଞାନିକମାନେ ୧୯୭୦ ମସିହାରେ ଜୈବ ପ୍ରକ୍ରିୟାରେ ସୂକ୍ଷ୍ମ ଯାନ୍ତ୍ରିକ କୌଶଳ ପ୍ରୟୋଗ ଦ୍ୱାରା ଗୋଟିଏ କୋଷରୁ ଖଣ୍ଡିଏ ଜିନ୍ କାଟି ଆଣି ଅନ୍ୟ ଗୋଟିଏ କୋଷରେ ଯୋଡ଼ି ଟ୍ରାନସଜେନିକ ବା ସଙ୍କର ଜାତୀୟ ଫସଲ ସୃଷ୍ଟି କଲେ। ଏଥିପୂର୍ବରୁ ବିଭିନ୍ନ ପଦ୍ଧତିରେ ସଙ୍କର ଜାତୀୟ ଫସଲ ସୃଷ୍ଟି ହୋଇସାରିଥିଲେ ମଧ୍ୟ ଜିନ୍ ବା ଡିଏନଏ ସ୍ତରରେ ଏହା ଆଗରୁ ଘଟି ନଥିଲା। ଜିନ୍ ସ୍ତରରେ ପରିବର୍ତ୍ତନ ଆଣି ଯେଉଁ ଫସଲ ସୃଷ୍ଟି ହୁଏ, ତା'କୁ କୁହାଯାଏ 'ଜେନେଟିକାଲି ମୋଡିଫାଇଡ କ୍ରପ' ବା 'ଜିନୀୟ ପରିବର୍ତ୍ତିତ ଫସଲ'। ତେବେ ଏହି 'ଜିନୀୟ ପରିବର୍ତ୍ତିତ ଫସଲ' ଯେତେବେଳେ ବଜାରରେ ପ୍ରବେଶ ହେଲା ଖାଉଟିମାନେ ଆଶଙ୍କା କଲେ ଯେ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ତେଣୁ ସେମାନେ ଏହାକୁ ବିରୋଧ କରିବା ଆରମ୍ଭ କଲେ। ବୈଜ୍ଞାନିକମାନେ ପରୀକ୍ଷା ନିରୀକ୍ଷା କରି କହିବାକୁ ଲାଗିଲେ ଯେ 'ଜିନୀୟ ପରିବର୍ତ୍ତିତ ଫସଲ' ସାଧାରଣ ଫସଲ ଭଳି ସମଭାବରେ ନିରାପଦ। ତେବେ ବୈଜ୍ଞାନିକମାନଙ୍କ ସ୍ପଷ୍ଟୀକରଣ ଖାଉଟିମାନଙ୍କର ଭରସାଯୋଗ୍ୟ ହେଲା ନାହିଁ। 'ଜିନୀୟ ପରିବର୍ତ୍ତିତ ଫସଲ' ସ୍ୱାସ୍ଥ୍ୟ ଉପଯୋଗୀ କି ନୁହେଁ ତାହାର ଦ୍ୱନ୍ଦ୍ୱ ପରବର୍ତ୍ତୀ ବହୁବର୍ଷ ପର୍ଯ୍ୟନ୍ତ ଲାଗି ରହିଲା।

୨୦୨୦ ମସିହାରେ ଉନ୍ନତତର ଜୈବିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା କୃଷି-ଜୈବ ବିଜ୍ଞାନୀମାନେ ଅନ୍ୟ କୌଣସି କୋଷରୁ ଜିନ୍ ବା ଡିଏନ୍‌ଏ ଖଣ୍ଡିଏ ଆଣିବା ପରିବର୍ତ୍ତେ ନିର୍ଦ୍ଦିଷ୍ଟ କୋଷରେ ରହିଥିବା ଜିନ୍‌କୁ ହିଁ ସଂଶୋଧନ କରି ଅଧିକ ଉତ୍ପାଦ ଏବଂ ଗୁଣାତ୍ମକ ଫସଲ ସୃଷ୍ଟି କରିବାରେ ସଫଳ ହେଲେ। ବୈଜ୍ଞାନିକମାନଙ୍କ ମତରେ ଏହି ଫସଲ ଅତ୍ୟନ୍ତ ନିରାପଦ। ବିଶ୍ୱ ଜନସଂଖ୍ୟା ୨୦୫୦ ବେଳକୁ ୧, ୦୦୦ କୋଟିରେ ପହଞ୍ଚିବା ଆକଳନ କରାଯାଉଛି। ତେଣୁ ନୂତନ ଉପାୟରେ ଜିନୀୟ ସ୍ତରରେ ସୃଷ୍ଟି କରାଯାଇଥିବା ଏହି ଫସଲ ଭବିଷ୍ୟତ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବାରେ ସଫଳ ହେବ ବୋଲି କେତେକ ମହଲ ଆଶା କରିଛନ୍ତି।

କ୍ୱଚିତ କ୍ଷେତ୍ରକୁ ଛାଡ଼ିଦେଲେ ଏକ ନୂତନ ଉଦ୍‌ଭାବନ କିମ୍ବା ଆବିଷ୍କାର ଏତେ ସହଜରେ ସମାଜରେ ଗ୍ରହଣୀୟ ହୋଇପାରେ ନାହିଁ। ବିଶେଷକରି ଏହା ଯେତେବେଳେ ମାନବ ଜୀବନଜୀବିକା ସହିତ ଜଡ଼ିତ ହୋଇଯାଏ



ସେତେବେଳେ ଆହୁରି ବିତର୍କିତ ଓ ବିବାଦୀୟ ହୋଇପଡ଼େ। ସମାନ ଘଟଣା ଘଟିଛି ଜିନୀୟ ପରିବର୍ତ୍ତିତ ଫସଲ କ୍ଷେତ୍ରରେ। ଏହାକୁ ନେଇ ସପକ୍ଷ ଓ ବିପକ୍ଷବାଦୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏପରିକି କେତେକ ଦେଶରେ ଏହି ବିବାଦ ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଛି।

ୱାର୍ଲ୍ଡ ଇକୋନୋମିକ ଫୋରମ 'ଜିନୀୟ ପରିବର୍ତ୍ତିତ ଫସଲ' ବ୍ୟବହାର ସପକ୍ଷରେ ମତ ଦେଇ କହିଛି ଯେ ଏହି ନୂତନ ପଦ୍ଧତିରେ ଧାନ, ମକା, ଗହମ, ଆଳୁ, କାସାଭା ଇତ୍ୟାଦି ଯେଉଁ ଫସଲ ସୃଷ୍ଟି କରାଯାଉଛି ସେଗୁଡ଼ିକ ବିଶ୍ୱ ଜଳବାୟୁରେ ଦେଖାଦେଉଥିବା ଅସ୍ୱାଭାବିକ ପରିବର୍ତ୍ତନ ପ୍ରଭାବ, ବିଶ୍ୱ ତାପନ, ପରିବେଶ ପ୍ରଦୂଷଣ ଜନିତ ରୋଗବ୍ୟାଧିର ମୁକାବିଲା କରିବାରେ ସକ୍ଷମ ହେବ। ଆମେରିକାର ଏକ ଗବେଷଣା ଅନୁଷ୍ଠାନର ମତରେ 'ଜିନୀୟ ପରିବର୍ତ୍ତିତ ଶସ୍ୟ' ଉପଯୋଗରେ ଉତ୍ପାଦିତ ମକା, ଧାନ ଭଳି ଗଛର ଭାଶ୍ଳେଷଣ ଜୈବ ରାସାୟନିକ ପ୍ରକ୍ରିୟାର କାର୍ଯ୍ୟଦକ୍ଷତାରେ ବୃଦ୍ଧି ଘଟାଇ ଉତ୍ପାଦନ ହାର ବଢ଼ାଇବା ସହିତ ବାହ୍ୟ ବାୟୁମଣ୍ଡଳରୁ ଶୀଘ୍ର ଅଙ୍ଗାରକାମ୍ଳ ଶୋଷଣ କରିବାରେ ସହାୟକ ହେବ। ବିଲ୍ ଆଣ୍ଡ ମେଲିଣ୍ଡା ଗେଟସ୍ ଫାଉଣ୍ଡେସନ୍ ଦ୍ୱାରା ଅନୁଦାନପ୍ରାପ୍ତ ଏକ ୱେବ୍‌ସାଇଟ ସୂତ୍ରରୁ ଜଣାପଡ଼ିଛି ଯେ ସବୁଜ ବିପ୍ଳବ ପାଇଁ ଆମ ପାଖରେ ଯେଉଁ ଜ୍ଞାନକୌଶଳ ଉପଲବ୍ଧ, ତା' ସାହାଯ୍ୟରେ ଚାଷୀମାନେ ବିଗତ ଶତାବ୍ଦୀ ତୁଳନାରେ ଚଳିତ ଶତାବ୍ଦୀରେ ଖାଦ୍ୟ ଶସ୍ୟ ଉତ୍ପାଦନ ଅଧିକ ବୃଦ୍ଧି କରିବାରେ ସକ୍ଷମ ହେବେ।

ଅପରପକ୍ଷରେ ଅନେକ ବୈଜ୍ଞାନିକ, ପରିବେଶବିତ୍ ଓ ପରିବେଶ ଆନ୍ଦୋଳନର ପୁରୋଧାମାନେ 'ଜିନୀୟ ପରିବର୍ତ୍ତିତ ଫସଲ' ଭବିଷ୍ୟତର ଖାଦ୍ୟ ଚାହିଦା ମେଣ୍ଟାଇବାରେ ଫଳପ୍ରଦ ହେବା ବିଷୟରେ ସନ୍ଦିହାନ ଅଛନ୍ତି। ଲଣ୍ଡନ ସ୍ଥିତ ବ୍ରୁନେଲ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏନେଲିନ କେନିସଙ୍କ ମତରେ ନୂତନ ଜିଏମଓ ଫସଲ ଆଗାମୀ ଦିନର ଖାଦ୍ୟ ଚାହିଦା ପୂରଣ ଦିଗରେ ସକ୍ଷମ ହୋଇପାରିବ ନାହିଁ। ଏବେ ସବୁଜ ଗୃହ ବାଷ୍ପ ସୃଷ୍ଟିରେ କୃଷିଜାତ ଦ୍ରବ୍ୟର ଯୋଗଦାନ ଏକ-ତୃତୀୟାଂଶ। ଯୁକ୍ତରାଷ୍ଟ୍ର ଆମେରିକାରେ ସମୁଦାୟ କୃଷି ଉତ୍ପାଦନର ପ୍ରାୟ ଅଧା 'ଜିନୀୟ ପରିବର୍ତ୍ତିତ ଫସଲ'। କେନିସଙ୍କ ମତରେ ଜିଏମଓ ଫସଲ ଅଧିକ କୃତ୍ରିମ ସାର୍, କୀଟନାଶକ, ଜଳସେଚନ ଓ ଶକ୍ତି ଚାହିଦା ଉପରେ ନିର୍ଭରଶୀଳ ହୋଇଥିବାରୁ ଏହା ଜଳବାୟୁ ପରିବର୍ତ୍ତନ ସଙ୍କଟକୁ ଆହୁରି ଘନୀଭୂତ କରିବ ଏବଂ ଖାଦ୍ୟ ଚାହିଦା ପୂରଣ କରିବାରେ ସମ୍ପୂର୍ଣ୍ଣ ସକ୍ଷମ ହୋଇପାରିବ ନାହିଁ। ଏହା କେବଳ କିଛି ବହୁଦେଶୀୟ ବାୟୋଟେକ୍ କମ୍ପାନୀଙ୍କ ଜଳବାୟୁ ପରିବର୍ତ୍ତନ ଆଳରେ ଷଡ଼ଯନ୍ତ୍ର।

ଫିଲିପାଇନ୍ସରେ ମକା ଗଛରୁ ପ୍ରୋଟିନ ଜିନ୍ ଆଣି ଧାନ ଗଛ ଜିନରେ ଭର୍ତ୍ତି କରି 'ସ୍ୱର୍ଣ୍ଣଧାନ' ସୃଷ୍ଟି କରାଯାଇଥିଲା। ଏହି ନୂତନ କିସମର 'ସ୍ୱର୍ଣ୍ଣଧାନ'ରେ ବିଟା କ୍ୟାରୋଟିନ ତଥା ଭିଟାମିନ-କ ଗଚ୍ଛିତ ରହିଥିବା କାରଣରୁ ଏହା ଚାଷ ପାଇଁ ଉପଯୋଗୀ ବୋଲି ସୁପାରିସ କରାଯାଇଥିଲା। ଜର୍ମାନୀର ବର୍ଣ୍ଣ ବିଶ୍ୱବିଦ୍ୟାଳୟର 'ସେଣ୍ଟର ଫର ଡେଭେଲପମେଣ୍ଟ ରିସର୍ଚ୍ଚ' ନିର୍ଦ୍ଦେଶକ ମାର୍ଟିନ କ୍ୱାଇମ୍‌ଙ୍କ ମତରେ ଭିଟାମିନ-କ ଅଭାବରୁ ଫିଲିପାଇନସରେ ଅନେକ ଲୋକ ମୃତ୍ୟୁବରଣ କରୁଥିବାରୁ 'ସ୍ୱର୍ଣ୍ଣଧାନ' ସେମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ। କିନ୍ତୁ ବିଶ୍ୱସ୍ତରୀୟ ବେସରକାରୀ ସଙ୍ଗଠନ 'ଗ୍ରୀନ ପିସ୍'ର ବିରୋଧ ଯୋଗୁଁ ଫିଲିପାଇନ୍ସ ନ୍ୟାୟାଳୟ 'ସ୍ୱର୍ଣ୍ଣଧାନ' ଚାଷ ଉପରେ କଟକଣା ଜାରି କରିଛନ୍ତି। ସେଭଳି ଅନ୍ୟ ଏକ ଜିଏମଓ ଫସଲ ଅଣ୍ଡାଭିଦର ଚାଷ ମଧ୍ୟ ନାମଞ୍ଜୁର ହେଲା। ତେବେ ନ୍ୟାୟାଳୟର ରାୟ ଯୋଗୁଁ ପ୍ରାକୃତିକ ଫସଲର ସୁରକ୍ଷା ହୋଇପାରିଛି ବୋଲି 'ଗ୍ରୀନ୍ ପିସ' ମତ ଦେଇଛି। ଏହି ସଂଗଠନର ମତରେ ଜିଏମଓ 'ସ୍ୱର୍ଣ୍ଣଧାନ' ଦୀର୍ଘକାଳୀନ ଭିତ୍ତିରେ କରଟେଭା, କେମଚିନି-ସିଙ୍ଗେଟା ଏବଂ ବିଏଏସଏଫ୍ ଭଳି ଲାଭଖୋର କମ୍ପାନୀମାନଙ୍କର ଫାଇଦା ଆଣିଥା'ନ୍ତା, ପାରମ୍ପରିକ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥା'ନ୍ତେ।

ଦକ୍ଷିଣ ଆଫ୍ରିକା ରାଜଧାନୀରେ ଅବସ୍ଥିତ 'ୟୁନିଭରସିଟି ଅଫ କେପ୍‌ଟାଉନ୍'ରେ କାର୍ଯ୍ୟରତ ଏମିରଟ୍‌ସ ପ୍ରଫେସର ଜେନିଫର ଥମସନ୍ ମଧ୍ୟ ଜେରଫାଇଟା ଭିସକୋଜା ନାମକ ଏକ ଉଦ୍ଭିଦରୁ ଖଣ୍ଡିଏ ଜିନ୍ ଆଣି ମକା ଉଦ୍ଭିଦ ଜିନ୍‌ରେ ରୋପଣ କରି ଏକ ନୂତନ କିସମର ମକା ଗଛ ପ୍ରସ୍ତୁତ କରିଛନ୍ତି, ଯାହାକି ଅନାବୃଷ୍ଟି ମରୁଡ଼ି ଅଞ୍ଚଳରେ ଚାଷ କରାଯାଇପାରିବ। ୱାର୍ଲ୍ଡ ଇକନୋମିକ୍ ଫୋରମ ଓ ମିଳିତ ଜାତିସଂଘକୁ ସେ ଏହି ଫସଲ ଚାଷର ଉପକାରିତା ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇବା ସତ୍ତ୍ୱେ ଏହା ଅନେକ ଦ୍ୱନ୍ଦ୍ୱରେ ଛନ୍ଦି ହୋଇରହିଛି। ଜେନିଫର ଥମସନ୍‌ଙ୍କ ଯୁକ୍ତି ଅନୁଯାୟୀ ଜିଏମ ମକ୍କା ଫସଲ ଦୁଇଗୁଣ ଅଧିକ ଅମଳ ହୁଏ। ଜୈବ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗରେ ସେ ଯେଉଁ ରୋଗପୋକ ପ୍ରତିରୋଧକ ଫସଲ ସୃଷ୍ଟି କରିଛନ୍ତି, ତାହା ଦକ୍ଷିଣ ଆଫ୍ରିକୀୟ ଚାଷୀମାନଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଛି। ଏହି ମକା ଖାଉଥିବା ଆଫ୍ରିକୀୟ ଖାଉଟିମାନେ କେବେ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବା ବିଷୟରେ ଅଭିଯୋଗ କରିନାହାନ୍ତି। ସମ୍ପ୍ରତି ମରୁଡ଼ି ତଥା ବନ୍ୟା ଆଦି ଜଳବାୟୁ ପରିବର୍ତ୍ତନ ଜନିତ ପ୍ରାକୃତିକ ଦୁର୍ବିପାକ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଏହା ଉପାଦେୟ ସାବ୍ୟସ୍ତ ହେବ।

ସେହିପରି ଅଷ୍ଟ୍ରେଲିଆର ବୈଜ୍ଞାନିକମାନେ ଜୈବିକ ଇଞ୍ଜିନିୟରିଂ ଜ୍ଞାନକୌଶଳ ପ୍ରୟୋଗରେ ଏକପ୍ରକାରର ରୋଗପୋକ ପ୍ରତିରୋଧକ ଶକ୍ତି ସମ୍ପନ୍ନ ଝୁଡୁଙ୍ଗ ସୃଷ୍ଟି କରି ନାଇଜେରିଆରେ ଚାଷ କରିବାକୁ ସୁପାରିସ କରିଥିଲେ। କିନ୍ତୁ ତାହା ମଧ୍ୟ ବିବାଦ ଘେରକୁ ଆସିଯାଇଛି। ପରିବେଶବିତ୍‌ମାନେ କହିଛନ୍ତି ଯେ ଏହି ଜିଏମ ଝୁଡୁଙ୍ଗରେ କିଛି ଏଭଳି ଏକ ବିଷାକ୍ତ ରାସାୟନିକ ଦ୍ରବ୍ୟ ସୃଷ୍ଟି ହେବ, ଯାହା କୀଟପତଙ୍ଗଙ୍କ ପାଇଁ ବିଷ ସଦୃଶ୍ୟ କାମ କରିବ ଏବଂ ବାହାରୁ ଆଉ କୀଟନାଶକ ଔଷଧ ବ୍ୟବହାରର ଆବଶ୍ୟକତା ରହିବ ନାହିଁ। ତେବେ ଏହି ଫସଲ ମଣିଷ ପାଇଁ ମଧ୍ୟ ସମାନ ଭାବରେ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି।

ତେବେ ଆମର କହିବା କଥା ହେଲା କୌଣସି ପାରମ୍ପରିକ ପ୍ରାକୃତିକ ଫସଲର ବିକଳ୍ପ ଖୋଜିବାକୁ ହେଲେ କେବଳ ବିଷମୁକ୍ତ ଫସଲ ଉତ୍ପାଦନରେ ଲକ୍ଷ୍ୟ ସୀମିତ ନ ରଖି ଅଧିକ ଜୈବ ବିବିଧତା ଆବାସ ସ୍ଥଳର ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ହେବ, ଯାହାକି କୌଣସି କୀଟପତଙ୍ଗ ଆକ୍ରମଣକୁ ପ୍ରତିହତ କରିପାରିବ ତଥା ଜଳବାୟୁ ପରିବର୍ତ୍ତନ ଜନିତ ବାଧାବିଘ୍ନକୁ ଅତିକ୍ରମ କରିପାରିବ। ପ୍ରକୃତି ନିଜେ ଜଣେ ବଡ଼ ବିଶିଷ୍ଟ ବୈଜ୍ଞାନିକ। ବିଶ୍ୱ ଜଳବାୟୁ ପରିବର୍ତ୍ତନ ସହିତ ତାଳ ଦେଇ ପ୍ରକୃତି ନିଜେ ତାହାର ମୁକାବିଲା ପାଇଁ ପ୍ରାକୃତିକ ଉପାୟରେ ଜଳବାୟୁ ନମନୀୟ ବୀଜ ସୃଷ୍ଟି କରିବାରେ ସକ୍ଷମ ଅଟେ। କଥା ହେଲା ଜୈବ ବିବିଧତା ଭରା ବିଶ୍ୱ ଭିତରେ ଆମକୁ ଏହା ଖୋଜି ବାହାର କରିବାକୁ ହେବ ନିରନ୍ତର ମାନବ କଲ୍ୟାଣ ପାଇଁ।

# ସୁଶ୍ରୁତ: ପ୍ଲାଷ୍ଟିକ୍ ସର୍ଜରୀର ପ୍ରବର୍ତ୍ତକ



ପ୍ରଫେସର ଡ. ଚତୁର୍ଭୁଜ ଭୂୟାଁ
ମହାରାଷ୍ଟ୍ର, ମୋ: ୯୫୫୬୭୭୫୨୨୧୨

ବିଶ୍ୱ ଚିକିତ୍ସା ଜଗତକୁ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାର ଅବଦାନ ଅତୁଳନୀୟ ଓ ଅବିସ୍ମରଣୀୟ। ଆଜିର ଦିନରେ ପ୍ଲାଷ୍ଟିକ୍ ସର୍ଜରୀ ଏକ ବହୁମୂଲ୍ୟ ଓ ବହୁ ଉପାଦେୟ ଚିକିତ୍ସା ସେବା ଭାବେ ଆଦୃତ ହେବାରେ ଲାଗିଛି। କୌଣସି ଦୁର୍ଘଟଣାଜନିତ ଶରୀରର ଅସ୍ୱାଭାବିକତାର ଉପଚାର ହେଉ କିମ୍ବା ମୁଖ, ଚର୍ମ ଓ ଶରୀର କୃତ୍ରିମ ସୌନ୍ଦର୍ଯ୍ୟକରଣରେ ପ୍ଲାଷ୍ଟିକ୍ ସର୍ଜରୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମ ଭିତରୁ ଅନେକେ ହୁଏତ ଜାଣି ନଥିବେ ଯେ ପାଶ୍ଚାତ୍ୟ ଭେଷଜ ବିଜ୍ଞାନର ଚମତ୍କାରିତା ବୋଲି କୁହାଯାଉଥିବା ପ୍ଲାଷ୍ଟିକ୍ ସର୍ଜରୀର ଆଦ୍ୟ ପ୍ରବର୍ତ୍ତକ ଓ ଚିକିତ୍ସକ ହେଉଛନ୍ତି ଭାରତର ମହାନ ଋଷି ଚିକିତ୍ସା ଶାସ୍ତ୍ର ବିଜ୍ଞାନୀ ସୁଶ୍ରୁତ।

ଖ୍ରୀଷ୍ଟପୂର୍ବ ପ୍ରାୟତଃ ତିନିହଜାର ପୂର୍ବରୁ ସୁଶ୍ରୁତ ସମ୍ପୂର୍ଣ୍ଣ ଶଲ୍ୟ ଚିକିତ୍ସା ଏବଂ ତନ୍ମଧ୍ୟରେ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାକୁ ସନ୍ଧାନ ଚିକିତ୍ସା ଓ ସଂଯୋଜନ ପଦ୍ଧତି ସ୍ୱତନ୍ତ୍ର ଅଧ୍ୟାୟରେ ଲେଖି ଆଧୁନିକ ଚିକିତ୍ସାକୁ ସମୃଦ୍ଧ କରିଛନ୍ତି। ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାର ସ୍ରଷ୍ଟା 'ସୁଶ୍ରୁତ' 'ଶଲ୍ୟ ଚିକିତ୍ସା ଜନକ' ଭାବେ ସୁବିଦିତ। ତେଣୁ ତାଙ୍କର ଅବଦାନକୁ ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୧୫ ତାରିଖରେ 'ବିଶ୍ୱ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସା' ଦିବସକୁ 'ସୁଶ୍ରୁତ ଜୟନ୍ତୀ' ଭାବେ ପାଳନ କରାଯାଇ ଆସୁଛି। ଭାରତୀୟ ପ୍ଲାଷ୍ଟିକ୍ ସର୍ଜରୀ ସଂଘ ସଭାପତି ଡ. ରାଜ ସବପଥି ଏହି ମହାନ ପରମ୍ପରା ଆରମ୍ଭ କରିଥିଲେ। ସୁଶ୍ରୁତ ଜୟନ୍ତୀ ଦିବସଟି ଐତିହାସିକ ତଥ୍ୟ ଅନୁସାରେ ନିର୍ଦ୍ଧାରିତ।

ପୌରାଣିକ କଥା ଅନୁଯାୟୀ ସୁଶ୍ରୁତ ରାଜା ବିଶ୍ୱାମିତ୍ରଙ୍କ ପୁତ୍ର ଏବଂ ଧନ୍ୱନ୍ତରୀଙ୍କ ଶିଷ୍ୟ। ବିଶ୍ୱାମିତ୍ର ତପସ୍ୟା ପାଇଁ ଚାଲିଯିବା ପରେ କାଶୀରାଜା ଦିବୋଦାସ ସୁଶ୍ରୁତଙ୍କୁ ଧନ୍ୱନ୍ତରୀଙ୍କ ଆଶ୍ରମକୁ ନେଇ ଯାଇଥିଲେ। ସୁଶ୍ରୁତଙ୍କ ସହପାଠୀମାନେ ଥିଲେ ଔପଧେନବ, ଗୋପୁରକ୍ଷିତ, କରିବୀର୍ଯ୍ୟ ନିମି, ଗାଲବ, ଭୋଜ, ପୌଷ୍କଳାବର୍ତ୍ତ, କାଙ୍କାୟନ, ଗାର୍ଗୀ ପ୍ରମୁଖ। ସୁଶ୍ରୁତ ଦିବ୍ୟଦୃଷ୍ଟି ବଳରେ ଚିକିତ୍ସା ବିଜ୍ଞାନର ପୂର୍ଣ୍ଣ ଜ୍ଞାନ ପାଇ ନିଜର ଅନୁଭୂତିକୁ ନେଇ 'ସୁଶ୍ରୁତ ସଂହିତା' ବା 'ସୁଶ୍ରୁତ ଏନ୍‌ସାଇକ୍ଲୋପିଡିଆ' ରଚନା କରିଥିଲେ। ଏହା ଏକମାତ୍ର ପୂର୍ଣ୍ଣାଙ୍ଗ ଚିକିତ୍ସା ଗ୍ରନ୍ଥ ରୂପେ ସର୍ବବିଜ୍ଞାନ ସମ୍ମତି। ପୂର୍ଣ୍ଣାଙ୍ଗ ଚିକିତ୍ସା ବିଜ୍ଞାନ କହିଲେ, ଏଥିରେ ଭେଷଜ ଚିକିତ୍ସା, ଶଲ୍ୟ, ଶାଲାକ୍ୟ, ସ୍ତ୍ରୀ ଓ ପ୍ରସୂତି, ଶିଶୁ ଶରୀର ବିଜ୍ଞାନ, ନିଦାନ, ବିଷ, ଦ୍ରବ୍ୟ ବିଜ୍ଞାନ, ଔଷଧ ବିଜ୍ଞାନ, ରସାୟନ ବିଜ୍ଞାନ, ବାଜୀକରଣ ବିଜ୍ଞାନ ଏବଂ ଅନ୍ୟାନ୍ୟ ବିଜ୍ଞାନର ବର୍ଣ୍ଣନା ରହିଛି। କିନ୍ତୁ ବିଶେଷ ଜ୍ଞାନ, ଯାହାକି ଆଶୁକାରୀ ଚିକିତ୍ସା, ତାହା ଶଲ୍ୟ ଚିକିତ୍ସାରେ ରହିଛି। ତେଣୁ ସେ ଶଲ୍ୟ ଚିକିତ୍ସାର ଜନକ ଭାବେ ସର୍ବସମ୍ମତ। ଏହା ଆଦିଭାଷା ସଂସ୍କୃତରେ ଲିଖିତ, କିନ୍ତୁ ବିଶ୍ୱବିଦ୍ୟାଳୟମାନଙ୍କରେ ଏକାଧିକ ଭାଷାରେ ଅନୂଦିତ।

ପ୍ରତ୍ୟକ୍ଷ ଶରୀର ରଚନା, କ୍ରିୟା ବିଜ୍ଞାନ, ଶବ ବ୍ୟବଚ୍ଛେଦାଦି, ନିଦାନାଦି ସହିତ ଶଲ୍ୟ ଚିକିତ୍ସାର ଉପାପାଦ୍ୟ ଏବଂ ପ୍ରତ୍ୟକ୍ଷ ଜ୍ଞାନ ପ୍ରଶିକ୍ଷଣ ପରେ ସ୍ୱୟଂ ପ୍ରତ୍ୟକ୍ଷ ଜ୍ଞାନ ପ୍ରାପ୍ତି, ଯୋଗ୍ୟତା ପରୀକ୍ଷା, କର୍ମ କ୍ଷେତ୍ରରେ ପ୍ରବେଶ ପୂର୍ବ, ଶାସନରେ ପଞ୍ଜୀକରଣ ପ୍ରତିଜ୍ଞା ଇତ୍ୟାଦି ଶଲ୍ୟ ଚିକିତ୍ସାର ଶୃଙ୍ଖଳା ଏବଂ ଅନୁଶାସନକୁ ବୁଝାଏ। ଚିକିତ୍ସାରେ ତ୍ରିବିଧ ଚିକିତ୍ସାଜୀବୀ ଯଥା ପୂର୍ବକର୍ମ, ପ୍ରଧାନ କର୍ମ ଏବଂ ପଶ୍ଚାତ୍‌କର୍ମ ଶଲ୍ୟ ଚିକିତ୍ସାର ତିନୋଟି ସ୍ତମ୍ଭ। ଏହା ସଠିକ୍ ପାଳନ କରିପାରିଲେ ଚିକିତ୍ସା ସଫଳ ହୁଏ। ଶସ୍ତ୍ର କର୍ମ ଚିକିତ୍ସା ସୂତ୍ର ଆକାରରେ ଆଠଟି ବିଧି ମଧ୍ୟରେ ଏ ସମସ୍ତ ବିଧି ଅନ୍ତର୍ଭୁକ୍ତ। ସୁଶ୍ରୁତଙ୍କ ଶଲ୍ୟ ଚିକିତ୍ସାରେ ନିଃସଂକ୍ରମଣ ଚିକିତ୍ସା ସର୍ବୋତ୍ତମ। ସଂକ୍ରମଣର ଚିକିତ୍ସା ପ୍ରତିଷେଧ ଉପାୟାଦି ରହିଛି। 'ଘା' ବା ବ୍ରଣର ଚିକିତ୍ସା ୬୦ ପ୍ରକାର ଅଛି। ଏପରିକି କ୍ଷତ ସ୍ଥାନ ଶୁଖି, ରୋମ ଉତ୍ପନ୍ନ ଓ ଦାଗ ଲିଭି ପ୍ରକୃତ ଚର୍ମ ଆସିବା ସୁଶ୍ରୁତ ସଂହିତାର ବର୍ଣ୍ଣନା ଆଧୁନିକ ବିଜ୍ଞାନକୁ ଗବେଷଣା ମାର୍ଗ ଦେଖାଏ।

ଶଲ୍ୟ ଚିକିତ୍ସା ଅନ୍ତର୍ଗତ ପ୍ଲାଷ୍ଟିକ୍ ଚିକିତ୍ସା ଆବଶ୍ୟକତା ଯୁଦ୍ଧ କ୍ଷେତ୍ରରୁ ସୁଶ୍ରୁତ ଆରମ୍ଭ କରିଥିଲେ। ସେଠାରେ ସେନାମାନଙ୍କର କାନ, ନାକ କଟିବା, ହାତ, ଗୋଡ଼ ଭାଙ୍ଗିବା, ସିରା, ଧମନୀ, ଅନ୍ୟାନ୍ୟ ଅଙ୍ଗ ଅବୟବ କଟିବା, ଖଣ୍ଡିଆ, 'ଘା' ଆଦିର ଆଶୁ ଚିକିତ୍ସା କେବଳ ପ୍ଲାଷ୍ଟିକ୍ ସର୍ଜରୀରେ ହିଁ ହୋଇପାରେ। ଦୁର୍ଘଟଣାର ଏକ ଘଣ୍ଟା ମଧ୍ୟରେ ରୋଗୀର ଆଶୁ ଚିକିତ୍ସା କଲେ ଆରୋଗ୍ୟପୂର୍ଣ୍ଣ ସମ୍ଭାବନା ଥାଏ। ଶସ୍ତ୍ର ଚିକିତ୍ସା ବ୍ୟତୀତ ଉପଶଲ୍ୟ ଚିକିତ୍ସା ପଦ୍ଧତିରେ କ୍ଷାର ଚିକିତ୍ସା, ଅଗ୍ନି ଚିକିତ୍ସା ଆଦିରେ ଲେଜର ପଦ୍ଧତି ଇତ୍ୟାଦି ଓ ରକ୍ତମୋକ୍ଷଣ ପଦ୍ଧତି ଆଦି ନିର୍ଦ୍ଦେଶ ସୁଶ୍ରୁତ ସଂହିତାରେ ରହିଛି। ସ୍ୱତନ୍ତ୍ର ସନ୍ଧାନ ଚିକିତ୍ସାରେ କାନ, ନାକ, ଓଠ ଖଣ୍ଡିଆର ଚିକିତ୍ସା ଉଦାହରଣୀୟ। ଗ୍ରହଣ ଖଣ୍ଡିଆ, ନାକ କାନାଦି ପୁନର୍ନିର୍ମାଣ କରିବା; ଏ ସବୁର ଆକାରର ଗାଲରୁ ଜୀବନ୍ତ ଚମଡ଼ା ନେଇ, ତନ୍ତୁକୁ ସଂଯୋଜିତ କରି, ସିଲାଇ କରି ସୁନ୍ଦର କରିପାରିବାର କୌଶଳ ସୁଶ୍ରୁତ ହିଁ ପ୍ରଥମେ ଉଦ୍‌ଭାବନ କରିଥିଲେ, ଯାହା ସୁଶ୍ରୁତ ସଂହିତାରେ ଉଲ୍ଲେଖ ରହିଛି।

ପ୍ଲାଷ୍ଟିକ୍ ସର୍ଜରୀ ଦକ୍ଷ, ସାହସୀ, ଉତ୍ସର୍ଗୀକୃତ, ନିଃସ୍ୱାର୍ଥପର ଶଲ୍ୟ ଚିକିତ୍ସକ ହିଁ କରିପାରନ୍ତି। ଉତ୍ତମ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସକଙ୍କୁ ରୟାଲ ସର୍ଜନ କୁହାଯାଏ। ଆଜିର ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାରେ ଅସମ୍ଭବ ରୋଗ ସମାଧାନ କରିବାରେ ସଫଳ। ଶରୀର ବାହାର ଓ ଭିତର ଅଙ୍ଗାବୟବର ରୋପଣ (ବୃକକ୍ ହୃଦାୟାଦି)ରେ ବର୍ତ୍ତମାନ ପ୍ଲାଷ୍ଟିକ୍ ସର୍ଜରୀ ବହୁ ଉପଯୋଗୀ ସାବ୍ୟସ୍ତ ହୋଇପାରିଛି। ଶରୀରରେ ବିବିଧ ଅଙ୍ଗ, ଏପରିକି ମସ୍ତିଷ୍କ ଅସ୍ଥି, ସିରା, ଧମନୀ ଇତ୍ୟାଦି ଏବଂ ଶରୀର ପୋଡ଼ା ଘା', ମୁଖବ୍ରଣ ମଧ୍ୟ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସା ଦ୍ୱାରା ଆରୋଗ୍ୟ ହୋଇପାରୁଛି। କେବଳ ଦୁର୍ଘଟଣାର ଏକ ଘଣ୍ଟା ମଧ୍ୟରେ ପୀଡ଼ିତଙ୍କୁ ପ୍ଲାଷ୍ଟିକ୍ ଶଲ୍ୟ ବିଶେଷଜ୍ଞଙ୍କ ଓ ସଠିକ୍ ଚିକିତ୍ସାଳୟରେ ପହଞ୍ଚାଇବା ଓ ଚିକିତ୍ସା ଆରମ୍ଭ କରିବା ଜରୁରୀ।

ଶଲ୍ୟ ବିଭାଗ, ଡି.ପି ବିଶ୍ୱବିଦ୍ୟାଳୟ, ପୁନେ

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ସରିଳା ଜନ୍ମବେଦୀର ଲୀଳା

# ସନ୍ଧ୍ୟା ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ



**ପୁରୀ, ୧୪।୭ (ସମିସ):** ରବିବାର ଥିଲା ଆଷାଢ଼ ଶୁକ୍ଳ ନବମୀ। ଏହି ପବିତ୍ର ତିଥିରେ ଆଡ଼ପମଣ୍ଡପରେ ଲକ୍ଷାଧିକ ଶ୍ରଦ୍ଧାଳୁ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରିଛନ୍ତି। ଗୁଣ୍ଡିଚା ମନ୍ଦିରରେ ସଅଳ ନୀତିକାନ୍ତି ସହ ଶୃଙ୍ଖଳିତ ହୋଇଛି ଦର୍ଶନ ବ୍ୟବସ୍ଥା। ଶୀଘ୍ର ବାହାରିଛି ଆଡ଼ପ ଅବଢ଼ା। ହଜାରହଜାର ଭକ୍ତ ଗୁଣ୍ଡିଚା ମନ୍ଦିର ଆନନ୍ଦ ବଜାରରେ ଅବଢ଼ା ପାଇ ତୃପ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଚଳିତବର୍ଷ ପାଇଁ ଜନ୍ମବେଦୀରେ ମହାପ୍ରଭୁଙ୍କ ଲୀଳା ଶେଷ ହୋଇଛି।

ନୀତିକାନ୍ତି ବିଳମ୍ବ ଯୋଗୁ ଶନିବାର ରାତିରେ ଠାକୁରଙ୍କର ପହୁଡ଼ ହୋଇପାରି ନଥିଲା। ଅପରପକ୍ଷେ ଆଡ଼ପମଣ୍ଡପରେ ଦାରୁବିଗ୍ରହଙ୍କ ସନ୍ଧ୍ୟା ଦର୍ଶନ ଲାଗି ସକାଳୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଲାଗିଥିଲା। ସକାଳ ୬ଟା ୪୦ରେ ମହାପ୍ରଭୁଙ୍କର ମଙ୍ଗଳ ଆଳତି ସରି ଦର୍ଶନ ଆରମ୍ଭ ହୋଇଥିଲା। ଦିନତମାମ ଭକ୍ତ ଧାଡ଼ିରେ ଯାଇ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ଜଗମୋହନରେ ଦର୍ଶନ କରି ନାକଚଣା ଦ୍ୱାର ଦେଇ ବାହାରକୁ ଆସୁଥିଲେ। ପାଗ ମଧ୍ୟ ବେଶ୍ ଭଲ ଥିଲା। ନ ଥିଲା ଟାଣ ଖରା କିମ୍ବା ଗୁଳୁଗୁଳି। ଭକ୍ତମାନେ ଖୁସିରେ ଯାଇ ଆଡ଼ପମଣ୍ଡପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରି ଫେରୁଥିଲେ। ମହାପ୍ରଭୁଙ୍କ ନୀତି ସଅଳ ଏବଂ ଶୃଙ୍ଖଳିତ ଭାବେ ଚାଲିଥିବାରୁ ଭକ୍ତମାନେ ବହୁ ସଂଖ୍ୟାରେ ଦର୍ଶନ କରିଥିଲେ।

ସକାଳ ୮ଟା ୪୫ରେ ବଲ୍ଲଭ ସରିଥିବା ବେଳେ ପୂର୍ବାହ୍ନ ୧୦ଟା ୧୦ରେ ସକାଳ ଧୂପ ବଢ଼ିଥିଲା। ପୂର୍ବାହ୍ନ ୧୦ଟା ୧୦ରେ ଭୋଗମଣ୍ଡପ ବଢ଼ି ବାହାରିଥିଲା ଆଡ଼ପ ଅବଢ଼ା। ସଅଳ ଅବଢ଼ା ବାହାରିଥିବାରୁ ଭକ୍ତମାନେ ଆଡ଼ପ ଅବଢ଼ା ପାଇ ଖୁସି ହୋଇଥିଲେ। ଅନ୍ୟପକ୍ଷରେ ବାହୁଡ଼ା ଯାତ୍ରା ପ୍ରସ୍ତୁତି ପାଇଁ ଅପରାହ୍ଣ ପ୍ରାୟ ୫ଟା ୩୦ରୁ ସନ୍ଧ୍ୟା ଦର୍ଶନ ବନ୍ଦ କରାଯାଇଥିଲା। ପୂର୍ବରୁ ଅପରାହ୍ଣ ସାଢେ ୫ଟା ସୁଦ୍ଧା ଦର୍ଶନ ବନ୍ଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଦର୍ଶନାର୍ଥୀଙ୍କ ଭିଡ଼କୁ ଦେଖି ଏହି ସମୟସୀମାକୁ ଅଧିକ ୩୦ ମିନିଟ୍ ବୃଦ୍ଧି କରାଯାଇଥିଲା। ତେବେ ଦର୍ଶନ ବନ୍ଦ ପରେ ଭକ୍ତ ନାକଚଣା ଦ୍ୱାର ଦେଇ ଆନନ୍ଦ ବଜାରକୁ ଯାଇ ମହାପ୍ରସାଦ ପାଇ ପାରିଥିଲେ। ରାତିରେ ପହୁଡ଼ ଆଳତି ହୋଇ ବାହୁଡ଼ା ଯାତ୍ରା ପ୍ରସ୍ତୁତି ଆରମ୍ଭ ହୋଇଛି।

ନର୍ସିଂହୋମ୍ ଅଗ୍ନିକାଣ୍ଡ ପରେ କଡ଼ା ପଦକ୍ଷେପ

# ଯାଞ୍ଚ ହେବ ପ୍ରତ୍ୟେକ ଡାକ୍ତରଖାନା

**ଭୁବନେଶ୍ୱର,୧୪।୭(ସମିସ):** କଟକ ସ୍ଥିତ ତ୍ରିଷା ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟଣା ପରେ କଡା ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ଉଭୟ ମହାନଗର ନିଗମ ଏବଂ ଜିଲ୍ଲାଗୁଡିକ ଅଧିନରେ ଥିବା ପ୍ରତ୍ୟେକ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁରକ୍ଷିତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ, ଗୃହ ବିଭାଗ ଏବଂ ବିଦ୍ୟୁତ ନିରୀକ୍ଷକଙ୍କୁ ନେଇ ମିଳିତ ଟାସ୍କ ଫୋର୍ସ ଗଠନ କରାଯିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ମହାନଗର ନିଗମ ଅଧିନରେ ଥିବା ସ୍ୱାସ୍ଥ୍ୟାନୁଷ୍ଠାନ ପାଇଁ ମହାନଗର ନିଗମର କମିଶନର, ଡିସିପି, କ୍ୟାପିଟାଲ୍ ହସ୍ପିଟାଲ ଓ ରାଉରକେଲା ଆରଜିଏଚ୍ ନିର୍ଦ୍ଦେଶକ, ସିଡିଏମ୍ ଏବଂ ପିଏଚ୍ଓ, ଫାୟାର ଅଫିସର, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଏବଂ ବିଦ୍ୟୁତ ନିରୀକ୍ଷକଙ୍କୁ ନେଇ ଟାସ୍କ ଫୋର୍ସ ଗଠନ କରାଯିବ।

ସେହିପରି ଜିଲ୍ଲାଗୁଡିକ ପାଇଁ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜନସ୍ୱାସ୍ଥ୍ୟ ଅଧିକାରୀ, ସହକାରୀ ଅଗ୍ନି ନିର୍ବାପକ ଅଧିକାରୀ, ଅଧୀକ୍ଷଣ ଯନ୍ତ୍ରୀ ତଥା ଉପବିଦ୍ୟୁତ ନିରୀକ୍ଷକଙ୍କୁ ନେଇ ଟାସ୍କ ଫୋର୍ସ ଗଠନ କରାଯିବ। ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଅଗ୍ନି ନିରାପତ୍ତା ସୁନିଶ୍ଚିତ କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ବିଭିନ୍ନ ବିଭାଗ ଏଥି ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଏ ସମ୍ପର୍କରେ ସତର୍କତାମୂଳକ ଦକ୍ଷେ ନେବା ପାଇଁ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଉଛି। ଡାକ୍ତରଖାନାଗୁଡିକରେ ନିୟମିତ ଭାବରେ ଅଗ୍ନି ନିର୍ବାପକ ଯନ୍ତ୍ର, ହାଇଡ୍ରାଣ୍ଟ ଏବଂ ଆଲାର୍ମର ଯାଞ୍ଚ କରିବା, ନିଆଁ ଲିଭାଇବା ଯନ୍ତ୍ରର ସମାପ୍ତି ତାରିଖ, ହାଇଡ୍ରାଣ୍ଟର ୱାଟର ପ୍ରେସର ସହ ଅଗ୍ନି ଆଲାର୍ମ ବ୍ୟବସ୍ଥାର କାର୍ଯ୍ୟକାରିତା ନେଇ ଯାଞ୍ଚ କରିବା ଆବଶ୍ୟକ। ସମସ୍ତ ଅଗ୍ନି ନିର୍ବାପକ ଯନ୍ତ୍ରର

**ତ୍ରିଷା ହସ୍ପିଟାଲ ଘଟଣାର ତଦନ୍ତ ପାଇଁ କମିଟି ଗଠିତ**

ରକ୍ଷଣାବେକ୍ଷଣ ଓ ମାସିକ ଯାଞ୍ଚ ଏବଂ ହାଇଡ୍ରାଣ୍ଟର ତ୍ରୈମାସିକ ଯାଞ୍ଚ ଏବଂ ଭାରତୀୟ ମାନକ ଅନୁସାରେ ଏଗୁଡିକର ବୃତ୍ତିଗତ ନିରୀକ୍ଷଣ କରାଯିବା ଆବଶ୍ୟକ। ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଥିବା ସୁରକ୍ଷା ବ୍ୟବସ୍ଥାକୁ ଅଗ୍ନି ନିରାପତ୍ତା ଅଧିକାରୀ, ଜିଇଡିର ଇଂଜିନିୟର୍ସ ଏବଂ ପିଡବ୍ଲୁ୍ୟଡିଙ୍କୁ ନେଇ ଏକ ବିଶେଷଜ୍ଞ ଦଳ ଯାଞ୍ଚ କରିବେ ଏବଂ ସମସ୍ତ ଯନ୍ତ୍ରପାତି ଓ ସଂଯୋଗୀକରଣ ଉପରେ ସର୍ଭେ କରି ଜଣାଇବେ। ବିଦ୍ୟୁତ ବିଭାଗର ରିପୋର୍ଟକୁ ଆଧାର କରି ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ସଂଶୋଧନ ପଦକ୍ଷେପ ନେବେ। ଏହି ପରିପ୍ରେକ୍ଷୀରେ ଅଗ୍ନି ନିରାପତ୍ତା ଅଧିକାରୀଙ୍କ ପ୍ରମାଣପତ୍ର ଜରୁରୀ। ଶକ୍ତି ଉତ୍ସକୁ ଓଭର ଲୋଡିଂରୁ ଦୂରେଇ ରଖିବା ଏବଂ ଏକାଧିକ ଉଚ୍ଚଶକ୍ତିସଂପନ୍ନ ଉପକରଣଗୁଡିକୁ ଗୋଟିଏ ସର୍କିଟ ସହିତ ସଂଯୁକ୍ତ ନ କରିବା ଉପରେ ଦୃଷ୍ଟିଦେବାକୁ ଏବଂ ବିଦ୍ୟୁତ ବର୍ଣ୍ଟନକୁ ନିୟମିତ ସମୀକ୍ଷା କରାଯିବା ଆଦି ପଦକ୍ଷେପ ନିଆଯିବ। ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରତିବର୍ଷ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନବୀକରଣ, କାର୍ଯ୍ୟଯୋଜନାର ପ୍ରସ୍ତୁତି, ସମସ୍ତ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ବିସ୍ତୃତ ଯୋଜନା, ଅଗ୍ନି ନିରାପତ୍ତା ଅଧିକାରୀଙ୍କ ପରାମର୍ଶ କ୍ରମେ ଅଗ୍ନି ସୁରକ୍ଷା ଉପକରଣ କ୍ରୟ ଏବଂ ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀଙ୍କୁ ଯନ୍ତ୍ରପାତି ପରିଚାଳନା ଉପରେ ତାଲିମ ପ୍ରଦାନ କରାଯିବ। ସମସ୍ତ ଅଗ୍ନି ନିରାପତ୍ତା କର୍ମଚାରୀଙ୍କ ପାଇଁ ନିରନ୍ତର ତାଲିମ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା, ପ୍ରତ୍ୟେକ ଘରୋଇ ଡାକ୍ତରଖାନାରେ ଅଗ୍ନି ନର୍ବାପକ ବ୍ୟବସ୍ଥା ନେଇ ଏକ ଏସ୍ଓପି ପ୍ରସ୍ତୁତ କରାଯିବ। ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନୂଆ ବିଲଡିଂ ଗୁଡିକର ଅଗ୍ନି ନିରପତ୍ତା ସୁରକ୍ଷା ପ୍ରମାଣପତ୍ର ସୁନିଶ୍ଚିତ କରିବା ପରି ଜରୁରୀ ପଦକ୍ଷେପ କମିଟି ଗ୍ରହଣ କରିବ। ଅଗ୍ନିକାଣ୍ଡ ପରିପ୍ରେକ୍ଷୀରେ ଓଡିଶା ମେଡିକାଲ ଶିକ୍ଷା ଓ ପ୍ରଶିକ୍ଷଣର ନିର୍ଦ୍ଦେଶକ ତିନିଜଣ ଡାକ୍ତର ଯଥା ପ୍ରଫେସର ଡାକ୍ତର ବ୍ରଜ କିଶୋର ଦାଶ (ଆଡିସନାଲ ଡିଏମ୍ଇଟି), ପ୍ରଫେସର ଡାକ୍ତର ଅନୀଲ କୁମାର ସାହୁ(ଡିପାର୍ଟମେଣ୍ଟ ଅଫ୍ ଅର୍ଥୋପେଡିକ୍ସ, ପୁରୀ), ପ୍ରଫେସର ଡାକ୍ତର ରୋମା ରତନ(ଜଏଣ୍ଟ ଡିଏମ୍ଇଟି)ଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି।

ଏଏସ୍ଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ମାରିବା ଘଟଣା

# ରାଷ୍ଟ୍ରପତିଙ୍କୁ ଫେରାଦ ହୋଇପାରେ କଂଗ୍ରେସ

**ଭୁବନେଶ୍ୱର,୧୪।୭(ସମିସ):** ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ ଦାସଙ୍କ ନାମରେ ଏଏସ୍ଓଙ୍କୁ ମାଡ଼ ମାରିବା ଅଭିଯୋଗ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍ଗେଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଡଃ ଅଜୟ କୁମାର। ଏଥିପାଇଁ ଡଃ କୁମାର ମଲ୍ଲିକାର୍ଜୁନ ଖଡ଼୍ଗେଙ୍କୁ ଲେଖିଥିବା ଚିଠି ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଅବଗତ କରାଇବା ସହ ଏହି ଘଟଣା ରାଜ୍ୟପାଳ ଭଳି ପଦର ଗରିମାକୁ କ୍ଷୁର୍ଣ୍ଣ କରୁଛି ବୋଲି ସେ ଚିଠିରେ ଦର୍ଶାଇଛନ୍ତି। ଡଃ କୁମାର ନିଜ ଚିଠିରେ ଦର୍ଶାଇଛନ୍ତି ଯେ ଏଏସ୍ଓ ବୈକୁଣ୍ଠ ପ୍ରଧାନ ରାଜ୍ୟପାଳଙ୍କ ପୁଅଙ୍କ ପାଇଁ ଷ୍ଟେସନକୁ ଦୁଇଟି ବିଳାସପୂର୍ଣ୍ଣ ଗାଡ଼ି ନ ପଠାଇବାରୁ ସେ ତାଙ୍କ ସହଯୋଗୀଙ୍କ ସହ ମିଶି ସମ୍ପୃକ୍ତ ଏଏସ୍ଓଙ୍କୁ ମାଡ଼ ମାରିଛନ୍ତି। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ତେବେ ସେ ଆହୁରି କହିଛନ୍ତି ରାଜ୍ୟପାଳ ରଘୁବର ଦାସଙ୍କ ପରିବାର ବିରୋଧରେ ଓଡ଼ିଶା ସମେତ ଝାଡ଼ଖଣ୍ଡରେ ଏକାଧିକ ଅପରାଧିକ ଘଟଣାରେ ସମ୍ପୃକ୍ତି ରହିଛି। ଏହାସହିତ ତାଙ୍କ ପରିବାର ବିରୋଧରେ ଜାମସେଦପୁରରେ ଅନେକ ଅଭିଯୋଗ ମଧ୍ୟ ରହିଛି। ଏଥିରେ ବଟି ଆଦାୟଠାରୁ ଆରମ୍ଭ କରି ଆକ୍ରମଣ ଓ ମହିଳାଙ୍କୁ ଦୁର୍ବ୍ୟବହାର ଭଳି ଘଟଣା ସାମିଲ ରହିଛି। ଏଭଳି ଘଟଣା ଗୋଟିଏ ରାଜ୍ୟର ରାଜ୍ୟପାଳଙ୍କ ପଦବୀର ଗରିମା ହାନୀ କରୁଥିବାରୁ ଏ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇବା ପାଇଁ ଡଃ କୁମାର ଚିଠିରେ ଅନୁରୋଧ କରିଛନ୍ତି।

**ଖଡ଼୍ଗେଙ୍କୁ ଚିଠି ଲେଖିଲେ ଓଡ଼ିଶା କଂଗ୍ରେସ ପ୍ରଭାରୀ**

# ଜୟପୁର ବିମାନବନ୍ଦର ସମ୍ପ୍ରସାରଣରେ ପାହାଡ଼ ବାଧକ

**ଭୁବନେଶ୍ୱର, ୧୪।୭(ସମିସ):** ଜୟପୁର ବିମାନବନ୍ଦରର ସମ୍ପ୍ରସାରଣ କରାଯିବ। ଏହାର କ୍ଷମତା ବୃଦ୍ଧି ହେବା ପରେ ୭୨ ଆସନ ବିଶିଷ୍ଟ ଏଟିଆର ବିମାନ ଚଳାଚଳ କରିବ। ତେବେ ବିମାନବନ୍ଦର ନିକଟରେ ଥିବା ଏକ ପାହାଡ଼ ପାଇଁ ସମସ୍ୟା ଦେଖା ଦେଇଛି। ଯଦିଓ ଏହା ସମ୍ପ୍ରସାରଣ ପ୍ରକଳ୍ପକୁ ବାଧାପ୍ରାପ୍ତ କରିବ ନାହିଁ ତେବେ ରନୱେର ଉଭୟ ପଟୁ ବିମାନ ଉଡ଼ାଣ ଓ ଅବତରଣ କରିବା ସମ୍ଭବ ହେବ ନାହିଁ। ପାହାଡର ବିପରୀତ ପାର୍ଶ୍ୱ ରନୱେରୁ ଉଡାଣ ଓ ଅବତରଣ କରାଯାଇ ପାରିବ।

ସୂଚନା ଅନୁସାରେ ଜୟପୁର ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାର ପାଣ୍ଠି ଯୋଗାଇ ଦେଉଛନ୍ତି। ସମ୍ପ୍ରତି ଏହି ବିମାନନ୍ଦରର ରନୱେ ୨-ବି ବର୍ଗର ଥିବା ବେଳେ ତାହା ୩-ସି ବର୍ଗକୁ ଉନ୍ନୀତ ହେବ। ରନୱେର ଲମ୍ବ ୯୦୦ ମିଟର୍‌ରୁ ୧୮୦୦ ମିଟର୍‌କୁ ବୃଦ୍ଧି କରାଯିବ। ଯଦ୍ଦ୍ୱାରା ୭୨ ଆସନ ବିଶିଷ୍ଟ ବଡ଼ ବିମାନ ଯିବା ଆସିବା କରିପାରିବ। ଜୟପୁରରୁ ବଡ଼ ବିମାନ ଉଡ଼ାଣ ପାଇଁ ଦାବି ହେଉଥିବାରୁ ଏହି ସମ୍ପ୍ରସାରଣ କାର୍ଯ୍ୟ ଜରୁରୀ ଥିଲା। ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଟେଣ୍ଡର ମଧ୍ୟ ଆହ୍ୱାନ କରାଯାଇଥିଲା। ଯଦି ବଡ଼ ବିମାନ ଉଡ଼ାଣ ହେବ ତା ହେଲେ ରନୱେର ଉଭୟ ପଟୁ ଟେକ୍ ଅଫ୍ ଏବଂ ଲ୍ୟାଣ୍ଡିଂ ସୁବିଧା ଥିବା ଜରୁରୀ। ତେବେ ଜୟପୁର ବିମାନବନ୍ଦରର ଗୋଟିଏ ପଟେ ପାହାଡ ରହିଥିବା ବେଳେ ଅନ୍ୟ ପଟେ ରେଳ ଲାଇନ୍ ଏବଂ ଏକ କେନାଲ ଅଛି। ତେଣୁ ପାହାଡ଼ ପଟେ ଉଡାଣ ଅବତରଣ ସମ୍ଭବ ନୁହେଁ। ତେଣୁ ରେଳଲାଇନ୍ ପଟେ ହିଁ ଯିବା ଆସିବା କରିହେବ। ଏଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ତଥା ଏଏଆଇର ବିଶେଷଜ୍ଞ ଦଳ କ୍ଷେତ୍ର ପରିଦର୍ଶନ କରିଛନ୍ତି। କିନ୍ତୁ ପାହାଡିଆ ଅଞ୍ଚଳ ହୋଇଥିବାରୁ ଏହା କେତେଦୂର ଉପାଦେୟ ହୋଇପାରିବ ତାହାର ତର୍ଜମା କରିବା ଲାଗି ଦିଲ୍ଲୀରୁ ବିଶେଷଜ୍ଞଙ୍କୁ ଆଣି କ୍ଷେତ୍ର ପରିଦର୍ଶନ କରାଯାଇଥିଲା। ଅଦ୍ୟାବଧି ବିଶେଷଜ୍ଞଙ୍କ ଚୂଡାନ୍ତ ରିପୋର୍ଟ ହସ୍ତଗତ ହୋଇନାହିଁ। ତେବେ ରେଳ ଲାଇନ୍ ପଟୁ ଉଡାଣ ଅବତରଣ କରାଯିବା ନେଇ ଏକ ପ୍ରକାର ଚୂଡାନ୍ତ ହୋଇଛି। ସୂଚନା ଅନୁସାରେ ରେଳଲାଇନ୍ ପଟୁ ବିମାନ ଉଡାଣ ଅବତରଣ କରିବା ପୂର୍ବରୁ ସେହି ପଟେ ଥିବା କିଛି ଅଳ୍ପ କିଛି ଗ୍ରାମବାସୀଙ୍କୁ ସ୍ଥାନାନ୍ତର କରିବାର ଆବଶ୍ୟକତା ରହିଛି। ସେହିପଟେ ପ୍ରାୟ ୨୫୦ ଏକର ଜମି ଅଧିଗ୍ରହଣ କରିବା ସମ୍ଭାବନା ଅଛି। ରାଜ୍ୟ ସରକାର ଏହାର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ। ଏଥିସହ ଏଏଆଇ ପୂର୍ବରୁ ଦେଇଥିବା ପ୍ରାୟ ୩୫ କୋଟି ଟଙ୍କା ମଧ୍ୟ ଏହି ପ୍ରକଳ୍ପରେ ବିନିଯୋଗ ହେବ।

**ଗୋଟିଏ ପଟୁ ଟେକ୍‌ଅଫ୍-ଲ୍ୟାଣ୍ଡିଂ ସମ୍ଭାବନା**

**ଜମି ଅଧିଗ୍ରହଣ ପାଇଁ ବିସ୍ଥାପିତ ହେବ କିଛି ବାସଗୃହ**

ଓଏଏସ୍ ସ୍ତରରେ ଅଦଳବଦଳ

# ୬ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଏବଂ ଓଏସ୍‌ଡି ନିଯୁକ୍ତ

**ଭୁବନେଶ୍ୱର, ୧୪।୭(ସମିସ):** ୬ ଜଣ ଓଏଏସ୍ ଅଧିକାରୀଙ୍କୁ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବ/ଓଏସ୍‌ଡି ଭାବେ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦ୍ରାପଡ଼ାରେ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ପିତାମ୍ବର ସାମଲଙ୍କୁ ସମବାୟ, ହସ୍ତତନ୍ତ, ବୟନ ବିଭାଗ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ନିଯୁକ୍ତ କରାଯାଇଛି। ବୌଦ୍ଧ ଏଡିଏମ୍ ଦିଲ୍ଲୀପ କୁମାର ମହାପାତ୍ର ଜଙ୍ଗଲ ଓ ଶ୍ରମ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଥିବା ବେଳେ ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ଯୁଗ୍ମ ସଚିବ ମଧୁସୂଦନ ବେହେରା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଡ଼ ବାଦଲ କୁମାର ମହାନ୍ତିଙ୍କୁ ଏମ୍ଏସ୍ଏମ୍ଇ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଅବସ୍ଥାପିତ କରାଯାଇଛି। କ୍ରୀଡ଼ା ବିଭାଗରେ ଓଏସ୍‌ଡି ଭାବେ କାର୍ଯ୍ୟରତ ସିଦ୍ଧାର୍ଥ ଶଙ୍କର ସାହୁ ଶିଳ୍ପ ଓ ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀଙ୍କ ଓଏସ୍‌ଡି ଭାବେ ନିଯୁକ୍ତି ପାଇଥିବା ବେଳେ ଏସ୍‌ସି, ଏସ୍‌ଟି ବିଭାଗର ଡେପୁଟି ସେକ୍ରେଟାରୀ ଆଶିଷ କୁମାର ଭୋଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ଓଏସ୍‌ଡି ଭାବେ ନିଯୁକ୍ତି ପାଇଛନ୍ତି।

## ଲୋକକଥା



ଚବିଶି ଭୋଟରେ ଯେନତେନ ଭାବେ
ପଦୁଅଁ କରିଲା ଶାସନ,
ଉପନିର୍ବାଚନ ଫଳ ଯାହା ହେଲା
ଅନ୍ତରକୁ କରେ ମନ୍ଥନ !
ଏବେ କର ବାବୁ ଚିନ୍ତନ,
ବିକାଶକୁ ଜାତି-ଧର୍ମରେ ବାନ୍ଧିଲେ
ପ୍ରଗତିର ହେବ ପତନ !!

## ଅବଶିଷ୍ଟାଂଶ...

### ଟ୍ରମ୍ପଙ୍କୁ ଗୁଳିମାଡ଼...

ଜୋ ବାଇଡେନ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି। ଆମେରିକାରେ ହିଂସାର ସ୍ଥାନନାହିଁ ଏବଂ ସମସ୍ତେ ଏକାଠି ହୋଇ ଏହାକୁ ନିନ୍ଦା କରିବା ଉଚିତ ବୋଲି ସେ କହିଛନ୍ତି। ଏହା ସହିତ ସେ ଟ୍ରମ୍ପଙ୍କ ମଙ୍ଗଳ କାମନା କରିଛନ୍ତି। ସୂଚନା ଅନୁଯାୟୀ ଶନିବାର ପେନସିଲଭାନିଆ'ର ବଟଲେରଠାରେ ଏକ ନିର୍ବାଚନ ପ୍ରଚାର ସଭାରେ ଭାଷଣ ଦେଉଥିବା ବେଳେ ତାଙ୍କ ଉପରକୁ ଗୁଳି ମାଡ଼ କରାଯାଇଛି। ସଭା ସ୍ଥଳରୁ ୧୩୦ ୟାର୍ଡ ବା ୩୯୦ ଫୁଟ ଦୂରରେ ଥିବା ଏକ କୋଠା ଉପରେ ଲୁଚିଥିବା ଜଣେ ଆତତାୟୀ ତାଙ୍କୁ ଲକ୍ଷ୍ୟ କରି ଏକାଧିକ ରାଉଣ୍ଡ ଗୁଳି ଚଳାଇଛି। ଗୋଟିଏ ଗୁଳି ଟ୍ରମ୍ପଙ୍କ ଡ଼ାହାଣ କାନକୁ ଚିରି ଚାଲିଯାଇଥିଲା ଏବଂ ତାଙ୍କ କାନରୁ ରକ୍ତଧାର ଝରିଥିଲା। ଗୁଳି କାନ ଦେଇ ଯିବା ପରେ ଟ୍ରମ୍ପ ସଙ୍ଗେ ସଙ୍ଗେ ନଇଁ ଯାଇଥିଲେ। ପରେ ସୁରକ୍ଷାକର୍ମୀ ତାଙ୍କୁ ଘେରି ଯାଇଥିଲେ। ତୁରନ୍ତ ତାଙ୍କୁ ସଭାସ୍ଥଳରୁ ଦୂରକୁ ଅପସାରିତ କରାଯାଇଥିଲା। ଏହି ସମୟରେ ଟ୍ରମ୍ପଙ୍କ ମୁହଁ ସାରା ରକ୍ତ ଲାଗି ଯାଇଥିଲା। ଏହା ସତ୍ତ୍ୱେ ସେ ସମର୍ଥକଙ୍କୁ ଦମ୍ଭ ଦେବା ପାଇଁ ହାତ ଉପରକୁ ଟେକି ଲଢ଼େଇ ଲଢ଼େଇ କହିଥିଲେ। ପ୍ରାଥମିକ ଚିକିତ୍ସା ପରେ ଟ୍ରମ୍ପ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ତାଙ୍କୁ ମେଡିକାଲରୁ ଛାଡ କରାଯାଇଛି। ପରେ ସେ ନିଜ ପ୍ଲେନରେ ନ୍ୟୁଜର୍ସି ଯାଇଛନ୍ତି।

ଗୁଳି ମାଡ଼ ପରେ ଟ୍ରମ୍ପଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ରେଟ ସର୍ଭିସ ଏଜେଣ୍ଟମାନେ ଆତତାୟୀକୁ ଠାବ କରି ସଙ୍ଗେ ସଙ୍ଗେ ନିପାତ କରି ଦେଇଛନ୍ତି। ଏହି ଆତତାୟୀକୁ ଚିହ୍ନଟ କରାଯାଇଛି। ସେ ହେଉଛି ୨୦ ବର୍ଷୀୟ ଥୋମାସ ମାଥ୍ୟୁ କ୍ରୁକ୍ସ। ପେନସିଲଭାନିଆର ବାଥେଲ ପାର୍କ ଅଞ୍ଚଳର ପିଟସବର୍ଗ ଉପକଣ୍ଠରେ ତା' ଘର। ସେ ଏକ ଏଆର୧୫ ସେମି ଅଟୋମେଟିକ୍ ରାଇଫଲରେ ଟ୍ରମ୍ପଙ୍କ ରାଲି ଉପରକୁ ଗୁଳି ଚଳାଇ ଥିଲା। ସେ ହେଉଛି ଟ୍ରମ୍ପଙ୍କ ଦଳ ରିପବ୍ଲିକାନର ସମର୍ଥକ। ସେ ଆସନ୍ତା ନଭେମ୍ବରରେ ପ୍ରଥମ ଥର ଭୋଟ ଦେଇଥାନ୍ତା। ସେ ୨୦୨୧ରେ ଡେମୋକ୍ରାଟିକ ପାର୍ଟି ସମ୍ବନ୍ଧିତ ଏକ ଗ୍ରୁପକୁ ମଧ୍ୟ ଚାନ୍ଦା ଦେଇଥିଲା। ସେ ୨୦୨୨ରେ ଗଣିତ-ବିଜ୍ଞାନ ସମ୍ବନ୍ଧିତ ଷ୍ଟାର୍ ଆୱାର୍ଡ ପାଇଥିଲା। ଥୋମାସର ଗୁଳିରୁ ଟ୍ରମ୍ପ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ରାଲିକୁ ଆସିଥିବା ଅନ୍ୟ ଜଣେ ବ୍ୟକ୍ତି ନିହତ ହୋଇଛନ୍ତି ଓ ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ଏହି ଆକ୍ରମଣର କାରଣ ଜଣାପଡ଼ି ନାହିଁ। ଏହା ପୂର୍ବରୁ ୧୯୭୨ରେ ରାଷ୍ଟ୍ରପତି ପ୍ରାର୍ଥୀ ଜର୍ଜ ସି ୱାଲେସଙ୍କ ଉପରେ ଗୁଳି ମାଡ଼ କରାଯାଇଥିଲା। ଏହା ପରଠାରୁ ସେ ଅନ୍ତିମ ନିଃଶ୍ୱାସ ପର୍ଯ୍ୟନ୍ତ ହ୍ୱିଲ୍‌ଚେୟାରରେ ଜୀବନ ବିତାଇ ଥିଲେ। ତେବେ ଆଜି ଟେଲି ପ୍ରମ୍ପଟର ଲଗାଇ ନ ଥିବାରୁ ଟ୍ରମ୍ପ ବର୍ତ୍ତିଗଲେ ବୋଲି କୁହାଯାଉଛି। ଆକ୍ରମଣ ପରେ ଟ୍ରମ୍ପ କହିଛନ୍ତି ଯେ ଡାହାଣ କାନ ଉପର ଭାଗରେ ଗୁଳି ଲାଗିଛି। କାନ ପାଖରେ ଭଁ ଭଁ ଶବ୍ଦ ହେବା ପରେ କିଛି ଭୁଲ ହୋଇଛି ବୋଲି ଅନୁଭବ କଲି। ବହୁତ ଅଧିକ ରକ୍ତ ବୋହି ଯାଇଛି। ସେତେବେଳେ ହିଁ କ'ଣ ହେଇଥିଲା ଜାଣିପାରିଲି। ଟ୍ରମ୍ପ ଆମେରିକାର ସିକ୍ରେଟ ସର୍ଭିସ ଏବଂ ସୁରକ୍ଷାବାହିନୀଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଲିରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ଏବଂ ଆହତଙ୍କ ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି। ଏହି ଘଟଣାରେ ସେ ଭୟଭୀତ ହେବେନାହିଁ, ଦୃଢ଼ତାର ସହ ସ୍ଥିତିର ମୁକାବିଲା କରିବେ ବୋଲି କହିଛନ୍ତି।

ସେହିପରି ଉପରାଷ୍ଟ୍ରପତି କମଳା ହାରିସ୍, ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ବିଲ କ୍ଲିଣ୍ଟନ, ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ, ଜର୍ମାନୀ ଚାନ୍ସଲର ଓଲାଫ ସ୍କୋଲଜ, ନାଟୋ ମୁଖ୍ୟ ଜେନସ ଷ୍ଟୋଲଟେନବର୍ଗ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାହୁଲ ଗାନ୍ଧୀ ପ୍ରମୁଖ ଏହି ଘଟଣାର ନିନ୍ଦା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କ ଉପରେ ଆକ୍ରମଣ ଖବର ଗଭୀର ଆଘାତ ଦେଇଛି। ଏହାକୁ ଦୃଢ଼ ଭାବେ ନିନ୍ଦା କରୁଛି। ରାଜନୀତି ଏବଂ ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ସେ ଟ୍ରମ୍ପଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି। ମୃତକ ଓ ଆହତଙ୍କ ପରିବାର ପାଇଁ ସମବେଦନା ଏବଂ ଆମେରିକୀୟଙ୍କ ପାଇଁ ପ୍ରାର୍ଥନା କରିଛନ୍ତି। ସେହିପରି ରାଜନୈତିକ ସଂଘର୍ଷରେ ହିଂସା ବର୍ଜନୀୟ ବୋଲି କ୍ରେମଲିନ୍ ପକ୍ଷରୁ କୁହାଯାଇଛି। କ୍ରେମଲିନ୍ ସ୍ପଷ୍ଟ କରିଛି ଯେ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଫୋନରେ କଥା ହେବେନାହିଁ। ରାଜନୀତିରେ ହିଂସାର ସ୍ଥାନ ନାହିଁ ବୋଲି ସମସ୍ତେ ଏକମତ ହୋଇଛନ୍ତି। ଟ୍ରମ୍ପ ରିପବ୍ଲିକାନ୍ ପ୍ରାର୍ଥୀ ଭାବେ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ଲଢୁଛନ୍ତି। ଟ୍ରମ୍ପ କହିଛନ୍ତି, ଚଳିତ ସପ୍ତାହରେ ସେ ଓ୍ୱିସ୍‌କନସିନ୍‌ରେ ନିର୍ବାଚନ ପ୍ରଚାର କରିବେ। ପ୍ରତିକୂଳ ସମୟରେ ଦମ୍ଭର ସହ ତା'ର ସମ୍ମୁଖୀନ ହେବା ହେଉଛି ଅସଲ ଆମେରିକାନ ଚରିତ୍ର। ଓ୍ୱିସ୍‌କନସିନ୍‌ରେ ଚଳିତ ସପ୍ତାହରେ ରିପବ୍ଲିକାନ୍ ନ୍ୟାସନାଲ୍ କନ୍‌ଭେନସନ୍ ଅନୁଷ୍ଠିତ ହେବ।

### ଖୋଲିଲା ରତ୍ନଭଣ୍ଡାର...

ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ରବିବାର ପ୍ରଥମେ ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ ପ୍ରଭୁ ଶ୍ରୀଲୋକନାଥଙ୍କ ମନ୍ଦିରରେ ସ୍ୱତନ୍ତ୍ର ଅଭିଷେକ କରାଯାଇ ଆଜ୍ଞାମାଳ ଆସିଥିଲା। ଏହାପରେ ମା' ବିମଳା, ମା' ମହାଲକ୍ଷ୍ମୀଙ୍କ ଆଶୀର୍ବାଦ ମଧ୍ୟ ନିଆଯାଇଥିଲା। ଅନ୍ୟପଟେ ରତ୍ନଭଣ୍ଡାର ଯାଞ୍ଚ କମିଟିର ସ୍ୱତନ୍ତ୍ର ବୈଠକ ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶୁଭ ସମୟ ଅପରାହ୍ଣ ୧ଟା ୨୮ ମିନିଟ୍‌ରେ ପ୍ରାଧିକୃତ ୧୧ ଜଣିଆ ଟିମ୍ ରତ୍ନଭଣ୍ଡାରକୁ ପ୍ରବେଶ କରିବେ ବୋଲି ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏଥିପାଇଁ ଅନ୍ୟାନ୍ୟ ଟିମ୍ ସଦସ୍ୟ ମଧ୍ୟାହ୍ନ ୧୨ଟା ସୁଦ୍ଧା ମନ୍ଦିରକୁ ପ୍ରବେଶ କରିବେ। ଏହା ପୂର୍ବରୁ ଭକ୍ତଙ୍କ ପ୍ରବେଶ ବନ୍ଦ କରାଯାଇଥିବା ବେଳେ ଶ୍ରୀମନ୍ଦିରକୁ ମଧ୍ୟ ଶୋଧ କରାଯାଇଥିଲା।

ଧାର୍ଯ୍ୟ ସମୟ ୧୨ଟା ସୁଦ୍ଧା ପ୍ରାୟ ସମସ୍ତ ସଦସ୍ୟ ମନ୍ଦିରକୁ ପ୍ରବେଶ କରିଥିଲେ। ଯେ ହେତୁ ଦୀର୍ଘବର୍ଷ ପରେ ଭିତର ରତ୍ନଭଣ୍ଡାର ଖୋଲିବାକୁ ଯାଉଥିଲା ତେଣୁ ଏଥିପାଇଁ ବିଶେଷ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଓ୍ୱଡ୍ରାଫ ଟିମ୍, ସାପ ଧରାଳୀ ଏବଂ ମେଡିକାଲ ଟିମ୍ ସେମାନଙ୍କର ଆବଶ୍ୟକ ସାଜ ସରଞ୍ଜାମ ସହିତ ପ୍ରସ୍ତୁତ ରହିଥିଲେ। ଏସ୍ଓପିଅନୁଯାୟୀ, ପ୍ରତ୍ୟେକ ଟିମ୍‌ର କିଛି ସଦସ୍ୟ ଭିତରକୁ ଯାଇଥିବା ବେଳେ ବାହାରେ ବି କିଛି ସଦସ୍ୟ ଷ୍ଟାଣ୍ଡବାଇ ଭାବେ ରହିଥିଲେ। ସେହିପରି ଅତ୍ୟାଧୁନିକ କଟର, ବ୍ଲୋୟର, ହାଇମାକ୍ସ ଲାଇଟ୍, ଟର୍ଚ୍ଚ, ଅକ୍ସିଜେନ ସିଲିଣ୍ଡର ପ୍ରଭୃତି ଭିତରକୁ ଯାଇଥିଲା। ଭିଡ଼ିଓ ଗ୍ରାଫି ଟିମ୍ ମଧ୍ୟ ଏଥିରେ ସାମିଲ ଥିଲେ। ଏସ୍ଓପି ଅନୁଯାୟୀ, ମନ୍ଦିର ଭିତରେ କିଏ କେଉଁଠି ରହିବ ତାହା ପୂର୍ବରୁ ଚୂଡ଼ାନ୍ତ ହୋଇଥିବାରୁ ସେହିଭଳି ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କିଏ ମୁକ୍ତିମଣ୍ଡପ ପାଖରେ ତ ପୁଣି କିଏ ବେହେରଣ ଦ୍ୱାରରେ ଆଉ କେହି ଜଗମୋହନ ଭିତରେ ରହିଥିଲେ। ପ୍ରାଧିକୃତ ବ୍ୟକ୍ତି ରତ୍ନଭଣ୍ଡାର କାମରେ ନିୟୋଜିତ ହୋଇଥିଲେ। ପ୍ରାୟ ୫ ଘଣ୍ଟା ଭିତରେ ରହି ଅପରାହ୍ଣ ୫ଟା ୨୦ରେ ଯାଞ୍ଚ ଟିମ୍ ପଦାକୁ ଆସିଥିଲେ।

ସିଂହଦ୍ୱାରଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଗଣମାଧ୍ୟମକୁ ରତ୍ନଭଣ୍ଡାର ଖୋଲିବା ନେଇ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଶ୍ରୀ ପାଢୀ କହିଥିଲେ, ୧୧ ଜଣିଆ କମିଟି ଭିତର ରତ୍ନଭଣ୍ଡାର କାର୍ଯ୍ୟ ସମ୍ପାଦନ କରିବା କଥା ତାହା କରିଛନ୍ତି। ଏସ୍ଓପି ଅନୁଯାୟୀ ପ୍ରଥମେ ବାହାର ରତ୍ନଭଣ୍ଡାର ତାଲା ଖୋଲାଯାଇଥିଲା। ଗଜପତି ମହାରାଜା, ଶ୍ରୀମନ୍ଦିର ପ୍ରଶାସନ ଏବଂ ଭଣ୍ଡାର ମେକାପଙ୍କ ପାଖରେ ଥିବା ଚାବିରେ ତାଲା ଫିଟାଯାଇଥିଲା। ବାହାର ଭଣ୍ଡାରରେ ଯାହା ବି ରତ୍ନଅଳଙ୍କାର ଥିଲା ସେ ସବୁକୁ ଟାଙ୍ଗଡା ଘରେ ପ୍ରସ୍ତୁତ ଅସ୍ଥାୟୀ ବାହାର ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଛି। ଏହି ସ୍ଥାନାନ୍ତର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ମାଜିଷ୍ଟ୍ରେଟ, ଭଣ୍ଡାର ମେକାପଙ୍କ ସମେତ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସିଲ୍ କରାଯାଇଛି। ଏହି କାମ ପ୍ରାୟ ୩ ଘଣ୍ଟା ସମୟ ଲାଗିଗଲା। ଏହା ପରେ ଅଧିକୃତ ବ୍ୟକ୍ତିମାନେ ଭିତର ରତ୍ନଭଣ୍ଡାର ପ୍ରବେଶ ପଥକୁ ଯାଇଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟର, ଟ୍ରେଜେରୀରେ ଥିବା ଚାବି ଜିଲ୍ଲାପାଳ ପ୍ରଦାନ କରିଥିଲେ। ହେଲେ ସେହି ଚବିରେ ତାଲା ଖୋଲି ନ ଥିଲା। ତିନୋଟି ତାଲା ପଡିଥିଲେ ହେଁ କୌଣସି ଗୋଟିଏ ବି ତାଲା ଖୋଲି ନ ଥିଲା। ତେଣୁ ରାଜ୍ୟ ସରକାରଙ୍କ ଏସ୍ଓପି ଅନୁଯାୟୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କଟର ସାହାଯ୍ୟରେ ସେହି ତାଲାଗୁଡ଼ିକୁ ଭଙ୍ଗା ଯାଇଥିଲା। ଏଥିରେ ଭଣ୍ଡାର ମେକାପଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଏହାପରେ ପ୍ରାଧିକୃତ ଟିମ୍ ଭିତର ଭଣ୍ଡାରରେ କେତେକ ସିନ୍ଦୁକ ଏବଂ ଆଲମିରା ରହିଥିବା ଦେଖିଥିଲେ। କିନ୍ତୁ ସେଥିରେ କ'ଣ ସବୁ ଅଳଙ୍କାର ରହିଛି ତାହା ଯାଞ୍ଚ ହୋଇନାହିଁ। କାରଣ ସେତେବେଳକୁ ବହୁ ସମୟ ହୋଇଯାଇଥିଲା। ନିୟମାନୁସାରେ ଅସ୍ଥାୟୀ ରତ୍ନଭଣ୍ଡାରକୁ ଅଧା ଅଳଙ୍କାର ସ୍ଥାନାନ୍ତର କରିହେବ ନାହିଁ। ତେଣୁ ସମସ୍ତଙ୍କ ସହମତି ନିଆଯାଇଥିଲା। ଯେ ହେତୁ ସୋମବାର ବାହୁଡା, ପରେ ପରେ ସୁନାବେଶ ଏବଂ ନଳାଦ୍ରି ବିଜେ ରହିଛି ତେଣୁ ଭିତର ରତ୍ନଭଣ୍ଡାର ରତ୍ନଅଳଙ୍କାର ସ୍ଥାନାନ୍ତର ପାଇଁ ଗୋଟିଏ ଦିନ କିମ୍ବା ଅଧିକ ସମୟ ଆବଶ୍ୟକ ବୋଲି ସମସ୍ତେ ଅନୁଭବ କରି ବାହାରକୁ ଆସିଥିଲେ।

### ଶ୍ରୀମନ୍ଦିର ସୁରକ୍ଷା...

ରତ୍ନଭଣ୍ଡାର ଭାବେ ପ୍ରସ୍ତୁତ କରାଯାଇଛି। ବାହୁଡ଼ା, ନୀଳାଦ୍ରି ବିଜେ ସରିବା ପରେ ପରିଚାଳନା କମିଟି, ରତ୍ନଭଣ୍ଡାର ଯାଞ୍ଚ କମିଟି ଏବଂ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଭିତର ରତ୍ନଭଣ୍ଡାର ଖୋଲାଯିବା ଲାଗି ଆଉ ଗୋଟିଏ ଦିନ ଧାର୍ଯ୍ୟ କରାଯିବ। ସେହି ଧାର୍ଯ୍ୟ ତାରିଖରେ ଭିତର ରତ୍ନଭଣ୍ଡାର ଖୋଲିବା ପରେ ସେଠାରେ ଥିବା ରତ୍ନଅଳଙ୍କାର ସବୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର ହେବ। ଏହାପରେ ଏଏସ୍ଆଇ ଭିତର ରତ୍ନଭଣ୍ଡାରର ରକ୍ଷଣାବେକ୍ଷଣ କରିବ। ମରାମତି ସରିବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ସମସ୍ତ ରତ୍ନ ଅଳଙ୍କାର ପୁନଶ୍ଚ ଭିତର ରତ୍ନଭଣ୍ଡାରକୁ ନିଆଯାଇ ସେହିଠାରେ ହିଁ ଗଣତି-ମଣତି କରାଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

### ଚଟାଣ ଓଦା...

ଗୋଟିଏ ତାଲା ସିଲ୍ ଥିବାବେଳେ ଅନ୍ୟ ଦୁଇଟି ବିନା ସିଲ୍ (କିନ୍ତୁ ଲକ୍ ଥିଲା) ରେ ଥିଲା। ଏହାପରେ ଟର୍ଚ୍ଚ ଲାଇଟ୍ ସହ ପ୍ରାଧିକୃତ ବ୍ୟକ୍ତି ଭିତରକୁ ଗଲୁ। ଏହାର ଭିଡ଼ିଓ ଗ୍ରାଫି ମଧ୍ୟ ହୋଇଛି। ସେତେବେଳକୁ ପ୍ରାୟ ସାଢେ ୪ ଘଣ୍ଟା ସମୟ ହୋଇଯାଇଥିଲା। ଅପରପକ୍ଷେ ପ୍ରାଧିକୃତ ଟିମ୍‌ରେ ଶ୍ରୀମନ୍ଦିର ନୀତିକାନ୍ତି ସମ୍ପୃକ୍ତ ୭/୮ ସଦସ୍ୟ ଥିଲେ, ଯେଉଁମାନେ କି ମହାପ୍ରଭୁଙ୍କ ବାହୁଡ଼ା ପାଇଁ ବ୍ୟସ୍ତ ଥିଲେ। ତେଣୁ ସମସ୍ତଙ୍କ ସହମତିରେ ଭିତର ରତ୍ନଭଣ୍ଡାରର ରତ୍ନ ଅଳଙ୍କାର ସ୍ଥାନାନ୍ତର କାର୍ଯ୍ୟକୁ ଆଉ ଗୋଟିଏ ତାରିଖରେ କରାଯିବା ଲାଗି ନିଷ୍ପତ୍ତି ନେଲୁ। ଭିତର ରତ୍ନଭଣ୍ଡାରରେ ୨ଟି ନୂଆ ତାଲା ପକାଇ ସିଲ୍ କରାଯାଇଛି। ଏହାର ଚାବିକୁ ମଧ୍ୟ ସିଲ କରାଯାଇ ଜିଲ୍ଲାପାଳଙ୍କ ଜରିଆରେ ଟ୍ରେଜେରୀକୁ ପଠାଇ ଦିଆଯାଇଛି। ଦେଇଛୁ। ପୁଣି ୭/୮ ଦିନ ପରେ ବାହୁଡ଼ା କାମ ସରିଲେ ଆମେ ବସି କେଉଁଦିନ ପୁଣି ରତ୍ନଭଣ୍ଡାର ଖୋଲିବୁ ତାହାର ଏକ ତାରିଖ ସ୍ଥିର କରିବୁ ବୋଲି କହିଛନ୍ତି ଜଷ୍ଟିସ୍ ରଥ। ଅନ୍ୟପକ୍ଷରେ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ରଥ କହିଥିଲେ ଯେ, ଭିତର ରତ୍ନଭଣ୍ଡାରକୁ ନେଇ ପୂର୍ବରୁ ଯେଉଁଭଳି ଚର୍ଚ୍ଚା ଆଲୋଚନା ଥିଲା, ସେମିତି କିଛି ଅନୁଭବ ହେଲା ନାହିଁ। ଭିତର ଅବସ୍ଥା ସ୍ୱାଭାବିକ ଲାଗୁଥିଲା। ଆମେ ଆନନ୍ଦରେ ହରିବୋଲ ପକାଇ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମ ନେଇ ଭିତରକୁ ପ୍ରବେଶ କରିଥିଲୁ। ଭଣ୍ଡାରଘର ମରାମତିର ଆବଶ୍ୟକତା ରହିଛି ଉପଲବ୍ଧି କରିଛୁ। ହେଲେ ସେଥିରେ ଥିବା ଜିନିଷପତ୍ରକୁ ପ୍ରଥମେ ସ୍ଥାନାନ୍ତର କରିବାକୁ ପଡିବ। ଭିତରେ ପ୍ରାୟ ୫ଟି ଆଲମିରା ଓ ୪ଟି ସିନ୍ଦୁକ ରହିଛି। ସିନ୍ଦୁକ ସବୁ କାଠର ହୋଇଥିବା ବେଳେ ଗୋଟିଏ ଷ୍ଟିଲ ଆଲମିରା ରହିଛି। ତଳେ ବି କିଛି ଜିନିଷ ଅଛି। କୋଠରୀର ସାଇଜ୍ ୧୫ ଫୁଟରେ ୧୦ ଫୁଟ ହେବ। ଚଟାଣ ଓଦା ଥିବା ସେମିତି କାଇଁ ଜଣାପଡିଲାନି। ଯେ ହେତୁ ଦୀର୍ଘବର୍ଷ ହେବ ଖୋଲାଯାଇ ନାହିଁ, ଚୂନ ପ୍ଲାଷ୍ଟର ଝଡିପଡିବା ସ୍ୱାଭାବିକ। ଭାବୁଛୁ ରତ୍ନଭଣ୍ଡାରକୁ ନେଇ ସାଢେ ୪କୋଟି ଓଡ଼ିଶାବାସୀଙ୍କ ମନରେ ଯେଉଁ ଅବିଶ୍ୱାସ ରହିଥିଲା ତାହା ଦୂର ହେବ ବୋଲି କହିଛନ୍ତି ଜଷ୍ଟିସ ରଥ।

### ଆଜି ବାହୁଡ଼ିବେ...

ବଡ଼ି ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ କରାଯିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ରଥଟଣା ସରିବା ପରେ ରଥ ଉପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ପ୍ରାୟ ବର୍ଷ ବାହୁଡ଼ା ପରଦିନ ସୁନାବେଶ ହୋଇଥାଏ। କିନ୍ତୁ ଚଳିତବର୍ଷ ବାହୁଡ଼ାର ଗୋଟିଏ ଦିନ ପରେ ଅର୍ଥାତ୍ ବୁଧବାର ସୁନାବେଶ ରହିଛି। ଦାରୁବିଗ୍ରହଙ୍କ ବାହୁଡା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ଲାଗି ପୁଲିସ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ପଞ୍ଚସ୍ତରୀୟ ସୁରକ୍ଷା ବଳୟରେ ରହିଛି ପୁରୀ ସହର।

### ରଣ ବୋଝ...

ଡାକ୍ତରଖାନା ଓ ପରେ ଭୁବନେଶ୍ୱରସ୍ଥିତ କିମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତି ପ୍ରାୟ ୯ଟା ୧୫ରେ ବୋହୂ ସଙ୍ଗୀତାଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କୁ ପୁରୀ ସ୍ୱର୍ଗଦ୍ୱାର ନେଇ ଶେଷକୃତ୍ୟ କରାଯାଇଥିଲା। କିନ୍ତୁ ଦୁଃଖ ସେତିକିରେ ସରିଲାନି, ଭେଣ୍ଟିଲେଟର୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୩ ତାରିଖ ରାତି ପାଖାପାଖି ୨ଟାରେ ପୁଅ ସ୍ୱରୂପାନନ୍ଦଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ସକାଳେ ଜୟକୃଷ୍ଣ ଏହି ଖବର ପାଇବା ପରେ ଦୁଃଖରେ ଭାଙ୍ଗି ପଡ଼ିବା ସହ ସେହିଠାରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ଏଭଳି ଏକ ଅଭାବନୀୟ ଘଟଣାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ପୁଅକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବାପାର ଶେଷକୃତ୍ୟ ଗ୍ରାମ ମଶାଣିରେ କରାଯାଇଛି। ସୂଚନାଯୋଗ୍ୟ, ସ୍ୱରୂପାନନ୍ଦଙ୍କ ଦୁଇଟି ସନ୍ତାନ ଅଛନ୍ତି। ପୁଅ +୨ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏକମାତ୍ର ଝିଅ ଷଷ୍ଠ ଶ୍ରେଣୀରେ ପଢୁଛି। ପୂରା ପରିବାରକୁ ହରାଇବା ପରେ ଏବେ ସେମାନେ ବେସାହାରା ହୋଇପଡ଼ିଛନ୍ତି।

### ସବୁଜ ହାଇଡ୍ରୋଜେନ୍...

ସବୁଜ ହାଇଡ୍ରୋଜେନ କ୍ଷେତ୍ରରେ ଆଗାମୀ ଦିନରେ ବ୍ୟାପକ ସକରାତ୍ମକ ସମ୍ଭାବନା ରଖୁଛି। ବର୍ତ୍ତମାନ ସୌର, ପବନ ଓ ଜଳ ବିଦ୍ୟୁତ୍ କ୍ଷମତା କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ୧୦ ଏବଂ ବାୟୋମାସ ସମ୍ଭାବନାରେ ୧୪ତମ ସ୍ଥାନରେ ରହିଛି। ଓଡ଼ିଶାରେ ପ୍ରାୟ ୩.୮ ଗିଗାୱାଟର ଅକ୍ଷୟ ଶକ୍ତି ଉତ୍ପାଦନ ଆଗାମୀ ଦିନରେ ହୋଇପାରିବ ବୋଲି ସମ୍ଭାବନା ବ୍ୟକ୍ତ କରାଯାଉଛି। ଯାହା ଅକ୍ଷୟ ଉର୍ଜା କ୍ଷେତ୍ରରେ ଓଡ଼ିଶାକୁ ଦେଶବ୍ୟାପୀ ଏକ ନୂଆ ପରିଚୟ ପ୍ରଦାନ କରିବ। ବର୍ତ୍ତମାନ ସୌର ଶକ୍ତିକୁ ବ୍ୟାପକରୁ ବ୍ୟାପକ ପରିମାଣରେ ଉତ୍ପାଦନ ଓ ବ୍ୟବହାର ପାଇଁ କେନ୍ଦ୍ର ସରକାର ପିଏମ୍ ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଓଡ଼ିଶା ସରକାର ମଧ୍ୟ ସୌର ଏବଂ ଜଳ ବିଦ୍ୟୁତ୍ କ୍ଷେତ୍ରରେ ବ୍ୟାପକ ନିବେଶ ପ୍ରସ୍ତାବ ହାସଲ କରିଛନ୍ତି। ଆଗାମୀ ଦିନରେ ଉଭୟ ଦେଶ ଏବଂ ରାଜ୍ୟରେ ଜଳବିଦ୍ୟୁତ୍ ଏବଂ ସୌର ଶକ୍ତି ବ୍ୟାପକ ପରିମାଣରେ ଉତ୍ପାଦନ ହେବା ନେଇ ଆଶା କରାଯାଉଛି।


ପୂର୍ବ ତଟ ରେଳପଥ
Tender Notice No.: MCSW-RAILNET-24-25-17
ତା. 04.07.2024 ରିଖ
କାର୍ଯ୍ୟର ନାମ : ...
ବିଜ୍ଞାପିତ ମୂଲ୍ୟ : ଟ.3,45,268/-, EMD: ଟ. 6,900/-
କାର୍ଯ୍ୟସମାପ୍ତିର ଅବଧି: 3 (ତିନି) ମାସ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା. 29.07.2024 ରିଖ 1500 ଘଟିକାରେ
www.ireps.gov.in
PR-299/P/24-25

SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
Ph.: 9437015112

## ଗୌରବ ଲୋକସଭାରେ କଂଗ୍ରେସର ଉପନେତା

- କେ ସୁରେଶ ମୁଖ୍ୟ ସଚେତକ

ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): କଂଗ୍ରେସ ଆଜି ଗୌରବ ଗୋଗୋଇଙ୍କୁ ଲୋକସଭାରେ କଂଗ୍ରେସର ଡେପୁଟି ଲିଡର ଓ କେ ସୁରେଶଙ୍କୁ ମୁଖ୍ୟ ସଚେତକ ଭାବେ ପୁନଃନିଯୁକ୍ତି ଦେଇଛି। ମାନିକମ୍



ଟାଗୋରଙ୍କୁ ମଧ୍ୟ ସଚେତକ ଭାବେ ପୁନଃନିଯୁକ୍ତି ମିଳିଛି। ମହମ୍ମଦ ଜାବେଦଙ୍କୁ ନୂଆ କରି ସଚେତକ ଭାବେ ନିଯୁକ୍ତି ମିଳିଛି। କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏହି ନିଯୁକ୍ତି ସମ୍ପର୍କରେ ଲୋକସଭା ବାଚସ୍ପତିଙ୍କୁ ଲେଖି ଜଣାଇଛନ୍ତି। ନବନିଯୁକ୍ତମାନେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ସହାୟତା ଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେପରି ତାଙ୍କ ମନ୍ତ୍ରିମଣ୍ଡଳରେ ବିଶେଷ ଅଦଳବଦଳ କରିନାହାନ୍ତି, ସେମିତି କଂଗ୍ରେସ ମଧ୍ୟ ତା'ର ଟିମ୍‌ରେ ଅଦଳବଦଳ ଚାହିଁନାହିଁ।

## ଆର୍ମଷ୍ଟ୍ରଙ୍ଗଙ୍କ ହତ୍ୟାକାରୀକୁ ଏନ୍‌କାଉଣ୍ଟର୍





ଚେନ୍ନଇ, ୧୪।୭(ଏଜେନ୍ସି): ତାମିଲନାଡୁ ବହୁଜନ ସମାଜ ପାର୍ଟି ରାଜ୍ୟ ଶାଖା ମୁଖ୍ୟ କେ ଆର୍ମଷ୍ଟ୍ରଙ୍ଗଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଗିରଫ ହୋଇଥିବା ଅଭିଯୁକ୍ତ କେ ତିରୁଭେଙ୍ଗାଡାମକୁ ଆଜି ଚାନ୍ନଇ ପୁଲିସ୍ ଏକ ଏନକାଉଣ୍ଟରରେ ହତ୍ୟା କରିଛି। ମୃତକର ବୟସ ୩୩ବର୍ଷ। ପୁଲିସର ସୂଚନା ଅନୁଯାୟୀ ଆର୍ମଷ୍ଟ୍ରଙ୍ଗ ହତ୍ୟା ମାମଲାରେ ଅଭିଯୁକ୍ତଙ୍କ ସଂଖ୍ୟା ହେଉଛି ୧୧। ତିରୁଭେଙ୍ଗାଡାମକୁ ପୁଲିସ୍ ପୂର୍ବରୁ ଗିରଫ କରିଥିଲା। ଆଜି ଆର୍ମଷ୍ଟ୍ରଙ୍ଗ ହତ୍ୟାରେ ବ୍ୟବହୃତ ଅସ୍ତ୍ର କେଉଁଠାରେ ଲୁଚାଯାଇଛି ତାହା ଜାଣିବାକୁ ପୁଲିସ୍ ତିରୁଭେଙ୍ଗାଡାମକୁ ସଙ୍ଗରେ ନେଇ ମାଧାଭରନ ହ୍ରଦ ନିକଟକୁ ଯାଇଥିଲା। ସେଠାରେ ତିରୁଭେଙ୍ଗାଡାମ ଲୁଚାଇଥିବା ଅସ୍ତ୍ର ଖୋଜି ବାହାର କରିଥିଲା କିନ୍ତୁ ଅଚାନକ ସେହି ଅସ୍ତ୍ରରେ ପୁଲିସକୁ ଆକ୍ରମଣ କରି ଖସିଯିବାକୁ ଉଦ୍ୟତ ହୋଇଥିଲା। ଖସିଯିବା ଉଦ୍ୟମ ବେଳେ ତାକୁ ପୁଲିସର ଗୁଳି ଲାଗିଥିଲା। ତାକୁ ତୁରନ୍ତ ହସପିଟାଲ ନିଆଯାଇଥିଲା କିନ୍ତୁ ଡାକ୍ତର ତାକୁ ମୃତ ଘୋଷିତ କରିଥିଲେ। ଗତ ୫ ତାରିଖରେ ଆର୍ମଷ୍ଟ୍ରଙ୍ଗଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିଲା।

## ୩ ଆତଙ୍କବାଦୀ ନିପାତ

ଶ୍ରୀନଗର, ୧୪।୭ (ଏଜେନ୍ସି): ଜମ୍ମୁ-କାଶ୍ମୀରର କୁପଓ୍ୱାଡ଼ା ଏଲଓସିରେ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷାବାହିନୀ ବିଫଳ କରିଦେଇଛି। ସୀମାରେ ୩ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ଏମାନଙ୍କ ନିକଟରୁ ପିସ୍ତଲ, ଗୋଳାବାରୁଦ ଜବତ କରାଯାଇଛି। ଏ ପର୍ଯ୍ୟନ୍ତ ଆତଙ୍କବାଦୀଙ୍କ ପରିଚୟ ମିଳିପାରି ନାହିଁ। ମାମଲାର ତଦନ୍ତ ଏବଂ ଏନ୍‌କାଉଣ୍ଟର ଜାରି ରହିଛି।

## ବିଜେପିରେ ପୂର୍ବତନ ହାଇକୋର୍ଟ ଜଜ୍

ଭୋପାଲ, ୧୪।୭ (ଏଜେନ୍ସି): ମଧ୍ୟପ୍ରଦେଶ ହାଇକୋର୍ଟର ପୂର୍ବତନ ଜଜ୍ ରୋହିତ ଆର୍ଯ୍ୟ ଗତକାଲି ବିଜେପିରେ ଯୋଗ ଦେଇଛନ୍ତି। ଅବସର ନେବାର ତିନି ମାସ ପରେ ସେ ରାଜନୀତିରେ ଯୋଗ ଦେଇଛନ୍ତି। ଭୋପାଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଜେପି ମଧ୍ୟପ୍ରଦେଶ ରାଜ୍ୟ ଶାଖା ସଭାପତି ଡ. ରାଘବେନ୍ଦ୍ର ଶର୍ମା ତାଙ୍କୁ ଦଳର ପ୍ରାଥମିକ ସଦସ୍ୟତା ଦେଇଥିଲେ। ୨୦୨୧ରେ ସେ କମେଡିଆନ ମୁନାଓ୍ୱର ଫାରୁକି ଓ ନଳିନୀ ଯାଦବଙ୍କ ଜାମିନ ଆବେଦନ ଖାରଜ କରିଥିଲେ। ପରେ ସୁପ୍ରିମ୍‌କୋର୍ଟ ଉଭୟଙ୍କୁ ଜାମିନ ଦେଇଥିଲେ।

### ଏ ପର୍ଯ୍ୟନ୍ତ ଗୋଟିଏ ପରୀକ୍ଷା କରିନି ଏନ୍‌ଆରଏ

# ଘୋଷଣାରେ ସୀମିତ 'ଏକ ଦେଶ-ଏକ ପରୀକ୍ଷା'

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି)

କେନ୍ଦ୍ର ସରକାର ୨୦୨୦ରେ ବଡ଼ ଘୋଷଣା କରିଥିଲେ। ଯୁବ ବର୍ଗଙ୍କ ପାଇଁ ଏକ ଦେଶ-ଏକ ପରୀକ୍ଷା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏହା ଅଧିନରେ ଅନେକ ପରୀକ୍ଷା ପରିବର୍ତ୍ତେ ଏକକ ଯୋଗ୍ୟତା ପରୀକ୍ଷା (ସିଇଟି) ପାସ୍ କରି ସରକାରୀ ଚାକିରି ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି କୁହାଯାଇଥିଲା। ଏହାର ଦାୟିତ୍ୱ ଜାତୀୟ ନିଯୁକ୍ତି ଏଜେନ୍ସି (ଏନଆରଏ) କୁ ଦିଆଯାଇଥିଲା। ତେବେ ଏହି ଘୋଷଣା ଆଜି ଘୋଷଣାରେ ହିଁ ରହିଛି। ଜୋରଦାର ଘୋଷଣା କରାଯାଇଥିବାବେଳେ ଫଳାଫଳ ଶୂନ ରହିଛି। ଏଥିଯୋଗୁଁ ଦେଶର ୨.୫ କୋଟି ବେକାରୀଙ୍କୁ ବଡ଼ ଝଟ୍‌କା ଲାଗିଛି। ଏମାନେ ପ୍ରତି ବର୍ଷ ୧.୨୫ ଲକ୍ଷ ସରକାରୀ ଚାକିରି ପାଇଁ ଦୁଆର ଦୁଆର ଦୌଡ଼ିଥାନ୍ତି। ସୂଚନା ଅନୁଯାୟୀ ଏହି ଏଜେନ୍ସି ଗତ ୪ ବର୍ଷରେ ୫୮ କୋଟି ଟଙ୍କା ଖର୍ଚ୍ଚ କରିଛି। ମାତ୍ର ଏ ପର୍ଯ୍ୟନ୍ତ ଗୋଟିଏ ପରୀକ୍ଷା ମଧ୍ୟ ଆୟୋଜନ କରିପାରି ନାହିଁ।

ଏକ ସ୍ୱତନ୍ତ୍ର, ବୃତ୍ତିଗତ ଏବଂ ବିଶେଷଜ୍ଞ ସଂଗଠନ ଭାବେ ଏନ୍‌ଆରଏର ପରିକଳ୍ପନା କରାଯାଇଥିଲା। ଅଣ ଗେଜେଟେଡ ପଦବୀରେ ନିଯୁକ୍ତି କରିବା ପାଇଁ ଏହାକୁ କମ୍ପ୍ୟୁଟର ଆଧାରିତ ଅନ୍‌ଲାଇନ ସିଇଟିର ଜିମା ଦିଆଯାଇଥିଲା। ଏଥିରେ ରେଳବାଇ, ଅର୍ଥ ମନ୍ତ୍ରାଳୟ, ଏସ୍‌ଏସ୍‌ସି, ଆରଆରବି, ଆଇବିପିଏସର ପ୍ରତିନିଧିଙ୍କୁ ସାମିଲ କରାଯିବାର ଥିଲା। ସଂସଦୀୟ କମିଟିର ଭର୍ତ୍ସନା, ବିଶେଷଜ୍ଞ କମିଟିର ମାରାଥନ ଆଲୋଚନା ଏବଂ ପ୍ରତି ବର୍ଷର ଆଶ୍ୱାସନା ସତ୍ତ୍ୱେ ଏହି ଏଜେନ୍ସି ଗୋଟିଏ ପରୀକ୍ଷା ତାରିଖ ଘୋଷଣା କରିପାରି ନାହିଁ। ନିଯୁକ୍ତି ଦେଉଥିବା ତିନି ସରକାରୀ ଏଜେନ୍ସି ଏସଏସସି, ଆରଆରବି ଏବଂ ଆଇବିପିଏସ ମଧ୍ୟ ହାତ ଟେକି ଦେଇଛନ୍ତି। ଏକକ ପରୀକ୍ଷା ସତ୍ତ୍ୱେ ଏହି ଏଜେନ୍ସିଗୁଡ଼ିକ

- ୪ ବର୍ଷରେ ୫୮ କୋଟି ଟଙ୍କା ଖର୍ଚ୍ଚ
- ୨.୫ କୋଟି ବେକାରୀଙ୍କୁ ଝଟ୍‌କା
- ଆଡମ୍ବରପୂର୍ଣ୍ଣ ଘୋଷଣା; ଫଳାଫଳ ଫୁସ୍





ଅଲଗା ପରୀକ୍ଷା କରିବା ଜାରି ରଖିବେ।

୨୦୨୦ ଫେବୃଆରୀରେ କେନ୍ଦ୍ର ସରକାର ଅଣ ଗେଜେଟେଡ ସରକାରୀ ଚାକିରି ପାଇଁ ଦେଶରେ ସିଇଟି କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ୨୦୨୦ ଅଗଷ୍ଟରେ ଏନଆରଏ ଗଠନ ନେଇ ବିଜ୍ଞପ୍ତି ଜାରି ହୋଇଥିଲା। ୨୦୨୧ରେ ପ୍ରଥମ ସିଇଟି କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ସେହି ବର୍ଷ ଫେବୃଆରୀରେ ଦ । ବି କରିଥିଲେ। ସେ ପୁଣି ୨୦୨୨ ମେ' ୨୨ରେ ଏହି ବର୍ଷ ପରୀକ୍ଷା ହେବ ବୋଲି ସଂସଦକୁ ଅବଗତ କରାଇ ଥିଲେ। ମାତ୍ର ୨୦୨୩ ଅଗଷ୍ଟ ୧୦ ସରକାର ସଂସଦରେ ସୂଚନା ଦେଇଥିଲେ ଯେ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଅନ୍ୟ ଭିତ୍ତିଭୂମି ପ୍ରସ୍ତୁତ, ବିଭିନ୍ନ ପର୍ଯ୍ୟାୟ ମାନଦଣ୍ଡ ଧାର୍ଯ୍ୟ ହେବା ପରେ ଏକକ ଯୋଗ୍ୟତା ପରୀକ୍ଷା ହେବ। ଏହା ବ୍ୟତୀତ ବର୍ଷକୁ ୨ ଥର ୧୨ଟି ଭାଷାରେ ସିଇଟି ପରୀକ୍ଷା ହେବ ବୋଲି କୁହାଯାଇଥିଲା। ଦେଶର ପ୍ରତ୍ୟେକ ଜିଲ୍ଲାରେ ପରୀକ୍ଷା କେନ୍ଦ୍ର ହେବ। ହଜାରେ କେନ୍ଦ୍ରରେ ପରୀକ୍ଷା କରାଯିବ ଏବଂ ଦେଶର ୧୧୮ ଆକାଂକ୍ଷୀ ଜିଲ୍ଲାର ଆଶାୟୀଙ୍କୁ ବିଶେଷ ଧ୍ୟାନ ଦିଆଯିବ ବୋଲି କେନ୍ଦ୍ର ପ୍ରତିଶ୍ରୁତି ଦେଇଥିଲା। ଏ ସବୁ ଏବେ ଖାଲି ପ୍ରତିଶ୍ରୁତି ହୋଇ ରହିଛି।

୨୦୨୦ ବଜେଟରେ ଏନ୍‌ଆରଏ ପାଇଁ ତିନି ବର୍ଷରେ ୧,୫୧୭ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଘୋଷଣା ହୋଇଥିଲା। ଏହା ଉପରେ ୨୦୨୧-୨୨ରେ ୧୩ କୋଟି ଏବଂ ଡିସେମ୍ବର ୨୨ ସୁଦ୍ଧା ୨୦.୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ୨୦୨୩ ଡିସେମ୍ବରରେ ଉପସ୍ଥାପିତ ସଂସଦୀୟ କମିଟି ରିପୋର୍ଟରେ ଏନ୍‌ଆରଏ ପାଇଁ ୫୮.୩୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା କୁହାଯାଇଥିଲା।

### ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ଚିଦମ୍ବରମ

ନୂଆଦିଲ୍ଲୀ: ନିଟ୍ ବିଭ୍ରାଟକୁ ନେଇ କଂଗ୍ରେସ ନେତା ପି ଚିଦମ୍ବରମ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମାଲୋଚନା କରିଛନ୍ତି। ସେ ତାଙ୍କର ଇସ୍ତଫା ଦାବି କରିଛନ୍ତି। ଶିକ୍ଷାମନ୍ତ୍ରୀ ପ୍ରଶ୍ନପତ୍ର ପ୍ରଘଟର ଉତ୍ତରଦାୟିତ୍ୱ ନେବା ଉଚିତ ବୋଲି କହିଛନ୍ତି। କେନ୍ଦ୍ର ସରକାର କେବଳ କେନ୍ଦ୍ରସ୍ତରରେ ହେଉଥିବା ନିଯୁକ୍ତି ପରୀକ୍ଷାର ଦାୟିତ୍ୱ ନିଅନ୍ତୁ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ କହିଛନ୍ତି। କେନ୍ଦ୍ରସ୍ତରର ଏଭଳି ପରୀକ୍ଷାରେ ଜାଲିଆତି ହେବ ହିଁ ହେବ। ଦେଶର ପରୀକ୍ଷା ବ୍ୟବସ୍ଥାରେ ଅନେକ ଲୋକ ସାମିଲ ଅଛନ୍ତି। ପରୀକ୍ଷାର୍ଥୀଙ୍କଠାରୁ ନେଇ ଏଭଳି ଅନେକ ଲୋକ ଅଛନ୍ତି, ଯେଉଁମାନେ ଜାଲିଆତି କରିଥାନ୍ତି। ସରକାର ବଡ଼ ସ୍ତରରେ ପରୀକ୍ଷା ନ କରାଇବା ଉଚିତ। ନିଟ୍ ଏକ ସ୍କାଣ୍ଡାଲ ବୋଲି ୪-୫ ବର୍ଷ ହେଲା ଆମେ ଦାବି କରିଆସୁଛୁ। ଏ ନେଇ ତାମିଲନାଡୁ ବିଧାନସଭାରେ ମଧ୍ୟ ପ୍ରସ୍ତାବ ପାରିତ ହୋଇସାରିଛି। ରାଜ୍ୟସ୍ତରରେ ପରୀକ୍ଷା କରାଇବାର କ୍ଷମତା ପ୍ରତ୍ୟେକ ରାଜ୍ୟଙ୍କର ରହିବା ଉଚିତ ବୋଲି ଚିଦମ୍ବରମ କହିଛନ୍ତି।

### ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଆକ୍ରମଣ ଘଟଣା

## ଆମେରିକା ଗନ୍ କଲ୍‌ଚରର ପରିଣତି



ଓ୍ୱାଶିଂଟନ, ୧୪।୭ (ଏଜେନ୍ସି): ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଗୁଳିମାଡ଼ ହୋଇଛି। ଏହି ଘଟଣା ଆମେରିକାର ହୋଇଥିବା ରାଜନୈତିକ ହତ୍ୟାର ସ୍ମୃତିକୁ ତାଜା କରିଦେଇଛି। କେବଳ ଟ୍ରମ୍ପ ନୁହଁନ୍ତି, ଆବ୍ରାହାମ ଲିଙ୍କନ, ଜେନ୍ କେନେଡି, ଜେମ୍ସ ଗାରଫିଲ୍ଡ ଆଦିଙ୍କୁ ମଧ୍ୟ ଗୁଳି କରାଯାଇଥିଲା। ଏହାକୁ ନେଇ ଦେଶର 'ଗନ୍ କଲ୍‌ଚର' ପୁଣିଥରେ ଚର୍ଚ୍ଚାକୁ ଆସିଛି। ଏହାକୁ ନେଇ ପୁଣିଥରେ ଚିନ୍ତା ବୃଦ୍ଧି ପାଇଛି। ପ୍ୟୁ ରିସର୍ଚ୍ଚର ତଥ୍ୟ ଅନୁଯାୟୀ ଏକ ତୃତୀୟାଂଶ ଆମେରିକୀୟ ନିଜ ପାଖରେ ବନ୍ଧୁକ ରଖିଛନ୍ତି। ଏହା ଆମେରିକାରେ ଗନ୍ କଲ୍‌ଚର୍ ଗଭୀରତାକୁ ଦର୍ଶାଉଛି। ୟୁଏସଏ ଟୁଡେର ରିପୋର୍ଟ ଅନୁଯାୟୀ ୨୦୨୪ର ପ୍ରଥମ ଚାରି ମାସରେ ଦେଶରେ ୫୫ ଲକ୍ଷ ଅସ୍ତ୍ରଶସ୍ତ୍ର କ୍ରୟ କରାଯାଇଛି। ଏହି କ୍ଷେତ୍ରରେ ଟେକ୍ସାସ ରାଜ୍ୟ ଆଗରେ ରହିଛି। ୨୦୨୪ ଏପ୍ରିଲ ସୁଦ୍ଧା ବିକ୍ରି ବନ୍ଧୁକର ୯ ପ୍ରତିଶତ କେବଳ ଟେକ୍ସାସରେ କିଣାଯାଇଛି। ଆମେରିକୀୟ ସର୍ଜନ ବିବେକ ମୂର୍ତ୍ତିଙ୍କ ସୂଚନା ଅନୁଯାୟୀ ୨୦୨୨ରେ ବନ୍ଧୁକ ହିଂସାରେ ୪୮ ହଜାର ଲୋକଙ୍କ ଜୀବନ ଯାଇଛି। ଏହା ୨୦୧୦ ତୁଳନାରେ ୧୬ ହଜାର ଅଧିକ। ସେହିପରି ବନ୍ଧୁକ ସମ୍ବନ୍ଧିତ ଆତ୍ମହତ୍ୟା ମଧ୍ୟ ୨୦ ପ୍ରତିଶତ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରେ ଅଧିକ ଯୁବ ବର୍ଗର ସାମିଲ ଅଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଅନୁଗାମୀ ସଂଖ୍ୟା ଶହେ ନିୟୁତ ଟପିଲା

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାମରେ ଆଉ ଏକ ନୂଆ ରେକର୍ଡ ହୋଇଛି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ମୋଦୀଙ୍କ ଫଲୋଅର୍ସଙ୍କ ସଂଖ୍ୟା ଶହେ ନିୟୁତ (୧୦ କୋଟି) ପାର୍ କରିଛି। ଏହା ସହିତ ସେ ବିଶ୍ୱର ସବୁଠାରୁ ଅଧିକ ଫଲୋଅର୍ସ ଥିବା ନେତା ରହିଛନ୍ତି। ଗତ ତିନି ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ଫଲୋଅର୍ସ ସଂଖ୍ୟା ୩୦ ନିୟୁତ ବୃଦ୍ଧି ପାଇଛି। ଦେଶବିଦେଶର ଅନ୍ୟ ନେତାଙ୍କ ତୁଳନାରେ ଏଥିରେ ପ୍ରଧାନମନ୍ତ୍ରୀ ମୋଦୀ ବହୁ ଆଗରେ ଅଛନ୍ତି। ଏବେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ୧୬.୪ ନିୟୁତ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ୨୭.୫ ନିୟୁତ ଫଲୋଅର୍ସ ଅଛନ୍ତି।

## ଅନନ୍ତଙ୍କ ବିବାହ ଭୋଜିରେ ପ୍ରଧାନମନ୍ତ୍ରୀ ମୋଦୀ; ପିଜେରିଆ ରେଷ୍ଟୋରାଁରେ ରାହୁଲ ଗାନ୍ଧୀ

ମୁମ୍ବାଇ, ୧୪।୭(ଏଜେନ୍ସି): ଅନନ୍ତ ଅମ୍ବାନୀ ଓ ରାଧିକା ମାର୍ଚ୍ଚେଣ୍ଟଙ୍କ ବିବାହ ପରେ ଗତକାଲି ଥିଲା ଶୁଭ ଆର୍ଶୀବାଦ କାର୍ଯ୍ୟକ୍ରମ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ମାଳମାଳ ତାରକା ଏହି ମାଙ୍ଗଳିକ ଉତ୍ସବରେ ଯୋଗଦେଇ ଅମ୍ବାନି ପରିବାରର ଆତିଥ୍ୟରେ ବିମୋହିତ ହୋଇଥିବା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କିନ୍ତୁ ଥିଲେ ଏହି ଧନ ଓ ଐଶ୍ୱର୍ଯ୍ୟ ପ୍ରଦର୍ଶନୀଠାରୁ ବହୁ ଦୂରରେ। ତାଙ୍କୁ ଦେଖିବାକୁ ମିଳିଥିଲା ଦିଲ୍ଲୀର ଏକ ପିଜେରିଆ ରେଷ୍ଟୁରାଣ୍ଟରେ ଯେଉଁଠି ସେ ଖାଦ୍ୟ ପାଇଁ ଅର୍ଡର ଦେଇ ତା'ର ପ୍ରତୀକ୍ଷାରେ ବସିଥିଲେ। ରାହୁଲଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରଲ ହୋଇଛି। କୌଣସି ଶିଳ୍ପପତିଙ୍କ ଦ୍ୱାରା ଆପ୍ୟାୟିତ ହେବାକୁ ରାହୁଲ ପସନ୍ଦ କରିନାହାନ୍ତି ଓ ଧନୀଙ୍କ ଗ୍ଲାମରସ୍ ଜଗତରୁ ନିଜକୁ ଦୂରେଇ ରଖିବାକୁ ପ୍ରୟାସ କରିଛନ୍ତି ବୋଲି କିଛି ଲୋକ ତାଙ୍କ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି।

### ତିନି ସପ୍ତାହ ମଧ୍ୟରେ ୧୪ତମ ଘଟଣା

## ବିହାରରେ ଭୁଶୁଡ଼ିଲା ପୁଣି ଏକ ପୋଲ



ପାଟନା, ୧୪।୭ (ଏଜେନ୍ସି)

ବିହାରରେ ପୋଲ ଭୁଶୁଡ଼ିବା ଧାରା ଜାରି ରହିଛି। ଏହି କ୍ରମରେ ଶୁକ୍ରବାର ଗୟାର କଟାରି ଗ୍ରାମରେ ଏକ ନିର୍ମାଣାଧୀନ ପୋଲର କିଛି ଅଂଶ ଭୁଶୁଡ଼ି ଯାଇଛି। ଏହାକୁ ମିଶାଇ ଗତ ତିନି ସପ୍ତାହ ମଧ୍ୟରେ ୧୪ଟି ପୋଲ ଭୁଶୁଡ଼ିଲାଣି। ଏହି ଖବର ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ନିର୍ମାଣକାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ କିଛି ଦିନ ତଳେ ପୋଲରେ ତଳେଇ ପଡ଼ିଥିଲା। ଶୁକ୍ରବାର ଅଚାନକ ଏହା ପାଣି ଭିତରକୁ ଖସି ପଡ଼ିଥିଲା। ନିର୍ମାଣ ସମୟରେ ନିମ୍ନମାନର ସାମଗ୍ରୀ ବ୍ୟବହାରକୁ ନେଇ ବିରୋଧ କରାଯାଇଥିଲେ ମଧ୍ୟ ନିର୍ମାଣକାରୀ ଏହା ଶୁଣି ନ ଥିଲେ। ପରେ ଅଧିକାରୀଙ୍କୁ ଏ ବିଷୟରେ ଜଣା ଯାଇଥିଲା। କିନ୍ତୁ କେହି ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ। ଏଥିଯୋଗୁଁ ଆଜି ପୋଲ ଭୁଶୁଡ଼ି ଗଲା। ଏବେ ଅଧିକାରୀ ମାମଲାର ତଦନ୍ତ କରୁଛନ୍ତି।

### ଜୀବନ ନେଉଛି ବାୟୁ ପ୍ରଦୂଷଣ, ଜୀନବଶୈଳୀ

## ହୃଦ୍‌ଘାତରେ ବର୍ଷକୁ ୧.୮ କୋଟି ଲୋକଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି)

ହୃତ୍‌ପିଣ୍ଡ ମନୁଷ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ବିନା ବିରତିରେ କ୍ରମାଗତ ଭାବେ ଧକ୍ ଧକ୍ ହୋଇଥାଏ। ଶରୀରର ସବୁ ଅଙ୍ଗପ୍ରତ୍ୟଙ୍ଗକୁ ରକ୍ତ ଯୋଗାଣ କରିଥାଏ। ଏହି ରକ୍ତ ନିଜ ସହିତ ଅମ୍ଳଜାନ ନେଇ ଯାଇଥାଏ। ଯଦି ହୃତ୍‌ପିଣ୍ଡ କାମ କରିବା ବନ୍ଦ କରିଦେବ ତେବେ ଅଙ୍ଗପ୍ରତ୍ୟଙ୍ଗକୁ ଅମ୍ଳଜାନ ମିଳିବା ବନ୍ଦ ହୋଇଯିବ। ଏଭଳି ସ୍ଥିତିରେ ସବୁ ଅଙ୍ଗ କାମ କରିବା ବନ୍ଦ କରିଦେବେ। ଶେଷରେ ମନୁଷ୍ୟର ମୃତ୍ୟୁ ହୋଇଯିବ। ବିଶ୍ୱର ହୃତ୍‌ପିଣ୍ଡ ସମ୍ବନ୍ଧିତ ରୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି। ବାୟୁ ପ୍ରଦୂଷଣ ସହିତ ଜୀବନଶୈଳୀ ଖରାପ ହେବା ଯୋଗୁଁ ଏଭଳି ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ରିପୋର୍ଟ ଅନୁଯାୟୀ ବିଶ୍ୱରେ ବର୍ଷ ୧ କୋଟି ୮୦ ଲକ୍ଷ ଲୋକ ହୃଦ୍‌ପିଣ୍ଡ ଜନିତ ରୋଗ (କାର୍ଡିଓଭାସ୍କୁଲାର ଡିଜିଜ ଅର୍ଥାତ୍ ସିଭିଡି)ରେ ପ୍ରାଣ ହରାଉଛନ୍ତି। ଏହ ମୃତକଙ୍କ ମଧ୍ୟରେ ୭୦ ବର୍ଷରୁ କମ୍ ବୟସର ଏକ ତୃତୀୟାଂଶ ଲୋକ ସାମିଲ ଅଛନ୍ତି। ସେହିପରି ଭାରତରେ ଯେତିକି ମୃତ୍ୟୁ ହେଉଛି ସେଥିରେ ୨୭ ପ୍ରତିଶତ ସିଭିଡି ସମ୍ବନ୍ଧିତ। ଦେଶରେ ହୃଦ୍‌ଘାତରେ



ପ୍ରାଣ ହରାଉଥିବା ୧୦ ଜଣଙ୍କ ମଧ୍ୟରେ ୪ ଜଣଙ୍କ ବୟସ ୪୫ରୁ କମ୍ ରହିଛି। ହୃଦ୍‌ଘାତ ସାଇଲେଣ୍ଟ କିଲର ପାଲଟି ଯାଉଛି। ରିପୋର୍ଟ ଅନୁଯାୟୀ ଲୋକେ ଏହି ରୋଗକୁ ଅଣଦେଖା କରିବାରେ ଲାଗିଛନ୍ତି। କିଏ ଜାଣି ତ ଆଉ ଅଜାଣତରେ କିଛି ଚିକିତ୍ସା କରାଉ ନାହାନ୍ତି, ଫଳରେ ଏହା ଗମ୍ଭୀର ରୂପ ଧାରଣ କରୁଛି। ଗତ ୧୦ ବର୍ଷରେ ଭାରତରେ ହୃଦ୍‌ଘାତ ଜନିତ ମୃତ୍ୟୁ ୭୫ ପ୍ରତିଶତ ବୃଦ୍ଧି ପାଇଛି।

ଏହା ରୋଗର ଗମ୍ଭୀରତାକୁ ଦର୍ଶାଉଛି। ହୃତ୍‌ପିଣ୍ଡର ଯତ୍ନ ନେବା ପାଇଁ ସତର୍କ କରାଉଛି। ହୃଦୟ ସମ୍ବନ୍ଧିତ ରୋଗ ମନୁଷ୍ୟ ବିପଦରେ ପକାଉଛି। ଏହା ପରେ ହୃଦ୍‌ଘାତର କାରଣ ପାଲଟୁଛି। ହୃଦ୍‌ଘାତ କିମ୍ବା ବାଏପାସ୍ ସର୍ଜରୀ ପରେ ହାର୍ଟ ମସଲ୍ସ (କାର୍ଡିୟୋମାୟୋସାଇଟ୍ସ) ଗୁଡ଼ିକ ଖରାପ ହୋଇଯାଇଥାଏ। ବର୍ତ୍ତମାନ ସମୟରେ ଆଧୁନିକ ଚିକିତ୍ସାରେ ପ୍ରତିରୋପଣ ବ୍ୟତୀତ ଏହାର ଆଉ କୌଣସି ଚିକିତ୍ସା ନାହିଁ।

'ହୁ' ଅନୁଯାୟୀ ପ୍ରତି ବର୍ଷ ବିଶ୍ୱରେ ୬ କୋଟି ଲୋକ ପ୍ରାଣ ହରାଉଛନ୍ତି। ଏଥିରୁ ୩୨ ପ୍ରତିଶତଙ୍କ ଜୀବନ ହୃତ୍‌ପିଣ୍ଡ ସମ୍ବନ୍ଧିତ ରୋଗରେ ଯାଉଛି। ପ୍ରତି ବର୍ଷ ପ୍ରାୟ ୨.୫ କୋଟି ଲୋକ ହୃତ୍‌ପିଣ୍ଡ ଜନିତ ରୋଗ ଯୋଗୁଁ ପ୍ରାଣ ହରାଉଛନ୍ତି।

### ମରଣଯନ୍ତା ପାଲଟିଛି ମ୍ୟାଲେରିଆ

## ବର୍ଷକୁ ନେଉଛି ୨୦ ହଜାର ଜୀବନ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି)

ବର୍ଷା ସହିତ ଲୋକଙ୍କୁ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି। ସାରା ଦେଶରେ ମୌସୁମୀ ସକ୍ରିୟ ରହିଛି। ଚଳିତ ବର୍ଷ ଭଲ ବର୍ଷା ମଧ୍ୟ ହେଉଛି। ଏଥିଯୋଗୁଁ ଅନେକ ରାଜ୍ୟରେ ବନ୍ୟା ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଏହା ମଧ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ମ୍ୟାଲେରିଆକୁ ନେଇ ଚେତାବନୀ ଜାରି କରିଛି। 'ହୁ' ପକ୍ଷରୁ କୁହାଯାଇଛି ଯେ ଏହି ଋତୁରେ ମ୍ୟାଲେରିଆ ବିପଦ ବୃଦ୍ଧି ପାଇପାରେ। ଏହି ସମୟରେ ମଶା ଅଣ୍ଡା ଦେଇଥାନ୍ତି। ଏହା ସହିତ ମଶାଙ୍କ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଆସିଥାଏ। ତେଣୁ ଜରୁରୀ ସାବଧାନତା ଅବଲମ୍ବନ କରିବାକୁ କୁହାଯାଇଛି। 'ହୁ' ସୂଚନା ଅନୁଯାୟୀ ସାରା ବିଶ୍ୱରେ ଦିନକୁ ଦିନ ମ୍ୟାଲେରିଆ ମାମଲା ବଢ଼ିବାରେ ଲାଗିଛି। ବିଶ୍ୱରେ ବର୍ଷକୁ ୩୦ରୁ ୫୦ କୋଟି ମ୍ୟାଲେରିଆ ମାମଲା ଆସୁଛି। ଏଥିରୁ

- ସଂକ୍ରମିତ ହେଉଛନ୍ତି ୧.୫ କୋଟି ଲୋକ
- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦେଲା ଚେତାବନୀ



ପ୍ର । ୟ ୬ରୁ ୮ ଲକ୍ଷ ସଂକ୍ରମିତ ପ୍ରାଣ ହରାଉଛନ୍ତି। ରେକର୍ଡ ମାମଲାରୁ ପ୍ରାୟ ୯୦ ପ୍ରତିଶତ ଆଫ୍ରିକୀୟ ଦେଶରୁ ଆସୁଛି। ରିପୋର୍ଟ ଅନୁଯାୟୀ ଦକ୍ଷିଣ ଏସିଆରେ ସ୍ଥିତି ମଧ୍ୟ ଭଲ ନାହିଁ। କେବଳ ଭାରତର ସ୍ଥିତି ଆଫ୍ରିକୀୟ ଦେଶ ଭଳି ରହିଛି। ଦକ୍ଷିଣ ଏସିଆର ୭୭ ପ୍ରତିଶତ ମାମଲା କେବଳ ଭାରତରୁ ଆସୁଛି। ରେକର୍ଡ ଅନୁଯାୟୀ ଦେଶରେ ବର୍ଷକୁ ୨୦ ଲକ୍ଷ ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ହ ଜ । ରେ ଲୋକଙ୍କ ମୃତ୍ୟୁ ହେଉଛି। ମାତ୍ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ତଥ୍ୟ ସହ ସହମତ ନୁହେଁ। 'ହୁ'ର ସାଉଥ ଇଷ୍ଟ ଏସିଆ ରିଜିଓନାଲ ଅଫିସର ଅନୁମାନ ଅନୁଯାୟୀ ଭାରତରେ ବର୍ଷକୁ ୧.୫ କୋଟ ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ୨୦ ହଜାର ଲୋକଙ୍କ ମୃତ୍ୟୁ ହେଉଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୨ ● ପାଉଣ୍ଡ ୧୦୮.୩୪
- ୟୁରୋ ୯୧.୦୧ ● ୟେନ୍ ୦.୫୨

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୬୦୦ (ଭୁବନେଶ୍ୱର)
- ରୁପା : ୧,୦୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୫୧୯.୦୦
- ନିଫ୍ଟି ୨୪,୫୦୨.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

### ରାଜ୍ୟ ନ କଲେ କେନ୍ଦ୍ର କରିବ

## ଝାଡ଼ଖଣ୍ଡର ୧୦ ଖଣିଜ ବ୍ଲକ୍ ନିଲାମ କରିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୪ା୭(ଏଜେନ୍ସି):** ଖଣି ଖାଦାନ ପରିପୂର୍ଣ୍ଣ ଝାଡ଼ଖଣ୍ଡ ରାଜ୍ୟର ଏକ ସୁନା ଖଣି ସମେତ ୧୦ ଖଣିଜ ବ୍ଲକ୍‌ର ତୁରନ୍ତ ନିଲାମ ପ୍ରକ୍ରିୟା ଆରମ୍ଭ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ବେଳେ ଯଦି ରାଜ୍ୟ ସରକାର ଏହା ନ କରନ୍ତି ତେବେ କେନ୍ଦ୍ର ସରକାର ଏଥିନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦିଆଯାଇଛି । ରାଜ୍ୟର ଏକ ସୁନାଖଣି ସମେତ ୧୦ଟି ଖଣିଜ ବ୍ଲକର ନିଲାମ ହେବ । ଏହି ବ୍ଲକଗୁଡ଼ିକ ଜି-୨ (ସାଧାରଣ) ଏବଂ ଜି-୩ (ପ୍ରାରମ୍ଭିକ) ସ୍ତରର ଖନନଯୋଗ୍ୟ ହୋଇଥିଲା ବେଳେ ଏଥିରେ ଗୋଟିଏ ତମ୍ବା ଖଣି, ଚୂନ ପଥର ଖଣି ଏବଂ ଗ୍ରାଫାଇଟ୍ ଖଣି ଅନ୍ତର୍ଭୁକ୍ତ ରହିଛି । ଉଲ୍ଲେଖଯୋଗ୍ୟ ଯେ, ୨୦୨୧ରେ ଅଣାଯାଇଥିବା ଖଣି ସଂଶୋଧନ ନିୟମ ଅନୁଯାୟୀ କୌଣସି ରାଜ୍ୟ ସରକାର ସହମତି ଅବଧି ମଧ୍ୟରେ ଖଣି ନିଲାମ କରିବାରେ ବିଫଳ ହେଲେ ସେ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଖଣିଜ ବ୍ଲକ ନିଲାମ କରିବାର କ୍ଷମତା ସାଂପ୍ରତିକ ସ୍ଥିତିରେ ଖଣିଜ ବ୍ଲକ୍ ନିଲାମ କରିବା କ୍ଷେତ୍ରରେ ଝାଡଖଣ୍ଡ ରାଜ୍ୟ ଅନ୍ୟ ରାଜ୍ୟମାନଙ୍କଠାରୁ ପଛରେ ପଡ଼ିଛି । ଝାଡଖଣ୍ଡର ସମ୍ଭାବ୍ୟ ଖଣିକୁ ନେଇ ଭୂତାତ୍ତ୍ୱିକ ସର୍ଭେ ସଂସ୍ଥା ଦ୍ୱାରା ପୂର୍ବରୁ ୩୮ଟି ରିପୋର୍ଟ ଦାଖଲ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ସେଥିମଧ୍ୟରୁ କେବଳ ପାଞ୍ଚଟି ଖଣିର ନିଲାମ କରାଯାଇଛି । ଡିସେମ୍ବର ୨୦୨୧ ସୁଦ୍ଧା ଆଉ ୧୫ଟି ଖଣି ବ୍ଲକର ନିଲାମ କାର୍ଯ୍ୟ ଶେଷ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ସେଥିମଧ୍ୟରୁ କେବଳ ୪ଟି ବ୍ଲକର ନିଲାମ ପାଇଁ ବିଜ୍ଞପ୍ତି ଦିଆଯାଇଛି । ବାକି ୧୧ ଟି ଖଣି ମଧ୍ୟରୁ ଗୋଟିଏ ପଟାସ୍ ବ୍ଲକ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଲାମ କରାଯିବ । ଆଉ ୧୦ ଟି ବ୍ଲକ୍‌ର ନିଲାମ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଗିଦ୍ କରାଯାଇଛି ।

### ମୁଦ୍ରାସ୍ଫୀତିକୁ ସହଜ କରିବ ମୌସୁମୀ ପ୍ରଭାବ

# ଆଗକୁ କମିପାରେ ପନିପରିବା ମୂଲ୍ୟ

**ନୂଆଦିଲ୍ଲୀ,୧୪ା୭(ଏଜେନ୍ସି):**

ଗ୍ରୀଷ୍ମକାଳରେ ଅସହ୍ୟ ଗରମକୁ ନେଇ ପନି ପରିବା ଉତ୍ପାଦନ ହ୍ରାସ ପାଇଥିଲା ବେଳେ ପରିବା ଏବଂ ଫଳ ମୂଲ୍ୟ ସର୍ବୋଚ୍ଚ ସ୍ତର ଛୁଇଁଥିଲା । ଯାହାକୁ ନେଇ ଗତ ଜୁନଷର ଖାଉଟି ମୁଦ୍ରାସ୍ଫୀତି ମଧ୍ୟ ସର୍ବାଧିକ ଭାବେ ୫.୦୮ ପ୍ରତିଶତ ରହିଥିଲା । ଆଳୁ ,ଟମାଟୋ ଏବଂ ପିଆଜ ଭଳି ଅତ୍ୟାବଶ୍ୟକ ପରିବା ମୂଲ୍ୟ ଯେଉଁ ସ୍ତରରେ ପହଞ୍ଚିଥିଲା ତାହା ସାଧାରଣ ଲୋକଙ୍କ ପାଇଁ ଅସହ୍ୟ ହୋଇଥିଲା । କିନ୍ତୁ ଆଗକୁ ଏହି ସ୍ଥିତିରେ ପରିବର୍ତ୍ତନ ଘଟିବା ସହିତ ପନପରିବା ମୂଲ୍ୟ ହ୍ରାସ ପାଇବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି । ଗ୍ରୀଷ୍ମକାଳରେ ପ୍ରବଳ ଉତ୍ତାପ ଏବଂ ପରେ ବର୍ଷା ଯୋଗୁ ପନିପରିବା ମୂଲ୍ୟ ଦ୍ରୁତ ଗତିରେ ବଢ଼ିଥିଲା ବେଳେ ବର୍ତ୍ତମାନ ଏହି ସ୍ଥିତିରେ ସୁଧାର ଆସୁଛି ଏବଂ ଖୁବ ଶୀଘ୍ର ମୂଲ୍ୟ ହ୍ରାସ ପାଇବ ବୋଲି ଅର୍ଥନୀତିଜ୍ଞମାନେ ଆଶା ପ୍ରକଟ କରିଛନ୍ତି । ସେମାନଙ୍କ ଆକଳନ ଅନୁସାରେ ଚଳିତ ଜୁଲାଇ ମାସ ଶେଷ ସୁଦ୍ଧା ଖାଉଟି ମୁଦ୍ରାସ୍ଫୀତି ବାର୍ଷିକ ହାର ଆଧାରରେ ୩ ପ୍ରତିଶତକୁ ଖସି ଆସିବ । ଏହାକୁ ନେଇ ପନିପରିବା ସହିତ ଫଳ ମୂଲ୍ୟରେ ମଧ୍ୟ ଯଥେଷ୍ଟ ହ୍ରାସ ଘଟିବ । ତେବେ ଆସନ୍ତା ମାସରେ ଖାଦ୍ୟପଦାର୍ଥ ମୂଲ୍ୟ ବଢ଼ିବାର ସମ୍ଭାବନା ଅଧିକ ବୋଲି ଅର୍ଥନୀତିଜ୍ଞମାନେ କହିଛନ୍ତି । ମୌସୁମୀ ବର୍ଷା ପ୍ରଭାବରେ ଏବେ ଦକ୍ଷିଣ ଭାରତ ରାଜ୍ୟସମୂହରୁ ଯୋଗାଣ ବଢ଼ିବ । ଫଳରେ ଆଳୁ ,ପିଆଜ ଏବଂ ଟମାଟୋ ଆଦିର ମୂଲ୍ୟ ହ୍ରାସ ପାଇବ ଏବଂ ଆଗାମୀ ୪ ରୁ ୫ ମାସ ଧରି ଏଗୁଡିକର ମୂଲ୍ୟ ସ୍ଥିର ରହିବା ନେଇ ସେମାନେ ଆକଳନ କରିଛନ୍ତି ।



ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ସ୍ତରରେ ଗତ ଜୁନ ମାସରେ ପନିପରିବା ମୂଲ୍ୟରେ ହାରାହାରି ଭାବେ ୨୭.୩୩ ପ୍ରତିଶତ ବୃଦ୍ଧି ଘଟିଥିଲା । ଦେଶର ଅଧିକାଂଶ ଭାଗରେ ବର୍ଦ୍ଧିତ ଦର ଜାରି ରହିଥିଲା ବେଳେ ଦିଲ୍ଲୀରେ ଟମାଟୋ ଖୁଚୁରା ମୂଲ୍ୟ କିଲୋ ପିଛା ୭୫ ଟଙ୍କା ରହିଛି । ସେହିପରି ମୁମ୍ବାଇରେ କିଲୋ ପିଛା ମୂଲ୍ୟ ୮୩ ଟଙ୍କା ରହିଥିଲା ବେଳେ କୋଲକାତାରେ ଏହା ୮୦ ଟଙ୍କା ରହିଛି । ସେହିପରି ଆଳୁ ଏବଂ ପିଆଜ ମୂଲ୍ୟ ମଧ୍ୟ ଅଧିକ ରହିଛି । କିନ୍ତୁ ଦକ୍ଷିଣ ଭାରତର ବହୁ ଭାଗରେ ଟମୋଟୋ ଏବଂ ପିଆଜ ମୂଲ୍ୟ କିଛିଟା ହ୍ରାସ ପାଇଥିବା କୁହାଯାଇଛି । ଆଗାମୀ ଦିନରେ ଅନ୍ୟସବୁ ଅଞ୍ଚଳରେ ମୂଲ୍ୟ ହ୍ରାସ ପାଇବ । ଆନ୍ଧ୍ରପ୍ରଦେଶ ଏବଂ କର୍ଣ୍ଣାଟକରୁ ହାଇବ୍ରିଡ୍ ଟମାଟୋ ଆସିବା ପରେ ଏହାର ମୂଲ୍ୟ ସ୍ୱାଭାବିକ ସ୍ତରକୁ ଫେରି ଆସିବ ବୋଲି ଆକଳନ କରାଯାଇଛି ।

### ଗ୍ରାମୀଣ ଉଦ୍ୟୋଗୀଙ୍କ ସଶକ୍ତୀକରଣ ଲକ୍ଷ୍ୟ

## ସୁଜୁକିର 'ନେକ୍ସଟ୍ ଭାରତ ଭେଞ୍ଚର୍ସ' ଅଭିଯାନ

**ଭୁବନେଶ୍ୱର,୧୪ା୭(ଏଜେନ୍ସି):**

ଗ୍ରାମାଞ୍ଚଳ ଉଦ୍ୟୋଗୀମାନଙ୍କ ସଶକ୍ତ କରିବା ଉଦ୍ଦେଶ୍ୟରେ ସୁଜୁକି ମୋଟର କମ୍ପାନୀର ସହଯୋଗୀ ସଂସ୍ଥା ନେକ୍ସଟ ଭାରତ ଭେଞ୍ଚର୍ସ ଆଇଏଫଏସସି ପ୍ରାଇଭେଟ ଲିମିଟେଡ ପକ୍ଷରୁ ୩୪୦ କୋଟି ଟଙ୍କାର ପାଣ୍ଠି ଗଠନ କରାଯାଇଥିବା ଘୋଷଣା କରାଯାଇଛି ।ଯାହା ଭାରତରେ ସାମାଜିକ ପ୍ରଭାବ ସୃଷ୍ଟିକାରୀ ଷ୍ଟାର୍ଟଅପଗୁଡ଼ିକର ଅଭିବୃଦ୍ଧି ତ୍ୱରାନ୍ୱିତ କରିବାରେ ସହାୟକ ହେବ । ଏହା ହେଉଛି ଏକ ସାମାଜିକ ପ୍ରଭାବୀ ନିବେଶ ଫଣ୍ଡ ଯାହା ଦ୍ୱିତୀୟ ଶ୍ରେଣୀ କିମ୍ବା କ୍ଷୁଦ୍ର ଭୌଗୋଳିକ ଅଞ୍ଚଳର ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବ । ପ୍ରଭାବଶାଳୀ ଉଦ୍ୟୋଗୀମାନଙ୍କୁ ସହଯୋଗ କରି ଭାରତର କୋଟି କୋଟି ଲୋକଙ୍କୁ ଶସକ୍ତ କରିବାକୁ "ନେକ୍ସଟ ଭାରତ" ଲକ୍ଷ୍ୟ ରଖିଛି । ଏହିକ୍ରମରେ କମ୍ପାନୀ ପକ୍ଷରୁ "ନେକ୍ସଟ ଭାରତ ରେସିଡେନ୍ସି ପ୍ରୋଗ୍ରାମ" ନାମରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଯେଉଁଥିରେ ପ୍ରଥମ ସୋପାନ ଉଦ୍ୟୋଗୀଙ୍କ ପାଇଁ ୪ ମାସିଆ ରେସିଡେନ୍ସି କାର୍ଯ୍ୟକ୍ରମ ରହିଛି । ସବୁ ପ୍ରକାର ଇମ୍ପାକ୍ଟ ଉଦ୍ୟୋଗୀଙ୍କ ପାଇଁ ରେସିଡେନ୍ସି ପ୍ରୋଗ୍ରାମରେ ଯୋଡ଼ି ହେବାର ସୁଯୋଗ ଉନ୍ମୁକ୍ତ ହୋଇଛି । ହ୍ୱାଟସଆପ ଜରିଆରେ ଇମ୍ପାକ୍ଟ ଉଦ୍ୟୋଗୀମାନେ ଆବେଦନ କରିପାରିବେ । ଆବେଦନ କରିବାର ଶେଷ ତାରିଖ ୨୦୨୪ ଜୁଲାଇ ୩୧ ତାରିଖ ରହିଛି । ଏହି କାର୍ଯ୍ୟକ୍ରମ ୨୦୨୪ ଅକ୍ଟୋବର ୧୪ରୁ ଆରମ୍ଭ ହେବ । ଯେଉଁମାନେ ଅଧିକ ପ୍ରଭାବ ସୃଷ୍ଟି କରିପାରିବେ ସେହି ମାନଦଣ୍ଡ ଆଧାରରେ ଉଦ୍ୟୋଗୀଙ୍କୁ ଚୟନ କରାଯିବ । ରେସିଡେନ୍ସି ପ୍ରୋଗ୍ରାମ ଶେଷ ହେବା ପରେ ଚୟନ କରାଯାଇଥିବା ଷ୍ଟାର୍ଟଅପଗୁଡ଼ିକୁ ୧ କୋଟି ଟଙ୍କାରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଇକ୍ୱିଟି ନିବେଶ ପ୍ରଦାନ କରାଯିବ । ବିଭିନ୍ନ ସଂସ୍ଥାଗୁଡ଼ିକୁ ଆବଶ୍ୟକ ଜ୍ଞାନ, ନେଟୱର୍କ ଓ ସମ୍ବଳ ପ୍ରଦାନ କରିବା ଏହାର ମୂଳ ଉଦ୍ଦେଶ୍ୟ ରହିଛି । ଯଦ୍ୱାରା ଉଦ୍ୟୋଗୀମାନେ ଆହୁରି ସଶକ୍ତ ହେବା ସହିତ ଏକ କ୍ଷୁଦ୍ର ଉଦ୍ୟୋଗକୁ ମଧ୍ୟମ ଉଦ୍ୟୋଗରେ ରୂପାନ୍ତରିତ କରାଯାଇପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଏହି ଅବସରରେ ସୁଜୁକି ମୋଟର କର୍ପୋରେସନର ଅଧ୍ୟକ୍ଷ ତଥା ସିଇଓ ତୋଶିହିରୋ ସୁଜୁକି କହିଛନ୍ତି ଯେ, "ଭାରତରେ ପ୍ରାୟ ୧.୪ ବିଲିୟନ ଲୋକ ଅଛନ୍ତି । କିନ୍ତୁ ଆମର ମୋବିଲିଟି ବ୍ୟବସାୟ ସହିତ ଆମେ ମାତ୍ର ୦.୪ ବିଲିୟନ ଲୋକଙ୍କ ପାଖରେ ପହଞ୍ଚିଛୁ । ଆଗାମୀ ଦିନରେ ଏକ ସର୍ବାଧିକ ଲୋକଙ୍କ ସହ ଯୋଡ଼ି ହେବା କମ୍ପାନୀର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି । ସେହିପରି ନେକ୍ସଟ ଇଣ୍ଡିଆର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ବିପୁଲ ନାଥ ଜିନ୍ଦଲ କହିଛନ୍ତି ଯେ,"ଆମେ ଏକ ପ୍ରଭାବଶାଳୀ ଉଦ୍ୟୋଗ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ଏହି ଯାତ୍ରା ଆରମ୍ଭ କରୁଛୁ । ପରବର୍ତ୍ତୀ ଭାରତ ନିବେଶ ଢାଞ୍ଚା ପ୍ରତି ପାଣ୍ଠି ଚକ୍ରରେ ମାତ୍ର ଦୁଇ କିମ୍ବା ତିନୋଟି ୟୁନିକର୍ଣ୍ଣ ସୃଷ୍ଟି କରିବା ଉପରେ ଧ୍ୟାନ ଦେବା ପରିବର୍ତ୍ତେ ଏକକ ପାଣ୍ଠି ଚକ୍ରରେ ଶତାଧିକ ଲାଭଦାୟକ ଏସଏମଇ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି ।



**୩୪୦ କୋଟି ଟଙ୍କାର ପାଣ୍ଠି ଗଠନ**

Next Bharat
A SUZUKI INITIATIVE

# ବିଏସଏନ୍‌ଏଲ୍- ଟାଟା ବୁଝାମଣା

### ■ ବଢ଼ାଇପାରେ ଜିଓ, ଏୟାରଟେଲ ଚିନ୍ତା

**ନୂଆଦିଲ୍ଲୀ,୧୪ା୭(ଏଜେନ୍ସି):**

ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ପେକ୍‌ଟ୍ରମ ନିଲାମ ଚାଲିଥିଲା ବେଳେ ସେପଟେ ଟେଲିକମ୍ କମ୍ପାନୀଗୁଡିକ ସେମାନଙ୍କ ରିଚାର୍ଜ ପ୍ଲାନ ବୃଦ୍ଧି କରିଛନ୍ତି । ଯାହା ଉପଭୋକ୍ତା ମହଲରେ ଅସନ୍ତୋଷ ଆଣିବା ସହିତ ସେମାନଙ୍କୁ ଚିନ୍ତିତ ମଧ୍ୟ କରିଛି । ବିଶେଷକରି ଦେଶର ଦୁଇ ପ୍ରମୁଖ ଟେଲିକମ୍ ଅପରେଟର ଏୟାରଟେଲ ଏବଂ ଜିଓର ରିଚାର୍ଜ ପ୍ଲାନ ମୂଲ୍ୟ ବୃଦ୍ଧି ପରେ ଲୋକମାନେ ବିଏସଏନଏଲ ଆଡକୁ ମୁହାଁଇବା ଆରମ୍ଭ କରିଛନ୍ତି । ବିଗତ କିଛି ଦିନ ମଧ୍ୟରେ ଏୟାରଟେଲ ଏବଂ ରିଲାଏନ୍ସ ଜିଓ ବ୍ୟବହାରକାରୀମାନେ ସର୍ବାଧିକ ସଂଖ୍ୟାରେ ସେମାନଙ୍କ ସେମାନଙ୍କ ନମ୍ବର ବିଏସଏନଲକୁ ପୋର୍ଟ କରିଥିବା ଦେଖାଯାଇଛି । ପୂର୍ବରୁ ବିଏସଏନଏଲ ଏବଂ ଟିସିଏସ୍ ମଧ୍ୟରେ ହୋଇଥିବା ବୁଝାମଣା ଗ୍ରାହକମାନଙ୍କ ପାଇଁ ଉପଯୋଗୀ ହୋଇପାରେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହେବା ପରେ ଟେଲି ଉପଭୋକ୍ତାମାନେ ବିଏସଏନଏଲ ସେବା ପ୍ରତି ଢଳୁଥିବା କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଟାଟା କନସଲଟାନ୍ସି ସର୍ଭିସ(ଟିସିଏସ୍) ଏବଂ ବିଏସଏନଏଲ ମଧ୍ୟରେ ହୋଇଥିବା ବୁଝାମଣା ଅନୁସାରେ ଟିସିଏସ୍ ଦେଶର ୪ ଭାଗରେ ବୃହତ ଡାଟା ସେଣ୍ଟର ପ୍ରତିଷ୍ଠା କରିବାକୁ ଯାଉଛି । ଏଥିପାଇଁ ୧୫ ହଜାର କୋଟି ଟଙ୍କା ବିନିଯୋଗ କରାଯିବା ସହିତ ଟିସିଏସ ଏବଂ ବିଏସଏନଏଲ ମିଳିତ ଭାବେ ଦେଶର ୧୦୦୦ ଗାଁରେ ୪ଜି ଇଣ୍ଟରନେଟ୍ ସେବା ଆରମ୍ଭ କରିବେ ।ଏହାଦ୍ୱାରା ଆଗାମୀ ଦିନରେ ଉପଭୋକ୍ତାମାନଙ୍କୁ ଅପେକ୍ଷାକୃତ ରିଆତି ମୂଲ୍ୟରେ ଦ୍ରୁତ ଇଣ୍ଟରନେଟ୍ ସେବା ଉପଲବ୍ଧ ହେବ ବୋଲି କୁହାଯାଉଛି । ସାଂପ୍ରତିକ ସ୍ଥିତିରେ ଇଣ୍ଟରନେଟ୍‌ର ଆବଶ୍ୟକତା ସବୁ କ୍ଷେତ୍ରରେ ବଢ଼ିବାରେ ଲାଗିଥିଲା ବେଳେ ଏଥିପାଇଁ ଡାଟା ଚାହିଦା ମଧ୍ୟ ଅନୁରୂପ ରହିଛଇ । ଯାହାକୁ ଦୃଷ୍ଟିରେ ରଖି ରିଲାଏନ୍ସ ଜିଓ ଏବଂ ଏୟାରଟେଲ ୪ଜି ଇଣ୍ଟରନେଟ୍ ସେବା ଉପରେ ପ୍ରାଧାନ୍ୟ ବିସ୍ତାର କରି ମନମାନୀ କରିବା ଆରମ୍ଭ କରିଛନ୍ତି । କିନ୍ତୁ ବିଏସଏନଏଲ ପକ୍ଷରୁ ଟିସିଏସ୍ ସହାୟତାରେ ଯଦି ଉନ୍ନତ ଏବଂ ଦ୍ରୁତ ଇଣ୍ଟରନେଟ୍ ସେବା ଉପଲବ୍ଧ କରାଯାଏ ତେବେ ଏହା ଉଭୟ ଜିଓ ଏବଂ ଏୟାରଟେଲ ପାଇଁ ଚିନ୍ତାର କାରଣ ହୋଇପାରେ ବୋଲି କୁହାଯାଉଛି । ବର୍ତ୍ତମାନ ଟିସିଏସ୍ ପକ୍ଷରୁ ଦେଶର ୪ ଭାଗରେ ଚାରୋଟି ଡାଟା ସେଣ୍ଟର ନିର୍ମାଣ କରାଯାଉଛି । ଯାହାକି ୪ଜି ଭିତ୍ତିଭୂମିକୁ ଆହୁରି ସଶକ୍ତ କରିବ । ଏହାସହିତ ଡାଟା ବଜାରରେ ମଧ୍ୟ ତୀବ୍ର ବ୍ୟାବସାୟିକ ପ୍ରତିଦ୍ୱନ୍ଦ୍ୱିତା ଆଣିବାରେ ସହାୟକ ହେବ ।ଯାହାର ସୁଫଳ ଉପଭୋକ୍ତା ମହଲରେ ପ୍ରତିଫଳିତ ହେବ । ସାରା ଦେଶର ଏକ ରାଷ୍ଟ୍ରାୟତ୍ତ ସଂସ୍ଥା ଭାବେ ବିଏସଏନଏଲର ୯୦୦୦ ରୁ ଅଧିକ ୪ଜି ନେଟୱାର୍କ ରହିଛି । ଏହାକୁ ଏକ ଲକ୍ଷ ସଂଖ୍ୟାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା ବେଳେ ଆଗାମୀ ଦିନରେ ମୋବାଇଲ ଏବଂ ଇଣ୍ଟରନେଟ୍ ଗ୍ରାହକମାନଙ୍କ ପାଇଁ ଏହା ସହାୟକ ହେବ ବୋଲି କୁହାଯାଉଛି ।



### କର୍ଣ୍ଣ-ଆମାଜନ ପେ ' ସର୍ଭେ ରିପୋର୍ଟ

# ୨୦୩୦ ସୁଦ୍ଧା ଭାରତର ଡିଜିଟାଲ୍ କାରବାର ୭ ଲକ୍ଷ କୋଟି ଡଲାର ଛୁଇଁବ

**ନୂଆଦିଲ୍ଲୀ,୧୪ା୭(ଏଜେନ୍ସି)**

ଭାରତରେ ଡିଜିଟାଲ ପେମେଣ୍ଟର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ଏବଂ ରିଟେଲ କ୍ଷେତ୍ର ରୁ କର୍ପୋରେଟ୍ ଯାଏଁ ସବୁ କ୍ଷେତ୍ରରେ ଏହି ବ୍ୟବସ୍ଥାରେ ନେଣ ଦେଣ ବଢ଼ିବାରେ ଲାଗିଛି । ସାରା ବିଶ୍ୱରେ ଯେତିକି ଡିଜିଟାଲ କାରବାର ହେଉଛି ତାହାର ପାଖାପାଖି ୫୦ ପ୍ରତିଶତ ଭାରତରେ ହେଉଛି । ଏହିକ୍ରମରେ ୨୦୩୦ ସୁଦ୍ଧା ଭାରତର ଡିଜିଟାଲ କାରବାର ପରିମାଣ ୭ ଲକ୍ଷ କୋଟି ଡଲାରରେ ପହଞ୍ଚିବ ବୋଲି କର୍ଣ୍ଣ-ଆମାଜନ ପେ ' ପକ୍ଷରୁ କରାଯାଇଥିବା ଏକ ଅନୁଧ୍ୟାନ ସୂତ୍ରରୁ କୁହାଯାଇଛି । ଏହି ରିପୋର୍ଟ ଅନୁସାରେ ବର୍ତ୍ତମାନ ଭାରତରେ ଯେଉଁସବୁ କ୍ଷେତ୍ରରେ ଡିଜିଟାଲ ପେମେଣ୍ଟ କରାଯାଉଛି ତାହା ଆଗାମୀ ଦିନରେ ଆହୁରି ସଂପ୍ରସାରିତ ହେବ । ବିଶେଷକରି ଖାଉଟି ସ୍ତରରେ ହେଉଥିବା କାରବାର ଡିଜିଟାଲ ବ୍ୟବସ୍ଥାକୁ ରୁପାନ୍ତରିତ ହେବ । ଭାରତୀୟ ବଜାରରେ ଖାଉଟି ସ୍ତରରେ କାରବାର ବଢୁଥିଲା ବେଳେ ଏହା ଡିଜିଟାଲ ବ୍ୟବସ୍ଥାରେ ରୂପାନ୍ତରିତ ହେବାକୁ ଯାଉଥିବାରୁ ଆଗାମୀ ୬ ବର୍ଷ ମଧ୍ୟରେ ଡିଜିଟାଲ କାରବାର ପରିମାଣ ଦ୍ୱିଗୁଣିତ ହେବ ବୋଲି ଏହି ରିପୋର୍ଟରେ କୁହାଯାଇଛି । ବର୍ତ୍ତମାନ ଅନଲାଇନ କ୍ରୟ କ୍ଷେତ୍ରରେ ସର୍ବାଧିକ ଡିଜିଟାଲ ପେମେଣ୍ଟ କରାଯାଉଥିଲା ବେଳେ ଅଫଲାଇନ କ୍ରୟ କ୍ଷେତ୍ରରେ ମଧ୍ୟ ଡିଜିଟାଲ ନେଣଦେଣ ବଢ଼ିଛି । ଉଭୟ ପୁରୁଷ ଏବଂ ମହିଳା ଏହି ବ୍ୟବସ୍ଥାକୁ ନେଇ ଅଭ୍ୟସ୍ତ ହେବାରେ ଲାଗିଛନ୍ତି । ଦେଶର ୧୨୦ଟି ସହରରେ ୧୦୦୦ରୁ ଅଧିକ ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ ୬୦୦୦ ଉପଭୋକ୍ତାଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା ବେଳେ ସେମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ଗ୍ରାହକ ଡିଜିଟାଲ ବ୍ୟବସ୍ଥାକୁ ନେଇ ଆଗ୍ରହୀ ଥିବା କହିଛନ୍ତି । ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ବ୍ୟତୀତ ଭାରତରେ ଇ-କମର୍ସ କାରବାର ମଧ୍ୟ ବିଶ୍ୱର ଅନ୍ୟ ଯେକୌଣସି ରାଷ୍ଟ୍ର ତୁଳନାରେ ଅଧିକ ରହିଛି । ୨୦୨୨ ସୁଦ୍ଧାର ଭାରତର ଇ-କମର୍ସ ବଜାର କାରବାର ପରିମାଣ ୭୫ ବିଲିୟନ ଡଲାର ରହିଥିଲା । କିନ୍ତୁ ୨୦୩୦ ସୁଦ୍ଧା ଏହି କ୍ଷେତ୍ରରେ ମଧ୍ୟ ୨୧ ପ୍ରତିଶତ ବୃଦ୍ଧି ଘଟିବ ବୋଲି କୁହାଯାଇଛି । ଭାରତରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଆରମ୍ଭ ହେବା ପରେ ଏହାର ଅଭିବୃଦ୍ଧି ହାର ପ୍ରାଥମିକ ପର୍ଯ୍ୟାୟରେ କମ୍ ରହିଥିଲା । କିନ୍ତୁ ଗତ ୫ ବର୍ଷ ଭିତରେ ଅଭିବୃଦ୍ଧି ନାଟକୀୟ ମୋଡ଼ ନେଇଛି । ୨୦୧୭-୧୮ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଡିଜିଟାଲ କାରବାର ପରିମାଣ ୩୦୦ ବିଲିୟନ ଡଲାର ରହିଥିଲା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୩.୬ ଲକ୍ଷ କୋଟି ଡଲାରକୁ ବୃଦ୍ଧି ପାଇଛି ବୋଲି ରିପୋର୍ଟରେ କୁହାଯାଇଛି । ଏହିକ୍ରମରେ ୨୦୩୦ ସୁଦ୍ଧା ଭାରତର ମୋଟ ଡିଜିଟାଲ କାରବାର ୭ ଲକ୍ଷ କୋଟି ଡଲାର ଛୁଇଁବ ବୋଲି ଏହି ରିପୋର୍ଟରେ କୁହାଯାଇଛି ।




## ବିଶ୍ୱର ୨୫ ପ୍ରମୁଖ ବ୍ୟାଙ୍କିଙ୍ଗ ଉଦ୍ୟୋଗ ମଧ୍ୟରେ ଭାରତର ୩

**ନୂଆଦିଲ୍ଲୀ,୧୪ା୭(ଏଜେନ୍ସି):** ବିଶ୍ୱର ୨୫ଟି ପ୍ରମୁଖ ଏବଂ ପ୍ରତିଷ୍ଠିତ ବ୍ୟାଙ୍କିଙ୍ଗ ଉଦ୍ୟୋଗ ମଧ୍ୟରେ ଭାରତର ୩ଟି ବ୍ୟାଙ୍କ ସାମିଲ ହୋଇଛନ୍ତି । ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଆଇସିଆଇସିଆଇ ଭଳି ଦୁଇ ପ୍ରମୁଖ ଘରୋଇ ବ୍ୟାଙ୍କ ବ୍ୟତୀତ ଭାରତର ସର୍ବବୃହତ ରାଷ୍ଟ୍ରାୟତ ବ୍ୟାଙ୍କ ଭାବେ ଭାରତୀୟଷ୍ଟେଟ୍ ବ୍ୟାଙ୍କ ଏହି ତାଲିକାରେ ସ୍ଥାନ ପାଇଛି । ଗ୍ଲୋବାଲ ଡାଟା ନାମକ ଏକ ଆନ୍ତର୍ଜାତିକ ସଂସ୍ଥା ଚଳିତ ବର୍ଷର ଦ୍ୱିତୀୟ ତ୍ରୟମାସ ସୁଦ୍ଧା ବୈଶ୍ୱିକ ସ୍ତରରେ ପ୍ରମୁଖ ବ୍ୟାଙ୍କଗୁଡ଼ିକର ବଜାରପୁଞ୍ଜି ସ୍ଥିତିକୁ ଆଧାର କରି ଏକ ତାଲିକା ପ୍ରସ୍ତୁତ କରିଛି ।ଯେଉଁଥିରେ ଭାରତର ଏହି ତିନି ବ୍ୟାଙ୍କ ରହିଛନ୍ତି । ବର୍ତ୍ତମାନ ସୁଦ୍ଧା ଏଚ୍‌ଡିଏଫସି ବ୍ୟାଙ୍କର ବଜାରପୁଞ୍ଜି ୧୭ ପ୍ରତିଶତ ଅଭିବୃଦ୍ଧିରେ ୧୫୪.୪ ବିଲିଅନ ଡଲାରରେ ପହଞ୍ଚିଛି । ଯାହାକୁ ନେଇ ଏହି ତାଲିକାରେ ଏଚଡିଏଫସି ବ୍ୟାଙ୍କର ସ୍ଥାନ ଉନ୍ନୀତ ହୋଇଛି । ପୂର୍ବରୁ ବ୍ୟାଙ୍କର ସ୍ଥାନ ଏହି ତାଲିକାରେ ତ୍ରୟୋଦଶ ସ୍ଥାନରେ ରହିଥିଲା ବେଳେ ଏବେ ଦଶମ ସ୍ଥାନକୁ ଉନ୍ନୀତ ହୋଇଛି । ଏହାପୂର୍ବରୁ ଏହି ସ୍ଥାନରେ ରୟାଲ ବ୍ୟାଙ୍କ ଅଫ୍ କାନାଡ଼ା ରହିଥିଲା । କିନ୍ତୁ ବଜାରପୁଞ୍ଜି ଅଭିବୃଦ୍ଧିକୁ ନେଇ ବର୍ତ୍ତମାନ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏହି ସ୍ଥାନ ନେଇଛି । ସେହିଭଳି ୨୦୨୪ ବର୍ଷର ଦ୍ୱିତୀୟ ତ୍ରୟମାସ ଶେଷ ସୁଦ୍ଧା ଆଇସିଆଇସିଆଇ ବ୍ୟାଙ୍କର ବଜାର ପୁଞ୍ଜି ମୂଲ୍ୟରେ ୧୧.୫ ପ୍ରତିଶତ ବୃଦ୍ଧି ଘଟି ଏହାର ମୋଟ ପରିମାଣ ୧୦୨.୭ ବିଲିଅନ ଡଲାରରେ ପହଞ୍ଚିଛି । ଯାହାକୁ ନେଇ ବ୍ୟାଙ୍କ୍‌ର ସ୍ଥାନ ଏହି ତାଲିକାରେ ୧୮ ରହିଛି । ପୂର୍ବରୁ ଏହି ସ୍ଥାନରେ ଆମେରିକାର ଟିଡି ବ୍ୟାଙ୍କ ରହିଥିଲା ।ସେହିଭଳି ଭାରତୀୟ ଷ୍ଟେଟ ବ୍ୟାଙ୍କର ବଜାରପୁଞ୍ଜି ୧୧.୯ ପ୍ରତିଶତ ଅଭିବୃଦ୍ଧିରେ ୯୦.୧ ବିଲିଅନ ଡଲାରରେ ପହଞ୍ଚିଥିଲା ବେଳେ ଏହି ତାଲିକାରେ ଏସବିଆଇ ସ୍ଥାନ ୨୧ରେ ରହିଥିବା ଜଣାପଡ଼ିଛି । ଏହାପୂର୍ବରୁ ୨୦୨୪ କ୍ୟାଲେଣ୍ଡର ବର୍ଷର ପ୍ରଥମ ତ୍ରୟମାସରେ ସାଉଦି ଆରବର ଅଲ ରାଜି ବ୍ୟାଙ୍କିଂ ଆଣ୍ଡ ଇନଭେଷ୍ଟମେଣ୍ଟ ଏହି ସ୍ଥାନରେ ରହିଥିଲା । ବିଶ୍ୱର ପ୍ରମୁଖ ଏହି ୨୫ଟି ବ୍ୟାଙ୍କର ମୋଟ ବଜାରପୁଞ୍ଜି ଦ୍ୱିତୀୟ ତ୍ରୟମାସରେ ୫.୪ ପ୍ରତିଶତ ଅଭିବୃଦ୍ଧି ସହିତ ୪.୧୧ ଲକ୍ଷ କୋଟି ଡଲାରରେ ପହଞ୍ଚିଥିବା କୁହାଯାଇଛି ।

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଅଭିନବ ଉପାୟ

# ସାଇନ୍‌ବୋର୍ଡ ଓ ଲୁହାବାଡ଼ ହଟାଇ ଚାଲିଛି ନିର୍ମାଣ

ଭଦ୍ରକ, ୧୪।୭ (ସମିସ):



ସରକାରୀ ଜମି ଜବରଦଖଲ ମାମଲା

ସାରା ରାଜ୍ୟରେ ସରକାରୀ ଜମିରୁ ବେଆଇନ ଦଖଲ ହଟାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଭଦ୍ରକ ଜିଲ୍ଲାରେ କାର୍ଯ୍ୟକାରୀ ହେବା ତ ଦୂରର କଥା ଓଲଟି ଏହି ନିର୍ଦ୍ଦେଶକୁ ବେଖାତିର କରାଯାଉଛି। ଏହାର ନଗ୍ନ ଉଦାହରଣ ଭଦ୍ରକ ଡାହାଣୀଗଡ଼ିଆ ନିକଟସ୍ଥ ମଠସାହି ମୌଜାରେ ଦେଖିବାକୁ ମିଳିଛି। ଏଠାରେ ପୂର୍ତ୍ତ ବିଭାଗ ମାଲିକାନାରେ ଥିବା ମୂଲ୍ୟବାନ ସରକାରୀ ଜମିରୁ ଲୁହାବାଡ ହଟାଇ ବେଆଇନ୍ ଦଖଲ ଓ ନିର୍ମାଣ କରାଯାଇଛି।

ପ୍ରକାଶ ଥାଉକି, ଭଦ୍ରକ ସହରାଞ୍ଚଳର ମଠସାହି ମୌଜା ଅଧୀନ ଡାହାଣିଗଡ଼ିଆ ଠାରେ ତହସିଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବଦ୍ଧ ହୋଇ ରହିଥିବା ମୂଲ୍ୟବାନ ସରକାରୀ ଜମିକୁ ରାତିଅଧିଆ ଜବରଦଖଲ କରାଯାଇ ବେଆଇନ ନିର୍ମାଣ ଚାଲିଛି। ଗତ ୨ବର୍ଷ ତଳେ ଉକ୍ତ ବିବାଦୀୟ ସ୍ଥାନରେ ନାଲିପତାକା ଲଗାଯିବା ସହ ଭଦ୍ରକ ଉପଜିଲ୍ଲାପାଳ ୧୪୪ଧାରା ଜାରି କରିଥିଲେ। ତହସିଲ କର୍ତ୍ତୃପକ୍ଷ ପୁଲିସ ସହାୟତାରେ ଉକ୍ତ ସରକାରୀ ଜମିର ବେଆଇନ୍ ନିର୍ମାଣସ୍ଥଳୀରେ ନାଲି ପତାକା ମରାଇଥିଲେ। ପରେ ସରକାରଙ୍କ ପ୍ରୋଟେକ୍‌ସନ ଅଫ୍ ଗଭମେଣ୍ଟ ଲ୍ୟାଣ୍ଡ ଅର୍ଥରେ ଲୁହା ତାର ଓ ସିମେଣ୍ଟ ଖୁଣ୍ଟରେ ଉକ୍ତ ସରକାରୀ ଜମିକୁ ଆବଦ୍ଧ କରାଯାଇଥିଲା। ଏହା ପୂର୍ବରୁ ମଧ ଉକ୍ତ ସାଇନ୍‌ବୋର୍ଡ ହଟାଇ ତାରବାଡକୁ ଭାଙ୍ଗି ବେଆଇନ ଜବରଦଖଲ ହୋଇଥିଲା। ତେବେ ପ୍ରବଳ ପ୍ରତିବାଦ ହେବାରୁ ଭଦ୍ରକ ତହସିଲଦାର ଉକ୍ତ ଆବଦ୍ଧ ହୋଇଥିବା ସରକାରୀ ଜମିରେ ଯାତାୟାତ ସମ୍ପୂର୍ଣ୍ଣ ନିଷେଧ ବୋଲି ସେତେବେଳେ ସାଇନ୍ ବୋର୍ଡ ମଧ ମରାଯାଇଥିଲା। ତେବେ ଦୁର୍ଭାଗ୍ୟର କଥା, କେତେକ ଜବରଦଖଲକାରୀମାନେ ଉକ୍ତ ସରକାରୀ ସାଇନବୋର୍ଡକୁ ଭାଙ୍ଗି ସମ୍ପୂର୍ଣ୍ଣ ବେଆଇନ୍ ଭାବେ ମାଟି ପକାଇ ରାସ୍ତା ନିର୍ମାଣ କାର୍ଯ୍ୟ ରାତାରାତି ଆରମ୍ଭ କରିଛନ୍ତି। ତେବେ ଏଭଳି ଏକ ବେଆଇନ୍ କାର୍ଯ୍ୟ ସମ୍ପର୍କରେ ଭଦ୍ରକ ତହସିଲ କର୍ତ୍ତୃପକ୍ଷ ଜାଣି ବି ଅଜଣା ନୀତି ଅପଣାଇବା ଘଟଣାକୁ ସହରବାସୀ ଓ ବୁଦ୍ଧିଜୀବୀଙ୍କୁ ବିସ୍ମିତ କରିଛି। ଜନୈକ ସରକାରୀ କର୍ମଚାରୀ ଉକ୍ତ ତାରବାଡକୁ ଭାଙ୍ଗି ସେଠାରେ ପାଚେରି ନିର୍ମାଣ କରୁଥିବା ବେଳେ ଏହାକୁ ଭଦ୍ରକ ତହସିଲ କର୍ତ୍ତପକ୍ଷଙ୍କ ପକ୍ଷରୁ ବିଧିବଦ୍ଧ ବାରଣ ହୋଇନଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ଭଦ୍ରକ ତହସିଲ ଅଧୀନ ମଠସାହି ମୌଜାରେ ଖାତା ନମ୍ବର-୯୦୦, ପ୍ଲଟ ନମ୍ବର-୯୪୨ରେ ପୂର୍ତ୍ତ ବିଭାଗ ନାଁରେ ଥିବା ୬୦ ଡେସିମିଲ ନୟନଯୋରି କିସମ ଜମିର ଏହା ଅଂଶ ବିଶେଷ। ଏହି ମୂଲ୍ୟବାନ ଜମିକୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମୃତିସ୍ତମ୍ଭ ନିର୍ମାଣ ଲାଗି ଭଦ୍ରକ ସଦର ରାଜସ୍ୱ ସର୍କଲ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ପରେ ଭେଣ୍ଡିଂଜୋନ ଲାଗି ମଧ ନିଷ୍ପତି ହୋଇଥିଲା। ତେବେ ପ୍ରଶାସନ ଓ ରାଜସ୍ୱ ବିଭାଗର ନିରବତାର ସୁଯୋଗ ନେଇ ଉକ୍ତ ତାରବାଡ଼କୁ ଭାଙ୍ଗି ଏବେ ବେଆଇନ୍ ନିର୍ମାଣ ଚାଲିଛି। ଏନେଇ ଭଦ୍ରକ ସଦର ଆର୍‌ଆଇ ଶରତ ମହାନ୍ତିଙ୍କୁ ପଚାରିବାରୁ ସେ କ୍ଷେତ୍ରୀୟ ଅନୁଧାନ କରିଛନ୍ତି, ଛୁଟି ଖୋଲିଲେ ତହସିଲଦାରଙ୍କ ସହ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ନୂଆ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଜମିରୁ ଅବରୋଧ ହଟାଇବାକୁ କଡ଼ା ନିର୍ଦ୍ଦେଶ ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ଏଦିଗରେ ତତ୍ପରତା ପ୍ରକାଶ କରୁଛି କି ନାହିଁ ଏହା ଦେଖିବାକୁ ବାକି ରହିଲା

## ମେଟାଲ ପୂର୍ଣ୍ଣ ରାସ୍ତାରେ ଯାତାୟାତ ସମସ୍ୟା



ବାରିକପୁର, ୧୪।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୩ ନମ୍ବର ମୁଖ୍ୟ କେନାଲର ମରାମତି କାମ ହେଉଛି। କେନାଲ ରାସ୍ତାର କୁରିକଣା ପୋଲ ନିକଟରୁ ବରୋଦା ବଜାର ଯାଏଁ ଧାମନଗର ଜଳସମ୍ପଦ ବିଭାଗ ପକ୍ଷରୁ ଟେଣ୍ଡର ଡକାଯାଇ ଜନୈକ ଠିକାଦାରକୁ ମରାମତି ପାଇଁ ଦାୟିତ୍ୱ ଦିଆଯାଇଛି। ପାଖାପାଖି ଏକ ସପ୍ତାହ ହେବ ନିର୍ଦ୍ଧାରିତ ସ୍ଥାନରୁ କୋଳିଗଡ଼ି ଗ୍ରାମ ଯାଏଁ କେନାଲ ରାସ୍ତାରେ ମେଣ୍ଟାଲ ବିଛା ଯାଇଛି। ମେଣ୍ଟାଲ ଗୁଡିକ ଉପରୁ ତୀକ୍ଷ୍ଣ ଭାବେ ରହିଥିବା ବେଳେ ସେଗୁଡିକୁ ଆବଶ୍ୟକ ଅନୁଯାୟୀ ରୋଲିଂ କରାଯାଇ ନାହିଁ। ଏପରିକି ପଡ଼ିଥିବା ମେଣ୍ଟାଲ ଉପରେ ମଧ ଡଷ୍ଟ ବିଛା ଯାଇନାହିଁ। ଫଳରେ ସାଇକଲ ଓ ମୋଟର ସାଇକଲରେ ଯାଉଥିବା ଲୋକମାନେ ଯନ୍ତ୍ରଣା ଭୋଗୁଛନ୍ତି। ରାତିପାହିଲେ ଏହି ରାସ୍ତା ଦେଇ ଆଖପାଖ ପାଞ୍ଚ ଦଶ ଖଣ୍ଡି ଗାଁର ଲୋକ ଯାତାୟତ କରୁଥିବା ବେଳେ ଅସମ୍ପୂର୍ଣ୍ଣ ମେଣ୍ଟାଲ ଭର୍ତ୍ତି ରାସ୍ତା ସେମାନଙ୍କୁ ଅନେକ କଷ୍ଟ ଦେଉଛି। ଏପରିକି ବାଇକ ଆରୋହୀ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ କାମ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀ ମାନେ ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ ଯଥାଶୀଘ୍ର କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ଦାବି ହୋଇଛି।

## ଲକ୍ଷାଧିକ ଟଙ୍କାର ବେଆଇନ ବାଲି ଗଚ୍ଛିତ



ବାରିକପୁର, ୧୪।୭ (ସମିସ): ଭଣ୍ଡାରିପୋଖରୀ ତହସିଲ ଅଧୀନ ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଟଙ୍କାର ବେଆଇନ ବାଲି ଗଚ୍ଛିତ ହୋଇଥିବା ଜଣାପଡ଼ିଛି। ଆଗକୁ ବର୍ଷା ସମୟ ଆସୁଥିବା ବେଳେ ବୈତରଣୀ ଜଳପୂର୍ଣ୍ଣ ହୋଇଯିବ। ଏହାକୁ ଆଖି ଆଗରେ ରଖି ନଦୀକୂଳିଆ ଗ୍ରାମର ଚୋରା ବ୍ୟବସାୟୀମାନେ ଏବେ କିଛିଦିନ ହେବ ବୈତରଣୀରୁ ବାଲି ଉତ୍ତୋଳନ କରି ଏହାକୁ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଗଚ୍ଛିତ କରିଛନ୍ତି। ନଦୀର ବଳିପୁର ଠାରୁ ମଣିନାଥପୁର ଯାଏଁ କୌଣସି ସୈରାତ ନିଲାମ ନଥିବା ବେଳେ ବ୍ୟବସାୟୀ ମାନେ କିନ୍ତୁ ନଦୀଗର୍ଭରୁ ଲକ୍ଷାଧିକ ଟଙ୍କାର ବାଲି ଆଣି ରଖିଛନ୍ତି। ବିଶେଷ କରି ଟ୍ରାକ୍ଟର ମାଲିକ ଓ ବର୍ଷାନୁକ୍ରମିକ ବେପାର କରୁଥିବା କିଛି ଧୃତ ବ୍ୟକ୍ତି ଏହି ଚୋରା କାରବାରରେ ଲିପ୍ତ ଅଛନ୍ତି। ସୂଚନା ମୁତାବକ ନଦୀକୂଳ ବନ୍ଦାଳୋ-ମଢିଆଳି, ଖପୁରିଆପଦା, ବାବଲପୁର, ନେରଡ଼ା, ବନସ୍ତା, ଜଗନ୍ନାଥପ୍ରସାଦ, ବାଲିପୋଖରୀ, ରଘୁନାଥପୁର, ମଣିନାଥପୁର, ମୁଢାପଦା, ଦାଣ୍ଡକୁଳ ପ୍ରମୁଖ ଗ୍ରାମ ନିକଟ ବିସ୍ତୀର୍ଣ୍ଣ ସ୍ଥାନରେ ଶହ ଶହ ଟ୍ରିପ ବାଲି ଗଚ୍ଛିତ ଥିବା ଜଣାପଡ଼ିଛି। କେଉଁଠି ଖେଳ ପଡ଼ିଆ ତ ପୁଣି କେଉଁଠି ରାସ୍ତା ପାର୍ଶ୍ୱ ସର୍ବସାଧାରଣ ସ୍ଥାନ ମାନଙ୍କରେ ବୈତରଣୀର ମୁକ୍ତା କୁହାଯାଉଥିବା ଏହି ଲଘୁ ଖଣିଜ ସମ୍ପଦ ସଂଗ୍ରହ ହୋଇ ରହିଛି। ମାଗଣାରେ ରାଜସ୍ୱକୁ ଲୁଟ କରାଯାଇଥିବା ବେଳେ ଏହା ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ପଠାଇ ମାଫିଆ ମାନେ ମାଲେମାଲ ହେଉଛନ୍ତି। ବୈତରଣୀ ବାଲିର ବେଶ ଚାହିଦା ଥିବାରୁ ପଡୋଶୀ ବାଲେଶ୍ୱର ଜିଲ୍ଲା ଓ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳକୁ ଚାଲାଣ ହେଉଛି। ଦଲାଲ ମାନେ ଏଥିପାଇଁ ସକ୍ରିୟ ରହୁଥିବା ବେଳେ ଚୋରା ବାଲି ବ୍ୟବସାୟୀ, ଗାଡି ମାଲିକ ଓ ଗ୍ରାହକଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଛନ୍ତି। ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଦୈନିକ ପ୍ରାୟ ଦୁଇରୁ ତିନି ଲକ୍ଷ ଟଙ୍କାର ବାଲି ଚାଲାଣ ହେଉଛି। ବର୍ଷର ଆଠ ମାସ ନଦୀରୁ ବ୍ୟାପକ ଭାବେ ବାଲି ଚୋରା ଚାଲାଣ ହେଉଥିବା ବେଳେ ବର୍ଷା ଚାରି ମାସ ଗଚ୍ଛିତ ବାଲିକୁ ବିକ୍ରୟ କରି ମାଫିଆ ମାନେ ବେଶ ଦୁଇ ପଇସା ରୋଜଗାର କରୁଛନ୍ତି। ଏପଟେ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର। କେତେବେଳେ କେମିତି ପ୍ରଶାସନ ପକ୍ଷରୁ ଚୋରା ଚାଲାଣ ନେଇ ଚଢ଼ଉ ହେଉଥିଲେ ସୁଦ୍ଧା ତାହା କିନ୍ତୁ ଧର୍ମକୁ ଆଖି ଠାର ଭଳି ହେଉଛି। ତେଣୁ ଏହା ଉପରେ ରାଜସ୍ୱ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

## ବୈତରଣୀ କୂଳରୁ ଅଭିଯୁକ୍ତକୁ ଗିରଫ କଲା ପୁଲିସ



ବାରିକପୁର, ୧୪।୭ (ସମିସ): ଭଣ୍ଡାରିପୋଖରୀ ଥାନା ନେରଡ଼ା ନିକଟ ଶାଳଣିଆ କେନାଲ ବନ୍ଧ ଉପରେ ଶନିବାର ବୈଦ୍ୟୁତିକ ଗଣମାଧ୍ୟମର ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ପୁଲିସ ଅଭିଯୁକ୍ତ ଉକ୍ତ ଗ୍ରାମର ଜିତୁ ଜେନାକୁ ଗିରଫ କରି କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ ଜିତୁ ଜେନା ନାମକ ଯୁବକ ଶାଳଣିଆ ଶାଖା କେନାଲବନ୍ଧ ରାସ୍ତା କାମ ସମ୍ପର୍କରେ ଖବର ପ୍ରସାରଣ ପାଇଁ ସାମ୍ବାଦିକ ବିଶ୍ୱଜିତ ପଲାଇଙ୍କୁ ଡାକିଥିଲେ। ପ୍ରାୟ ଏକ ସପ୍ତାହ ହେବ ଖବର ପାଇଁ ଯୁବକ ଜଣକ ଫୋନ ଯୋଗେ ସାମ୍ବାଦିକଙ୍କୁ ଡାକିଥିଲେ। ତଦନୁଯାୟୀ ସାମ୍ବାଦିକ ଜଣକ ତାଙ୍କ ସହଯୋଗୀ କ୍ୟାମେରାମ୍ୟାନଙ୍କୁ ଧରି ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଉକ୍ତ ସ୍ଥାନରେ ପହଞ୍ଚି ନିର୍ମାଣ କାର୍ଯ୍ୟର ଭିଡିଓ ଉତୋଳନ କରିବା ସହ ତଥ୍ୟ ସଂଗ୍ରହ କରିଥିଲେ। ଏହାପରେ ବାଇଟ୍ ନେବା ପାଇଁ ସାମ୍ବାଦିକ ଶ୍ରୀ ପଲାଇ ଯୁବକ ଜଣକୁ କହିଥିବା ବେଳେ ସେ କ୍ୟାମେରା ସାମ୍ନାକୁ ଆସି କିଛି କହିବେ ନାହିଁ ବୋଲି କହିଥିଲେ। କେବଳ ଭିଡିଓ ରେକଡ଼ିଂ ହୋଇଥିବା ତଥ୍ୟ ଅନୁସାରେ ଜବରଦସ୍ତ ଖବର ପ୍ରସାରଣ ପାଇଁ ସାମ୍ବାଦିକଙ୍କୁ ଯୁବକ ଜଣକ କହିଥିଲା। ଏହାଛଡା ଅନେକ ଯୁକ୍ତିତର୍କ କରିବା ସହ ଯୁବକ ଜଣକ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ବାଡ଼ି ଓ ଲୁହା ରଡରେ ସାମ୍ବାଦିକ ଜଣଙ୍କୁ ଆକ୍ରମଣ କରିଥିଲା। ଏନେଇ ଶ୍ରୀ ପଲେଇ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ପୁଲିସ ଘଟଣାରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଧରିବା ପାଇଁ ଛାନ ଭିନ ଆରମ୍ଭ କରିଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ଅଧିକାରୀ ଓ କର୍ମଚାରୀ ମାନେ ରାତିବେଳା ନେରାଡାରେ ପହଞ୍ଚି ଆକ୍ରମଣ କାରୀକୁ ଧରିବା ପାଇଁ ଚଢ଼ଉ କରିଥିଲେ। ଅଭିଯୁକ୍ତ ଏହା ଜାଣି ପାରି ବୈତରଣୀ ନଦୀ କୂଳକୁ ପଳାଇ ଯାଇଥିବା ବେଳେ ପୁଲିସ ଗୋଡ଼ାଇ ଗୋଡ଼ାଇ ତାକୁ ଗିରଫ କରିଥିଲା। ଆଜି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଅନାଥାଶ୍ରମ ପିଲାଙ୍କୁ ବ୍ୟାଗ ପ୍ରଦାନ

ଅସୁରାଳି, ୧୪।୭ (ସମିସ): ଲାଙ୍ଗୁଡି ସ୍ଥିତ ଚାନ୍ଦିଆପଦା ଦରିଦ୍ର ନାରାୟଣ ସେବା ମନ୍ଦିର ଠାରେ ରହୁଥିବା ଅନାଥାଶ୍ରମ ପିଲାଙ୍କୁ ବ୍ୟାଗ ପ୍ରଦାନ ସହ ଆଶ୍ରମ ପରିସରରେ ଏକଶହରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଗ୍ରାମାଞ୍ଚଳ ଥାନା ଅଧିକାରୀ ଅମିତାଭ ଦାସ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ମନୋଜ ରାୟ, ବିଶିଷ୍ଟ ଅତିଥି ଭାବେ ରାଜ୍ୟ ରାଜ୍ୟ ଯୁବ ଯାଦବ ସମ୍ପାଦକ ଅମର ନାୟକ ଓ ସମ୍ମାନୀତ ଅତିଥି ଭାବେ ସାମ୍ବଦିକ ଦିପ୍ତୀ ନାୟକ, ସମାଜସେବୀ ସଂଯୁକ୍ତା ବଳନାୟକ, ଦମୟନ୍ତୀ ରାଉତ, ନୀରନ ନାୟକ, ରାକେଶ ତ୍ରିପାଠୀ, ଜୀବନ ତ୍ରିପାଠୀ, ଆବାହକ କୃଷ୍ଣଚନ୍ଦ୍ର ବେହେରା, ଦେବେଶ ବରଜ, ଧନଞ୍ଜୟ ଜେନା, ସାମ୍ବାଦିକ ଅବଦୁଲ ଫିରୋଜ ଖାଁ ଓ ଫିରୋଜ ଶାହା, ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ ଏକ ମହତ କାର୍ଯ୍ୟକ୍ରମ ଏହା ସାରା ଜିଲ୍ଲାରେ ଚାଲିଛି।



ଆଗାମୀ ଦିନରେ ଏକ ହଜାର ଚାରାରୋପଣ କରାଯିବ ବୋଲି ଯୁବଯାଦବ ମହାସଭାର କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଆଶ୍ରମର ସମ୍ପାଦକ ମୁକ୍ତିକାନ୍ତ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲାବେଳେ ଜିଲ୍ଲା ସମ୍ପାଦକ ସନ୍ତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଦୁଇ ଆହତ

ବାରିକପୁର, ୧୪।୭ (ସମିସ): ଭଣ୍ଡାରିପୋଖରୀ ଥାନା ୩ନଂ ହାଇଲେବୁଲ କେନାଲ ଉପରେ ଆଜି ଦୁର୍ଘଟଣା ଘଟି ଦୁଇଜଣ ଆହତ ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ ସ୍ଥାନୀୟ ସରପଦା ଗ୍ରାମର ସୁନ୍ଦୁରା ବାରିକ (୪୬) ଓ ଟୁନା ସାହୁ (୫୨) ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆଖୁଆପଦା ଅଭିମୁଖେ ଯାଉଥିଲେ। ଦିନ ପ୍ରାୟ ଗୋଟାଏ ବେଳେ କେନାଲ ବନ୍ଧର ବାଲିପୋଖରୀ ଛକ ନିକଟରେ କୌଣସି ଅଜଣା ଗାଡି ମୋଟରସାଇକଲକୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ଦୁଇ ବାଇକ ଆରୋହୀ ଛଟପଟ ହେଉଥିବା ବେଳେ ରାସ୍ତାରେ ଯାଉଥିବା ଅନ୍ୟ ଲୋକ ମାନେ ସେମାନଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଯାଜପୁର ମେଡିକାଲକୁ ପଠାଯାଇଥିବା ଜଣାପଡ଼ିଛି।

## ଜନସାଧାରଣଙ୍କୁ ଧନ୍ୟବାଦ ଦେଲେ ମନ୍ତ୍ରୀ ଓ ସାଂସଦ




ଧାମନଗର, ୧୪।୭ (ସମିସ): ଧାମନଗର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ସଭା ମାଧ୍ୟମରେ ଧନ୍ୟବାଦ ଦେଲେ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ। ଧାମନଗର ବିଜେପି ପକ୍ଷରୁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ବରିଷ୍ଠ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଏନ୍‌ଏସି ଅନ୍ତର୍ଗତ ମେଡିକାଲ ବଜାର ନିକଟସ୍ଥ ମେଳଣ ପଡ଼ିଆ ଠାରେ ଜିଲ୍ଲା ବିଜେପି ଉପସଭାପତି ଅଶୋକ ପୁହାଣଙ୍କ ସଭାପତିତ୍ୱରେ ଜିଲ୍ଲା ସାଧାରଣ ସମ୍ପାଦକ ବରିଷ୍ଠ ନେତା ମନୋରଞ୍ଜନ ମଲ୍ଲିକଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଧନ୍ୟବାଦ ସଭାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ। ଏହି ଧନ୍ୟବାଦ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ନଗର ସଭାପତି କୈଳାସ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ମହାନ୍ତି, ନାରାୟଣ ପାତ୍ର ସାହୁ, ରଘୁନାଥ ଲେଙ୍କା, ହରେକୃଷ୍ଣ ପାଢ଼ୀ, ଅଜୟ ବଳ, ଦିପ୍ତିରଞ୍ଜନ ଜେନା, ରଞ୍ଜିତା ସ୍ୱାଇଁ, ରାମଚନ୍ଦ୍ର ମିଶ୍ର, ରାଜେନ୍ଦ୍ର ସାହୁ, ସରୋଜ ମହାପାତ୍ର, ଅରବିନ୍ଦ ପତି, ରଞ୍ଜିତା ସ୍ୱାଇଁ, ବିଦ୍ୟାଧର ରାଉତ ପ୍ରମୁଖ ଯୋଗଦେଇଥିଲେ। ବିଜେପି ନେତା ଚତୁର୍ଭୁଜ ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ନଗର ବିଜେପି ଯୁବ ନେତା ବିଜୟ କୁମାର ରାମ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

### ମନ୍ତେଇ ପୋଲ ନିର୍ମାଣରେ ବାଧକ ଚାନ୍ଦା

# ଠିକା କମ୍ପାନୀଙ୍କ ଇନ୍‌ଚାର୍ଯ୍ୟଙ୍କୁ ମାଡ଼ ଅଭିଯୋଗ

ଭଦ୍ରକ, ୧୪।୭ (ସମିସ):



ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଚାରବାଟିଆ ମନ୍ତେଇ ନଦୀର ପୋଲ ନିର୍ମାଣକାରୀ ସଂସ୍ଥାର ସାଇଡ୍ ଇନଚାର୍ଯ୍ୟ ବାବୁଲୁ ତରାଇଙ୍କୁ ନିସ୍ଠୁକ ମାଡ ମରାଯାଇଥିବା ନେଇ ଥାନାର ମାମଲା ରୁଜୁ ହୋଇଛି। ଚାନ୍ଦବାଲି ବ୍ଲକ ସାହାପୁର ପଞ୍ଚାୟତର ବିଜେପି ସମର୍ଥିତ ସମିତିସଭ୍ୟ ଓ ତାଙ୍କ ସହଯୋଗୀ ଠିକାଦରଙ୍କୁ ୧ଲକ୍ଷ ଟଙ୍କା ଚାନ୍ଦା ମାଗି ନିରାଶ ହେବା ପରେ ଇନ୍‌ଚାର୍ଯ୍ୟଙ୍କୁ ଏମିତି ଆକ୍ରମଣ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ମନ୍ତେଇ ନଦୀ ଉପରେ ପୋଲ ନିର୍ମାଣ କରିବା ପାଇଁ ବାସୁଦେବପୁର ଓ ଚାନ୍ଦବାଲି ବ୍ଲକ ଜନସାଧାରଣଙ୍କର ବହୁ ଦିନରୁ ଦାବି ହୋଇଆସୁଥିଲା। ମନ୍ତେଇ ନଦୀର ଚାରବାଟିଆ ଓ ବାଲିଆପାଳ ଘାଟର ପ୍ରତିଦିନ ହଜାର ହଜାର ଲୋକ ଡଙ୍ଗାରେ ଯାତାୟତ କରୁଛନ୍ତି। ସେଥିପାଇଁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା। ଦୁଇ ନିର୍ବାଚନ ମଣ୍ଡଳୀର ଲୋକମାନଙ୍କର ଦୀର୍ଘ ବର୍ଷର ଦାବି ଫଳରେ ମନ୍ତେଇ ନଦୀରେ ପୋଲ ନିର୍ମାଣ ପାଇଁ ମଞ୍ଜୁର କରାଯାଇଥିଲା। କରଞ୍ଜଆଡିଆ ପଞ୍ଚାୟତର ବାଲିଆପାଳ ଘାଟ ଓ ବାଲିମେଦ ପଞ୍ଚାୟତ ଚାରବାଟିଆ ଘାଟ ଉପରେ ପୋଲ ନିର୍ମାଣ ଆରମ୍ଭ କରିଛି ବେକେମ ଇନ୍ଫ୍ରା ପ୍ରଜେକ୍ଟ ପ୍ରାଇଭେଟ ଲିମିଟେଡ। ଏଥିପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ୫୮କୋଟି ୭୨ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି। ପୋଲ ନିର୍ମାଣ ଶେଷ ହେଲେ କେନ୍ଦ୍ରାପଡ଼ାରୁ ବାଲେଶ୍ୱରକୁ ସଟକଟ୍ ରାସ୍ତା ହେବ। ତେବେ ଏଭଳି ଏକ ଜନମଙ୍ଗଳ କାର୍ଯ୍ୟରେ ଚାନ୍ଦବାଲି ବ୍ଲକ ସାହାପୁର ପଞ୍ଚାୟତର ବିଜେପି ସମର୍ଥିତ ସମିତି ସଭ୍ୟ ପ୍ରକାଶ ମାଝୀ ଓ ତାଙ୍କର ସହଯୋଗୀ ହୃଷୀକେଶ ବିଶ୍ୱାଳ ସାଇଡ୍ ଅଫିସରେ ପହଞ୍ଚି ସାଇଡ ଇନଚାର୍ଯ୍ୟ ବାବୁଲ୍ ତରାଇଙ୍କୁ ୧ ଲକ୍ଷ ଟଙ୍କା ଦାଦା ବଟି ମାଗିଥିଲେ। ବାବୁଲୁ ଏତେ ଟଙ୍କା ଦେବାକୁ ଅସମର୍ଥ ବୋଲି ଜଣାଇଥିଲେ। ଏସମ୍ପର୍କରେ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଜଣାଇବି ବୋଲି କହିଥିଲେ। ତେବେ ସେମାନେ ଟଙ୍କା ନଦେଲେ ଯିବୁନାହିଁ ବୋଲି କହିଥିଲେ। ବାବୁଲୁ ତରାଇ ଅକ୍ଷମତା ପ୍ରକାଶ କରିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରକାଶ ଓ ତାଙ୍କ ସହଯୋଗୀ ହୃଷୀକେଶ ତାଙ୍କୁ ନିସ୍ଠୁକ ମାଡ ମାରିଥିଲେ। ଏସମ୍ପର୍କରେ ନାୟକାଣୀଡିହି ଥାନାରେ ଏତଲା ଦେବା ପରେ ଗତ ୯ତାରିଖରୁ ପୁଲିସ ଏକ ମାମଲା (ନଂ-୧୭୨/୨୪) ରୁଜୁ କରିଥିଲେ ବି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଅଭିଯୁକ୍ତଙ୍କୁ ନୋଟିସ୍ କରି ଡକାଯିବା ପରେ କାର୍ଯ୍ୟନୁଷ୍ଠାନ ହେବ ବୋଲି ନାୟକାଣିଡିହି ଥାନାଧିକାରୀ ସାଲଖାନ୍ ମୁର୍ମୁ କହିଛନ୍ତି।

## ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ପରିବା ହାଟ

# ଯାତାୟାତରେ ସମସ୍ୟା, ବ୍ୟବସାୟୀଙ୍କ ଜୀବନ ପ୍ରତି ବିପଦ





**ଯାଜପୁର, ୧୪।୭(ସମିସ)**

ରାସ୍ତା ଉପରେ ଚାଲିଛି ପରିବା ହାଟ। ଖୋଦ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଏଭଳି ଦୀର୍ଘଦିନ ଧରି ଚାଲି ଆସିଛି ଏହି ହାଟ। ଫଳରେ ଲୋକେ ଯାତାୟାତ ନେଇ ସମସ୍ୟା ଭୋଗୁଥିବାବେଳେ ରାସ୍ତା ଉପରେ ବସୁଥିବା ବ୍ୟବସାୟୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଯାଜପୁର ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଏଭଳି ଘଟଣା ପ୍ରତିଦିନ ଘଟୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ଏହି ରାସ୍ତା ଦେଇ ପ୍ରତିଦିନ ଚଳାଚଳ କରୁଛି ଶହ ଶହ ଗାଡ଼ି। ରାସ୍ତା କଡ଼ରେ ହାଟ ବସୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ଫଳରେ ଯାତାୟାତରେ ସମସ୍ୟା ଉପୁଜୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ଯାଜପୁର ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଚାଲୁଥିବା ହାଟକୁ ପ୍ରତିଦିନ ଶହ ଶହ ବ୍ୟବସାୟୀ ଓ ଗରାଖ ଆସୁଛନ୍ତି। ବାଇକ୍, ବସ୍, ଟ୍ରକ ଚଳାଚଳଫ'ଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସମସ୍ତଙ୍କ ପାଇଁ ବିପଦ ସୃଷ୍ଟି କରିଛି। ବର୍ଷ ବର୍ଷ ଧରି ନିୟନ୍ତ୍ରିତ ବଜାର କମିଟି ଏହି ବ୍ୟବସାୟୀଙ୍କଠାରୁ ଟିକସ ଆଦାୟ କରୁଛି। ସେମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ପ୍ରତିଦିନ ଟିକସ ଆଦାୟ କରୁଛି। ଏହି ବ୍ୟବସାୟୀଙ୍କୁ ପ୍ରଥମେ କିଆନାଳୀ କେନାଲ ଅଞ୍ଚଳରୁ ଉଚ୍ଛେଦ କରିବା ବେଳେ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଆରଏମ୍‌ସି ପକ୍ଷରୁ ଭେଣ୍ଡିଂ ଜୋନ ମଧ୍ୟ ପ୍ରସ୍ତୁତ କରାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ବ୍ୟବସାୟୀଙ୍କୁ ଉକ୍ତ ଭେଣ୍ଡିଂ ଜୋନ ହସ୍ତାନ୍ତର ହୋଇପାରିନି। ସେହିଭଳି ବାଳାଶ୍ରମ ପଡ଼ିଆରେ ଅସ୍ଥାୟୀ ଭାବେ ମାଛ ମାର୍କେଟ ଚାଲୁଛି। ସାମାନ୍ୟ ବର୍ଷାରେ ଉକ୍ତ ଅଞ୍ଚଳ କାଦୁଅରେ ଭର୍ତ୍ତି ହେବା ଫଳରେ ଗ୍ରାହକ ଆସିବାକୁ ରାଜି ହେଉନାହାନ୍ତି। ଏ ନେଇ ପ୍ରତିକାର ବ୍ୟବସ୍ଥା କରିବାକୁ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ସେପଟେ ଭେଣ୍ଡିଂ ଜୋନ୍ ନିର୍ମାଣ ସରିଛି ଓ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହେବା ପରେ ଏସବୁ ସମସ୍ୟାର ସମାଧାନ ହେବ ବୋଲି ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ ସୂଚନା ଦେଇଛନ୍ତି।

# ବଜ୍ରପାତରେ ବଡ଼ଭାଇ ମୃତ, ସାନ ଗୁରୁତର

**ବଡ଼ଚଣା, ୧୪।୭(ସମିସ):** ରବିବାର ଅପରାହ୍ନରେ ବଜ୍ରପାତ ଘଟି ବଡ଼ଭାଇଙ୍କର ମୃତ୍ୟୁ ହୋଇଥିବାବେଳେ ସାନଭାଇ ଗୁରୁତର ହୋଇଛନ୍ତି। ବଡ଼ଚଣା ବ୍ଲକ ସୋଲର ଗାଁର ଉତ୍କଳ ଓଝା (୩୪)ଙ୍କର ମୃତ୍ୟୁ ହୋଇଥିବାବେଳେ ସାନଭାଇ ବିକ୍ରମ ଓଝା (୨୯) ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଛନ୍ତି।

ରବିବାର ଅପରାହ୍ନରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ଗ୍ରାମର ଅରକ୍ଷିତ ଓଝାଙ୍କ ବିଲରେ ଧାନ ରୁଆ ହେଉଥିବା ସମୟରେ ତାଙ୍କର ଦୁଇପୁଅ ଉତ୍କଳ ଓ ବିକ୍ରମ ଲୋକଙ୍କୁ ତଳି ଯୋଗାଉଥିଲେ। ହଠାତ ବର୍ଷା ହେବାରୁ ଘନଘନ ବଜ୍ରପାତ ହୋଇଥିଲା। ବଡ଼ଭାଇ ଉତ୍କଳଙ୍କ ମୁଣ୍ଡରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ସେ ଟଳିପଡ଼ିଥିଲେ। ସାନଭାଇ ବିକ୍ରମ ମଧ୍ୟ ବଜ୍ରପାତର ଶିକାର ହୋଇଥିଲେ। ବିଲରେ କାମ କରୁଥିବା ଲୋକେ ଦୌଡ଼ି ଆସି ଦୁଇଭାଇଙ୍କୁ ଉଠାଇଥିଲେ। ମାତ୍ର ବଡ଼ଭାଇ ଉତ୍କଳଙ୍କର ସେଠାରେ ମୃତ୍ୟୁ ହୋଇଯାଇଥିଲା। ସାନଭାଇ ଗୁରୁତର ହୋଇଥିଲେ। ଦୁଇ ଭାଇଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ବଡ଼ଭାଇଙ୍କୁ ମୃତ ଘୋଷଣା କରିବା ସହ ସାନଭାଇ ବିକ୍ରମକୁ ପ୍ରାଥମିକ ଚିକିତ୍ସା କରାଇ କଟକ ସ୍ଥାନାନ୍ତରିତ କରିଛନ୍ତି। ବୈରୀ ଥାନା ଅଧିକାରୀ ପହଞ୍ଚି ୫/୨୪ରେ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

# ନୂଆଗାଁ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**ବଡ଼ଚଣା, ୧୪।୭(ସମିସ):** ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ନୂଆଗାଁସ୍ଥ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀ ଓ କନିଷ୍ଠ କିରାଣିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଡ଼ଘୁମୁରି ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଯୋଗଦେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୈତାରୀ ମଲ୍ଲିକଙ୍କୁ ଜଣେ ନିରଳସ, କର୍ତ୍ତବ୍ୟ ନିଷ୍ଠ, ସମୟାନୁବର୍ତ୍ତୀ, ସାଧୁତା, ଛାତ୍ର ବତ୍ସଳ ଶିକ୍ଷକ ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋ ସ୍କୁଲ ସଭାପତି କେଦାରନାଥ ଷଡ଼ଙ୍ଗୀ, ଉପସଭାପତି ଦେବଯାନୀ ପ୍ରଧାନ, ବଡଚଣା ବ୍ଲକ ଓଷ୍ଟା ସମ୍ପାଦକ ସତ୍ୟବାଦୀ ପଣ୍ଡା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସନ୍ତୋଷ କୁମାର ଜେନା, ସମ୍ପାଦକ ସମର କେତନ ନାୟକ, ସଂଯୋଜକ ପ୍ରଦୀପ୍ତ କୁମାର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ ପ୍ରାସାଦ ମିଶ୍ର, ଶିକ୍ଷକ ତପନ କୁମାର ପୃଷ୍ଟି, ବସନ୍ତ କୁମାର ପ୍ରଧାନ, ଅନୁପ ପରମାଣିକ, ଚିନ୍ମୟ କୁମାର ଧଳ, ସରୋଜ ପଣ୍ଡା, ବିବେକାନନ୍ଦ ନାୟକ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଯୋଗଦେଇ ଶ୍ରୀ ମଲ୍ଲିକଙ୍କ ବହୁବିଧ ଗୁଣାବଳୀ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ପ୍ରକାଶ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁଧାଂଶୁ ଶେଖର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଉର୍ବଶୀ ମହାନ୍ତି ଓ କନିଷ୍ଠ କିରାଣି ପ୍ରୀତିରଞ୍ଜନ ହୋତା ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶେଷରେ ବିଦାୟୀ ତିନି ଜଣକୁ ଅଙ୍ଗବସ୍ତ୍ର, ମାନପତ୍ର, ପୁଷ୍ପଗୁଚ୍ଛ, ଉପହାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସୀମା ରାଉତରାୟ, ଜାନୁ ବେଗମ, ପ୍ରିୟଙ୍କା ସାହୁ, ଅନୀତା ସ୍ୱାଇଁ, ପୁଷ୍ପାଞ୍ଜଳି ବେହେରା, ରତ୍ନମଞ୍ଜରି ଲେଙ୍କା, ବିଜୟଲକ୍ଷ୍ମୀ ନାୟକ, ନିବେଦିତା ସେଠୀ, ଲେବା ହେସା ପ୍ରମୁଖ ସହଯୋଗ କରିଥିଲେ।

# ସୁକିନ୍ଦା ହାଟରେ ବ୍ୟବସାୟୀଙ୍କଠାରୁ ଲୁଟ୍

**ସୁକିନ୍ଦା, ୧୪।୭(ସମିସ):** ରବିବାର ସୁକିନ୍ଦା ହାଟରେ ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ୍ ଘଟଣା ବ୍ୟବସାୟୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ୫୩ନଂ ଜାତୀୟ ରାଜପଥର ସୁକିନ୍ଦା ଭବନ ସମ୍ମୁଖରେ ଥିବା ସାପ୍ତାହିକ ହାଟରେ ସାନ୍ତରାପୁର ଗ୍ରାମର ଶରତ କୁମାର ବେହେରା ବ୍ୟବସାୟ କରନ୍ତି। ରବିବାର ସନ୍ଧ୍ୟାରେ ହାଟରେ ବ୍ୟବସାୟ ସାରି ବାହାରିବା ସମୟରେ ଦୁଇଜଣ ଅଜଣା ଲୁଟେରା ବାଇକ୍‌ରେ ଆସି ଶରତଙ୍କ ହାତରୁ ଟଙ୍କା ବ୍ୟାଗ୍ ଛଡ଼ାଇ ନେଇ ଚମ୍ପଟ ମାରିଥିବା ଜଣାପଡ଼ିଛି। ଶରତ ଚିତ୍କାର କରିବାରୁ ଅନ୍ୟ ବ୍ୟବସାୟୀ ସେମାନଙ୍କୁ ପିଛା କରିଥିଲେ ମଧ୍ୟ ଧରିପାରି ନ ଥିଲେ। ଲୁଟ୍ ହୋଇଥିବା ବ୍ୟାଗ୍‌ରେ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଥିବା ଶରତ କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଏହି ଚୋରି ସମ୍ପର୍କରେ ସୁକିନ୍ଦା ଥାନାରେ ଅଭିଯୋଗ କରିବା ପାଇଁ ଅନ୍ୟ ବ୍ୟବସାୟୀ କହିଥିଲେ ମଧ୍ୟ ଏହି ହାଟରୁ ପୂର୍ବରୁ ଏଭଳି ଅନେକ ଲୁଟ୍ ଘଟିଛି। କିନ୍ତୁ ସ୍ଥାନୀୟ ପୁଲିସ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରିପାରିନାହିଁ ବୋଲି ବ୍ୟବସାୟୀ ମହଲରେ ଚର୍ଚ୍ଚା ଘଟଣା ପୁଲିସର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## ନୂଆଗାଁ ଶିଶୁ ପରିଚର୍ଯ୍ୟା କେନ୍ଦ୍ର

# ଶିଶୁଙ୍କୁ ଆଣିବାକୁ ଯାଇ ଖାଲି ହାତରେ ଫେରିଲା ପ୍ରଶାସନ



**ଯାଜପୁର/ବିଂଝାରପୁର, ୧୪।୭(ସମିସ):** ବିଂଝାରପୁର ବ୍ଲକର ନୂଆଗାଁଠାରେ ଅବସ୍ଥିତ ଶିଶୁ ପରିଚର୍ଯ୍ୟା କେନ୍ଦ୍ର ବଳଦେବଜୀଉ ସେବାଶ୍ରମରୁ ଶିଶୁଙ୍କୁ ଆଣିବାକୁ ଆସିଥିବା ଜିଲ୍ଲା ପ୍ରଶାସନକୁ ଆଜି ଅପଦସ୍ତ ହୋଇ ଫେରିବାକୁ ପଡ଼ିଛି। ଉକ୍ତ ସେବାଶ୍ରମ ବିନା ପଞ୍ଜୀକରଣରେ ଚାଲୁଥିବା ନେଇ ଅଭିଯୋଗ ହେବା ପରେ ଯାଜପୁର ଜିଲ୍ଲାପାଳ ଏସ୍‌ପି ବିନିତ ଅଗ୍ରୱାଲଙ୍କୁ ଏ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି କରିଥିଲେ। ଯେଉଁଥିରେ ଉକ୍ତ ସେବାଶ୍ରମରେ ରହୁଥିବା ଶିଶୁଙ୍କୁ ନେଇ ଜିଲ୍ଲା ଶିଶୁ କଲ୍ୟାଣ ସମିତିରେ ହାଜର କରିବାକୁ ନିର୍ଦ୍ଦେଶ ରହିଥିଲା। ସେହି ଚିଠି ମୁତାବକ ଆଜି ଯାଜପୁର ଏସଡିପିଓ ସତ୍ୟବ୍ରତ ଲେଙ୍କାଙ୍କ ନେତୃତ୍ୱରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ସହିତ ବ୍ୟାପକ ପୁଲିସ ଫୋର୍ସ ସେବାଶ୍ରମ ନିକଟରେ ପହଞ୍ଚି ଶିଶୁଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ।

କିନ୍ତୁ ସେବାଶ୍ରମ ପକ୍ଷରୁ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଉଥିବା ପଦକ୍ଷେପ ସମ୍ପୂର୍ଣ୍ଣ ବେଆଇନ କୁହାଯିବା ସହିତ ଶିଶୁ ପରିଚର୍ଯ୍ୟା କେନ୍ଦ୍ରର ଅନୁମତି ପାଇଁ ବାରମ୍ବାର ଆବେଦନ କରାଯାଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଉଦ୍ଦେଶ୍ୟମୂଳକ ଭାବେ ଅନୁମତି ଦେଉ ନ ଥିବା ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ସେବାଶ୍ରମ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅପେକ୍ଷା ନ କରି ଆମ ସେବାଶ୍ରମ ଉପରେ ଜିଲ୍ଲା ପ୍ରଶାସନ ଦାଉ ସାଧୁଛି ବୋଲି ଅଭିଯୋଗ କରିଥିଲେ। ଆସନ୍ତାକାଲି ସୁଦ୍ଧା ଜିଲ୍ଲା ପ୍ରଶାସନ ରିପୋର୍ଟ ଦାଖଲ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଯାହା ଆସିବ ତାକୁ ଆମେ କାର୍ଯ୍ୟକାରୀ କରିବୁ ବୋଲି କହିବା ପରେ ପୁଲିସ ସେଠାରୁ ଫେରିଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କହିବା ମୁତାବକ, ଏହି ଶିଶୁ ପରିଚର୍ଯ୍ୟା କେନ୍ଦ୍ର ବିରୋଧରେ ବିଭିନ୍ନ ସମୟରେ ବିଭିନ୍ନ ଅଭିଯୋଗ ଆସିଛି। ଏପରିକି କେତେକ ଅଭିଭାବକ ମଧ୍ୟ ସାଂଘାତିକ ଅଭିଯୋଗ କରିଛନ୍ତି। ଶିଶୁ ପରିଚର୍ଯ୍ୟା କେନ୍ଦ୍ର ଖୋଲିବାକୁ ଥିବା ଗାଇଡ ଲାଇନକୁ ସମ୍ପୃକ୍ତ ସଂସ୍ଥା ଅବଜ୍ଞା କରୁଛି। ତେଣୁ ଏହି କେନ୍ଦ୍ରକୁ କୌଣସି ଅନୁମତି ମିଳୁ ନ ଥିବା ଶ୍ରୀ କର କହିଥିଲେ।

ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅନୁଷ୍ଠାନ ବିରୋଧରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନକୁ ନେଇ ନାନା ପ୍ରଶ୍ନ ସୃଷ୍ଟି ହୋଇଛି। ଅନ୍ୟ ଅନୁଷ୍ଠାନରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅସଂଖ୍ୟ କର୍ମଚାରୀ ରଖି ପିଲାଙ୍କୁ ସମ୍ଭାଳି ପାରୁନାହାନ୍ତି। କିନ୍ତୁ ଏହି ଅନୁଷ୍ଠାନ କୌଣସି ସରକାରୀ ଅନୁଦାନ ନ ନେଇ ପ୍ରଶାସନର ଆକ୍ରୋଶର ଶିକାର ହେଉଥିବା ସେବାଶ୍ରମ ପକ୍ଷରୁ କୁହାଯାଇଛି। ତେବେ ହାଇକୋର୍ଟଙ୍କ ରାୟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଚର୍ଚ୍ଚା ହେଉଛି।

# ମଧୁବନ ଅଞ୍ଚଳରେ ଚାଲିଛି ବ୍ୟାପକ ଚୋରାମଦ କାରବାର

**କୁଆଖିଆ, ୧୪।୭(ସମିସ):** କୁଆଖିଆ ଥାନା ଅର୍ନ୍ତଗତ ମଧୁବନ ହାଟ ଓ ଏହା ଆଖପାଖ ଅଞ୍ଚଳରେ ବ୍ୟାପକ ଚୋରାମଦ କାରବାର ହେଉଛି। ସଞ୍ଜ ହେଲେ ମଦୁଆଙ୍କ ଗହଳି ପରିବେଶକୁ ଖରାପ କରୁଛି। ଏଥିପାଇଁ ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ସ୍ପଷ୍ଟ ଦିବାଲୋକରେ ଚୋରାମଦ ବ୍ୟବସାୟୀ ସ୍ଥାନୀୟ ବେପାରୀଙ୍କୁ ମଦ ଯୋଗାଇ ଦେଉଛନ୍ତି। ରସୁଲପୁର ବ୍ଲକରେ ଅବକାରୀ ଥାନା ହେବା ପରେ ଚୋରାମଦ ଓ ନିଶା କାରବାର କମିବ ବୋଲି ଲୋକେ ଆଶା କରିଥିଲେ। ବରଂ ଏହା ଅଧିକ ହେଉଛି। କେବଳ ମଧୁବନ ନୁହେଁ, ଏହି ଥାନା ଅନ୍ତର୍ଗତ ହରିପୁର, ବାରବାଟୀ, ସିଂହାପୁର, ନଠୁଆବର ପ୍ରଭୃତି ଅଞ୍ଚଳରେ ମଧ୍ୟ ବ୍ୟାପକ ଚୋରାମଦ ସହିତ ଅନ୍ୟାନ୍ୟ ନିଶା ସାମଗ୍ରୀ ବେପାର ଚାଲିଛି। ମଦ୍ୟପ ଚୋରାମଦ ବେପାରୀଙ୍କ ଠିକଣା ଜାଣିପାରୁଥିବାବେଳେ ଅବକାରୀ ଓ ପୁଲିସ କର୍ମଚାରୀଙ୍କ ନଜରକୁ କେମିତି ଏହା ଆସୁନାହିଁ ତାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରୁଛି। କେତେକ ବେପାରୀ ଦୀର୍ଘଦିନ ଧରି ଏହି ଚୋରାମଦ ବ୍ୟବସାୟ କେମିତି କରୁଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କୁଆଖିଆ ଥାନା ଅଞ୍ଚଳରେ ଚୋରାମଦ ଓ ନିଶା କାରବାର ବନ୍ଦ କରିବାକୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ରତ୍ନଭଣ୍ଡାର ଯାଞ୍ଚ କମିଟିରେ ଦଶରଥପୁରର ପ୍ରମୋଦ

**ଦଶରଥପୁର, ୧୪।୭ (ସମିସ):** ବହୁଚର୍ଚ୍ଚିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା କଳ୍ପନା ଜଳ୍ପନାର ଅନ୍ତ ଘଟିବା ସହିତ ଦୀର୍ଘ ୪୦ ବର୍ଷ ବ୍ୟବଧାନ ପରେ ରବିବାର ୧ଟା ୨୮ ମିନିଟରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନର ମିଳିତ ସହଯୋଗରେ ଖୋଲାଯାଇଥିବା ଏହି ରତ୍ନଭଣ୍ଡାର କାର୍ଯ୍ୟକ୍ରମରେ ବିଶେଷଜ୍ଞ ଟିମ୍, ମନ୍ଦିର ଓ ଜିଲ୍ଲା ପ୍ରଶାସନ, ଆରକ୍ଷୀ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଯୋଗ ଦେଇଥିବାବେଳେ ରତ୍ନଭଣ୍ଡାର ଖୋଲିବା ପ୍ରକ୍ରିୟାରେ ସାମିଲ ହୋଇଥିବା ବିଶେଷଜ୍ଞ ତଥା ପ୍ରଶାସନିକ ଅଧିକାରୀଙ୍କ ଧନ ଜୀବନ ସୁରକ୍ଷା ପାଇଁ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଞ୍ଚଳର ସ୍ନେକ୍ ହେଲପଲାଇନ ସଦସ୍ୟ ପ୍ରମୋଦ କୁମାର ସାହୁ ଜଣେ ସାପ ଧରାଳି ଭାବେ ସାମିଲ ହୋଇଥିଲେ। ଦଶରଥପୁର ଅଞ୍ଚଳର ନରେନ୍ଦ୍ର ସାହୁ ଓ କୁସୁମଲତା ସାହୁଙ୍କ ପୁତ୍ର ପ୍ରମୋଦ ଜିଲ୍ଲା ସ୍ନେକ୍ ହେଲପଲାଇନରେ ଜଣେ ସକ୍ରିୟ ସଦସ୍ୟ ଭାବେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରିଆସୁଥିବାବେଳେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଜନସାଧାରଣଙ୍କ ଅନୁରୋଧ କ୍ରମେ ସେ ଶତାଧିକ ସାପ ଉଦ୍ଧାର କରିଛନ୍ତି। ରତ୍ନଭଣ୍ଡାର ଖୋଲା ପ୍ରକ୍ରିୟାରେ ସାମିଲ ହୋଇ ନିଜକୁ ସୌଭାଗ୍ୟବାନ୍ ମନେ କରୁଛନ୍ତି ବୋଲି ଶ୍ରୀ ସାହୁ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



# 'ଆହ୍ୱାନ'ର ଦ୍ୱାଦଶ ବାର୍ଷିକୋତ୍ସବ

**ଯାଜପୁର ଟାଉନ, ୧୪।୭(ସମିସ):** ଯାଜପୁରର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ସାଂସ୍କୃତିକ ସଂଗଠନ 'ଆହ୍ୱାନ'ର ଦ୍ୱାଦଶ ବାର୍ଷିକୋତ୍ସବ ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ରୂପେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ କଳା ସଂସ୍କୃତିକୁ ଉଜ୍ଜୀବିତ ପାଇଁ ଆହ୍ୱାନର କାର୍ଯ୍ୟକୁ ସାଧୁବାଦ ଜଣାଇଥିଲେ। ମୁଖ୍ୟଅତିଥି ରୂପେ ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ମୁଖ୍ୟବକ୍ତା ରୂପେ ପ୍ରଫେସର ମୋହନ ଚରଣ ଦାସ, ସମ୍ମାନିତ ଅତିଥି ରୂପେ ଡଃ ରାଜକିଶୋର ପଣ୍ଡା, ଦିନଚର୍ଯ୍ୟାର ସମ୍ପାଦକ ତପନ ମହାରଣ୍ୟ ଶର୍ମା, ବରେଣ୍ୟ ଅତିଥି ରୂପେ ବିଜୟ ବାରିକ ଯୋଗ ଦେଇ କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଯେଉଁ ସଂଗ୍ରାମ ଜାରି ରଖିଛି ଆହାନ, ତାହା ପ୍ରଶଂସନୀୟ ବୋଲି ମତ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ବିଶ୍ୱଜିତ ସାହୁ ବିବରଣୀ ପାଠ କରିଥିଲେ। ଉପସଭାପତି ସୁବାସ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଇଚ୍ଛାମୟୀ ଧଳ, ଅକ୍ଷୟ ଚରଣ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଶ୍ୱଜିତ ସାହୁଙ୍କ ନିର୍ଦ୍ଦେଶନାରେ ନାଟକ 'କୋଠୀ' ମଞ୍ଚସ୍ଥ ହୋଇଥିଲା।

## ଛିଣ୍ଡା ଖରସ୍ରୋତା ଉପରେ ପୋଲ

# କାମ ନିମ୍ନମାନର; ସରୁନି ସଂଯୋଗୀକରଣ ରାସ୍ତା



**କୁଆଖିଆ, ୧୪।୭ (ସମିସ):** ରସୁଲପୁର ବ୍ଲକ ବଡ଼କଇଁଚି ପଞ୍ଚାୟତର ପାଞ୍ଚଗୋଛିଆ ପାଖରେ ଛିଣ୍ଡା ଖରସ୍ରୋତା ନଦୀ ଉପରେ ନିର୍ମାଣ ହୋଇଥିବା ବ୍ରିଜ୍ କାମ ନିମ୍ନମାନର ହୋଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ବ୍ରିଜ୍‌ର ପିଲାର୍ ବଙ୍କା ରହିଥିବାବେଳେ ବ୍ରିଜ୍ ଉପରେ ପାଣି ଜମି ରହୁଛି। ପଥର ପ୍ୟାକିଂ କାମ ମଧ୍ୟ ଠିକ ହୋଇନାହିଁ। ଗୋଟିଏ ପଟ ଆପ୍ରୋଚ୍ ରୋଡ୍ (ସଂଯୋଗୀକରଣ ରାସ୍ତା) ପାଇଁ ମାଟି ପଡ଼ି ଏହାର ଉଭୟ ପଟରେ ପଥର ପ୍ୟାକିଂ ହୋଇଛି। କିନ୍ତୁ କାମ ଠିକ ହୋଇ ନ ଥିବାରୁ ଏହା ଦ୍ୱିତୀୟଥର କରାଯାଉଛି। ଅନ୍ୟ ପଟର ଆପ୍ରୋଚ୍ ରୋଡ୍ ପାଇଁ ମାଟି ପଡ଼ିଥିବାରୁ ବ୍ରିଜ୍ ଲୋକଙ୍କ କାମରେ ଲାଗୁନାହିଁ। ଏହି ବ୍ରିଜ୍ ସମ୍ପୂର୍ଣ୍ଣ ହେଲେ ଗନ୍ଧଣ ପଞ୍ଚାୟତର ଲୋକେ ସୁବିଧାରେ ମଧୁବନ ହାଟ ଓ ଡାକ୍ତରଖାନାକୁ ଆସିପାରନ୍ତେ। ଜଳସେଚନ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ଏହି ବ୍ରିଜ୍ କାମରେ ଦୁର୍ନୀତି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିବାବେଳେ ଆପ୍ରୋଚ୍ ରୋଡ୍ କାମ ସାରିବାକୁ ଦାବି କରିଛନ୍ତି।

## ଲଘୁ ଖଣିଜ ସମ୍ପଦ ପାଇଁ ଅଶାନ୍ତ ହେଉଛି ଧର୍ମଶାଳା

# ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା

**ଯାଜପୁର, ୧୪।୭(ସମିସ)**




ଧର୍ମଶାଳା ତହସିଲ ଅଞ୍ଚଳରେ ବ୍ୟାପକ ପରିମାଣର ମୋରମ, ପଥର, ବାଲି ଭଳି ଲଘୁ ଖଣିଜ ସମ୍ପଦ ରହିଛି। ଏହି ଖଣିଜ ସମ୍ପଦ ଯୋଗୁଁ ଧର୍ମଶାଳାରେ ନାନାଦି ବିଶୃଙ୍ଖଳା ଦେଖିବାକୁ ମିଳିଛି। ବିଶେଷକରି ଚଳିତ ସାଧାରଣ ନିର୍ବାଚନ ପରେ ଏହାକୁ ନେଇ ଧିରେ ଧିରେ ଅଶାନ୍ତ ହେଉଛି ଧର୍ମଶାଳା। ଗତକାଲି ରାତିରେ ଜେନାପୁର ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବାବେଳେ ଗାଡ଼ି ଭଙ୍ଗାରୁଜା ହୋଇଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, ଜେନାପୁର ଥାନା ଅନ୍ତର୍ଗତ ରମ୍ପେଇ ଗ୍ରାମର ଗଙ୍ଗାଧର ନାୟକ (୬୬) ଓ ତାଙ୍କ ପୁଅ ଦେବକାନ୍ତଙ୍କୁ କେତେକ ମାଫିଆଙ୍କ ଆକ୍ରମଣର ଭୟ ଥିବାରୁ ସେ ଗତକାଲି ଚଢ଼େଇଧରା ଫାଣ୍ଡିକୁ ଅଭିଯୋଗ କରିବାକୁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବାବେଳେ ତାଙ୍କୁ ବରଡା ଛକରେ ଆକ୍ରମଣ କରାଯାଇଥିଲା। ଗଙ୍ଗାଧର ନିଜେ ଜଣେ କଳାପଥର ବ୍ୟବସାୟୀ ହୋଇଥିବା ତାଙ୍କୁ ବ୍ୟବସାୟିକା ଶତ୍ରୁତା ଯୋଗୁଁ ଆକ୍ରମଣ କରାଯାଇଥିବା ସନ୍ଦେହ କରାଯାଉଛି। ଗଙ୍ଗାଧର ନିଜ କାର୍‌ରେ ଫେରିବା ସମୟରେ ବରଡ଼ା ଛକ ନିକଟରେ ପୂର୍ବରୁ ପ୍ରସ୍ତୁତ ହୋଇ ଜଗି ରହିଥିବା ରମ୍ପେଇ ଗ୍ରାମର ବଳଦେବ ରାଉତ, ଦୁଃଶାସନ ସାହୁ, ବାବୁଲି ଜେନା, ରାଜେଶ ନନ୍ଦ, କାଳିଆ ରାଉତ, ଅଜିତ ଜେନା, ମାନସ ରାଉତ, ଚନ୍ଦନ ଜେନା, ଅନ୍ତର୍ଯ୍ୟାମୀ ସାହୁଙ୍କ ସମେତ ୨୦ରୁ ଅଧିକ ଯୁବକ ଲୁହାରଡ୍, ଟେଣ୍ଟା, ଠେଙ୍ଗାରେ ଅତର୍କିତ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ଶ୍ରୀ ନାୟକଙ୍କ ପୁଅ ତାଙ୍କ କାର୍‌କୁ ନେଇ ସେଠାରୁ ଖସି ପଳାଇଥିଲେ। ଆକ୍ରମଣକାରୀ ତାଙ୍କ କାର୍‌ର ଆଗଚକକୁ ଟେଣ୍ଟା ମାଡ଼ କରି ଲିକ୍ କରିଦେଇଥିଲେ। ପଛରେ ଆସୁଥିବା ତାଙ୍କ ପୁଅର ଶଳା ଗାଡ଼ିକୁ ମଧ୍ୟ ଆକ୍ରମଣ କରିଥିଲେ। ପରେ ସେମାନଙ୍କୁ ଗୋଟିଏ ବୋଲେରୋ ଓ ଦୁଇଟି କାର୍‌ରେ ପିଛା କରିଥିଲେ। ସେମାନେ ଜୀବନ ବଞ୍ଚାଇବା ପାଇଁ ଅନ୍ୟଏକ ରାସ୍ତାରେ ଯାଇ ୧୬ନଂ ଜାତୀୟ ରାଜପଥର ସାରେଇ ଛକ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ ଲୁଚି ରହିଥିଲେ। ଖବର ପାଇ ଧର୍ମଶାଳା ଥାନା ଅଧିକାରୀ, ଜେନାପୁର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଗୁଡ଼ିକର ସ୍ଥିତି ଦେଖିଥିଲେ। ଆକ୍ରମଣକାରୀ ଗାଁରେ ଥିବା ତାଙ୍କ ପରିବାର ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଗତକାଲି ରାତିରେ ଜେନାପୁର ଥାନାରେ ଆକ୍ରମଣ ସମ୍ପର୍କରେ ଶ୍ରୀ ନାୟକ ଲିଖିତ ଅଭିଯୋଗ କରିଛନ୍ତି। ଜେନାପୁର ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଅଭିଯୁକ୍ତଙ୍କୁ ଖୋଜା ଖୋଜି କରିଥିବା ସୂଚନା ମିଳିଛି। ରାହାଡ଼ପୁର କଳା ପଥର ଖଣି ବ୍ୟବସାୟକୁ ନେଇ ଘଟଣା ଘଟିଥିବା ଆଲୋଚନା ହେଉଛି। ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଶ୍ରୀ ନାୟକ ନିବେଦନ କରିଛନ୍ତି। ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଜେନାପୁର ପୁଲିସ କହିଛି।

# ସମ୍ପୂର୍ଣ୍ଣା



ସକାଳ THE SAKALA www.sakalaepaper.com

**ଆଜିର ଇତିହାସ**

- ୧୯୦୪- ଆମେରିକାର ଲସ୍‌ଏଞ୍ଜେଲସ୍‌ରେ ପ୍ରଥମ ବୌଦ୍ଧ ମନ୍ଦିର ତିଆରି କରାଗଲା ।
- ୧୯୧୬- ବିଶ୍ୱର ସବୁଠୁ ବଡ଼ ଏରୋସ୍ପେସ୍ କମ୍ପାନି 'ବୋଇଂ'ର ଆରମ୍ଭ ।
- ୧୯୨୬- ମୁମ୍ବାଇରେ ପ୍ରଥମେ ମୋଟର୍ ବସ୍ ସେବା ଆରମ୍ଭ ହେଲା ।
- ୧୯୬୨-ଆଲ୍‌ଜେରିଆ ଆରବ ଲିଗ୍‌ର ଅଂଶ ହେଲା ।
- ୧୯୭୯- ପ୍ରଧାନମନ୍ତ୍ରୀ ମୋରାର୍‌ଜୀ ଦେଶାଇ ନିଜ ପଦରୁ ଇସ୍ତଫା ଦେଲେ ।
- ୧୯୯୬- ଯୁବରାଜ ଚାର୍ଲସ୍ ଓ ଯୁବରାଣୀ ଡାଏନା ଛାଡ଼ପତ୍ର ପାଇଁ ଆବେଦନ କଲେ ।
- ୨୦୧୨- ନେପାଳ ପାରସିରେ ବସ୍ ଦୁର୍ଘଟଣା ଯୋଗୁଁ ୪୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ।



## ଜୋତା ପିନ୍ଧିଥିଲେ ଗାଁକୁ ପ୍ରବେଶ ମନା

ସାଧାରଣତଃ ଦୈନନ୍ଦିନ ଜୀବନରେ ଜୋତା ତଥା ଚପଲର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାକୁ ପିନ୍ଧି ଲୋକମାନେ ପାଦକୁ ସୁରକ୍ଷା ଦେବା ସହ ସୁବିଧାରେ ଚଳପ୍ରଚଳ କରିଥାନ୍ତି । କିନ୍ତୁ ଏପରି ଏକ ଗାଁ ରହିଛି, ଯେଉଁଠି ଗ୍ରାମବାସୀ ଜୋତା କିମ୍ବା ଚପଲ ଆଦୌ ପିନ୍ଧନ୍ତି ନାହିଁ । ଏପରିକି କି ଜୋତା ଚପଲ ପିନ୍ଧିଥିବା ଲୋକଙ୍କୁ ମଧ୍ୟ ଏଠାକାର ଲୋକେ ସ୍ପର୍ଶ କରନ୍ତି ନାହିଁ । ଆନ୍ଧ୍ରପ୍ରଦେଶ ଚିତ୍ତୁର ଜିଲ୍ଲାରେ ଏହି ଗାଁଟି ରହିଛି । ବେମନାଗାରି ଇଣ୍ଡଲୁ ନାମକ ଏହି ଗାଁଟି ତିରୁପତିରୁ ୫୦ କିଲୋମିଟର ଦୂରରେ ଅବସ୍ଥିତ । ଏହି ଗାଁର ଲୋକେ ଯେତେ ଦୂରକୁ ଯାତ୍ରା କଲେ ବି ବିନା ଜୋତାରେ ଯାଇଥାନ୍ତି । ଗାଁରେ ୧୨୦ଟି ପରିବାର ରୁହନ୍ତି । ଗାଁରେ ସାକ୍ଷରତା ହାର ବହୁତ କମ୍ ଥିବାବେଳେ ଗ୍ରାମବାସୀ କୃଷି ଉପରେ ନିର୍ଭରଶୀଳ । କୁହାଯାଏ, ପୂର୍ବଜଙ୍କ ଦ୍ୱାରା କରାଯାଇଥିବା ନିୟମକୁ ପାଳନ କରିବା ସହ ପ୍ରଭୁ ଭେଙ୍କଟେଶ୍ୱର ସ୍ୱାମୀଙ୍କୁ ସମ୍ମାନ ଜଣାଇବା ପାଇଁ ଦୀର୍ଘ ବର୍ଷ ଧରି ଗାଁ ଲୋକମାନେ ଏହି ପରମ୍ପରା ପାଳନ କରି ଆସୁଛନ୍ତି । ତେବେ ବାହାରୁ ଆସିଥିବା ଲୋକେ ତଥା ଯାତ୍ରୀମାନେ ଗାଁ ବାହାରେ ଚପଲ କାଢ଼ି ଗାଁ ଭିତରକୁ ପ୍ରବେଶ କରିଥାନ୍ତି । ଏଠାରେ ବାସ କରୁଥିବା ଜଣେ ବାସିନ୍ଦାଙ୍କ କହିବାନୁଯାୟୀ, 'ଭଗବାନ ଭେଙ୍କଟେଶ୍ୱର ଏହି ଗ୍ରାମରେ ବିରାଜମାନ କରିଛନ୍ତି । ତେଣୁ ଏହି ଗାଁକୁ ଗ୍ରାମବାସୀମାନେ ମନ୍ଦିର ଭାବେ ବିବେଚନା କରିଥାନ୍ତି । ତେଣୁ ଗ୍ରାମବାସୀ ଜୋତା ପିନ୍ଧନ୍ତି ନାହିଁ । ଏଥି ସହିତ ଗ୍ରାମବାସୀମାନେ କୌଣସି ଅନ୍ୟ ସ୍ଥାନକୁ ଯାତ୍ରା କଲେ ସେମାନେ ସେଠାରେ ଖାଦ୍ୟ ପାନୀୟ ଗ୍ରହଣ କରନ୍ତି ନାହିଁ । ଯଦି ଗାଁରେ କିଏ ଅସୁସ୍ଥ ହୁଅନ୍ତି, ତେବେ ଏକ ବିଶେଷ ପତ୍ରରସରେ ତାହାର ଚିକିତ୍ସା କରାଯାଇଥାଏ । ରୋଗୀଟି ଶୀଘ୍ର ସୁସ୍ଥ ହେବାପାଇଁ ପ୍ରଭୁ ଭେଙ୍କଟେଶ୍ୱରଙ୍କ ପାଖରେ ପୂଜାର୍ଚ୍ଚନା କରାଯାଏ ।' ଏଠାରେ ପ୍ରସୂତିମାନେ ପ୍ରସବ ପାଇଁ ହସ୍‌ପିଟାଲ ମଧ୍ୟ ଯାଆନ୍ତି ନାହିଁ । ସେହିଭଳି ମହିଳାଙ୍କର ମାସିକ ଧର୍ମ ସମୟରେ ଗାଁ ବାହାରେ ନିର୍ମାଣ କରାଯାଇଥିବା ଏକ କୁଡ଼ିଆରେ ସେମାନେ ରୁହନ୍ତି ।



## 'ଆଲ୍‌ଫା'ର ସୁଟିଂ ଆରମ୍ଭ

### ସୁପର୍ ଏଜେଣ୍ଟ ଭୂମିକାରେ ଆଲିଆ

ଏଯାବତ୍ ଦର୍ଶକେ ପରଦା ଉପରେ ଶାହାରୁଖ୍ ଖାନ୍, ସଲମାନ୍ ଖାନ୍ , ହ୍ରିତିକ୍ ରୋଶନ ଆଦି ଅଭିନେତାଙ୍କୁ ଆକ୍ସନ୍ ସିନ୍ କରୁଥିବାର ଦେଖିଥିଲେ । ଯଶ୍‌ରାଜ ସ୍ପାଇ ୟୁନିଭର୍ସ ପ୍ରଥମ ଥର ପାଇଁ ଜଣେ ମହିଳାଙ୍କ ଦ୍ୱାରା ଆକ୍ସନ୍ ସିନ୍ କରିବାକୁ ଯାଉଛି । ଯଶରାଜ୍ ସ୍ପାଇ ୟୁନିଭର୍ସର ଫିଲ୍ମ 'ଆଲ୍‌ଫା' ପାଇଁ ଆଲିଆ ଭଟ୍ଟଙ୍କୁ ଫାଇନାଲ କରାଯାଇଛି । ଏହି ଫିଲ୍ମରେ ସେ ଶରବରି ୱାଘଙ୍କ ସହ ଲିଡ୍ ରୋଲରେ ଦେଖାଯିବେ । ଏଥିରେ ଆଲିଆଙ୍କର ପାଞ୍ଚରୁ ଛଅଟି ବଡ଼ ଧରଣର ଆକ୍ସନ୍ ସିନ୍ ରହିଛି । ସେ ଏଥିପାଇଁ ସ୍ୱତନ୍ତ୍ର ଭାବେ ଚାରିରୁ ପାଞ୍ଚ ମାସ ତାଲିମ୍ ମଧ୍ୟ ନେଇଛନ୍ତି । ଏଥିରେ ସେ ମାର୍ସଲ୍ ଆର୍ଟ କରୁଥିବାର ଦେଖାଯିବେ । ଆଲିଆ ଏଥିରେ ଏକ ସିକ୍ରେଟ୍ ଏଜେଣ୍ଟ ଭୂମିକାରେ ନଜର ଆସିବେ । ଜୁଲାଇ ୫ରୁ ସେ ଏହାର ସୁଟିଂ ଆରମ୍ଭ କରିଛନ୍ତି । ଏହା ଏକ ବଡ଼ ବଜେଟ୍‌ର ଫିଲ୍ମ ହେବ । ତେବେ ଫିଲ୍ମ ନିର୍ମାତା ଆଦିତ୍ୟ ଚୋପ୍ରା ଆକ୍ସନ୍ ସିନ୍‌ଗୁଡ଼ିକ ପାଇଁ ଅନେକ ଏକ୍ସପର୍ଟଙ୍କ ସାହାଯ୍ୟ ନେଇଛନ୍ତି । ଏଥିରେ ବବି ଦେଓଲ ଖଳନାୟକ ଭୂମିକାରେ ନଜର ଆସିବେ । ଆଦିତ୍ୟ ଚୋପ୍ରା ଏହାର ପ୍ରଯୋଜନା ଦାୟିତ୍ୱରେ ଥିବାବେଳେ ଶିବ ରାୱେଲ ଏହାର ନିର୍ଦ୍ଦେଶନା ଦେବେ ।

## ଦୁର୍ଘଟଣା ରୋକିବ ଚଷମା



ସମ୍ପ୍ରତି ସଡ଼କ ଦୁର୍ଘଟଣା ଯୋଗୁଁ ବହୁ ଲୋକ ପ୍ରାଣ ହରାଉଛନ୍ତି । କେତେବେଳେ ଦ୍ରୁତ ତଥା ବେପରୁଆ ଗାଡ଼ି ଚାଳନା ଯୋଗୁଁ ତ ଆଉ କେତେବେଳେ ଚାଳକଙ୍କ ଆଖି ଲାଖିଯିବା ଯୋଗୁଁ ମଧ୍ୟ ସଡ଼କ ଦୁର୍ଘଟଣା ଘଟୁଛି । ତେବେ ଚାଳକଙ୍କୁ ଗାଡ଼ି ଚଳାଇବା ବେଳେ ନିଦ ଲାଗୁଥିଲେ ଏଣିକି ସେମାନଙ୍କୁ ସତର୍କ କରାଇବ ଏକ ସ୍ୱତନ୍ତ୍ର ପ୍ରକାର ଚଷମା । ଯାହାକୁ ଆସାମ କାଲିଆବୋରର ଦୁଇ ଜଣ ଦଶମ ଶ୍ରେଣୀର ଛାତ୍ର କୌଶିକ ନିଓଗି ଏବଂ ଶଶାଙ୍କ ଦାସ ତିଆରି କରିଛନ୍ତି । ସେମାନଙ୍କର ଏଭଳି ଏକ ନିଆରା ପରିକଳ୍ପନା ଏବେ ଚାରିଆଡୁ ପ୍ରଶଂସା ସାଉଁଟୁଛି । ଏହାକୁ ସ୍ଲିପିଂ ଗ୍ଲାସ୍ କୁହାଯାଉଛି । ସେହିପରି ଏହା ସାଧାରଣ ଚଷମା ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ । ଏଥିରେ ସେମାନେ ସେନ୍‌ସରକୁ ବ୍ୟବହାର କରିଛନ୍ତି । ମୋଟାମୋଟି ଭାବେ କହିବାକୁ ଗଲେ ଚଷମାଟି ସମ୍ପୂର୍ଣ୍ଣ ସେନ୍‌ସର ଦ୍ୱାରା ପରିଚାଳିତ । ଏହି ଚଷମା ନିଦକୁ ଚିହ୍ନଟ କରି ତିନି ସେକେଣ୍ଡ ମଧ୍ୟରେ ଆଲାର୍ମ ମାଧ୍ୟମରେ ଚାଳକଙ୍କୁ ଉଠାଏ । କୌଶିକଙ୍କ ଘର ପାଖରେ ଏକ ଦୁର୍ଘଟଣା ଘଟିଥିଲା । ଏଥିରେ ଜଣେ ପ୍ରାଣ ହରାଇଥିଲେ । ଏହି ଘଟଣା ହିଁ ତାଙ୍କୁ ଚଷମା ତିଆରି ଦିଗରେ ପ୍ରେତ୍ସାହିତ କରିଥିଲା । ସେଇଠୁ ସଡ଼କ ଦୁର୍ଘଟଣାକୁ ରୋକିବା ତଥା ନିୟନ୍ତ୍ରଣ କରିବା ପାଇଁ ସେମାନେ ଗୁଗ୍‌ଲ ଏବଂ ୟୁଟ୍ୟୁବ୍‌ରେ ଅନେକ କିଛି ପ୍ରଥମେ ଜାଣିବାକୁ ଚେଷ୍ଟା କଲେ । ଏହାପରେ ଅରୁଡିନୋ ମାଇକ୍ରୋ, ଛୋଟ ବ୍ୟାଟେରି ଏବଂ ଆଇବିଏ ସେନ୍‌ସରକୁ ଉପଯୋଗ କରି ଚଷମା ତିଆରି କଲେ । ଚଷମାଟି ହାଲୁକା ହୋଇଥିବାରୁ ଚାଳକ ଏହାକୁ ବେଶ୍ ସୁବିଧାରେ ପିନ୍ଧିପାରିବେ । ସେହିପରି ଦୁହିଁଙ୍କୁ ଏହି କାମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରେରଣା ମିଳିଛି । କୌଶିକ ଏବଂ ଶଶାଙ୍କ ମଧ୍ୟ ଏହାକୁ ବିଭିନ୍ନ ସ୍କୁଲ କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିଛନ୍ତି । ତେବେ ସଡ଼କ ସୁରକ୍ଷା ଦିଗରେ ଏହା ସାହାଯ୍ୟ କରିବା ଦେଖି ସେମାନଙ୍କର ଏହି ଚଷମାକୁ ପସନ୍ଦ କରାଯାଇଛି । ଅନ୍ୟପଟେ ଏନେଇ ଆହୁରି କିଛି କାମ କରାଯିବା ବାକି ଥିବା କଥା ସେମାନେ କହିଛନ୍ତି ।

## ଆଜିର ଭାଗ୍ୟ

**ମେଷ:** ଆଶା କରିଥିବା ଦିଗରୁ ଧନ ମିଳିବ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । କୌଣସି କଥାକୁ ନେଇ ଚିନ୍ତାରେ ରହିବେ । ପରିବାର ସହ ସମୟ ବିତାନ୍ତୁ । ଯେକୌଣସି ପରିସ୍ଥିତିରେ ବିଚଳିତ ହୁଅନ୍ତୁନି ।

**ବୃଷ:** ମନ ପ୍ରସନ୍ନ ରହିବ । ମାନସମ୍ମାନ ବୃଦ୍ଧି ପାଇବ । ଉଧାର ଦେଇଥିବା ଟଙ୍କା ବିଳମ୍ବରେ ଫେରିପାଇବେ । ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ । ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ପିଲାମାନେ ଖେଳମନସ୍କ ହେବେ ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ । ଖର୍ଚ୍ଚଭାର ବଢ଼ିବ । ରାଜନୀତିରେ ସକ୍ରିୟ ହେବେ । କର୍ମ ଅନୁସାରେ ଫଳ ମିଳିବ । ନିଜ ଲୋକଙ୍କ ସହ ଯୁକ୍ତିତର୍କ ହୋଇପାରେ । ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ ।

**କର୍କଟ:** ଚାକିରିଆଙ୍କୁ ଧନପ୍ରାପ୍ତି ଯୋଗ ଅଛି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । କୌଣସି ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନ ମଧୁମୟ ହେବ । ପୈତୃକସମ୍ପତ୍ତିକୁ ନେଇ ବାଦବିବାଦ ଉପୁଜିପାରେ ।

**ସିଂହ:** ବ୍ୟବସାୟକୁ ନେଇ ନୂଆ ଯୋଜନା କରିବେ । ଦୂରସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପ୍ରେମ ଜୀବନରେ ମଧୁରତା ଆସିବ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ତୁଳା:** ନିବେଶରୁ ଲାଭ ମିଳିବ । ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ । ଜୀବନସାଥୀଙ୍କ ସହଯୋଗ ମିଳିବ । ମହିଳାମାନେ ଘରକାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ ଚାକିରିଆଙ୍କ ପାଇଁ ଦିନଟି ଭଲ । ପିଲାଙ୍କ ସହ ସମୟ ଅତିବାହିତ କରିବେ । ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯାଇପାରନ୍ତି । ସ୍ୱାସ୍ଥ୍ୟରେ ସୁଧାର ହେବ ।

**ଧନୁ:** ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିପାରନ୍ତି । ପାରିବାରିକ ଜୀବନ ସୁଖମୟ ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ । ଦୀର୍ଘ ଦିନରୁ କରିଥିବା ଆଶା ପୂରଣ ହେବ ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ । ସହକର୍ମୀଙ୍କ ସହ ମତଭେଦ ହୋଇପାରେ । ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**କୁମ୍ଭ:** ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ । ଅନ୍ୟଙ୍କୁ ବାଧିଲା ପରି କଥା କୁହନ୍ତୁନି ।

**ମୀନ:** ଚାକିରିଆଙ୍କୁ ନୂଆ ନିଯୁକ୍ତି ସମ୍ଭାବନା ଅଛି । ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବେ । ନିଜ ଲୋକ ଶତ୍ରୁ ସାଜିପାରନ୍ତି । ଉଧାର ଦେଇଥିବା ଟଙ୍କା ଫେରିପାଇବାରେ ବିଳମ୍ବ ହେବ ।

## ବାହୁଡ଼ିବେ ମହାବାହୁ

**ନବଦିନାତ୍ମକ ଘୋଷଯାତ୍ରାରେ ଜନ୍ମବେଦୀ ଗୁଣ୍ଡିଚା ଘରେ ଲୀଳାଖେଳା ସାରି ଆଷାଢ଼ ଶୁକ୍ଳ ଦଶମୀ ଦିନ ବାହୁଡ଼ାଯାତ୍ରାରେ ବଡ଼ଦେଉଳକୁ ଫେରନ୍ତି ମହାପ୍ରଭୁ । ଏହି ଫେରନ୍ତା ଯାତ୍ରା 'ଦକ୍ଷିଣାଭିମୁଖୀ' ଯାତ୍ରା ନାଁରେ ବି ଖ୍ୟାତ ।**

ଏହି ଯାତ୍ରାର ମାହାତ୍ମ୍ୟ ବିଭିନ୍ନ ପୁରାଣରେ ବର୍ଣ୍ଣିତ ହୋଇଛି । ତେବେ ରଥଯାତ୍ରା ଭଳି ସମସ୍ତ ନୀତିକାନ୍ତି ଏହିଦିନ ମଧ୍ୟ ଅନୁଷ୍ଠିତ ହୋଇଥାଏ । ଏହିଦିନ ସକାଳୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି କରାଯାଇ ରଥାରୂଢ଼ କରାଯାଏ । ଏହାପରେ ରଥ ଗଡ଼ିଥାଏ । ବାହୁଡ଼ାରେ ପୋଡ଼ ପିଠା ଭୋଗର ବିଶେଷ ମହତ୍ତ୍ୱ ଅଛି । ଠାକୁରଙ୍କ ପାଖେ ଏହି ନୀତି ପାଇଁ ମାଉସୀ ମା' ମନ୍ଦିରରେ ସ୍ୱତନ୍ତ୍ର ଭାବେ ପୋଡ଼ ପିଠା ପ୍ରସ୍ତୁତ ହୋଇଥାଏ । ରଥ ବଳଗଣ୍ଡି ନିକଟରେ ପହଞ୍ଚିବା ପରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥଙ୍କୁ ପୋଡ଼ପିଠା ଭୋଗ କରାଯାଏ ।

ଶ୍ରୀଗୁଣ୍ଡିଚାରେ ଶ୍ରୀବିଗ୍ରହମାନେ ଉତ୍ତରାଭିମୁଖୀ ହୋଇ ଯାତ୍ରା କରନ୍ତି । ଏହି ସମୟରେ ଠାକୁରଙ୍କ ଦର୍ଶନ ଦ୍ୱାରା ଯେଉଁ ଫଳ ପ୍ରାପ୍ତି ହୁଏ, ସମାନ ଫଳ ଦକ୍ଷିଣାଭିମୁଖୀ ଯାତ୍ରା ଦର୍ଶନରେ ମିଳିଥାଏ ବୋଲି ପୁରାଣରେ ବର୍ଣ୍ଣିତ ଅଛି । କେବଳ ସେତିକି ନୁହେଁ, ମହାବାହୁଙ୍କ ଏହି ଦୁର୍ଲଭ ଦର୍ଶନ ଦ୍ୱାରା ଭକ୍ତମାନେ ଅଶ୍ୱମେଧ ଯଜ୍ଞର ଫଳ ଲାଭ କରି ଅନନ୍ତକାଳରେ ବୈକୁଣ୍ଠ ପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି ।



## ସ୍ୱସ୍ତି

**ଗୀତାଞ୍ଜଳି**

**ସର୍ବକର୍ମାଣି ମନସା ସନ୍ନ୍ୟସ୍ୟାସ୍ତେ ସୁଖଂ ବଶୀ ।**
**ନବଦ୍ୱାରେ ପୁରେ ଦେହୀ ନୈବ କୁର୍ବନ୍ନ କାରୟନ୍ ॥**

ଇନ୍ଦ୍ରିୟ ଓ ମନକୁ ବଶୀଭୂତ କରିଥିବା ଦେହଧାରୀ ଜିତେନ୍ଦ୍ରିୟ ପୁରୁଷ ନବଦ୍ୱାର ବିଶିଷ୍ଟ ଶରୀର ରୂପକ ପୁରରେ ମାନସିକ ଭାବେ ସମସ୍ତ କର୍ମକୁ ବିବେକ ପୂର୍ବକ ତ୍ୟାଗ କରି, ନିଃସନ୍ଦେହରେ କିଛି ନ କରି ଓ ନ କରାଇ ସୁଖ ପୂର୍ବକ ନିଜ ସ୍ୱରୂପରେ ଅବସ୍ଥାନ କରେ ।

- (ପଞ୍ଚମୋଽଧ୍ୟାୟଃ: ଶ୍ଳୋକ-୧୩)



## ଦିବ୍ୟ ବେଶ ସୁନାବେଶ

**ବାହୁଡ଼ା ଯାତ୍ରା ପରଦିନ ଅନୁଷ୍ଠିତ ହୁଏ ମହାପ୍ରଭୁଙ୍କ ସୁନାବେଶ । ଏହି ବେଶର ଅନ୍ୟନାମ 'ରାଜରାଜେଶ୍ୱର ବେଶ' ବା 'ବଡ଼ ତଡ଼ାଉ ବେଶ ।' ଏହି ବେଶ ଦୁର୍ଲଭ ଏବଂ ଆକର୍ଷଣୀୟ । ମହଣ ମହଣ ସ୍ୱର୍ଣ୍ଣ ଆଭୂଷଣରେ ମଣ୍ଡିତ ହୋଇ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତି ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି ।**



ମହାପ୍ରଭୁଙ୍କ ସୁନାବେଶ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ । ଏହା ସାଧାରଣତଃ ପୌଷ ପୂର୍ଣ୍ଣିମା, ଫାଲଗୁନ ପୂର୍ଣ୍ଣିମା, ଆଷାଢ଼ ଶୁକ୍ଳ ଏକାଦଶୀ ବା ହରିଶୟନ ଏକାଦଶୀ, କାର୍ତ୍ତିକ ପୂର୍ଣ୍ଣିମା ଏବଂ ବିଜୟା ଦଶମୀ ଦିନ ଶ୍ରୀମନ୍ଦିର ରତ୍ନସିଂହାସନରେ ଅନୁଷ୍ଠିତ ହୋଇଥାଏ । କେବଳ ସମସ୍ତ ବର୍ଗର ଜନତାଙ୍କ ପାଇଁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାର ସମ୍ମୁଖରେ ରଥ ଉପରେ ତିନି ଠାକୁର ସୁନାବେଶରେ ସଜ ହୋଇଥାନ୍ତି । କିଛି ଗବେଷକଙ୍କ ମତରେ ରାଜା ଅନଙ୍ଗଭୀମ ଦେବ ଆଷାଢ଼ ଏକାଦଶୀରେ ସୁନାବେଶ କରାଇଥଲେ । ତେବେ ସୁନାବେଶ ରାଜା କପିଳେନ୍ଦ୍ର ଦେବଙ୍କ ସମୟଠାରୁ ଆରମ୍ଭ ହୋଇଥିଲା । ସେ ଦକ୍ଷିଣର କୃଷ୍ଣାନଦୀ ପର୍ଯ୍ୟନ୍ତ ନିଜର ସାମ୍ରାଜ୍ୟ ବିସ୍ତାର କରିଥିଲେ । ବହୁ ରାଜାଙ୍କୁ ପରାସ୍ତ କରି ସେ ୧୬ଟି ହାତୀ ପିଠିରେ ମହଣ ମହଣ ସ୍ୱର୍ଣ୍ଣ ଅଳଙ୍କାର ବୋଝେଇ କରି ଆଣିଥିଲେ । ସେହି ସୁନାକୁ ସେ ନିଜ କାର୍ଯ୍ୟରେ ନ ଲଗାଇ ମହାପ୍ରଭୁଙ୍କୁ ଦାନ କରିଥିଲେ । ସେହି ସୁନାରେ ଠାକୁରମାନଙ୍କର ସୁନା ଅଳଙ୍କାର ତିଆରି ହୋଇଥିବା କୁହାଯାଏ ।

ରତ୍ନବେଦୀରେ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ ସବୁବର୍ଗର ଭକ୍ତ ଦର୍ଶନ କରିପାରୁନଥିବାରୁ ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ କରାଇବା ପାଇଁ ବଡ଼ ତଡ଼ାଉ ରାଜାଙ୍କୁ ଅନୁମତି ପ୍ରଦାନ କରିଥିଲେ । ବହୁ ବର୍ଷ ଧରି ରଥ ଉପରେ ମହାପ୍ରଭୁଙ୍କୁ ୧୩୮ ପ୍ରକାର ରତ୍ନଖଚିତ ସ୍ୱର୍ଣ୍ଣାଳଙ୍କାର ଲାଗି ହେଉଥିଲା । ଏବେ ଏଥିରେ କିଛିଟା ପରିବର୍ତ୍ତନ ହୋଇଛି । କୀରିଟ, ଶ୍ରୀପୟର, ଶ୍ରୀଭୁଜ, ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳି, ତାବିଜ ମାଳି, ସେବତୀ ମାଳି, କମରପଟି ଭଳି ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇ ଝଟକିଥାନ୍ତି ।

## ଚତୁର୍ମାସରେ ମନା ମାଙ୍ଗଳିକ କାର୍ଯ୍ୟ



ଆଷାଢ଼ ଶୁକ୍ଳ ଏକାଦଶୀରେ ପାଳନ ହୁଏ 'ଦେବଶୟନ' ବା 'ହରିଶୟନ' ଏକାଦଶୀ । ଏହି ଦିନରୁ ଭଗବାନ ବିଷ୍ଣୁ ଚାରି ମାସ ପର୍ଯ୍ୟନ୍ତ ଯୋଗନିଦ୍ରାକୁ ଯାଆନ୍ତି । ତେଣୁ ଏହି ସମୟ ମଧ୍ୟରେ କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ କରାଯାଇ ନ ଥାଏ । ସେହିପରି ଏହି ଦିନରୁ ଚତୁର୍ମାସ ପ୍ରାରମ୍ଭ ହୋଇଥାଏ । ଯାହା ଚାରିମାସ ଧରି ବଳବତ୍ତର ରହିଥାଏ । ଏହି ସମୟ ମଧ୍ୟରେ ବିବାହ, ମୁଣ୍ଡନ, ଗୃହପ୍ରବେଶ ଭଳି କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୁଏ ନାହିଁ । ତେବେ କାର୍ତ୍ତିକ ଶୁକ୍ଳ ଏକାଦଶୀ ବା ଦେବୋତ୍‌ଥାପନ ଏକାଦଶୀ ପରେ ସବୁପ୍ରକାର ଶୁଭକାର୍ଯ୍ୟ ଆରମ୍ଭ ହୋଇଥାଏ । ଅନ୍ୟପଟେ ଚତୁର୍ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାକୁ ଯାଉଥିବାରୁ ଭଗବାନ ଶିବଙ୍କ ପୂଜା ଏହି ମାସଯାକ ଗୁରୁତ୍ୱ ବହନ କରେ । ଶ୍ରାବଣ ମାସରେ ଭଗବାନ ଶିବଙ୍କ ବିଧିବିଧାନ ପୂର୍ବକ ପୂଜାର୍ଚ୍ଚନା କରିବା ଦ୍ୱାରା ସମସ୍ତ ଦୁଃଖ ଓ କଷ୍ଟ ଦୂର ହୋଇଥାଏ । ଏହି ସମୟରେ ଚାତୁର୍ମାସ୍ୟ ବ୍ରତ କରିବା ପାଇଁ ସନାତନ ଶାସ୍ତ୍ରରେ ଉଲ୍ଲେଖ ରହିଛି ।

କୋପା ଆମେରିକା ଫାଇନାଲ ଆଜି

# ରେକର୍ଡ ୧୬ତମ ଟାଇଟଲ୍ ଲକ୍ଷ୍ୟରେ ଆର୍ଜେଣ୍ଟିନା



**ମିଆମି,୧୪।୭(ଏଜେନ୍ସି):** ଆମେରିକାରେ ଚାଲିଥିବା କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନ୍ତିମ ସୋପାନରେ ପହଞ୍ଚିଛି। ମିଆମି ଗାର୍ଡେନ୍ସସ୍ଥିତ ହାର୍ଡରକ୍ ଷ୍ଟାଡିୟମରେ ଭାରତୀୟ ସମୟ ସୋମବାର ସକାଳ ୫.୩୦ରେ ଟାଇଟଲ ପାଇଁ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଓ କଲମ୍ବିଆ ପରସ୍ପରକୁ ଭେଟିବେ। ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଫାଇନାଲରେ ବିଜୟୀ ହେଲେ ରେକର୍ଡ ୧୬ଥର ପାଇଁ ଚାମ୍ପିଅନ ହେବ ଓ ଟୁର୍ଣ୍ଣାମେଣ୍ଟର ସଫଳତମ ଦଳ ବିବେଚିତ ହେବ। ଏପର୍ଯ୍ୟନ୍ତ ଫିଫା ବିଶ୍ୱକପ୍ ଚାମ୍ପିଅନ ଆର୍ଜେଣ୍ଟିନା ଓ ଉରୁଗୁଏ ୧୫ଥର ଲେଖାଏ ଚାମ୍ପିଅନ ହୋଇ ଯୁଗ୍ମ ଭାବେ ସଫଳତମ ଦଳ ବିବେଚିତ ହେଉଛନ୍ତି। ଟୁର୍ଣ୍ଣାମେଣ୍ଟର ଏହି ୪୮ତମ ସଂସ୍କରଣରେ ଟାଇଟଲ ଜିତି ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି ବଡ଼ ଉପଲବ୍ଧୀ ହାସଲ କରିବାକୁ ପ୍ରୟାସ କରିବେ। ଦକ୍ଷିଣ ଆମେରିକାର ସର୍ବବୃହତ୍ ତଥା ବିଶ୍ୱର ତୃତୀୟ ସର୍ବାଧିକ ଲୋକପ୍ରିୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟଥର ପାଇଁ ଏହି ଦକ୍ଷିଣ ଆମେରିକା ବାହାରେ ଆୟୋଜନ ହେଉଛି। ଏଥର ସଫଳ ହେଲେ ଆର୍ଜେଣ୍ଟିନା କ୍ରମାଗତ ଭାବେ ତୃତୀୟ ମେଜର ଟାଇଟଲ ଜିତିବ। ପୂର୍ବରୁ ଆର୍ଜେଣ୍ଟିନା ଗତ ୨୦୨୧ ସଂସ୍କରଣରେ ବ୍ରାଜିଲକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏହାପରେ ୨୦୨୨ରେ କତାରରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ରେ ଫ୍ରାନ୍ସକୁ ପେନାଲ୍ଟି ସୁଟ୍ ଆଉଟ୍‌ରେ ହରାଇ ଚାମ୍ପିଅନ ହୋଇଥିଲା। ତେଣୁ ଆର୍ଜେଣ୍ଟିର କ୍ରମାଗତ ତୃତୀୟ ମେଜର ଟାଇଟଲ ହାସଲ କରିବାର ସୁଯୋଗ ହାତଛଡ଼ା କରିବ ନାହିଁ। ଅନ୍ୟପଟେ କଲମ୍ବିଆ ୨୦୦୧ରେ ପ୍ରଥମ ଓ ଶେଷଥର ପାଇଁ ଟାଇଟଲ ହାସଲ କରିଥିଲା। ଆର୍ଜେଣ୍ଟିନା ୧୪ଥର ଉପବିଜେତା ରହିଥିବାବେଳେ ୫ଥର ତୃତୀୟ ଓ ୨ଥର ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସେହିପରି କଲମ୍ବିଆ ଥରେ ରନର୍ସଅପ୍ ହୋଇଥିବା ବେଳେ ୫ଥର ତୃତୀୟ ଓ ୨ଥର ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଫିଫା ମାନ୍ୟତାରେ ଆର୍ଜେଣ୍ଟିନା ଶୀର୍ଷ ତଥା ନଂ୧ ସ୍ଥାନରେ ରହିଥବା ବେଳେ କଲମ୍ବିଆ ଦ୍ୱାଦଶ ସ୍ଥାନରେ ରହିଛି।

## ଅପରାଜେୟ ରହିଛନ୍ତି ଦୁଇ ଦଳ

ଟୁର୍ଣ୍ଣାମେଣ୍ଟରେ ଆର୍ଜେଣ୍ଟିନା ତା'ର ସବୁ ମ୍ୟାଚ୍‌ରେ ବିଜୟୀ ହୋଇ ଅପରାଜେୟ ରହିଛି। ଗ୍ରୁପ୍ ଏ'ରେ ଆର୍ଜେଣ୍ଟିନା ୩ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟ ହାସଲ କରି ଶୀର୍ଷରେ ରହିବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଆର୍ଜେଣ୍ଟିନା କାନାଡାକୁ ୨-୦ ଗୋଲରେ, ଚିଲିକୁ ୧-୦ ଗୋଲରେ ଓ ପେରୁକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଏହାପରେ ଆର୍ଜେଣ୍ଟିନା କ୍ୱାର୍ଟର ଫାଇନାଲରେ ଇକ୍ୱେଡରଙ୍କୁ ପେନାଲ୍ଟି ସୁଟ୍ ଆଉଟ୍‌ରେ ୧(୪) -୧(୨) ଗୋଲରେ ପରାସ୍ତ କରିବା ପରେ ସେମିଫାଇନାଲରେ ୨-୦ ଗୋଲରେ କାନାଡାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଅପରପକ୍ଷରେ କଲମ୍ବିଆ ଗ୍ରୁପ୍ ଡି'ରେ ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇଁ ଶୀର୍ଷରେ ରହି କ୍ୱାର୍ଟରକୁ ଉଠିଥିଲା। କ୍ୱାର୍ଟରରେ କଲମ୍ବିଆ ୫-୦ ଗୋଲରେ ପାନାମାକୁ ପରାସ୍ତ କରିବା ପରେ ସେମିରେ ଉରୁଗୁଏକୁ ୧-୦ ଗୋଲରେ ହରାଇ ଫାଇନାଲ ଟିକଟ ହାସଲ କରିଥିଲା।

## ସପ୍ତମ ମେଜର ଫାଇନାଲ ଖେଳିବେ ମେସି

ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି କ୍ୟାରିୟରର ସପ୍ତମ ମେଜର ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳି ରେକର୍ଡ କରିବେ। ଫାଇନାଲ ମ୍ୟାଚ୍ ଖେଳି ସେ ଫୁଟବଲ ଇତିହାସର ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ଗୌରବ ଅର୍ଜନ କରିବେ। ଅନ୍ୟପଟେ କଲମ୍ବିଆ ଏପର୍ଯ୍ୟନ୍ତ କ୍ରମାଗତ ୨୮ ମ୍ୟାଚ୍‌ରେ ଅପରାଜେୟ ରହି ବିଶ୍ୱ ରେକର୍ଡ କରିଛି। କଲମ୍ବିଆ ଦ୍ୱିତୀୟ ଓ ଆର୍ଜେଣ୍ଟିନା ୧୬ତମ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛନ୍ତି। ଫାଇନାଲ ମୁକାବିଲାରେ ମୁଖ୍ୟତଃ ଦୁଇଜଣ ଖେଳାଳିଙ୍କ ଉପରେ ସମସ୍ତଙ୍କ ନଜର ରହିବ। ସୁପରଷ୍ଟାର ଲିଓନେଲ ମେସି ଓ କଲମ୍ବିଆର ଜେମ୍ସ ରୋଡ୍ରିଗ୍ୱେଜଙ୍କ ପ୍ରଦର୍ଶନ ଫୋକସରେ ରହିବ। କଲମ୍ବିଆର ବିଜୟଯାତ୍ରାରେ ରୋଡ୍ରିଗ୍ୱେଜଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି।

## ଆର୍ଜେଣ୍ଟିନା ସପକ୍ଷରେ ରେକର୍ଡ

କଲମ୍ବିଆ ବିପକ୍ଷରେ ଆର୍ଜେଣ୍ଟିନାର ରେକର୍ଡ ଜବରଦସ୍ତ ରହିଛି। ଦୁଇ ଦଳ ପରସ୍ପରକୁ ୪୩ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭେଟିଛନ୍ତି। ଏଥିରେ ଆର୍ଜେଣ୍ଟିନା ୨୬ଥର ବିଜୟୀ ହୋଇଥିବା ବେଳେ କଲମ୍ବିଆ ୯ଥର ବାଜି ମାରିଛି। ୮ଟି ମ୍ୟାଚ୍ ଆମୀମାଂସିତ ଭାବେ ଶେଷ ହୋଇଛି। ୨୦୨୧ କୋପା ଆମେରିକାରେ ଆର୍ଜେଣ୍ଟିନା ସେମିଫାଇନାଲରେ କଲମ୍ବିଆକୁ ପେନାଲ୍ଟି ସୁଟ୍ ଆଉଟ୍‌ରେ ୩-୨ ଗୋଲରେ ହରାଇଥିଲା। ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିବା ପରେ ଆର୍ଜେଣ୍ଟିନା ପେନାଲ୍ଟି ସୁଟ୍‌ଆଉଟ୍‌ରେ ବାଜି ମାରିଥିଲା। ୨୦୧୯ କୋପା ଆମେରିକାରେ କଲମ୍ବିଆ ଶେଷଥର ପାଇଁ ଆର୍ଜେଣ୍ଟିନାକୁ ୨-୦ ଗୋଲରେ ହରାଇଥିଲା।

**ଆର୍ଜେଣ୍ଟିନା-କଲମ୍ବିଆ ଫାଇନାଲ**

**ସମୟ: ସକାଳ ୫.୩୦**

**ସ୍ଥାନ: ମିଆମି ଗାର୍ଡେନ୍ସ, ଫ୍ଲୋରିଡା**

## କାନାଡାକୁ ହରାଇ ଉରୁଗୁଏ ତୃତୀୟ



**ନର୍ଥକାରୋଲିନା,୧୪।୭(ଏଜେନ୍ସି):** ଚଳିତ କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୧୫ଥର ଟାଇଟଲ ଜିତି ଅନ୍ୟତମ ସଫଳ ଦଳ ବିବେଚିତ ହେଉଥିବା ଉରୁଗୁଏ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ସ୍ଥାନୀୟ ବ୍ୟାଙ୍କ ଅଫ୍ ଆମେରିକା ଷ୍ଟାଡିୟମରେ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ଉରୁଗୁଏ ପେନାଲ୍ଟି ସୁଟ୍ ଆଉଟ୍‌ରେ ପଦାର୍ପଣ କରିଥିବା କାନାଡାକୁ ୪-୩ ଗୋଲରେ ପରାସ୍ତ କରି ବାଜି ମାରିଛି। ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିବା ଫଳରେ ଫଳାଫଳ ପାଇଁ ପେନାଲ୍ଟି ସୁଟ୍ ଆଉଟର ସହାୟତା ନିଆଯାଇଥିଲା। ଏଥରକୁ ମିଶାଇ ଉରୁଗୁଏ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୧୧ଥର ପାଇଁ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

# ଗାଏକୱାଡ୍‌ଙ୍କୁ ୧ କୋଟି ସହାୟତା ଦେଲା ବିସିସିଆଇ



**ମୁମ୍ବଇ, ୧୪।୭ (ଏଜେନ୍ସି):** ମାରାତ୍ମକ ରକ୍ତ କର୍କଟ ରୋଗରେ ପୀଡ଼ିତ ଥିବା ପୂର୍ବ ଭାରତୀୟ କ୍ରିକେଟର୍ ଅଂଶୁମାନ ଗାଏକୱାଡ୍‌ଙ୍କୁ ସହାୟତା କରିବାକୁ ଶେଷରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଗେଇ ଆସିଛି। ୭୧ ବର୍ଷୀୟ ଗାଏକ୍ୱାଡ୍‌ଙ୍କୁ ତୁରନ୍ତ ଏକ କୋଟି ଟଙ୍କାର ଆର୍ଥିକ ସହାୟତା ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ ଯୋଗାଇ ଦିଆଯାଇଛି। ରବିବାର ବିସିସିଆଇ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, 'ଆପେକ୍ସ କାଉନସିଲ୍ ବୈଠକ ପରେ ସମ୍ପାଦକ ଜୟ ଶାହ ପ୍ରାକ୍ତନ କ୍ରିକେଟର୍ ଅଂଶୁମାନ ଗାଏକୱାଡଙ୍କ ଚିକିତ୍ସା ଲାଗି ୧ କୋଟି ଟଙ୍କାର ସହାୟତା ତତ୍କାଳ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଂଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କ ସହ ଶାହ କଥା ହୋଇଛନ୍ତି।'

ଉଲ୍ଲେଖଯୋଗ୍ୟ, ୨୭ ଡିସେମ୍ବର ୧୯୭୪ରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ମ୍ୟାଚ ଖେଳି ଅଂଶମାନ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟର ଆରମ୍ଭ କରିଥିଲେ। ଏହି ଡାହାଣହାତୀ ବ୍ୟାଟର୍ ୧୯୮୭ ପର୍ଯ୍ୟନ୍ତ ଭାରତୀୟ ଦଳ ପକ୍ଷରୁ ଖେଳି ୪୦ ଟେଷ୍ଟ ଓ ୧୫ ଏକଦିବସୀୟ ମ୍ୟାଚରେ ଯଥାକ୍ରମେ ୧୯୮୫ ଓ ୨୬୯ ରନ ସଂଗ୍ରହ କରିଥିଲେ। ନିକଟରେ ୧୯୮୩ ବିଶ୍ୱକପ ବିଜୟୀ ଅଧିନାୟକ କପିଳ ଦେବ କର୍କଟ ପୀଡ଼ିତ ଅଂଶୁମାନଙ୍କୁ ସହାୟତା ପ୍ରଦାନ କରିବା ଲାଗି ପ୍ରଥମେ ସ୍ୱର ଉତ୍ତୋଳନ କରିଥିଲେ। ଏଭଳି ଦୁର୍ଦ୍ଦିନ ସମୟରେ ବିବିସିଆଇ ପ୍ରାକ୍ତନ କ୍ରିକେଟର୍‌ଙ୍କ ସହ ଛିଡ଼ା ହେବାକୁ ସେ ଅନୁରୋଧ କରିଥିଲେ।

ମହିଳା ଏସିଆ କପ୍

# ଦୁଲାଲ ଭାରତୀୟ ଦଳ ମ୍ୟାନେଜର



**କଟକ/ ସମ୍ବଲପୁର,୧୪।୭ (ସମିସ):** ଚଳିତ ମାସ ୧୯ ତାରିଖରୁ ଶ୍ରୀଲଙ୍କାରେ ଆରମ୍ଭ ହେବ ମହିଳା ଏସିଆ କପ୍। ଭାରତ ସମେତ ଏସିଆ ମହାଦେଶର ୮ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଭାରତୀୟ ମହିଳା କ୍ରିକେଟ ଦଳର ମ୍ୟାନେଜର ଭାବେ ଓଡ଼ିଶାର ଦୁଲାଲ ଚନ୍ଦ୍ର ପ୍ରଧାନଙ୍କୁ ବିସିସିଆଇ ନିଯୁକ୍ତ କରିଛି। ୧୬ ତାରିଖରେ ଭାରତୀୟ ଦଳ ଚେନ୍ନଇରୁ ଶ୍ରୀଲଙ୍କା ଅଭିମୁଖେ ଯାତ୍ରା କରିବ। ଦଳ ସହ ଓଡ଼ିଆ କ୍ରୀଡ଼ା ସଙ୍ଗଠକ ଦୁଲାଲ ମଧ୍ୟ ଯାତ୍ରା କରିବେ। ପ୍ରକାଶଥାଉକି, ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଙ୍ଘର ଜଣେ ସକ୍ରିୟ ସଦସ୍ୟ ଦୁଲାଲ। କ୍ରିକେଟ ସଂଘ ସହ ଦୀର୍ଘବର୍ଷ ହେବ ସେ ଜଡ଼ିତ ରହିଛନ୍ତି। ଏସିଆ କପ୍ ନିମନ୍ତେ ସପୋର୍ଟ ଷ୍ଟାଫ ଚୟନ ପୂର୍ବରୁ ଓଡ଼ିଶାରୁ ଜଣେ ସଦସ୍ୟଙ୍କୁ ଦଳରେ ସାମିଲ କରିବା ପାଇଁ ଓସିଏ ସମ୍ପାଦକ ସଞ୍ଜୟ ବେହେରା ବିସିସିଆଇ ନିକଟରେ ନିବେଦନ କରିଥିଲେ। ଦୁଲାଲଙ୍କୁ ବିଭିନ୍ନବର୍ଗରୁ ଶୁଭେଚ୍ଛା ଜଣାଯାଇଛି।

ଜାତୀୟ କନିଷ୍ଠ ପୂର୍ବାଞ୍ଚଳ ହକି ଆରମ୍ଭ

# ଓଡ଼ିଶା ମହିଳା ୧୭-୦, ପୁରୁଷ ୧୩-୦ରେ ବିଜୟୀ

**ଭୁବନେଶ୍ୱର, ୧୪।୭ (ସମିସ):** ହକି ଇଣ୍ଡିଆ ଆନୁକୂଲ୍ୟରେ ରବିବାରଠାରୁ କୋଲକାତାରେ ପୂର୍ବାଞ୍ଚଳ କନିଷ୍ଠ (୧୯ ବର୍ଷରୁ କମ୍) ପୁରୁଷ ଓ ମହିଳା ହକି ଚାମ୍ପିଅନସିପ୍‌ର ୨ୟ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ବଡ଼ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଓଡ଼ିଶା ମହିଳା କନିଷ୍ଠ ଦଳ ୧୭-୦ରେ ଆସାମକୁ ଏବଂ କନିଷ୍ଠ ପୁରୁଷ ଦଳ ୧୩-୦ ଗୋଲରେ ମଧ୍ୟ ଆସାମ ଦଳକୁ ପରାସ୍ତ କରିଛି।

ସଲ୍ଟଲେକ୍‌ସ୍ଥିତ ନେତାଜୀ ସୁବାଷ ଇଷ୍ଟର୍ନ ସେଣ୍ଟରରେ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚରେ ଓଡ଼ିଶା ୧୩-୦ ଗୋଲରେ ଏକପାଖିଆ ଭାବେ ଆସାମକୁ ପରାସ୍ତ କରିଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଆର୍ଯ୍ୟନ ଖେସ୍ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ଦେଓନାଥ ନାନୱାର, କରଣ ଲାକ୍ରା, ରୋହିତ୍ କୁଲୁ, ସୁନିଲ ଲାକ୍ରା ୨ଟି ଲେଖାଏ ଏବଂ ପ୍ରଦୀପ ମଣ୍ଡଳ ଓ ସୁରେଶ ଶର୍ମାଙ୍କ ଷ୍ଟିକରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଅପରପକ୍ଷରେ ମହିଳା ବିଭାଗରେ ମଧ୍ୟ ଓଡ଼ିଶାର ମୁକାବିଲା ଆସାମ ସହ ହୋଇଥିଲା। ଏଥିରେ ଅନୁଷ୍କା ଭାୱରେ ଓ ଭୋଇ ଡଲିଙ୍କ ହ୍ୟାଟ୍ରିକ ବଳରେ ଓଡ଼ିଶା ୧୭-୦ ଗୋଲରେ ବୃହତ୍ ବିଜୟ ଲାଭ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅମୀଷା ଏକ୍କା, କୁଜୁର ରମ୍ପା, ଯଶୋଦା ୨ଟି ଲେଖାଏ ଗୋଲସ୍କୋର କରିଥିଲେ। ମହିଳା ବିଭାଗରେ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଝାଡ଼ଖଣ୍ଡ ୪-୧ ଗୋଲରେ ମଣିପୁରକୁ, ଆୟୋଜକ ବେଙ୍ଗଲ ୭-୦ ଗୋଲରେ ବିହାରକୁ ପରାସ୍ତ କରିଛି। ଜୁଲାଇ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷବର୍ଗରେ ୬ଟି ଲେଖାଏ ଦଳ ଅଂଶଗ୍ରହଣ କରିଛନ୍ତି।

୧୯ ବର୍ଷରୁ କମ୍ ବାଳକ ଏକଦିବସୀୟ କ୍ରିକେଟ

# ବିରଞ୍ଚିଙ୍କୁ ୫ ୱିକେଟ; କେନ୍ଦ୍ରାପଡ଼ା ବିଜୟୀ

**କଟକ,୧୪।୭(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୁପରଲିଗ୍ ପର୍ଯ୍ୟାୟ ଆରମ୍ଭ ହୋଇଛି। ରବିବାର ଖେଳାଯାଇଥିବା ୪ଟି ମ୍ୟାଚ୍‌ରେ କେନ୍ଦ୍ରାପଡ଼ା, ଅବଶିଷ୍ଟ ଓଡ଼ିଶା-ସି, କଟକ-ଏ ଏବଂ ଖୋର୍ଦ୍ଧା ବିଜୟୀ ହୋଇଛନ୍ତି। ସନସାଇନ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ା ୪୮ ରନରେ ଭୁବନେଶ୍ୱର-ଏ'କୁ ହରାଇଥିଲା।

ଭୁବନେଶ୍ୱର-ଏ ଟସ୍ ଜିତି କେନ୍ଦ୍ରାପଡ଼ାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଦଳ ୮ ୱିକେଟ ବିନିମୟରେ ୧୯୦ ରନ ସଂଗ୍ରହ କରିଥିଲା। ଶିଶିର ପଟ୍ଟନାୟକ ସର୍ବାଧିକ ୫୨ ରନ, କ୍ରୀଷ୍ଣା ମହାନ୍ତି ୪୨ ରନର ଅପରାଜିତ ପାଳି ଖେଳିଥିଲେ। ଭୁବନେଶ୍ୱର-ଏ ପକ୍ଷରୁ ଶୁଭକାନ୍ତ ପରିଡା ଏବଂ ସେଖ୍ ନକିବ ଯଥାକ୍ରମେ ୩ଟି ଏବଂ ୨ଟି ୱିକେଟ ଦଖଲ କରିଥିଲେ। ଜବାବରେ ଭୁବନେଶ୍ୱର-ଏ ୧୩୯ ରନରେ ଅଲଆଉଟ ହୋଇଥିଲା। ଶୁଭାଶିଷ ମଲ୍ଲିକ ସର୍ବାଧିକ ୩୫ରନ କରିଥିଲେ। କେନ୍ଦ୍ରାପଡା ତରଫରୁ ବିରଞ୍ଚି ୨୧ ରନ ବ୍ୟୟ କରି ୫ଟି ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନୀଲ କୁମାର ମଲ୍ଲିକଙ୍କୁ ୩ଟି ୱିକେଟ ମିଳିଥିଲା। ସେହିଭଳି ବିଡାନାସୀ ଗ୍ରାଉଣ୍ଡରେ ଅବଶିଷ୍ଟ ଓଡ଼ିଶା-ସି ଦଳ ୮ ୱିକେଟରେ ସମ୍ବଲପୁର-ଏକୁ ପରାସ୍ତ କରିଛି। ସନ୍ତୋଷ ଶର୍ମାଙ୍କ ୪୮ ରନ ସହାୟତାରେ ସମ୍ବଲପୁର-ଏ ସମସ୍ତ ୱିକେଟ ହରାଇ ୧୪୩ ରନ କରିଥିଲା। ଅବଶିଷ୍ଟ ଓଡ଼ିଶା-ସିର ପିୟୂଷ ପାଣିଗ୍ରାହୀ ୪ ରନ ବିନିମୟରେ ୩ଟି ୱିକେଟ ହାସଲ କରିଥିଲେ। ୧୪୪ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଅବଶିଷ୍ଟ ଓଡ଼ିଶା-ସି ୨୮ ଓଭର ଖେଳ ଶେଷ ସୁଦ୍ଧା ୨ ୱିକେଟ ହରାଇ ୧୩୩ ରନ କରିଥିଲା। ଏହି ସମୟରେ ବର୍ଷା ଯୋଗୁଁ ମ୍ୟାଚ୍ ବନ୍ଦ ରହିଥିଲା। ଡିଏଲଏସ୍ ପଦ୍ଧତିରେ ଅବଶିଷ୍ଟ ଓଡ଼ିଶା-ସି'କୁ ବିଜୟୀ ଘୋଷିତ କରାଯାଇଥିଲା। ଦଳ ପକ୍ଷରୁ ସାର୍ଥକ ସ୍ୱଙ୍ଗ ପ୍ରକାଶ ସର୍ବାଧିକ ୭୪ରନ କରିଥିଲେ। ତିନି ୱିକେଟ ଅକ୍ତିଆର କରିଥିବା ପିୟୂଷ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।

ରେଭେନ୍ସା ଗ୍ରାଉଣ୍ଡ-୧ରେ କଟକ-ଏ ୭ ୱିକେଟରେ ଯାଜପୁରକୁ ପରାସ୍ତ କରିଛି। ଯାଜପୁରର ଇନିଂସ ୯୩ ରନରେ ସୀମିତ ରହିଥିଲା। କଟକ-ଏ ତରଫରୁ ସମ୍ବିତ ବେଜା ଏବଂ ପ୍ରିୟାଂଶୁ ମହାନ୍ତିଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା। ଜବାବରେ ୨୪ତମ ଓଭରରେ ଦୁଇ ୱିକେଟ ହରାଇ କଟକ-ଏ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ବୋଲିଂରେ ସଫଳତା ସହ ଅପରାଜିତ ୪୨ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିବା ସମ୍ବିତ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଡ୍ରିମସ ଗ୍ରାଉଣ୍ଡରେ ଖୋର୍ଦ୍ଧା ୯ ୱିକେଟରେ ଅବଶିଷ୍ଟ ଓଡ଼ିଶା-ଡି'କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଅବଶିଷ୍ଟ ଓଡ଼ିଶା-ଡି ୬୯ରନରେ ଅଲଆଉଟ ହୋଇଥିଲା। ଧ୍ରୁବ ପହରୀ ଅପରାଜିତ ୨୪ରନ କରିଥିଲେ। ଖୋର୍ଦ୍ଧା ପକ୍ଷରୁ ବିଘ୍ନେଶ ବେହେରା ଏବଂ ରୁଦ୍ର ପ୍ରସାଦ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ୧୨.୩ ଓଭରରେ ଗୋଟିଏ ୱିକେଟ ହରାଇ ଖୋର୍ଦ୍ଧା ବିଜୟ ପଏଣ୍ଟ ହାସଲ କରିଥିଲା। ଏହି ମ୍ୟାଚରେ ବିଘ୍ନେଶ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।



ବିରଞ୍ଚି ନାରାୟଣ ସ୍ୱାଇଁ



ବିଘ୍ନେଶ ବେହେରା



ପିୟୂଷ ପାଣିଗ୍ରାହୀ



ସାର୍ଥକ ସ୍ୱଙ୍ଗ ପ୍ରକାଶ

# ପାକିସ୍ତାନ ପୂର୍ବତନ କ୍ରିକେଟର ବିଲି ଇବାଦୁଲ୍ଲାଙ୍କ ପରଲୋକ



**କରାଚୀ,୧୪।୭(ଏଜେନ୍ସି):** ପାକିସ୍ତାନ ପୂର୍ବତନ କ୍ରିକେଟର ତଥା ଅଲରାଉଣ୍ଡର ଖଲିଦ୍ ବିଲି ଇବାଦୁଲ୍ଲା ୮୮ ବର୍ଷରେ ପରଲୋକଗମନ କରିଛନ୍ତି। ୧୯୬୪ରୁ ୧୯୬୭ ମଧ୍ୟରେ ବିଲି ୪ଟି ଟେଷ୍ଟ ଖେଳିଥିଲେ। ପ୍ରଥମ ପାକିସ୍ତାନ ବ୍ୟାଟର ଭାବେ ସେ ପଦାର୍ପଣ ଟେଷ୍ଟରେ ଶତକ ହାସଲ କରି ଏକ ବିରଳ ସଫଳତା ଅର୍ଜନ କରିଥିଲେ। ୧୯୬୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ଟେଷ୍ଟ ଖେଳି ସେ ପ୍ରଥମ ପାଳିରେ ୧୬୪ ରନର ଶତକୀୟ ପାଳି ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଦମ୍‌ଦାର ଭାବେ କ୍ୟାରିୟର ଆରମ୍ଭ କରିଥିଲେ ମଧ୍ୟ ସେ ଅନ୍ତର୍ଜାତୀୟ କ୍ରିକେଟରେ ଅଧିକ ଦିନ ତିଷ୍ଠି ପାରିନଥିଲେ। ୧୯୩୫ରେ କରାଚୀରେ ଜନ୍ମଗ୍ରହଣ କରିଥିବା ବିଲି ୪୧୭ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳି ୨୭.୨୮ ହାରରେ ୧୭,୦୭୮ ରନ ସଂଗ୍ରହ କରିଥିଲେ। ସେହିପରି ସେ ୩୦.୯୬ ହାରରେ ୪୬୨ ୱିକେଟ ଅକ୍ତିଆର କରିଥିଲେ। ସେ ମଧ୍ୟ ୬୪ଟି ଲିଷ୍ଟ ଏ ମ୍ୟାଚ୍ ଖେଳିଥିଲେ। ତାଙ୍କ ଦେହାନ୍ତରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଟୁଇଟ୍ କରି ଶୋକ ଜାହିର କରିଛି।

ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଉଦ୍‌ଯାପିତ

# ଓଡ଼ିଶାକୁ ୨୭ ପଦକ: ଜ୍ୟୋତ୍ସ୍ନା, ମୀନା ଶ୍ରେଷ୍ଠ ଭାରୋତ୍ତୋଳିକା



ଟ୍ରଫି ସହ ୩ ଶ୍ରେଷ୍ଠ ଭାରୋତ୍ତୋଳିକା

**ଭୁବନେଶ୍ୱର, ୧୪।୭ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କେନ୍ଦ୍ରରେ ଚାଲିଥିବା ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତା (ଜୋନ୍-ଏ) ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶାର ଭାରୋତ୍ତୋଳିକାମାନେ ବରିଷ୍ଠ, କନିଷ୍ଠ ଓ ଯୁବବର୍ଗରେ ପ୍ରଭାବୀ ପ୍ରଦର୍ଶନ କରି ମୋଟ୍ ୨୭ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଏଥିସହ ଓଡ଼ିଶା ଓଭରଅଲ୍ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି।

ଯୁବବର୍ଗରେ ଓଡ଼ିଶା ୬ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ପଦକ ଜିତିଥିଲା। ସେହିଭଳି କନିଷ୍ଠବର୍ଗରେ ରାଜ୍ୟ ଭାରୋତ୍ତୋଳିକାମାନେ ମୋଟ୍ ୭ଟି ପଦକ ପାଇଥିଲେ। ଯେଉଁଥିରେ ୩ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ଥିଲା। ବରିଷ୍ଠ ବିଭାଗରେ ଓଡ଼ିଶା ୧୦ଟି ପଦକ ଜିତିଥିଲା। ଏଥିରେ ୪ଟି ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ସହ ୨ଟି ରୌପ୍ୟ ପଦକ ସାମିଲ ରହିଛି। ୪୦ କିଗ୍ରା ଓଜନବର୍ଗର ଯୁବ ବିଭାଗରେ ଓଡ଼ିଶାର ଜ୍ୟୋତ୍ସ୍ନା ଶବର ଏବଂ ୫୫ କିଗ୍ରା କନିଷ୍ଠ ବର୍ଗରେ ଓଡ଼ିଶାର ମୀନା ସାନ୍ତା ଶ୍ରେଷ୍ଠ ଭାରୋତ୍ତୋଳିକା ବିବେଚିତ ହୋଇ ଟ୍ରଫି ହାସଲ କରିଛନ୍ତି। ଛତିଶଗଡ଼ର ଜ୍ଞାନେଶ୍ୱରୀ ଯାଦବ ୪୯ କିଗ୍ରା ବରିଷ୍ଠ ବିଭାଗରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଶେଷ ଦିବସରେ କନିଷ୍ଠ ବିଭାଗରେ ଓଡ଼ିଶାର ଅଭିଷିକ୍ତା (୮୭ କିଗ୍ରା), ବରିଷ୍ଠ ବର୍ଗରେ ଶୁଭସ୍ମିତା ମହାନ୍ତି (୮୭ କିଗ୍ରା), କନିଷ୍ଠ ବର୍ଗରେ ମୌସୁମୀ ଦାସ (୮୧ କିଗ୍ରା) ସ୍ୱର୍ଣ୍ଣ ପଦକ ଜିତିଥିଲେ।

ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭା ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଭାରୋତ୍ତୋଳିକାଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଭାରୋତ୍ତୋଳନ ମହାସଂଘର ସାଧାରଣ ସମ୍ପାଦକ ଆନନ୍ଦ ଗୌଡ଼ା, ଓଡ଼ିଶା ସଂଘର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସାଧାରଣ ସମ୍ପାଦକ ଅଲିମ୍ପିଆନ କେ. ରବିକୁମାର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଓଡ଼ିଶା ଭାରୋତ୍ତୋଳନ ସଂଘର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଗତ ୧୧ ତାରିଖରୁ କଳିଙ୍ଗ ଷ୍ଟାଡିୟମରେ ଚାଲିଥିଲା।



ଅତିଥିଙ୍କ ସହ ଓଭରଅଲ୍ ଚାମ୍ପିଅନ୍ ଓଡ଼ିଶା ଦଳ

# ଇଂଲଣ୍ଡ ପୁଣି ନିରାଶ

# ସ୍ପେନ ୟୁରୋକପ୍ ଚାମ୍ପିଅନ

**ବର୍ଲିନ,୧୪।୭ (ଏଜେନ୍ସି):** ଦୀର୍ଘ ୧୨ ବର୍ଷ ପରେ ସମ୍ମାନଜନକ ୟୁରୋକପ୍ ଫୁଟ୍‌ବଲ ଚାମ୍ପିଅନ ହୋଇଛି ସ୍ପେନ। ରବିବାର ରାତିରେ ଖେଳାଯାଇଥିବା ବିଶ୍ୱର ଦ୍ୱିତୀୟ ଶ୍ରେଷ୍ଠ ଫୁଟ୍‌ବଲ ପ୍ରତିଯୋଗିତା ୟୁରୋକପ୍ ୧୭ତମ ସଂସ୍କରଣ ଫାଇନାଲରେ ସ୍ପେନ ୨-୧ ଗୋଲରେ ଗତଥରର ଉପବିଜେତା ଇଂଲଣ୍ଡକୁ ପରାସ୍ତ କରି ରେକର୍ଡ ସର୍ବାଧିକ ୪ର୍ଥଥର ଲାଗି ଚାମ୍ପିଅନ ହୋଇଛି। ଅପରପକ୍ଷରେ ଇଂଲଣ୍ଡ କ୍ରମାଗତ ୨ୟଥର ଲାଗି ୟୁରୋକପ୍ ଫାଇନାଲରେ ଉପବିଜେତାରେ ସନ୍ତୁଷ୍ଟ ରହିଛି। ୨୦୨୦ରେ ଅନୁଷ୍ଠିତ ଗତ ସଂସ୍କରଣରେ ଇଂଲଣ୍ଡ ଘରୋଇ ପରିବେଶରେ ୱିମ୍ବଲି ଷ୍ଟାଡିୟମରେ ଇଟାଲୀଠାରୁ ପେନାଲ୍ଟି ସୁଟ୍ ଆଉଟରେ ୨-୩ ଗୋଲରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।



### ଗୋଲଶୂନ୍ୟ ପ୍ରଥମାର୍ଦ୍ଧ

ଜର୍ମାନୀର ରାଜଧାନୀ ବର୍ଲିନସ୍ଥିତ ଅଲିମ୍ପିଆଷ୍ଟାଡିଅନରେ ଖେଳାଯାଇଥିବା ଏହି ହାଇଭୋଲଟେଜ ଫାଇନାଲ ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଇଂଲଣ୍ଡ ବିଶ୍ୱମାନ୍ୟତାର ୫ମ ଓ ସ୍ପେନ ୮ମ ସ୍ଥାନରେ ରହିଥିବାରୁ ଆଶାନୁଯାୟୀ ପ୍ରଥମାର୍ଦ୍ଧ ଦୁଇ ଦଳ ମଧ୍ୟ କଡ଼ା ଟକ୍କର ହୋଇଥିଲା। ଉଭୟ ଦଳ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଗୋଲରେ ପରିଣତ କରିପାରି ଥିଲେ।

### ନିର୍ଣ୍ଣାୟକ ଦ୍ୱିତୀୟାର୍ଦ୍ଧ

ତେବେ ମ୍ୟାଚର ଦ୍ୱିତୀୟାର୍ଦ୍ଧ ବେଶ୍ ରୋମାଞ୍ଚକ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବାମାତ୍ରେ ସ୍ପେନ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ୪୭ତମ ମିନିଟ୍‌ରେ ନିକୋ ୱିଲିୟମ ଗୋଲ୍ ଦେଇ ସ୍ପେନକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ଇଂଲଣ୍ଡ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ମ୍ୟାଚର ୭୩ତମ ମିନିଟ୍‌ରେ ସାକାଙ୍କ ନିକଟରୁ ପାଇଥିବା ପାସ୍‌କୁ କୌଣସି ତ୍ରୁଟି ନ କରି କୋଲେ ପାଲ୍‌ମର ବଲ୍‌କୁ ସ୍ପେନ ନେଟ୍ସ ମଧ୍ୟକୁ ପଠାଇଦେଇଥିଲେ। ଫଳରେ ମ୍ୟାଚ୍ ୧-୧ ବରାବର୍‌ସ୍ଥିତିକୁ ଚାଲିଆସିଥିଲା। ମ୍ୟାଚ ଶେଷ ହେବାକୁ ୪ ମିନିଟ୍ ବାକି ଥିବାବେଳେ ମାଇକେଲ୍ ଓୟାରଜାବଲ୍ ସ୍ପେନ ପାଇଁ ବିଜୟସୂଚକ ୨ୟ ଗୋଲଟି ଦେଇଥିଲେ। ଇଂଲଣ୍ଡ ବଳକା ସମୟରେ ଗୋଲ୍ ପ୍ରତିଶୋଧ କରିବାକୁ ଆପ୍ରଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ଫଳରେ ସ୍ପେନ ୨-୧ ଗୋଲରେ ଶେଷରେ ୧୨ ବର୍ଷପରେ ଚାମ୍ପିଅନ ହୋଇଥିଲା। ଏଥିପୂର୍ବରୁ ସ୍ପେନ ୧୯୬୪, ୨୦୦୮ ଓ ୨୦୧୨ରେ ଟ୍ରଫି ଜିତିଥିଲା। ଅପରପକ୍ଷରେ ଇଂଲଣ୍ଡ ୨୦୨୦ ପରେ ପୁଣିଥରେ ଏହି ମେଗା ଇଭେଣ୍ଟରେ ଉପବିଜେତା ହୋଇଛି। ଇଂଲଣ୍ଡ ଶେଷଥର ଲାଗି ୧୯୬୬ରେ ଏକ ମେଜର ଟ୍ରଫି (ଫିଫା ବିଶ୍ୱକପ୍) ଜିତିଥିଲା। ଫାଇନାଲ ମ୍ୟାଚ୍ ଦେଖିବାକୁ ପାଖାପାଖି ୫୦,୦୦୦ ଇଂଲଣ୍ଡ ପ୍ରଶଂସକ ବର୍ଲିନ ଆସିଥିଲେ।

### ୱିମ୍ବଲଡନ ପରେ ୟୁରୋକପ୍ ଖୁସି

ରବିବାର ସ୍ପେନ କ୍ରୀଡ଼ାଜଗତ ପାଇଁ ବେଶ୍ ସ୍ମରଣୀୟ ମୁହୂର୍ତ୍ତ ଥିଲା। ସନ୍ଧ୍ୟାରେ ୱିମ୍ବଲଡନ ଟେନିସ ପୁରୁଷ ଏକକ ଫାଇନାଲରେ ନୋଭାକ ଜୋକୋଭିଚ୍‌ଙ୍କୁ ପରାସ୍ତକରି ସ୍ପେନର କାର୍ଲୋସ ଆଲ୍‌କାରାଜ ଚାମ୍ପିଅନ ହୋଇଥିଲେ। ଫଳରେ ସ୍ପେନବାସୀ ସନ୍ଧ୍ୟାରେ ପ୍ରଥମ ସେଲିବ୍ରେସନ କରିଥିଲେ। ଏହାର କିଛି ଘଣ୍ଟା ପରେ ୟୁରୋକପ୍‌ରେ ଇଂଲଣ୍ଡକୁ ହରାଇ ସ୍ପେନ ୪ର୍ଥ ଥର ଲାଗି ଚାମ୍ପିଅନ ହୋଇ ଦେଶକୁ ଦ୍ୱିତୀୟ ଟ୍ରଫି ଭେଟି ଦେଇଥିଲା।

## ପେଲେଙ୍କ ୬୬ ବର୍ଷର ରେକର୍ଡ ଭାଙ୍ଗିଲେ ଲାମିନେ

**ବର୍ଲିନ,୧୪।୭ (ଏଜେନ୍ସି):** ସ୍ପେନର ଯୁବ ଫୁଟବଲର୍ ଲାମିନେ ୟାମଲ ସର୍ବକନିଷ୍ଠ ଖେଳାଳି ଭାବେ କୌଣସି ମେଜର ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ରାତିରେ ଇଂଲଣ୍ଡ ବିପକ୍ଷ ୟୁରୋକପ୍ ଫାଇନାଲ ମ୍ୟାଚ୍ ଖେଳିବା ଲାଗି ପଡ଼ିଆକୁ ପ୍ରବେଶ କରିବା ପରେ ଲାମିନେ ଏହି ରେକର୍ଡ ହାସଲ କରିଥିଲେ। ଫାଇନାଲ ମ୍ୟାଚ୍ ଖେଳିବା ସମୟରେ ଲାମିନେଙ୍କୁ ୧୭ ବର୍ଷ ଗୋଟିଏ ଦିନ ହୋଇଥିଲା। ଅର୍ଥାତ୍ ସେ ଶନିବାର ୧୭ ବର୍ଷରେ ପାଦ ଥାପିଥିଲେ। ଏହିକ୍ରମରେ ଲାମିନେ ବ୍ରାଜିଲର କିମ୍ବଦନ୍ତୀ ଖେଳାଳି ପେଲେଙ୍କୁ ପଛରେ ପକାଇଦେଇଛନ୍ତି। ପେଲେ ୧୯୫୮ ଫିଫା ବିଶ୍ୱକପ୍ ଫାଇନାଲ ଖେଳିବା ସମୟରେ ତାଙ୍କୁ ୧୭ ବର୍ଷ ୨୪୯ ଦିନ ହୋଇଥିଲା। ସେବେଠାରୁ ଦୀର୍ଘ ୬୬ ବର୍ଷ ଧରି ପେଲେଙ୍କ ନାମରେ ସର୍ବକନିଷ୍ଠ ଖେଳାଳି ଭାବେ ମେଜର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳିବାର ରେକର୍ଡ ରହିଆସିଥିଲା। କିନ୍ତୁ ରବିବାର ଏହି ଦୀର୍ଘ ବର୍ଷର ରେକର୍ଡକୁ ଲାମିନେ ଭାଙ୍ଗିଦେଇଛନ୍ତି। ଲାମିନେ ଚଳିତ ୟୁରୋକପ୍‌ର ଶ୍ରେଷ୍ଠ ଯୁବ ଖେଳାଳି ପୁରସ୍କାର ଜିତିଥିଲେ।



# ଆଲକାରାଜଙ୍କ ଆଧିପତ୍ୟ

- ୨୦୨୩ର ପୁନରାବୃତ୍ତି ଘଟିଲା ୨୦୨୪ରେ
- ପୁଣି ୱିମ୍ବଲଡନ ଫାଇନାଲ୍‌ରେ ଝୁଣ୍ଟିଲେ ଜୋକୋଭିଚ



**ଲଣ୍ଡନ,୧୪।୭(ଏଜେନ୍ସି):** ସ୍ପେନ୍ ଯୁବ ଟେନିସ ତାରକା କାର୍ଲୋସ ଆଲକାରାଜ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ରବିବାର ସ୍ଥାନୀୟ ସେଣ୍ଟର କୋର୍ଟରେ ଅନୁଷ୍ଠିତ ପୁରୁଷ ଏକକ ଫାଇନାଲ ମୁକାବିଲାରେ ତୃତୀୟ ସିଡ୍ ମାନ୍ୟତା ପାଇଥିବା ଆଲକାରାଜ ୬-୨, ୬-୨, ୭-୬ ସେଟ୍‌ରେ ଦ୍ୱିତୀୟ ସିଡ୍ ଅଭିଜ୍ଞ ସର୍ବିଆ ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ପାଇଁ ଟାଇଟଲ ହାସଲ କରିଛନ୍ତି। ଏଥିସହ ୨୧ ବର୍ଷୀୟ ଆଲକାରାଜ ୨୮ କୋଟି ୩୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ହାସଲ କରିଛନ୍ତି। ସେହିପରି ଜୋକୋଭିଚ୍ ୧୪ କୋଟି ୭୦ ଲକ୍ଷ ଟଙ୍କା ପୁରସ୍କାର ଜିତିଛନ୍ତି। ଗତ ୨୦୨୩ ସଂସ୍କରଣ ଫାଇନାଲରେ ମଧ୍ୟ ଦୁଇ ଖେଳାଳି ପରସ୍ପରକୁ ଭେଟିଥିଲେ।

ଗତବର୍ଷ ଆଲକାରାଜ ୧-୬, ୭-୬, ୬-୧, ୩-୬, ୬-୪ ମାରାଥନ ସେଟ୍‌ରେ ଜୋଭୋଭିଚ୍‌ଙ୍କୁ ଫାଇନାଲରେ ହରାଇ ବାଜି ମାରିଥିଲେ। ଗତବର୍ଷ ଆଲକାରାଜଙ୍କୁ କଷ୍ଟ କରିବାକୁ ପଡିଥିଲେ ମଧ୍ୟ ଏଥର ସହଜରେ ବିଜୟୀ ହୋଇଛନ୍ତି। ଏଥିସହ ଆଲକାରାଜ ମୋଟ ଉପରେ ୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ୩୭ ବର୍ଷୀୟ ଜୋକୋଭିଚ୍ ବିଜୟୀ ହୋଇଥିଲେ ୨୫ଟି ଗ୍ରାଣ୍ଡସ୍ଲାମ ହାସଲ କରିଥାନ୍ତେ ଓ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ବିଶ୍ୱ ରେକର୍ଡ କରିବା ସହ ଅଷ୍ଟ୍ରେଲୀୟ ମହିଳା କିମ୍ବଦନ୍ତୀ ମାର୍ଗାରେଟ କୋର୍ଟ (୨୪ ଗ୍ରାଣ୍ଡସ୍ଲାମ ଟାଇଟଲ)ଙ୍କୁ ପଛରେ ପକାଇଥାନ୍ତେ। କେବଳ ସେତିକି ନୁହଁ ସେ ୮ ଥର ୱିମ୍ବଲଡନ ଟାଇଟଲ ହାସଲ କରି ସ୍ୱିଜରଲାଣ୍ଡ ମହାନ ଖେଳାଳି ରୋଜର ଫେଡରରଙ୍କ ସମକକ୍ଷ ହୋଇଥାନ୍ତେ। ତେବେ ଜୋକୋଭିଚ୍‌ଙ୍କ ଏହି ସ୍ୱପ୍ନ ସାକାର ହୋଇପାରି ନାହିଁ। ପ୍ରଥମ ଦୁଇଟି ସେଟ୍‌କୁ ଆଲକାରାଜ ସହଜରେ ହାତେଇ ନେଇଥିଲେ। କିନ୍ତୁ ତୃତୀୟ ତଥା ଅନ୍ତିମ ସେଟ୍ ଜୋଭୋଭିଚ୍ କଡ଼ା ଟକ୍କର ଦେଇଥିଲେ। ଆଲକାରାଜ ପୂର୍ବରୁ ଗତମାସରେ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିବା ସହ ୨୦୨୨ରେ ୟୁଏସ୍ ଓପନ୍ ଟାଇଟଲ ହାସଲ କରିଥିଲେ। ୨୧ ବର୍ଷ କିମ୍ବା ତା'ଠାରୁ କମ୍ ବୟସରେ ସର୍ବାଧିକ ଗ୍ରାଣ୍ଡସ୍ଲାମ (୪ଟି) ଟାଇଟଲ ଜିତି ଆଲକାରାଜ କିମ୍ବଦନ୍ତୀ ଖେଳାଳି ବୋରିସ ବେକର, ବିଜର୍ଣ୍ଣ ବୋର୍ଗ ଓ ମ୍ୟାଟ୍ସ ୱିଲାଣ୍ଡରଙ୍କ ସମକକ୍ଷ ହୋଇଛନ୍ତି।

# ଭାରତ ୪-୧ରେ ସିରିଜ ଜିତିଲା



**ହରାରେ,୧୪।୭(ଏଜେନ୍ସି):** ଯୁବ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ କ୍ରିକେଟ ଦଳ ଜିମ୍ବାୱେ ଗସ୍ତରେ ଏକ ବଡ଼ ସଫଳତା ଅର୍ଜନ କରିଛି। ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ୫ମ ତଥା ଅନ୍ତିମ ଟି-୨୦ ମ୍ୟାଚ୍‌ରେ ଶୁବମାନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ ୪୨ ରନରେ ଘରୋଇ ଜିମ୍ବାୱେକୁ ପରାସ୍ତ କରିଛି। ଏଥିସହ ୫ ମ୍ୟାଚ୍ ବିଶିଷ୍ଟ ଏହି ଟି-୨୦ ସିରିଜରେ ଭାରତ ୪-୧ରେ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଭାରତ ୧୩ ରନରେ ପରାସ୍ତ ହୋଇ ବେଶ୍ ସମାଲୋଚିତ ହେବା ପରେ ଦୃଢ ପ୍ରତ୍ୟାବର୍ତ୍ତନ କରି ବାକି ୪ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ୧୦୦ ରନରେ, ତୃତୀୟ ମ୍ୟାଚ୍‌ରେ ୨୩ ରନରେ, ଚତୁର୍ଥ ମୁକାବିଲାରେ ୧୦ ୱିକେଟରେ ବିଜୟୀ ହୋଇଥିଲା। ସାରା ସିରିଜରେ ଭାରତ ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂରେ ଉନ୍ନତମାନର ପ୍ରଦର୍ଶନ କରିଥିଲା। ୧୨ ବଲରୁ ୨୬ ରନ କରିବା ସହ ମୂଲ୍ୟବାନ ୨ ୱିକେଟ ନେଇଥିବା ଅଲରାଉଣ୍ଡର ଶିବମ ଦୁବେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ୨୮ ରନ କରିବା ସହ ମୋଟ୍ ୮ ୱିକେଟ ନେଇ ୱାଶିଂଟନ ସୁନ୍ଦର ସିରିଜରେ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି।

### ଦୁବେ, ସୁନ୍ଦର ଶ୍ରେଷ୍ଠ ଖେଳାଳି

### ମୁକେଶ କୁମାରଙ୍କ ପ୍ରଭାବୀ ବୋଲିଂ

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୬ ୱିକେଟ ହରାଇ ୧୬୭ ରନ ସଂଗ୍ରହ କରିଥିଲା। ଜବାବରେ ଜିମ୍ବାୱେ ୧୮.୩ ଓଭରରେ ୧୨୫ ରନକରି ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା। ୧୬୮ ରନ ବିଜୟ ଲକ୍ଷ୍ୟର ପିଛା କରି ଘରୋଇ ଦଳ ନିୟମିତ ଅନ୍ତରରେ ୱିକେଟମାନ ହରାଇଥିଲା। ଦଳ ତରଫରୁ ଡିଅନ ମାୟର୍ସ ସର୍ବାଧିକ ୩୪, ତଡିୱାନାସେ ମରୁମାନି ୨୭, ଫରାଜ ଆକ୍ରମ ୨୭ ଓ ବ୍ରାଏନ୍ ବେନେଟ୍ ୧୦ ରନକରି ଆଉଟ ହୋଇଥିବା ବେଳେ ବାକି ୭ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ। ଭାରତ ପାଇଁ ମଧ୍ୟମଗତି ଦ୍ରୁତ ବୋଲର ମୁକେଶ କୁମାର ସର୍ବାଧିକ ୪, ଶିବମ ଦୁବେ ୨, ପଦାର୍ପଣ କରିଥିବା ଦ୍ରୁତ ବୋଲର ତୁଷାର ଦେଶପାଣ୍ଡେ, ୱାଶିଂଟନ ସୁନ୍ଦର ଓ ଅଭିଷେକ ଶର୍ମା ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ସାମ୍‌ସନ୍‌ଙ୍କ ଅର୍ଦ୍ଧଶତକ

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ତରଫରୁ ଅଭିଜ୍ଞ ୱିକେଟରକ୍ଷକ ବ୍ୟାଟର ସଞ୍ଜୁ ସାମସନ ସର୍ବାଧିକ ୫୮ ରନ (୪୫ ବଲ, ୧ ଚୌକା, ୪ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ଯଶସ୍ୱୀ ଜୟସ୍ୱାଲ ୧୨, ଗିଲ ୧୩, ଅଭିଷେକ ଶର୍ମା ୧୪, ରିୟାନ ପରାଗ ୨୨, ଦୁବେ ୨ଟି ଲେଖାଏ ଚୌକା ଓ ଛକା ସହ ୨୬ ରନକରି ଆଉଟ ହୋଇଥିବା ବେଳେ ରିଙ୍କୁ ସିଂ ୧୧ ଓ ସୁନ୍ଦର ୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଜିମ୍ବାୱେ ପାଇଁ ବ୍ଲେସିଂ ମୁଜାରବାନି ୨, ସିକନ୍ଦର ରାଜା, ରିଚାର୍ଡ ଏନ୍‌ଗାରାଭା ଓ ବ୍ରାଣ୍ଡନ ମଭୁତା ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ୧୬୭/୬, ୨୦ ଓଭର।(ସାମସନ- ୫୮, ଦୁବେ- ୨୬, ପରାଗ-୨୨, ମୁଜାରବାନୀ- ୨/୧୯)। ଜିମ୍ବାୱେ ୧୨୫/୧୦, ୧୮.୩ ଓଭର। (ମାୟର୍ସ- ୩୪, ମରୁମାନୀ- ୨୭, ଆକ୍ରାମ- ୨୭, ମୁକେଶ- ୪/୨୨, ଦୁବେ- ୨/୨୫)।

### ଜୟସ୍ୱାଲଙ୍କ ବିଶ୍ୱ ରେକର୍ଡ

ଭାରତୀୟ ପ୍ରାରମ୍ଭିକ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଏକ ବିଶ୍ୱରେକର୍ଡ ସ୍ଥାପନ କରିଛନ୍ତି। ରବିବାର ଅନୁଷ୍ଠିତ ଜିମ୍ବାୱେ ବିପକ୍ଷ ୫ମ ତଥା ଅନ୍ତିମ ଟି-୨୦ ମ୍ୟାଚ୍‌ର ସେ ପ୍ରଥମ ବଲ୍‌ରେ ୧୩ ରନ ସଂଗ୍ରହ କରି ଇତିହାସ ସୃଷ୍ଟି କରିଛନ୍ତି। ସେ ବିଶ୍ୱର ପ୍ରଥମ ବ୍ୟାଟର ପ୍ରଥମ ବଲ୍‌ରେ ବ୍ୟକ୍ତିଗତ ଭାବେ ୧୨ ରନ ସଂଗ୍ରହ କରି ଏହି ସଫଳତା ଅର୍ଜନ କରିଛନ୍ତି। ଜିମ୍ବାୱେ ଅଧିନାୟକ ସିକନ୍ଦର ରାଜା ପ୍ରଥମ ଓଭର ବୋଲିଂ କରିବାକୁ ଆସିଥିଲେ। ପ୍ରଥମ ବଲ୍ ହାଇ ଫୁଲଟସ୍ ଥିଲା। ୨୨ ବର୍ଷୀୟ ଜୟସ୍ୱାଲ ଏହି ବଲ୍‌କୁ ଡିପ୍ ସ୍କୋୟାର ଲେଗ୍ ଉପରେ ଛକା ମାରିଥିଲେ। ଅମ୍ପାୟର କିନ୍ତୁ ଏହାକୁ ନୋ ବଲ୍ ବୋଲି ଘୋଷଣା କରିଥିଲେ। ଫଳରେ ତାଙ୍କୁ ଫ୍ରି ହିଟ୍ ମିଳିଥିଲା। ଏହାର ପର ବଲ୍ ଲେଗ୍ଥ ଡେଲିଭରୀ ଥିଲା। ଜୟସ୍ୱାଲ ଏହାକୁ ସିଧା ଲଙ୍ଗ୍‌ଅନ୍ ଉପରକୁ ମାରି ଆଉ ଏକ ଛକା ମାରିଥିଲେ। ଫଳରେ ଗୋଟିଏ ଅର୍ଥାତ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ସେ କ୍ରମାଗତ ଦୁଇଟି ଛକା ସହାୟତାରେ ନୋବଲ ସମେତ ୧୩ ରନ ସଂଗ୍ରହ କରିଥିଲେ। ଏହି ମ୍ୟାଚ୍‌ରେ କିନ୍ତୁ ଜୟସ୍ୱାଲ ବେଶି ସମୟ ତିଷ୍ଠି ନପାରି ୧୨ ରନରେ ହିଁ ପ୍ରଥମ ଓଭରରେ ରାଜାଙ୍କ ଚତୁର୍ଥ ବଲ୍‌ରେ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ।

# ଚିତାସ୍-ଲାୟନ୍ସ ସେମିଫାଇନାଲ୍ ଆଜି

**କଟକ,୧୪।୭(ସମିସ):** ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ୍)-୨୦୨୪ର ଲିଗ ପର୍ଯ୍ୟାୟ ମ୍ୟାଚ୍ ଶେଷ ହେବା ସହିତ ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ଲିଗ୍ ପର୍ଯ୍ୟାୟର ୧୦ଟି ମ୍ୟାଚ୍‌ରୁ ୮ ବିଜୟ ସହ ସର୍ବାଧିକ ୩୨ ପଏଣ୍ଟ ସଂଗ୍ରହ କରି ଗ୍ରୁପ ଶୀର୍ଷରେ ରହି ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା ଚିତାସ୍ ଦଳ। ବିପ୍ଳବ ସାମନ୍ତରାୟ ଏହି ଦଳର ନେତୃତ୍ୱ ନେଉଛନ୍ତି। ସେହିପରି ୧୦ ମ୍ୟାଚ୍‌ରୁ ୫ଟି ଲେଖାଏ ବିଜୟ ପଏଣ୍ଟ ସହ ୨୦ ପଏଣ୍ଟ ସଂଗ୍ରହ କରି ଓଡ଼ିଶା ପାନ୍ଥର୍ସ, ଓଡ଼ିଶା ଟାଇଗର୍ସ ଏବଂ ଓଡ଼ିଶା ଲାୟନ୍ସ ଦଳ ଯଥାକ୍ରମେ ଦ୍ୱିତୀୟରୁ ୪ର୍ଥ ସ୍ଥାନରେ ରହି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି।

ବାରବାଟୀ ଷ୍ଟାଡିୟମରେ ସୋମବାର ଓ ମଙ୍ଗଳବାର ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ସୋମବାର ପ୍ରଥମ ସେମିଫାଇନାଲରେ ବିପ୍ଳବଙ୍କ ନେତୃତ୍ୱାଧୀନ ଓଡ଼ିଶା ଚିତାସ୍ ଏବଂ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ନେତୃତ୍ୱାଧୀନ ଓଡ଼ିଶା ଲାୟନ୍ସ ମୁକାବିଲାକୁ ଓହ୍ଲାଇବେ। ମଙ୍ଗଳବାର ଓଡ଼ିଶା ପାନ୍ଥର୍ସ ଏବଂ ଓଡ଼ିଶା ଟାଇଗର୍ସ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ପୂର୍ବାହ୍ନରେ ଆୟୋଜିତ ହେବ।

ଲିଗ ପର୍ଯ୍ୟାୟରେ ବାତିଲ ହୋଇଥିବା ଓଡ଼ିଶା ଚିତାସ୍ ଏବଂ ଓଡ଼ିଶା ଟାଇଗର୍ସ ବିପକ୍ଷ ମ୍ୟାଚ୍ ରବିବାର ଆୟୋଜନ କରାଯାଇଥିଲା। ଏଥିରେ ଟାଇଗର୍ସ ୭ ୱିକେଟରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଚିତାସ୍ ୭୮ ରନରେ ଅଲଆଉଟ ହୋଇଥିଲା। ଟାଇଗର୍ସ ଦଳର ପେସ୍ ବୋଲର ସୁନୀଲ କୁମାର ରାଉଳ ୧୧ରନ ବିନିମୟରେ ୫ଟି ୱିକେଟ ଦଖଲ କରିଥିଲେ। ଜବାବରେ ୮.୨ ଓଭରରେ ଦୁଇ ୱିକେଟ ହରାଇ ଟାଇଗର୍ସ ବିଜୟୀ ହୋଇଥିଲା। ଟୁକୁନା ସାହୁ ୨୭ବଲରୁ ୫୦ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ସୁନୀଲ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ସନ୍ତୋଷ ଦାସ ଅତିଥି ଭାବେ ଯୋଗ ଦେଇ ସୁନୀଲଙ୍କୁ ପୁରସ୍କୃତ କରିଥିଲେ।

### ପ୍ୟାରିସ ଅଲିମ୍ପିକ୍ସ: ଆଉ ୧୦ ଦିନ

# ଧିନିଧି ସର୍ବକନିଷ୍ଠା ଭାରତୀୟ



**ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି):** ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଜୁଲାଇ ୨୬ରୁ ଫ୍ରାନ୍‌ସର ରାଜଧାନୀ ପ୍ୟାରିସରେ ଆରମ୍ଭ ହେବାକୁ ଯାଉଛି। ଏହି ମେଗା ଇଭେଣ୍ଟ ଲାଗି ଆଉ ୨ ସପ୍ତାହରୁ କମ୍ ସମୟ ବାକି ରହିଛି। ଅଲିମ୍ପିକ୍ସକୁ ଏଥର ଭାରତରୁ ୧୨୦ଜଣ କ୍ରୀଡ଼ାବିତ୍ ଯୋଗ୍ୟତା ଅର୍ଜନ କରିଛନ୍ତି। ଏକ ଯୁବ ଓ ଅଭିଜ୍ଞ ଖେଳାଳିଙ୍କ ମିଶ୍ରଣରେ ଭାରତୀୟ ଦଳ ବେଶ୍ ସନ୍ତୁଳିତ ରହିଛି। ପୂର୍ବ ସଂସ୍କରଣ ଅପେକ୍ଷା ଏଥର ଭାରତ ଉନ୍ନତ ପ୍ରଦର୍ଶନ କରିବ ବୋଲି କ୍ରୀଡ଼ାପ୍ରେମୀ ଆଶା ରଖିଛନ୍ତି। ଚଳିତଥର ଅଲିମ୍ପିକ୍ସରେ ଭାଗନେବାକୁ ଯାଉଥିବା ଭାରତୀୟ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ସନ୍ତରଣକାରୀ ଧିନିଧି ଦେଶିଙ୍ଗୁ ସର୍ବକନିଷ୍ଠ ବିବେଚିତ ହୋଇଛନ୍ତି। କର୍ଣ୍ଣାଟକର ଏହି ମହିଳା ସନ୍ତରଣକାରୀଙ୍କୁ ମାତ୍ର ୧୪ ବର୍ଷ ବୟସ ହୋଇଛି। ମହିଳା ୨୦୦ ମିଟର ଫ୍ରି-ଷ୍ଟାଇଲ୍ ଇଭେଣ୍ଟରେ ସେ ଅଂଶଗ୍ରହଣ କରିବେ। ଏହି କାଟାଗୋରୀରେ ତାଙ୍କ ନାମରେ ଜାତୀୟ ରେକର୍ଡ ରହିଛି। ୨୦୨୩ରେ ଧିନିଧି ୨ ମିନିଟ୍ ୦୪.୨୪ ସେକେଣ୍ଡରେ ଏହି ଦୂରତାକୁ ଫିନିଶ କରି ପ୍ରଥମ ସ୍ଥାନରେ ରହିଥିଲେ। ଅପରପକ୍ଷରେ ଏଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଥିବା ଭାରତୀୟ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅଭିଜ୍ଞ ଟେନିସ ଖେଳାଳି ରୋହନ ବୋପାନ୍ନା ସବୁଠୁ ବୟୋଜ୍ୟେଷ୍ଠ ବିବେଚିତ ହୋଇଛନ୍ତି। ୪୪ ବର୍ଷୀୟ ବୋପାନ୍ନାଙ୍କ ଏହା ୩ୟ ଅଲିମ୍ପିକ୍ସ ହେବ। ସେ ପୁରୁଷ ଯୁଗଳ ଇଭେଣ୍ଟରେ ଭାଗନେବେ। ଏଥିରେ ତାଙ୍କର ପାର୍ଟନର ଭାବେ ଶ୍ରୀରାମ ବାଲାଜୀ ଟେନିସ କୋର୍ଟକୁ ଓହ୍ଲାଇବେ। ଭାରତର ସର୍ବକନିଷ୍ଠ (ଧିନିଧି) ଓ ବୟୋଜ୍ୟେଷ୍ଠ (ବୋପାନ୍ନା) କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ବୟସ ତାରତମ୍ୟ ୩୦ ବର୍ଷ ରହିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

## ଭଣ୍ଡାର ଖୋଲିବା ସ୍ୱାଗତଯୋଗ୍ୟ

# ଗଣତି-ମଣତି ସହ ସୁରକ୍ଷା ବି ଜରୁରୀ



ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ନିହାତି ଦରକାର ଥିଲା। ତେବେ ସରକାର ଯେତେଶୀଘ୍ର ଶ୍ରୀମନ୍ଦିରରେ ଗଚ୍ଛିତ ରତ୍ନଭଣ୍ଡାରର ତଦାରଖ କରି ଏକ ଶ୍ୱେତପତ୍ର ଜନତାଙ୍କ ଲାଗି ଜାରିକଲେ ସମଗ୍ର ଓଡ଼ିଶାବାସୀ ଖୁସି ହେବେ।

**ପରମାନନ୍ଦ ମିଶ୍ର**
**ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ର ପରିଚାଳନା କମିଟି ଉପସଭାପତି**



ରତ୍ନଭଣ୍ଡାର ବିଷୟରେ ଜାଣିବାର ଯେଉଁ ଉଦବେଗ ସମଗ୍ର ଓଡ଼ିଶା ତଥା ବିଶ୍ୱବାସୀଙ୍କର ରହିଥିଲା, ତାହା ସମାପ୍ତ ହେବାକୁ ଯାଉଛି। ଏବେ ସମସ୍ତ ରତ୍ନ ଅଳଙ୍କାରର ସଠିକ ରକ୍ଷଣାବେକ୍ଷଣ ହେବା ସହ ଭବିଷ୍ୟତରେ ଆଉ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ନହେବା ଜରୁରୀ।

**ସଞ୍ଜୟ କୁମାର ମହାପାତ୍ର,**
**ବରିଷ୍ଠ ଆଇନଜୀବୀ, ଅନୁଗୋଳ**



ରତ୍ନଭଣ୍ଡାର ଖୋଲିବା ନେଇ ମୁଁ ଆନନ୍ଦିତ। ହେଲେ ରତ୍ନଭଣ୍ଡାରର ସ୍ଥିତି ଏବଂ ସେଠାରେ କି ପ୍ରକାରର ଅଳଙ୍କାର ରହିଛି, ତାହାର ଏକ ସବିଶେଷ ରିପୋର୍ଟ ପ୍ରସ୍ତୁତ କରାଯାଇ ସାର୍ବଜନୀନ କରାଯାଉ।

**ଗୌରାଙ୍ଗ ପାଣିଗ୍ରାହୀ**



ରତ୍ନଭଣ୍ଡାର ଖୋଲା ଯାଇଛି, ହେଲେ ତାହାର ସବିଶେଷ ତଥ୍ୟ ସରକାର ପ୍ରଦାନ କରି ନାହାନ୍ତି। ରତ୍ନଭଣ୍ଡାର ମଧ୍ୟରେ କ'ଣ ଅଛି ତାହା ଲୋକଲୋଚନକୁ ଆସିବା ଦରକାର। ଏଣୁ ସରକାର ଯଥାଶୀଘ୍ର ରତ୍ନଭଣ୍ଡାର ମଧ୍ୟରେ କ'ଣ ରହିଛି ତାହାକୁ ସାର୍ବଜନୀନ କରନ୍ତୁ।

**ଗିରିଜା ଶଙ୍କର ଦାସ**



ଭଣ୍ଡାରରେ କ'ଣ ଅଛି, କିପରି ଅଛି, ସେସବୁ ସୁରକ୍ଷିତ ଅଛି ନା ନାହିଁ, ସେ ସମ୍ପର୍କରେ ଜାଣିବାକୁ ସାରା ବିଶ୍ୱବାସୀ ଅନାଇ ବସିଛନ୍ତି। ତେଣୁ କୌଣସି ବିଭ୍ରାନ୍ତିକର କଥାରେ ନ ଭଳି, ପ୍ରଶାସନ ଓ ତଦାରଖ କମିଟି ଭିତର ରତ୍ନଭଣ୍ଡାର ଖୋଲି ରତ୍ନଗୁଡ଼ିକୁ ସୁରକ୍ଷିତ ରଖିବାର ବ୍ୟବସ୍ଥା କରିବା ଉଚିତ୍। ରତ୍ନଭଣ୍ଡାରର ରତ୍ନଗୁଡ଼ିକର ଗଣତି ମଣତି କରି ତାହାର ସଠିକ୍ ତଥ୍ୟ ମଧ୍ୟ ଲୋକଲୋଚନକୁ ଆସିବା ଆବଶ୍ୟକ।

**ଡ. ବିମ୍ବାଧର ବେହେରା, ଶିକ୍ଷାବିତ୍, କେନ୍ଦୁଝର**



ବିଶ୍ୱର ବିସ୍ମୟ ଠାକୁର ପ୍ରଭୁ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲିବା ଖବର ସମସ୍ତଙ୍କୁ ଆନନ୍ଦିତ କରିଛି। ଅନେକ ପ୍ରକାର ସନ୍ଦେହ ଓ ଆଶଙ୍କାର ପରଦା ହଟିଯିବା ଦରକାର। ପ୍ରଭୁ ଜଗନ୍ନାଥଙ୍କ ସମ୍ପତ୍ତି ବିଶ୍ୱସମ୍ପତ୍ତି। ତେଣୁ କୌଣସି ପ୍ରକାର ଆବିଳତା ଓ ଶଙ୍କା ନରହିବା ଉଚିତ।

**ଉମେଶ ଶତପଥୀ,**
**ବରିଷ୍ଠ ଗବେଷକ ଓ ଶିକ୍ଷାବିତ୍, ଭବାନୀପାଟଣା**



ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଲୀଳାମୟ ମହାପ୍ରଭୁ ଜଗନ୍ନାଥଙ୍କ ବିନା ଇଚ୍ଛାରେ କିଛି ସମ୍ଭବପର ନୁହଁ। ଆଜି ତାଙ୍କ ଇଚ୍ଛାରେ ବିନା କୌଣସି ବିପଦରେ ରତ୍ନ ଭଣ୍ଡାର ଖୋଲାଯାଇଛି।

**ଡ. ରୋହିତ କୁମାର ଆଚାର୍ଯ୍ୟ,**
**ଜ୍ୟୋତିଷ ବିଦ୍ୟାର୍ଣ୍ଣବ, ଜଗନ୍ନାଥ ସଂସ୍କୃତି ଗବେଷକ**



ଦୀର୍ଘ ବର୍ଷ ପରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲା ହୋଇଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିରେ ସାରା ବିଶ୍ୱବାସୀଙ୍କ ଧାର୍ମିକ ଭାବଧାରା ଏବଂ ଚିନ୍ତା ଚେତନା ଜଡ଼ିତ ହୋଇ ରହିଛି।

**ଚନ୍ଦ୍ରପ୍ରକାଶ ଯୋଷୀ, ଚାଷୀ ନେତା**



ରତ୍ନଭଣ୍ଡାର ଖୋଲାଯାଇଛି। ଗଣତିରେ ସ୍ୱଚ୍ଛତା ରଖାଯିବା କଥା; କିନ୍ତୁ ସବୁ ଗଣତି କଲା ପରେ ସାର୍ବଜନୀନ କରାଯିବା କଥା ନୁହେଁ।

**ଶରତ କୁମାର ପଣ୍ଡା, ଶିକ୍ଷାବିତ୍**



ରତ୍ନଭଣ୍ଡାର ଖୋଲାହେବା ଜରୁରୀ ଥିଲା। ଘର ମାଲିକ ନଥିବା ବେଳେ ତାଙ୍କର ଭଣ୍ଡାର ଘର ଖୋଲିବା ଅପରାଧ। ଆଉ ମାତ୍ର ଦିନେ ଦୁଇଦିନ ଅପେକ୍ଷା କରି ବଡ଼ଠାକୁର ଶ୍ରୀମନ୍ଦିରରେ ପହଞ୍ଚିବା ପରେ ତାଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଖୋଲିଥିଲେ ଭଲ ହୋଇଥାନ୍ତା।

**ପ୍ରଣବ କିଶୋର ବରାଳ, ସମାଜସେବୀ**



ରତ୍ନଭଣ୍ଡାରର ଆକଳନ ନକରି ମାତ୍ର କେତେ ଘଣ୍ଟା ରହି ଫେରିଆସି କାର୍ଯ୍ୟକ୍ରମକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିବା ଓଡ଼ିଆଙ୍କୁ ତଥା ସାରା ବିଶ୍ୱକୁ ଠକିବା ସଦୃଶ ହୋଇଛି। 'ହାତୀ ପାଡ଼ିବ, ପାଡ଼ିବ... ଫୁସ୍' ନୀତିରେ ଏହି କାର୍ଯ୍ୟକ୍ରମ 'ବହୁ ଆଡ଼ମ୍ବରେ ଲଘୁକ୍ରିୟା' ସଦୃଶ ହୋଇଛି। ଏଣୁ ଜଗନ୍ନାଥଙ୍କ ରତ୍ନଭଣ୍ଡାରରେ ଥିବା ସମସ୍ତ ସମ୍ପତ୍ତିକୁ ଆକଳନ କରି ସାଧାରଣ ଜନତାଙ୍କୁ ଅନ୍ଧାରରେ ଦୀର୍ଘଦିନ ନରଖି ତୁରନ୍ତ ସମସ୍ତ ତଥ୍ୟ ପ୍ରକାଶ୍ୟ ହେଉ।

**ବିଧୁଭୂଷଣ ମହାପାତ୍ର, ଆଇନଜୀବୀ**



ଜଗନ୍ନାଥ କୌଣସି ଦଳର ଠାକୁର ନୁହଁନ୍ତି। ସେ ହେଉଛନ୍ତି ସାରା ବିଶ୍ୱର ଠାକୁର। ରତ୍ନ ଭଣ୍ଡାର ହେଉଛି ପ୍ରଭୁଙ୍କ ଅଳଙ୍କାର ଭଣ୍ଡାର। ଏହାକୁ ନ ଖୋଲିବା ପାଇଁ ପୂର୍ବ ସରକାର ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିନଥିଲେ କି ଏ ସରକାର ବି ଏହାକୁ ନେଇ ରାଜନୀତି କରିବା ଉଚିତ ନୁହେଁ। ଯାହା ଠାକୁରଙ୍କ ଇଚ୍ଛା ତାହା ହିଁ ହେବ। ଖୋଲା ହେବା ଦ୍ୱାରା ରତ୍ନଭଣ୍ଡାର ଭିତର ପରିଷ୍କାର ପରିଚ୍ଛନ୍ନ କରାଯିବ ଏବଂ ମରାମତି ବି ହେବ। ଏହାସହ ରତ୍ନ ଅଳଙ୍କାର ଗଣତି ମଣତି ବି ହେବ। ଏହାକୁ ନେଇ ରାଜନୀତି କରାଯିବା ଉଚିତ ନୁହେଁ।

**ବ୍ରିଜମୋହନ ଅଗ୍ରୱାଲ, ସମାଜସେବୀ (ରାଉରକେଲା)**



ରତ୍ନଭଣ୍ଡାର ଖୋଲିବାର ଆବଶ୍ୟକତା ରହିଥିଲା। ଜଗନ୍ନାଥ ସମଗ୍ର ବିଶ୍ୱର ଠାକୁର ଅଟନ୍ତି, ତେଣୁ ରାଜନୀତିରେ ଠାକୁରଙ୍କୁ ନ ପୂରାଇ ଉଚିତ୍ ପଦକ୍ଷେପ ନେବା ସହ ମନ୍ଦିରର ଉନ୍ନତୀକରଣ ଦିଗରେ ପଦକ୍ଷେପ ନେବା ଉଚିତ୍।

**ନିରଞ୍ଜନ ମିଶ୍ର, ଅବସରପ୍ରାପ୍ତ ସରକାରୀ**
**କର୍ମଚାରୀ ଓ ଯୋଗ ଶିକ୍ଷକ, ମାଲକାନଗିରି**



ରତ୍ନଭଣ୍ଡାର ଖୋଲାଯିବା କିଛି ବଡ଼ କଥା ନୁହଁ। ଏଥିରେ ନୂତନତ୍ୱ ଦେଖିବାକୁ କିଛି ନାହିଁ। ବିଗତ ୧୯୭୮ ମସିହାରେ ଖୋଲାଯାଇଥିଲା। ଯାହାକି ଆଉଥରେ ଖୋଲାଯାଇଛି। ରତ୍ନଭଣ୍ଡାର ହେଉଛି ବିଶ୍ୱାସର ଭଣ୍ଡାର। କେବଳ ଲୋକଙ୍କୁ ଜଣାଇବା ପାଇଁ ଏହାକୁ ଖୋଲାଯାଇଛି। ମହାପ୍ରଭୁଙ୍କ ସମସ୍ତ ରତ୍ନ ଅଳଙ୍କାର ସରକାରଙ୍କ ପାଖରେ ତାଲିକା ଥାଏ। ଏଥିରେ ଅବିଶ୍ୱାସ ପୂରାଇବା ଠିକ୍ ନୁହେଁ।

**ଦୁଷ୍ମନ୍ତ କୁମାର ମହାନ୍ତି, ବରିଷ୍ଠ ଶିକ୍ଷାବିତ୍, ରାୟଗଡ଼ା**



ଦୀର୍ଘ ବର୍ଷ ପରେ ରତ୍ନଭଣ୍ଡାର ଖୋଲାଯାଇଥିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ବହୁ ବର୍ଷର ଉତ୍କଣ୍ଠା ଆଜି ପୂରଣ ହୋଇଛି। ସରକାର ଗଠନର ଏକ ମାସ ମଧ୍ୟରେ ଏଭଳି ପଦକ୍ଷେପ ନିଶ୍ଚିତ ସ୍ୱାଗତଯୋଗ୍ୟ।

**ସୁଶାନ୍ତ ନାୟକ, କବି ତଥା ଜଗନ୍ନାଥ ପ୍ରେମୀ**



ରତ୍ନ ଭଣ୍ଡାର ଖୋଲିବା ବଡ଼ କଥା ନୁହେଁ, ପରବର୍ତ୍ତୀ ସମୟରେ ଏହାର ସୁରକ୍ଷା ଏକ ବିରାଟ ପ୍ରଶ୍ନବାଚୀ। ବର୍ତ୍ତମାନ ପରିସ୍ଥିତିରେ ଜଗନ୍ନାଥଙ୍କ ଯେତିକି ସମ୍ପତ୍ତି ଅଛି. ତାର ଏକ ତାଲିକା ସାର୍ବଜନୀନ ହେବା ଉଚିତ। ଜଗନ୍ନାଥଙ୍କ ଅଚଳାଚଳ ସମ୍ପତ୍ତିର ସୁରକ୍ଷା ମଧ୍ୟ ଜରୁରୀ ହୋଇଛି।

**ଡା. ସାଗର ରଞ୍ଜନ ତ୍ରିପାଠୀ, ସଂସ୍କୃତି ଗବେଷକ**



ରତ୍ନଭଣ୍ଡାର ଖୋଲିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଏହାର ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯିବା ଉଚିତ।

**ଡ. ହୃଷିକେଶ ପାଣିଗ୍ରାହୀ,**
**ସଂସ୍କୃତି ଗବେଷକ**



ପୁରୀ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଦୀର୍ଘ ବର୍ଷ ପରେ ଖୋଲିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଦୀର୍ଘ ବର୍ଷ ଧରି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଏହା ଦାବି ରହିଥିଲା। ତେଣୁ ଏହାର ଠିକ୍ ଭାବେ ତଦାରଖ ଓ ଗଣତି କରିବା ସହିତ ଏହାକୁ ପୁଣି ସୁରକ୍ଷିତ ଭାବେ ରଖିବା ସହିତ ଆଗାମୀ ଦିନରେ ସମସ୍ତ ବିଷୟ ତର୍ଜମା କରିବା ପରେ ସାର୍ବଜନିନ କରିବା ସହିତ ଭକ୍ତ ଓ ବିଶ୍ୱ ଶ୍ରୀଜଗନ୍ନାଥ ଭକ୍ତ ଓ ପ୍ରେମୀଙ୍କ ମଧ୍ୟରେ ରହିଥିବା ଆଶା ଓ ଆଶଙ୍କା ଦୂର କରିବାର ଦାୟିତ୍ୱ ମଧ୍ୟ ସରକାର ଓ ପ୍ରଶାସନର ରହିଛି।

**ପଣ୍ଡିତ ଗୀତା ପ୍ରକାଶ ଚନ୍ଦ୍ର ମିଶ୍ର**
**ଭାଗବନ ପ୍ରବଚକ, ଜୟପୁର**



ଆଜି ବହୁ ଦିନର ସ୍ୱପ୍ନ ସାକାର ହୋଇଛି। ରତ୍ନ ଭଣ୍ଡାର ଖୋଲିବା ପରେ ଜଗନ୍ନାଥଙ୍କ ଅଳଙ୍କାର ସବୁର ଗଣତି ମଣତି ହେବ ଓ ଲୋକଙ୍କ ମନରେ ଥିବା ଆଶଙ୍କା ଦୂର ହେବ।

**ଡ. ଜଗବନ୍ଧୁ ସାମଲ, ସମ୍ପାଦକ,**
**ଶାବର ଶ୍ରୀକ୍ଷେତ୍ର ପରିଚାଳନା କମିଟି, କୋରାପୁଟ**



ଜଗନ୍ନାଥ ଭକ୍ତଙ୍କ ମନରେ କିଛିଟା ଆଶ୍ୱସ୍ତି ଆସିଛି। ତେବେ ମହାପ୍ରଭୁଙ୍କ ରତ୍ନଗୁଡ଼ିକ ଯେମିତି ସୁରକ୍ଷିତ ରହିବ, ସେଥିପାଇଁ କର୍ତ୍ତୃପକ୍ଷ ଦାୟିତ୍ୱବାନ ହେବାକୁ ପଡ଼ିବ। ଶ୍ରୀଜଗନ୍ନାଥଙ୍କ ସମସ୍ତ ଭକ୍ତ ରତ୍ନଭଣ୍ଡାରର ସମସ୍ତ ତଥ୍ୟ ଜାଣିବାର ଆଗ୍ରହ ଓ ଅଧିକାର ଅଛି। ସରକାର ଏ ସମ୍ବନ୍ଧରେ ମଧ୍ୟ ଦୃଷ୍ଟି ଦିଅନ୍ତୁ। ଏହାସହିତ ରତ୍ନଭଣ୍ଡାରର ଗୃହକୁ ଠିକ୍ ଭାବରେ ମରାମତି କରିବାର ଆବଶ୍ୟକତା ରହିଛି।

**ରାମ ପ୍ରସାଦ ପାତ୍ର, ପୂର୍ବତନ ସମ୍ପାଦକ,**
**ଜିଲ୍ଲା ଆଇନଜୀବୀ ସଂଘ, ନବରଙ୍ଗପୁର**



ରତ୍ନଭଣ୍ଡାର ଖୋଲିବା ଉତ୍ତମ କାର୍ଯ୍ୟ। କିନ୍ତୁ ରତ୍ନଭଣ୍ଡାର ମଧ୍ୟରେ ରହିଥିବା ଅମୂଲ୍ୟ ରତ୍ନ ଓ ସାମଗ୍ରୀଗୁଡ଼ିକ ଯେପରି ସୁରକ୍ଷିତ ରଖାଯିବ, ସେନେଇ ଉଚିତ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହା ସହ ପୂର୍ବରୁ ଏହି ଭଣ୍ଡାର ମଧ୍ୟରେ କେତେ ପରିମାଣର ସାମଗ୍ରୀ ଥିଲା ଓ ବର୍ତ୍ତମାନ ଏହା କେତେ ରହିଛି ତାହାକୁ ସାର୍ବଜନୀନ କରାଯିବା ଉଚିତ୍। ଏହାକୁ ରାଜନୀତିକରଣ କରିବା ଉଚିତ୍ ନୁହେଁ।

**ସୀମାଞ୍ଚଳ ପାଣିଗ୍ରାହୀ, ସମାଜସେବୀ, ମାଲକାନଗିରି**



ଆଜି ଜଗତର ନାଥ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲାଯାଇଛି। ହେଲେ ଆଜି ବି ଅନେକ ଗରିବଙ୍କ ଘରେ ପ୍ରତିଦିନ ଚୁଲି ଜଳୁନି। କିନ୍ତୁ ରତ୍ନଭଣ୍ଡାର ଖୋଲିବା ଦ୍ୱାରା ସେହି ଗରିବ ଲୋକଙ୍କ ଘରେ ପ୍ରତିଦିନ ଚୁଲି ଜଳିପାରିବ କି? ଏହି ରତ୍ନଭଣ୍ଡାର ଖୋଲିବା ଦ୍ୱାରା ସାଧାରଣ ଲୋକଙ୍କ କୌଣସି ଲାଭ ହେବନାହିଁ।

**ବାବୁଲି ପୂର୍ତ୍ତି, କଳିଙ୍ଗନଗର**



ପୂର୍ବ ନିର୍ଦ୍ଧାରିତ ସୂଚୀ ମୁତାବକ ଆଜି ସରକାରଙ୍କ ପକ୍ଷରୁ ରତ୍ନଭଣ୍ଡାର ଖୋଲିଯାଇଛି ସତ, ଏଥିରେ କୌଣସି ବାହାଦୁରି ନାହିଁ। କାରଣ ଦୀର୍ଘବର୍ଷ ହେଲା ଏହି ରତ୍ନଭଣ୍ଡାର ଖୋଲା ନ ହେବା ଯୋଗୁଁ ଭାଙ୍ଗିରୁଜି ଯାଇଥିବା ସନ୍ଦେହ କରାଯାଉଛି। ତେଣୁ ଏହାର ମରାମତି କରି ରତ୍ନକୁ ସୁରକ୍ଷିତ ଭାବେ ରଖିବା ଆବଶ୍ୟକ।

**ହିମାଂଶୁ ପଣ୍ଡା, ଆଇନଜୀବୀ**



ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଶ୍ରୀ ମନ୍ଦିରରେ ରତ୍ନଭଣ୍ଡାର ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଛି। ବନ୍ଦ ଥିବା ରତ୍ନ ଭଣ୍ଡାର ଦୀର୍ଘ ବର୍ଷ ପରେ ଖୋଲାଯାଇଛି, ଯାହା କି ଅତ୍ୟନ୍ତ ଖୁସିର କଥା ଅଟେ। ଖାଲି ରତ୍ନ ଭଣ୍ଡାର ଖୋଲିଲେ ହେବନି; ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନକୁ ସୁନ୍ଦର ଭାବେ ପରିଚାଳନା କରିବାର ଆବଶ୍ୟକତା ରହିଛି।

**ପ୍ରମୋଦ କୁମାର ଦାଶ, ବାରିପଦା**



ଦୀର୍ଘ ବର୍ଷ ପରେ ଶ୍ରୀ ମନ୍ଦିରର ରତ୍ନ ଭଣ୍ଡାର ଖୋଲିଛି। କେବଳ ସୁନା ଅଳଙ୍କାର ଗଣତି କରି ରଖିଦେଲେ ହେବନାହିଁ। ମହାପ୍ରଭୁଙ୍କ ଅଳଙ୍କାରଗୁଡ଼ିକର ବିଧିବଦ୍ଧ ଭାବେ ଯାଞ୍ଚ ମଧ୍ୟ ହେଉ। ମହାପ୍ରଭୁଙ୍କ ଦୁର୍ଲଭ ଗଜାନନ ବେଶ ଯାହାକି ବହୁ ବର୍ଷ ହେବ ବନ୍ଦ ରହିଛି। ତାହାକୁ ଆଉ ଥରେ ଆରମ୍ଭ କରାଯାଉ। ଉକ୍ତ ବେଶରେ ରତ୍ନ ଭଣ୍ଡାର ସୁନା ଅଳଙ୍କାର ଚତୁର୍ଦ୍ଧା ମୂର୍ତ୍ତି ପରିଧାନ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତୁ।

**କାମେଶ୍ୱର ତ୍ରିପାଠୀ,**
**ରାଜ୍ୟ ସେବାୟତ ସଂଘ ସଭାପତି, ବାରିପଦା**



ଲୋକଙ୍କ ମନରେ ଥିବା ଦୀର୍ଘ ଦିନର ଉତ୍କଣ୍ଠାର ପରିସମାପ୍ତି ଘଟିଛି। ତେବେ ଭିତର ରତ୍ନ ଭଣ୍ଡାରରେ କ'ଣ କ'ଣ ଧନରତ୍ନ ରହିଛି ଓ ଏହା କେତେ ସୁରକ୍ଷିତ ରହିଛି ଏହି ପ୍ରଶ୍ନ ସମସ୍ତଙ୍କ ମନରେ ରହିଥିବାରୁ ଏହାକୁ ଯଥାଶୀଘ୍ର ଦୂରକରାଯିବା ଆବଶ୍ୟକ।

**ହିମାଂଶୁ ଶେଖର ଆଚାର୍ଯ୍ୟ**
**ସଭାପତି ଜଗତ୍‌ସିଂହପୁର ସାରସ୍ୱତ ପରିଷଦ**



ମହାପ୍ରଭୁ ଜଗନ୍ନାଥଙ୍କ ରତ୍ନ ଭଣ୍ଡାର ଖୋଲିବା ରାଜ୍ୟ ତଥା ଦେଶବାସୀଙ୍କ ପାଇଁ ଏକ ଆବେଗର ବିଷୟ। ଏହାକୁ ରାଜନୀତି ଠାରୁ ଯଥେଷ୍ଟ ଦୂରତ୍ୱରେ ରଖାଯିବା ଉଚିତ। ଆଜି ରତ୍ନଭଣ୍ଡାର ଖୋଲିଥିଲେ ମଧ୍ୟ ପୂର୍ଣ୍ଣ ସଫଳତା ମିଳିପାରି ନାହିଁ। ଭିତର ରତ୍ନ ଭଣ୍ଡାର ଅବସ୍ଥା ଓ ସୁରକ୍ଷା ସମ୍ପର୍କରେ ସର୍ବେକ୍ଷଣ କରାଯିବା ସହିତ ପୁଣିଥରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଗଲେ ଜନସାଧାରଣଙ୍କ ମନରୁ ସଂଶୟ ଦୂର କରାଯାଇପାରିବ।

**କବି ପୀତାମ୍ବର ତରାଇ**



ଲୀଳାମୟଙ୍କ ନିର୍ଦ୍ଦେଶରେ ହିଁ ରତ୍ନଭଣ୍ଡାର ଖୋଲା ଯାଉଛି। ତେଣୁ ଏହାକୁ ନେଇ ଏତେ ବାଦ ବିବାଦର ଆବଶ୍ୟକ ନାହିଁ।

**ସୀତାଂଶୁ ଶେଖର ମିଶ୍ର,**
**ଜିଲ୍ଲା ସଚେତନ ନାଗରିକ ମଞ୍ଚ ସଭାପତି**



ରତ୍ନଭଣ୍ଡାର ଖୋଲି ଠାକୁରଙ୍କ ଅଳଙ୍କାର ଠିକ୍ ଅଛି ନାହିଁ ଜାଣିବାର ଆବଶ୍ୟକତା ଥିଲା। ତେବେ ରତ୍ନ ଭଣ୍ଡାର ଖୋଲି ସାରିବା ପରେ ସମସ୍ତ ମୂଲ୍ୟବାନ ସାମଗ୍ରୀର ସୁରକ୍ଷା ବଡ଼ ପ୍ରଶ୍ନ।

**କିଶୋର ମେହେର, ସୋନପୁର ବାସିନ୍ଦା**



ଶେଷଥର ପାଇଁ ୧୯୭୮ ରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ୨୦୧୮ ରେ ହାଇକୋର୍ଟଙ୍କ ଆଦେଶ ସତ୍ତ୍ୱେ ଏହା ଖୋଲାଯାଇ ପାରିନଥିଲା। ଯାହା ବି ହେଉ ଦୀର୍ଘ ୪୬ ବର୍ଷ ପରେ ରତ୍ନଭଣ୍ଡାର ଖୋଲାଯିବା ନିହାତି ସ୍ୱାଗତଯୋଗ୍ୟ ପଦକ୍ଷେପ।

**ବିଶ୍ୱେଶ୍ୱର ପୃଷ୍ଟି, ସମ୍ପାଦକ, ବୌଦ୍ଧ ନାଗରିକ କମିଟି**



ମନ୍ଦିର ଓ ଠାକୁରଙ୍କ ସମ୍ପତ୍ତି ସୁରକ୍ଷା ଦ୍ୱାରା ଭକ୍ତମାନଙ୍କ ବିଶ୍ୱାସ ଦୃଢ଼ୀଭୂତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ଦିନରେ ରାଜ୍ୟର ସମସ୍ତ ମନ୍ଦିର ସହିତ ତାଙ୍କ ନାମରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ସୁରକ୍ଷା ସହିତ ସମସ୍ତ ନିତିକାନ୍ତି ପ୍ରତି ସରକାରଙ୍କ ଦେବତ୍ତୋର ବିଭାଗ ଯତ୍ନବାନ ହେଲେ ମଠ ମନ୍ଦିର ପରମ୍ପରା ସୁରକ୍ଷିତ ହୋଇପାରିବ।

**ଦେବାଶିଷ ପୁରୋହିତ, ସମ୍ପାଦକ,**
**ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜ**



ରାଜା ରାଜୁଡା କାଳରୁ ରତ୍ନଭଣ୍ଡାରରେ ରତ୍ନ ଗଚ୍ଛିତ ହୋଇ ରହିଛି। ମୋହନ ସରକାର ଆସିବା ପରେ ପ୍ରଥମ କରି ଜଗନ୍ନାଥ ମନ୍ଦିରର ରତ୍ନ ଭଣ୍ଡାର ଖୋଲିବା ପାଇଁ ଯେଉଁ ନିଷ୍ପତ୍ତିନେଲେ ତାହା ଐତିହାସିକ ଓ ସ୍ୱାଗତ ଯୋଗ୍ୟ। ଏହାଦ୍ୱାରା ପ୍ରତିଟି ଓଡ଼ିଆ ଜାଣିପାରିବେ ଶ୍ରୀ ଜଗନ୍ନାଥଙ୍କ ରତ୍ନ ଭଣ୍ଡାରରେ କ'ଣ ରହିଛି।

**ଦିନେଶ ଶର୍ମା, ସାମାଜିକ କର୍ମୀ, ବଲାଙ୍ଗିର**



ସରକାର ରତ୍ନଭଣ୍ଡାର ଖୋଲି ଉତ୍ତମ ପଦକ୍ଷେପ ଗ୍ରହଣ କରିଛନ୍ତି। ମହାପ୍ରଭୁଙ୍କ ଆଭୂଷଣ, ଅଳଙ୍କାରକୁ ରତ୍ନଭଣ୍ଡାରରୁ କାଢିବା ପରେ ଏହାର ସୁରକ୍ଷା ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟସରକାରଙ୍କ ପରମ କର୍ତ୍ତବ୍ୟ ହେଉ।

**ବୀରେନ୍ଦ୍ର କୁମାର ପଣ୍ଡା, ନିର୍ଦ୍ଦେଶକ, କୃଷ୍ଣକୃପା ଟ୍ରଷ୍ଟ**



ରତ୍ନଭଣ୍ଡାର ଖୋଲାଯିବା ଆଜି ନୁଆ ନୁହଁ। ପୂର୍ବରୁ ମଧ୍ୟ ରତ୍ନ ଭଣ୍ଡାର ଖୋଲା ଯାଇଛି। ଯେତେଥର ଖୋଲା ଯାଇଛି ସବୁ ଠିକ ଠାକ୍ ଥିବା ଦର୍ଶାଯାଇଛି। ୪୬ ବର୍ଷପରେ ରତ୍ନ ଭଣ୍ଡାର ଖୋଲୁଥିବାରୁ ଭକ୍ତଙ୍କ ମହଲରେ ଉତ୍କଣ୍ଠା ରହିଛି।

**ମଧୁସୂଦନ ପ୍ରଧାନ,**
**ବ୍ଲକ ଅଧ୍ୟକ୍ଷ, ରିଆମାଳ ବ୍ଲକ**



ସନାତନ ଧର୍ମଗୁରୁ ଶଙ୍କରାଚାର୍ଯ୍ୟଙ୍କ ବାଣୀକୁ ଅଣଦେଖା କରାନଯାଉ। କୌଣସି ଉଦ୍ଦେଶ୍ୟ ରଖି ବଡ଼ଦେଉଳର ନୀତିକୁ ବାଧାଦେଇ କାର୍ଯ୍ୟକଲେ ଏହାର ଘୋର ପରିଣାମ ଭୋଗିବାକୁ ପଡ଼ିବ ନିଶ୍ଚିତ। ଆଗାମୀ ଦିନରେ ରତ୍ନ ଗଣତି ମଣତି ପରେ ସବୁ ଚିତ୍ର ସ୍ପଷ୍ଟହେବ।

**ସତ୍ୟନାରାୟଣ ମିଶ୍ର, ସଦସ୍ୟ, ଆଦିତ୍ୟ ବାହିନୀ**



## ସାର୍ବଜନୀନ ନ ହେଉ ରତ୍ନ ତାଲିକା



ରତ୍ନଭଣ୍ଡାର କଥା ସାର୍ବଜନୀନ ନ ହେବା ଭଲ। ରତ୍ନଭଣ୍ଡାରକୁ ଯଦି ଆମେ ଖୋଲାମେଲା କରିଦେବା ତେବେ ତାହା ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି କରିବ। ପୂର୍ବରୁ ଶ୍ରୀମନ୍ଦିର ଉପରେ ଆକ୍ରମଣ ସମୟରେ ବାହାର ଭଣ୍ଡାରରୁ ରତ୍ନଅଳଙ୍କାର ନେଇଯାଇଛନ୍ତି ସିନା ଭିତର ଭଣ୍ଡାରରୁ କୌଣସି ଜିନିଷ ନେବାକୁ ସକ୍ଷମ ହୋଇନାହାନ୍ତି। କାରଣ ଭିତର ରତ୍ନଭଣ୍ଡାରର ଗଠନଶୈଳୀ ଏବଂ ଏହାର ସୁରକ୍ଷା ବ୍ୟବସ୍ଥା ସେହିଭଳି ରହିଛି। ତେଣୁ ରତ୍ନଭଣ୍ଡାରର ସୁରକ୍ଷା ବ୍ୟବସ୍ଥାକୁ ସେହିଭଳି କଡାକଡି ଭାବେ ପାଳନ କରିବା ଦରକାର ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ମତବ୍ୟକ୍ତ କରିଛନ୍ତି।



ରତ୍ନଭଣ୍ଡାର ଅପେକ୍ଷା ଶ୍ରୀମନ୍ଦିର ଢାଞ୍ଚା ଓ ବାହ୍ୟ ସୁରକ୍ଷା ପ୍ରତି ଅଧିକ ଦୃଷ୍ଟି ଦିଆଯାଉ। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଶେଷ ହୋଇନି ଏହା ମଧ୍ୟରେ ସରକାରଙ୍କ ତରଫରୁ ରତ୍ନଭଣ୍ଡାର ଖୋଲିବା ପାଇଁ ନିଷ୍ପତ୍ତି ନିଆଗଲା। ସ୍ୱଳ୍ପ ସମୟ ଦିଆଯିବା ଦ୍ୱାରା ସଠିକ୍ ଯାଞ୍ଚ ହେଇପାରିଲା ନାହିଁ। ମହାପ୍ରଭୁଙ୍କ କେତେ ରତ୍ନ ଅଳଙ୍କାର ଅଛି ତାହା ଗଣତି ମଣତି କରିବା ଯେତିକି ଜରୁରୀ ଅଟେ ତା'ଠୁ ଅଧିକ ଜରୁରୀ ଶ୍ରୀମନ୍ଦିର ଢାଞ୍ଚାର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଓ ମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା। ଏ ସବୁ ଜିନିଷର ଅଧିକ ପ୍ରଚାର ପ୍ରସାର ଶ୍ରୀମନ୍ଦିର ପ୍ରତି ମଧ୍ୟ ବିପଦ ସୃଷ୍ଟି କରିପାରେ। ତେଣୁ ଏ ସବୁ ସହିତ ଭକ୍ତଙ୍କ ଭାବାବେଗ, ଧାର୍ମିକ ଆସ୍ଥା, ପ୍ରଶାସନିକ ଓ ଆଇନଗତ ବ୍ୟବସ୍ଥା ଜଡ଼ିତ ଥିବାରୁ ତରବରିଆ ନିଷ୍ପତ୍ତି ନ ନେଇ ଧୀର ସ୍ଥିର ଭାବେ ସରକାର ଏ ସମ୍ପର୍କରେ ନିଷ୍ପତ୍ତି ନେବା ଆବଶ୍ୟକ।

**ସିଦ୍ଧାର୍ଥ ରାୟ, ସମାଜ କର୍ମୀ, ପୁରୀ**



ଦୀର୍ଘବର୍ଷ ଧରି ଯେଉଁ ଚାବି ସମସ୍ୟା ଥିଲା ତାହା ଆଜି ପ୍ରତିବନ୍ଧକ ହେଲା ନାହିଁ। ତାଲା କଟାଯାଇ ଖୋଲାଗଲା। ଅଧିକାରୀଙ୍କ ବୟାନରୁ ଯାହା ଜଣାପଡୁଛି ରତ୍ନଭଣ୍ଡାରରେ ରତ୍ନଗୁଡ଼ିକ ପ୍ରାୟ ସୁରକ୍ଷିତ ରହିଛି। ଆଲମିରା ଏବଂ ସିନ୍ଦୁକରେ ରତ୍ନ ଗଚ୍ଛିତ ଅଛି। ଯେ ହେତୁ ଗଣତି କରାଯାଇ ନାହିଁ ତେଣୁ ସେ ସମ୍ପର୍କରେ କହିବା ଠିକ୍ ହେବ ନାହିଁ। ଗଠିତ କମିଟି ରତ୍ନାଅଳଙ୍କାର ଗଣତି, ମଣତି ସୁରକ୍ଷାର ଦାୟିତ୍ୱ ନେଲେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅମୂଲ୍ୟ ରତ୍ନାବଳୀର ସୁରକ୍ଷା ହୋଇପାରିବ। ଜନଶ୍ରୁତି ରହିଥିଲା ରତ୍ନଭଣ୍ଡାରରେ ସାପ ଗର୍ଜ୍ଜନ ଶୁଭୁଛି। ସାପ ଜଗିରହିଛନ୍ତି। କିନ୍ତୁ ଖୋଲାଯିବା ପରେ ତାହା ଭୁଲ୍ ପ୍ରମାଣିତ ହୋଇଛି।

**ଡ. ନରେଶ ଚନ୍ଦ୍ର ଦାଶ, ଗବେଷକ, ପୁରୀ**



ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାକୁ ନେଇ ଲାଗି ରହିଥିବା ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟିଛି। ସମସ୍ତ ଗଣତି ମଣତି ପରେ ପୂର୍ବତାଲିକା ମେଳ କରାଯିବା ପରେ ସବୁ ସ୍ପଷ୍ଟ ହେବ।

**ଚିତ୍ତରଞ୍ଜନ ପ୍ରଧାନ, ଜିଲ୍ଲା ବିଜେଡି ସଭାପତି**

ଜଗନ୍ନାଥଙ୍କ ପ୍ରତ୍ୟେକ ପରମ୍ପରା ସହିତ ଓଡ଼ିଶାବାସୀଙ୍କ ଭାବାବେଗ ଜଡ଼ିତ। ଦୀର୍ଘ ଚାରି ଦଶନ୍ଧୀ ପରେ ରତ୍ନଭଣ୍ଡାର ଖୋଲିବା ସହିତ ଜଗନ୍ନାଥଙ୍କ ସମ୍ପତ୍ତି କେତେ ଜାଣିବା ପାଇଁ ନିଶ୍ଚିତ ଭାବରେ ଓଡ଼ିଆବାସୀ ଅପେକ୍ଷା କରିଥିଲେ। କେବଳ ରତ୍ନ ଭଣ୍ଡାର କାହିଁକି? ଜଗନ୍ନାଥଙ୍କ ନାମରେ ଥିବା ଜମି ଓ ଅନ୍ୟାନ୍ୟ ସମ୍ପତ୍ତି ମଧ୍ୟ ଯାହା ଅନେକାଂଶରେ ଜବରଦଖଲ କରି ଲୁଣ୍ଠନ କରୁଛନ୍ତି ତାକୁ ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

**ତପନ କୁମାର ବାରିକ**
**ପ୍ରାଧ୍ୟାପକ, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ା**

ଜଗନ୍ନାଥଙ୍କ ରତ୍ନଭଣ୍ଡାର ମଧ୍ୟରେ କ'ଣ ରହିଛି ତାହାସବୁ ଜାଣିବାପାଇଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ରହିଛି। ଦୀର୍ଘ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲାଣି ରତ୍ନଭଣ୍ଡାର ଖୋଲାଯାଇ ନାହିଁ। ଏହି ରତ୍ନଭଣ୍ଡାର ଖୋଲିବା ଏକ ବଳିଷ୍ଠ ପଦକ୍ଷେପ। ଏହା ନିଶ୍ଚିତ ଭାବରେ ସ୍ୱାଗତ ଯୋଗ୍ୟ ପଦକ୍ଷେପ।

**ତାପସ ରାୟଚୌଧୁରୀ**
**ବରିଷ୍ଠ ଅଇନଜୀବୀ ତଥା ସମାଜସେବୀ, ଝାରସୁଗୁଡ଼ା**

ରତ୍ନଭଣ୍ଡାର ଖୋଲିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବହୁ ବର୍ଷରୁ ରତ୍ନଭଣ୍ଡାର ଖୋଲିବା ନେଇ ଦାବି ହୋଇଥିଲା। ଜଗନ୍ନାଥପ୍ରେମୀଙ୍କ ଆଶା ପୂରଣ ହୋଇଛି। ରତ୍ନଭଣ୍ଡାରରେ କଣ ରହିଛି ସାର୍ବଜନୀନ କରାଯାଉ ଓ ପ୍ରତି ତିନି କିମ୍ବା ପାଞ୍ଚବର୍ଷ ବ୍ୟବଧାନରେ ଯାଞ୍ଚ କରାଯାଉ।

**ଜ୍ୟୋତିର୍ବିଦ ପଣ୍ଡିତ ଅମରନାଥ ମିଶ୍ର**

ରତ୍ନଭଣ୍ଡାର ଖୋଲିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଯାହାବି ରହିଛି ଅତ୍ୟଧିକ ପ୍ରଚାର ଓ କେତେକ ସ୍ଥାନରେ ଅପପ୍ରଚାର କରାଯାଉଛି ଏହା ନିନ୍ଦନୀୟ। ରତ୍ନଭଣ୍ଡାର ଖୋଲିବା ନେଇ ଦେଶବିଦେଶରେ ଜଗନ୍ନାଥ ପ୍ରେମୀଙ୍କ ଦାବି ହୋଇଆସୁଥିଲା।

**ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ,**
**ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ, ସମ୍ବଲପୁର**